

ଆଉ ଖେଳି
ନ ପାରନ୍ତି ପାଣ୍ଡ୍ୟା

ପୃଷ୍ଠା ୧୨ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

VOLUME- 43 ◆ISSUE-308 ◆THURSDAY ◆07 MAY 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୦୮ ◆ଗୁରୁବାର ◆୦୭ ମେ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦



## Admissions open for CHSE, CBSE (XI), NEET & JEE -2026-27

TETRAHEDRON ACADEMY PVT. LTD. NEET & JEE COACHING TANGI, CUTTACK

# TETRAHEDRON ACADEMY PRIVATE LIMITED

Tangi, Cuttack-754022

Mentor
Mr. Tridib Behera
(Trideb Sir)
CHAT WITH US ON WHATSAPP : 7008222977

**We expect 150 MBBS Admissions in 2026**
**We expect 100 students to score more than 600 in NEET 2026**

693 SUVAM BEHERA, BALESWAR, M. : 9123066603
692 DIBYARANJAN SAMAL, JAJPUR, M. : 9692036713
688 BIKSHWABID NAYAK, JAJPUR, M. : 9558959878
681 SUSHREE PRIYANKA, DHENKANAL, M. : 9777153555
677 JYOTI PRAKASH GIRI, BALESWAR, M. : 904002674
677 SAI PRAKASH BASTIA, JAGATSINGHPUR, M. : 9777090684
673 SANDEEP KU. ROUT, KEONJHAR, M. : 7749823914
671 ADYASHA MOHAPATRA, CUTTACK, M. : 8249136458
668 AYUSH DASH, CUTTACK, M. : 9439440407
665 SIBA SANKAR PATRA, BALESWAR, M. : 6371756580
664 MADHUSMITA PANIGRAHI, MAYURBHANJ, M. : 9439845940
662 BISWARUPA ACHARYA, KENDRAPARA, M. : 6371780995
660 SMRUTI RANJAN SWAIN, JAJPUR, M. : 8018868766
660 ABINASH SAMANTARAY, JAGATSINGHPUR, M. : 9853385091
659 BIKASH BARIK, PURI, M. : 9439254073

656 SUBHANKAR DAS, BALESWAR, M. : 9040009768
655 RAJESH PRADHAN, BALESWAR, M. : 8457895059
652 DEBENDRA JENA, CUTTACK, M. : 9938981959
652 DEBAPRASAD DAS, BALESWAR, M. : 9040165239
652 DIBYAJYOTI NAYAK, CUTTACK, M. : 9778171571
652 SUBHASHREE BHUYAN, CUTTACK, M. : 9937339439
651 RAMAKRUSHNA BISWAL, ANGUL, M. : 7684000422
650 MANORANJAN BARIK, KENDRAPARA, M. : 9556233735
650 RIDHIRANI PANDA, ANGUL, M. : 7008146953
648 PRIYANSU PRITAM SWAIN, JAJPUR, M. : 7008399671
648 SUBHASHREE P. SAHU, ANGUL, M. : 9937018265
643 ADARSHA AMLAN, CUTTACK, M. : 9861012314
642 NIHAR RANJAN SAHOO, JAJPUR, M. : 9937514307
640 BINODINI MOHAPATRA, JAGATSINGHPUR, M. : 9438279824

## FRESHER STUDENTS ADMITTED TO MBBS

SATYAJEET SWAIN, M. : 9439830875, JMCH, PURI (2024)
ABINASH SAHOO, M. : 9692121982, PRM, BARIPADA(2024)
DIPTIMAYEE (SC), M. : 8249355019, GMC, SUNDARGARH(2024)
SWASTIK (SC), M.: 9777071130, DDMC,KEONJHAR(2024)
SATYAJIT (SC), M. : 6370706476, PRM, BARIPADA(2024)
ABDUL MATIN KHAN, M. : 7325903584, MKCG, BERHAMPUR(2023)
JIJNASU PARIDA, Mob. : 9938736055, FMMCH, BALASORE(2023)
PRADIP DAS(SC), M. : 6370349510, MKCG, BERHAMPUR(2023)
RAJESH, M : 6370895135, RIMS, RANCHI(2025)
SUBHANKAR, M. : 9310679902, SJMCH, PURI(2025)
PRIYANSHI, M. : 7735776269, FM, BALASORE(2025)
SUBHAM, M. : 9937533036, PRM, BARIPADA(2025)
LOKANATH, M. : 8084711270, PRM,BARIPADA(2025)
SWARNAPRAVA, M. : 9348538749, PRM,BARIPADA(2025)
ARPIT, MAYURBHANJ, PMP MCH, TALCHER(2025)

## 2025 : 127 MBBS ADMISSIONS

| AIIMS | SCB, CUTTACK | MKCG, BERHAMPUR | VIMSAR, BURLA | PRM, BARIPADA | FM, BALASORE |
|---|---|---|---|---|---|
| 5 STUDENTS | 11 STUDENTS | 17 STUDENTS | 6 STUDENTS | 10 STUDENTS | 7 STUDENTS |

## 2024 : 71 MBBS ADMISSIONS

| AIIMS | SCB, CUTTACK | MKCG, BERHAMPUR | VIMSAR, BURLA |
|---|---|---|---|
| 5 STUDENTS | 8 STUDENTS | 9 STUDENTS | 6 STUDENTS |

## 2023 : 54 MBBS ADMISSIONS

| AIIMS | SCB, CUTTACK | MKCG, BERHAMPUR | VIMSAR, BURLA |
|---|---|---|---|
| 2 STUDENTS | 9 STUDENTS | 13 STUDENTS | 5 STUDENTS |

## OUR INCREDIBLE ACHIEVERS IN AIIMS

SUSHREE SANGITA SAHOO, Mob. : 9810975701, AIIMS DELHI (2021)
KAMALAKANTA, Mob. : 8249906661 (1st Preparation), AIIMS BBSR(2024)
RAHUL, M. : 6372741832, AIIMS RAIPUR(202
OMM PRAKASH, M. : 6372521307, AIIMS GORAKHAPUR(2024)
SWAGATIKA, M. : 7381845430, AIIMS GORAKHAPUR(2024)
DEVASIS SAHOO, Mob. : 9861492793, AIIMS BBSR(2021)
ASHIRBAD BISWAL, Roll No. : 3605030545, Mob. : 7846821473, AIIMS GORAKHPUR(2023)
ANUPAM NAYAK, Roll No. : 3605010259, Mob. : 7205755502, AIIMS KALYANI (2023)
ADITYA NARAYAN, M. : 8260333635, AIIMS MADURAI(2024)
SATYAJIT NAYAK, Mob. : 8260601336, AIIMS RAIPUR(2022)
SOURAV RANJAN, Mob. : 9337135920, AIIMS KALYANI(2025)
AMIT ANSUMAN, Mob. : 8260552053, AIIMS KALYANI(2025)
G.S. TANISHA, Mob. :6370203229, AIIMS KALYANI(2025)
SOUMYA RANJAN, Mob. : 9853490176, AIIMS DEOGHAR(2025)
ASHUTOSH (SC), Mob. : 9438110102, AIIMS BBSR (2025)

## JEE (MAIN & ADVANCE) RESULTS

TARINI, IIT VARANASI, M. : 9827400190
SAMIR, NIT ROURKELA, M. : 9437926225
SAILENDRI, NIT ROURKELA, M. : 9938484890
BISMAY BIBHOR, IIT PATNA, M. : 7077212667
TAPAS, IIT KHARGPUR, M. : 8093064525
ADITYA, IIT DELHI, M. : 8606949749
JANMEJAYA, IIT MADRAS, M. : 8249878451
GOUTAM, IIT PATNA, M. : 6372019170
PRIYANSHU, IIT BBSR, M. : 9090513914
AMAN, NIT ROURKELA, M. : 6371238431
SRIMAN, NIT ROURKELA, M. : 7894053139
SANTOSH, NIT ROURKELA, M. : 9777080531
OMM PRAKASH, NIT ROURKELA, M. : 9937398951
TRUPTI, NIT ROURKELA, M. : 70084 32499

## JEE RESULTS -2026

99.5 %ILE DIBYA RANJAN SAMAL
98.64 %ILE RAJESH KU. PRADHAN
98.51 %ILE ADITYA MOHARANA
98.05 %ILE CHINMAYA MOHANTY
97.42 %ILE PRINCE ZENITH SAHOO
97.37 %ILE SUBHANKAR DAS
97.16 %ILE ADITYA MOHANTY
97.04 %ILE SUVAM BEHERA
97.2 %ILE SATYAJIT SAHOO
97.00 %ILE ANURAG DEY
95.93 %ILE SANTOSH MAHARANA
95.5 %ILE AMIYADEEP PATRA
95.5 %ILE MAHAPRASAD SENAPATI
95.5 %ILE SOMEN MOHAPATRA
95.4 %ILE DIBYAJYOTI SWAIN

## OUR CHSE RESULTS - 2025

581 ABINASH PANDA, R. NO. : 312CZ142, MOB. : 8926374475
580 ANANYA ANUPRITA, R.NO. : 321CZ001, M. : 6372522094

578 ANUNJAYA, R.NO. : 312CZ044, M. : 9937820270
575 HARAPRASAD, R.NO. : 312CZ052, M. : 9777635809
574 ANANYA, R.NO. : 321CZ018, M. : 9178552089
574 PRIYADARSHINI, R.NO. : 321CZ020, M. : 8456010982
574 RUTUPARNA, R.NO. : 321CZ025, M. : 8908000397
573 ASHUTOSH, R.NO. : 312CZ009, M. : 7008710810
573 SWARNA PRAVA, R.NO. : 321CZ002, M. : 9348538749
572 SOUMYAK, R.NO. : 312CZ015, M. : 6372996292
572 SANDEEP, R.NO. : 312CZ021, M. : 9438775289
572 SAI ARPIT, R.NO. : 312CZ118, M. : 8917543238
571 PRIYANKA, R.NO. : 321CZ016, M. : 8328937059
570 SWAYAM, R.NO. : 312CZ039, M. : 9583495922

## 100% RESULT

| Above 95% | Above 560 | Above 90% | Above 89% | Above 88% |
|---|---|---|---|---|
| 14 STUDENTS | 51 STUDENTS | 199 STUDENTS | 236 STUDENTS | 285 STUDENTS |

| Above 500 | Above 80% | Above 75% | Above 70% | Above 60% |
|---|---|---|---|---|
| 536 STUDENTS | 714 STUDENTS | 902 STUDENTS | 1023 STUDENTS | 1120 STUDENTS |

## ONE YEAR NEET COURSE STARTS ON 18TH MAY, 01ST JUNE , 21ST JUNE

**The NEET Qualifying Test will be held on 10TH , 17TH , 24TH , 31ST MAY & 8TH JUNE 2026**
**The Exam will be coducted from 1:00 p.m. to 4:00 p.m. (Reporting Time : 12:00 noon)**

**Visit our Website : NEET : www.tetrahedroncoaching.com**

### Name of the Exam Centre :

**TETRAHEDRON OLD CAMPUS, TANGI, CUTTACK**
**MOB. : 8093064525, 8093064500, 8093064522**

**TETRAHEDRON COACHING, ARUNODAYA NAGAR, CUTTACK**
**MOB. : 8093064572, 8093064508**

WE FOCUS ON CONCEPTS, NOT ON SYLLABUS COMPLETION ONLY

- We turn average students into toppers.
- We build strong foundation for NEET & JEE
- We teach our Students from the concept level to higher level.
- Maximum problem solving approach on each subject in the class room.
- Doubt clearing classes by expert faculties from 3p.m. to 9p.m.
- 100% monitoring on Self Study of students.

**TETRAHEDRON HIGHER SECONDARY SCHOOL**
**TETRAHEDRON WOMEN'S HIGHER SECONDARY SCHOOL**
**TETRAHEDRON RESIDENTIAL COACHING FOR NEET, JEE & CBSE (XI)**

Tetrahedron Tangi : 8093064522, 8093064525, 7008222977 Tetrahedrongroup

# ବ୍ରାଉନସୁଗର ଜବତ; ୪ ଗିରଫ




ବୌଦ୍ଧ,୬ ।୫(ସମିସ): ବୌଦ୍ଧ-ଜଗଦୀଶପୁର ରାସ୍ତାରୁ ବୁଦବାର ଭୋରରୁ ପୁଲିସ ୪ ଜଣ ଯୁବକଙ୍କଠାରୁ ୩୦ ଗ୍ରାମ ବ୍ରାଉନସୁଗର ଜବତ କରିଛି । ଅଭିଯୁକ୍ତ ହେଲେ ବୌଦ୍ଧ ସହରର ପ୍ରୀତମ୍ ଦେହୁରୀ, ପ୍ରଦୀପ କୁମାର ସେଠୀ, ବିଶ୍ୱନାଥ ଭୋଇ ଓ ସତ୍ୟବ୍ରତ ସିଂ । ଏମାନଙ୍କ ନିକଟରୁ ୩୦ ଗ୍ରାମ ବ୍ରାଉନସୁଗର ସହ ଗୋଟିଏ ଛୁରି, ଗୋଟିଏ ଚିଲମ୍, ପେପର୍ ରାପର ଓ ୧୫୦୦ ଟଙ୍କା ଜବତ ହୋଇଛି । ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଅଞ୍ଚଳରୁ ଏମାନେ ଏହି ବ୍ରାଉନସୁଗର ଆଣି ବୌଦ୍ଧ ସହରରେ କାରବାର ଚଳାଉଥିଲେ । ବୌଦ୍ଧ ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଡାକି ଏସ୍‌ପି ରାହୁଲ୍ ଗୋୟଲ ଏହି ସୂଚନା ଦେଇଛନ୍ତି ।

# ଗଞ୍ଜେଇ ଓ ଦେଶୀ ମଦ ଜବତ, ୩ ଗିରଫ



ବୀରମହାରାଜପୁର,୬ ।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ଥାନା ଅଧୀନ ଜଉରା ଭଉରା ପଞ୍ଚାୟତର ଗୁଜା ଗ୍ରାମରେ ପୁଲିସ ଚଢ଼ଉ କରି ବିପୁଳ ପରିମାଣର ଗଞ୍ଜେଇ ଓ ଦେଶୀ ରନ୍ଧା ମଦ ଜବତ କରିଛି । ୨ଟି ମାମଲା ରୁଜୁ କରି କରିଛି । ଗଞ୍ଜେଇ ଜବତ ଘଟଣାରେ ୨ଜଣ ଓ ଦେଶୀ ମଦ ଜବତ ଘଟଣାରେ ଜଣେ ଅଭିଯୁକ୍ତକୁ ଗିରଫ କରାଯାଇଛି । ଉଲୁଣ୍ଡା ଥାନା ଅଧିକାରୀ ସୁଶାନ୍ତ ପଧାନଙ୍କ ନେତୃତ୍ୱରେ ରାତି ପ୍ରାୟ ୨ଟାରେ ଗୁଜା ଗ୍ରାମରେ ପୁଲିସ ହଠାତ୍ ଚଢ଼ଉ କରିଥିଲା । ଚଢଉ ବେଳେ ଏକ ଘର ଭିତରୁ ଗଞ୍ଜେଇ ଭର୍ତ୍ତି ହୋଇଥିବା ୭ଟି ବଡ ବ୍ୟାଗ୍ ମିଳିଥିଲା । ଏହି ସବୁ ବ୍ୟାଗରୁ ୧୬୦ଟି ଛୋଟ ପ୍ୟାକେଟ୍ ଜବତ କରଯାଇଥିଲା । ଓଜନ କରାଯିବାରୁ ୧କ୍ୱିଣ୍ଟାଲ ୫୮ କେଜି ୫୦୦ଗ୍ରାମ ଗଞ୍ଜେଇ ହୋଇଥିଲା; ଯାହାର ବଜାର ମୂଲ୍ୟ ଆନୁମାନିକ ୧୬ ଲକ୍ଷ ଟଙ୍କାରୁ ଅଧିକ ହେବ । ଗଞ୍ଜେଇ କାରବାର ଘଟଣାରେ ଗୁଜା ଗ୍ରାମର ଭରଦ୍ୱାଜ କର୍ଣ୍ଣ (୩୬) ଏବଂ ଗୋପବନ୍ଧୁ କର୍ଣ୍ଣ (୩୪)ଙ୍କୁ ପୁଲିସ ଗିରଫ କରିଛି । ଉଲୁଣ୍ଡା ଥାନାରେ ଏ ନେଇ ଏକ ମାମଲା ରୁଜୁ କରାଯାଇଛି । ଏମାନେ କେଉଁଠୁ ଗଞ୍ଜେଇ ଆଣି ବେପାର କରୁଥିଲେ ସେ ବିଷୟରେ ପୁଲିସ ଅଧିକ ତଦନ୍ତ ଚଳାଇଛି । ସେହିପରି ନିକଟରେ ଦେଶୀ ରନ୍ଧା ମଦ ପ୍ରସ୍ତୁତ ଚାଲିଥିବା ବେଳେ ଅବକାରୀ ବିଭାଗର ସହାୟତାରେ ପୁଲିସ ଚଢ଼ଉ କରିଥିଲା । ସେଠାରୁ ୨୦୦ଲିଟର ଦେଶୀ ମଦ ଓ ପ୍ରସ୍ତୁତି ପାଇଁ ବ୍ୟବହାର ହେଉଥିବା ଅନେକ ସାମଗ୍ରୀ ଜବତ କରିଛି । ୫୦୦ ଲିଟର ମହୁଲ ପୋଚ ନଷ୍ଟ କରାଯାଉଛି । ବେଆଇନ୍ ଦେଶୀ ରନ୍ଧା ମଦ ଜବତ ଘଟଣାରେ ଶଙ୍କର କର୍ଣ୍ଣଙ୍କୁ ପୁଲିସ ଗିରଫ କରିଛି । ସୁବର୍ଣ୍ଣପୁର ଜିଲ୍ଲା ମୁଖ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଏସ୍‌ପି ଏହି ସୂଚନା ଦେଇଛନ୍ତି ।

# ଭାରସାମ୍ୟ ହରାଇ ଓଲଟିଲା କାର୍

ବୌଦ୍ଧ, ୬ ।୫(ସମିସ): ୫୭ ନମ୍ବର ଜାତୀୟ ରାଜପଥର ବୌଦ୍ଧ ଥାନା ରଇଠାଣୀ ବାଇପାସ ଛକ ନିକଟରେ ଏକ କାର ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଛି । ଦୁର୍ଘଟଣାରେ କାର୍ ଚାଳକ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ବୁଧବାର ଅପରାହ୍ନ ସାଢେ ୪ଟାରେ ବୌଦ୍ଧ ମହାନଦୀ ବ୍ରିଜ ଛକ ପଟରୁ କାର୍‌ଟି ରଇଠାଣୀ ବାଇପାସ ଛକ ଆଡକୁ ଆସୁଥିବା ବେଳେ ଭାରସାମ୍ୟ ହରାଇଥିଲା । ଗୋଟିଏ ଗଛକୁ ଉପଡ଼ି ନେଇ ରାସ୍ତା ତଳକୁ ଓଲଟି ପଡିଥିଲା । ଚାଳକ ସାମାନ୍ୟ ଆହତ ହୋଇଛନ୍ତି । ଖବର ପାଇ ବୌଦ୍ଧ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।



# ମନୋହରପୁରରେ ଅଷ୍ଟପ୍ରହର ନାମଯଜ୍ଞ

ଶଗଡା,୬ ।୫(ସମିସ): କଣ୍ଟାମାଳ ବ୍ଲକ୍ ଶୁଣ୍ଠିପଦର ପଞ୍ଚାୟତ ମନୋହରପୁର ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଗ୍ରାମର ଶତାଧିକ ପୁରୁଷ ଓ ମହିଳା ଏଥିରେ ସାମିଲ ହୋଇଥିଲେ । ସମସ୍ତେ ଗ୍ରାମ୍ୟ ପୁଷ୍କରିଣୀରୁ ପାଣି ଆଣିବା ପରେ ପୂଜାର୍ଚ୍ଚନା ସହ ଯଜ୍ଞ ମଣ୍ଡପରେ ସ୍ଥାପନ କରିଥିଲେ । ଏହାପରେ ନାମଯଜ୍ଞ ଆରମ୍ଭ ହୋଇଥିଲା । ହରିହର ବିଶି, ସୁରେନ୍ଦ୍ର ବିଶି ପୂଜା କାର୍ଯ୍ୟ ନିର୍ବାହ କରିଥିଲେ । ଶ୍ରୀକାନ୍ତ ଗିରି ଓ ତାଙ୍କ ପତ୍ନୀ ସୁମନ୍ତିନୀ ଗିରି କର୍ତ୍ତା ଥିଲେ ।

# ତହସିଲ ଅଫିସରେ ବୃଦ୍ଧ ଦମ୍ପତିଙ୍କ ଅନଶନ

- ପୈତୃକ ଜମିକୁ ନ ଯିବା ପାଇଁ ଧମକ
- ଆରଡିସି, ଜିଲ୍ଲାପାଳ, ତହସିଲଦାରଙ୍କୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ଫଳ ଶୂନ
- ସହଯୋଗ କରିବା ବଦଳରେ ଧମକାଉଛନ୍ତି ଡୁଙ୍ଗୁରିପାଲି ଥାନା ଅଧିକାରୀ



ଡୁଙ୍ଗୁରିପାଲି,୬ ।୫(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ରାମପୁର ତହସିଲ ଅଫିସ ସମ୍ମୁଖରେ ଏକ ବୃଦ୍ଧ ଦମ୍ପତି ଆମରଣ ଅନଶନରେ ବସିଛନ୍ତି । ତମାମୁରା ଗ୍ରାମର ଗୁପ ସାହୁ ଓ ତାଙ୍କ ପତ୍ନୀ ଅମୃତ ସାହୁ ନ୍ୟାୟ ଦାବିରେ ଧାରଣ ଦେଇଛନ୍ତି । ନିଜ ପୈତୃକ ଜମିରେ ଗୁପ ଚାଷ କରିବାକୁ ଗଲା ବେଳେ ତାଙ୍କୁ କେତେଜଣ ଲୋକ ବାରଣ କରୁଛନ୍ତି । ଏହାସହ ଧମକ ଦେଉଛନ୍ତି । ଏଥିପାଇଁ ଏହି ଦମ୍ପତି ତହସିଲଦାରଠୁ ଆରମ୍ଭ କରି ଜିଲ୍ଲାପାଳ ଏବଂ ଆରଡ଼ିସିଙ୍କୁ ଅନେକ ଥର ଜଣାଇଛନ୍ତି । କେହି କିନ୍ତୁ ଏମାନଙ୍କ ସମସ୍ୟା ସମାଧାନ କରି ନାହାନ୍ତି । ଏଭଳିକି ଡୁଙ୍ଗୁରିପାଲି ଥାନା ଅଧିକାରୀ ମଧ୍ୟ ଅସହଯୋଗ କରି ପାଲଟା ଧମକ ଦେଉଥିବା ଏହି ବୃଦ୍ଧ ଦମ୍ପତି ଅଭିଯୋଗ କରିଛନ୍ତି । ଯେପର୍ଯ୍ୟନ୍ତ ତାଙ୍କ ଦାବି ପୂରଣ ହୋଇନାହିଁ ସେ ପର୍ଯ୍ୟନ୍ତ ଧାରଣ ଜାରି ରହିବ ବୋଲି ଉଭୟ ଚେତାବନୀ ଦେଇଛନ୍ତି ।

## ଜିଲ୍ଲା ପରିଷଦ ବୈଠକରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପର ସମୀକ୍ଷା

# ଶୀଘ୍ର କାର୍ଯ୍ୟ ସମାପ୍ତିକୁ ଗୁରୁତ୍ୱ

ତରଭା,୬ ।୧(ସମିସ): ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଜିଲ୍ଲା ପରିଷଦ ବୈଠକ ଆୟୋଜିତ ହୋଇ ଯାଇଛି । ବୈଠକରେ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରାଯାଇଥିଲା । ଅଧିକାରୀମାନଙ୍କୁ ଶୀଘ୍ର କାର୍ଯ୍ୟ ସମାପ୍ତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାରେ ଚାଲିଥିବା ବାଲି ଚୋରି ରୋକିବା ପାଇଁ କଠୋର ପଦକ୍ଷେପ ଗ୍ରହଣ କରିବାକୁ କୁହାଯାଇଛି । ଜଙ୍ଗଲ ବିଭାଗର ଚାରାରୋପଣ କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କୁ ସାମିଲ କରିବାକୁ କୁହାଯାଇଛି । ସୋଲାର ପାୱାର ବ୍ୟବହାର ପାଇଁ ଲୋକଙ୍କୁ ପ୍ରୋତ୍ସାହନ ଦେବାକୁ ଟାଟା ପାୱାରକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ବିଦ୍ୟାଳୟରେ ଶ୍ରେଣୀଗୃହ ସଂଖ୍ୟା କମ୍ ଥିବା ଓ ଶିକ୍ଷକ ଅଭାବ ସମସ୍ୟା ସମାଧାନ କରିବାକୁ କୁହାଯାଇଥିଲା । ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ପ୍ରସୂତି ଚିକିତ୍ସା ଓ ଶିଶୁ ଜନ୍ମ ସମ୍ପର୍କିତ ସରକାରୀ ଓ ବେସରକାରୀ ତଥ୍ୟ ସଂଗ୍ରହ ପାଇଁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀମାନଙ୍କ ପାଇଁ ରାମ୍ପ କାମ ତ୍ୱରାନ୍ୱିତ କରିବା ସହ ଅଗ୍ନି ସୁରକ୍ଷା ବ୍ୟବସ୍ଥା କଡା କରିବାକୁ ପୂର୍ତ୍ତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାସହ ଜିଲ୍ଲାର ସମସ୍ତ ପୋଖରୀ ଓ ନାଳ ବର୍ଷା ପୂର୍ବରୁ ସଫା କରିବାକୁ କୁହାଯାଇଥିଲା । ବୈଠକରେ ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ସାନନ୍ଦ ମେହେର, ଜିଲ୍ଲା ପରିଷଦ ଅଧକ୍ଷା ସୁପାର ଠେଲା, ଜିଲ୍ଲା ପରିଷଦ ଉପାଧକ୍ଷ ଝସକେତନ ବଘାର, ଜିଲ୍ଲାପାଳ ଡ. ନୃପରାଜ ସାହୁ, ଭାରପ୍ରାପ୍ତ ଜିଲ୍ଲା ପରିଷଦ ତଥା ମୁଖ୍ୟ ଉନ୍ନୟନ ଅଧିକାରୀ କାଳିଆ ମଲ୍ଲିକଙ୍କ ସମେତ ସମସ୍ତ ଜିଲ୍ଲା ପରିଷଦ ସଦସ୍ୟ ସଦସ୍ୟା ଏବଂ ପଞ୍ଚାୟତ ସମିତିର ଅଧକ୍ଷ ଉପସ୍ଥିତ ଥିଲେ ।



# ଭଉଣୀ ଆଗରେ ଭାଇର ମୃତ୍ୟୁ

ଡୁଙ୍ଗୁରିପାଲି,୬ ।୫(ସମିସ ): ସୁବର୍ଣ୍ଣପୁର ଜିଲ୍ଲା ବିନିକା ଥାନା ଶିଙ୍ଘିଯୁବା ନିକଟରେ ଦୁର୍ଘଟଣା ଘଟିଛି । ଏଥିରେ ବୌଦ୍ଧ ଜିଲ୍ଲା ମନମୁଣ୍ଡା ଥାନା ଭାଲିଆପଦର ଗାଁର ରଜତ ମହାକୁଡ଼ଙ୍କ ମୃତ୍ୟୁ ଘଟିଛି । ତାଙ୍କ ଭଉଣୀ ରୁତୁପୂର୍ଣ୍ଣା ଗୁରୁତର ହୋଇଛି । ବିନିକା ପଟୁ ଆସୁଥିବା ଏକ କାର୍ ସହ ବାଇକ୍‌ରେ ଯାଉଥିବା ଭାଇ ଭଉଣୀ ମୁହାମୁହିଁ ହୋଇଥିଲେ । ଘଟଣା ସ୍ଥଳରେ ଭାଇ ରଜତଙ୍କ ମୃତ୍ୟୁ ଘଟିଥିଲା । ଗୁରୁତର ରୁତୁପୂର୍ଣ୍ଣାଙ୍କୁ ଆମ୍ବୁଲାନ୍ସ ଯୋଗେ ବିନିକା ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥାନାନ୍ତର କରାଯାଇଛି । ଭଉଇ, ଭଉଣୀ ସାଙ୍ଗ ହୋଇ ବାଇକ୍‌ରେ ବରଗଡରୁ ଗାଁକୁ ଫେରୁଥିଲେ ।

# ବନ୍ଦବସ୍ତି ପଣ୍ଡାଙ୍କ ପରଲୋକ



ବୌଦ୍ଧ,୬ ।୫(ସମିସ): କଣ୍ଟାମାଳ ବ୍ଲକ୍ ପଲସାଗୋରା ପଞ୍ଚାୟତ ରୁଗୁଡ଼ିପାଲି ଗ୍ରାମର ବନ୍ଦବସ୍ତି ପଣ୍ଡା(୮୧)ଙ୍କ ପରଲୋକ ହୋଇଯାଇଛି । ସେ ଦୀର୍ଘଦିନ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡିତ ଥିଲେ । ଗାଁ ମଶାଣିରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି । ବଡ଼ପୁଅ ବେଣୁଧର ପଣ୍ଡା ମୁଖାଗ୍ନି ଦେଇଥିଲେ ।

# ଦୁର୍ଗମ କେନ୍ଦୁଗୁଡାରେ ଅନ୍ତ୍ୟୋଦୟ ଗୃହ କାର୍ଯ୍ୟାଦେଶ ବଣ୍ଟନ

ଥୁଆମୂଳରାମପୁର,୬ ।୫(ସମିସ): କଳାହାଣ୍ଡି ଜିଲ୍ଲାର ଥୁଆମୂଳ ରାମପୁର ବ୍ଲକ୍ ସିନ୍ଧିପଦର ପଞ୍ଚାୟତର ଦୁର୍ଗମ କେନ୍ଦୁଗୁଡା ଗ୍ରାମବାସୀଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତିକୁ ପ୍ରଶାସନ ପକ୍ଷରୁ ପୂରଣ କରାଯାଇଛି । ବୁଧବାର ଆୟୋଜିତ ବିଶେଷ କାର୍ଯ୍ୟକ୍ରମରେ ଅନ୍ତ୍ୟୋଦୟ ଗୃହ ଯୋଜନା ଅଧୀନରେ ୯ ଜଣ ହିତାଧିକାରୀଙ୍କୁ ପକ୍କା ଘର ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି । ଗତ ମାସ ୪ ତାରିଖରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଓ ଆଇଏଏସ୍ ଅଧିକାରୀ ସୌମ୍ୟ ରଞ୍ଜନ ପ୍ରଧାନ ଦୁର୍ଗମ ପାହାଡ଼ିଆ ଅଞ୍ଚଳକୁ ପଦଯାତ୍ରା କରି କେନ୍ଦୁଗୁଡ଼ା, କନ୍ଦାଗୁଡା ଓ ଦେର୍ଲାଠି ଗ୍ରାମ ପରିଦର୍ଶନ କରିଥିଲେ । ସେଠାରେ ଗ୍ରାମବାସୀଙ୍କ ଦୁରବସ୍ଥାକୁ ନିକଟରୁ ଅନୁଭବ କରି ସେମାନଙ୍କୁ ସରକାରୀ ଆବାସ ଯୋଜନାରେ ସାମିଲ କରିବା ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ । ସେହି ପ୍ରତିଶ୍ରୁତିକୁ କାର୍ଯ୍ୟରୂପ ଦେଇ ଅତ୍ୟଳ୍ପ ସମୟ ମଧ୍ୟରେ ବ୍ଲକ ପ୍ରଶାସନ ହିତାଧିକାରୀ ଚୟନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରି କାର୍ଯ୍ୟାଦେଶ ବଣ୍ଟନ କରିବାରେ ସଫଳ ହୋଇଛି । କାର୍ଯ୍ୟକ୍ରମ ଅବସରରେ କାର୍ଯ୍ୟାଦେଶବଣ୍ଟନସହଶପଥଗ୍ରହଣଉତ୍ସବ୍ୟ ଆୟୋଜିତ ହୋଇଥିଲା । ହିତାଧିକାରୀମାନେ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଘର ନିର୍ମାଣ କାମ ସମାପ୍ତ କରିବାକୁ ଶପଥ ନେଇଥିଲେ । କାର୍ଯ୍ୟକ୍ରମରେ ଏପିଡି (ଆବାସ ଯୋଜନା) ଅମୂଲ୍ୟ କୁମାର ବାଉଳ, ପିଇଓ ବସିଷ୍ଠ ଶବର, ବିପିସି ରାଜେନ୍ଦ୍ର ନାରାୟଣ ଦେବ, ବିଏସଏସଓ ସୁନାରାମ ସୋରେନ୍ ଓ ଜିଆରଏସ ବୈକୁଣ୍ଠ ଦିଶାରି ଉପସ୍ଥିତ ଥିଲେ ।



# ଦିବଂଗତ ଶିକ୍ଷକ ପରିବାରକୁ ସହାୟତା ଦେଲା ଶିକ୍ଷକ ସଂଘ



ପଲଶାଗୋରା,୬ ।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବଡ଼କୁସଙ୍ଗ କ୍ଲଷ୍ଟର ସୁଲିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ନିବେଦନ ସାହୁଙ୍କ ଅକାଳ ବିୟୋଗ ଘଟିଛି । କଣ୍ଟାମାଳ ମିଳିତ ଶିକ୍ଷକ ସଙ୍ଘର କର୍ମକର୍ତ୍ତା ଶ୍ରୀ ସାହୁଙ୍କ ବରପଦରସ୍ଥିତ ବାସଭବନକୁ ଯାଇ ତାଙ୍କ ପତ୍ନୀଙ୍କୁ ଭେଟିଛନ୍ତି । କର୍ମକର୍ତ୍ତା ଦଶାହ କାର୍ଯ୍ୟରେ ଯୋଗଦେଇ ଆର୍ଥିକ ସହଯୋଗ କରିଛନ୍ତି । ସଙ୍ଘର ସଭାପତି ନୀଳାଞ୍ଚଳ ଭୋଇ, ସମ୍ପାଦକ ଶିଶିର ଖଟୁଆ, କୋଷାଧ୍ୟକ୍ଷ ବିଶ୍ୱାମିତ୍ର କଅଁର, ଯୁଗ୍ମ ସଂପାଦକ ଟଂକୁ ଅମାତ, ସୁଶୀଲ ପ୍ରଧାନ, ଅଶୋକ ମହାନ୍ତି, ସୁଶୀଲ ତ୍ରିପାଠୀ, ଜଗତ ମୋହନ ସାହୁ, ସ୍ୱାଧୀନ ସାହୁ, ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ପରିବାର ବର୍ଗଙ୍କୁ ସମବେଦନା ଜଣାଇଥିଲେ ।

# ପଲସପାଟରେ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟି ବୈଠକ




ବୌଦ୍ଧ,୬ ।୫(ସମିସ): ବୌଦ୍ଧ ବ୍ଲକ୍ ପଲସାପାଟ ଗ୍ରାମରେ ବିଶ୍ୱ ଯୁବ କେନ୍ଦ୍ରର ପ୍ରୟାସରେ ଗ୍ରାମସ୍ତରୀୟ ଶିଶୁ କଲ୍ୟାଣ ଓ ସୁରକ୍ଷା କମିଟିର ଏକ ସଚେତନତାମୂଳକ ବୈଠକ ଅନୁଷ୍ଠିତ ହୋଇଥିଲା । ପଲସାପାଟ ଗ୍ରାମର ଅଙ୍ଗନବାଡ଼ି କର୍ମୀ, ୱାର୍ଡସଭ୍ୟ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ । ବାଲ୍ୟ ବିବାହର କୁପରିଣାମ ବିଷୟରେ ଆଲୋଚନା ହୋଇଥିଲା । ବାଲ୍ୟ ବିବାହ କରିବା ଦ୍ୱାରା କିଶୋରୀମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟର ଅବନତି, ସେମାନେ ଶିକ୍ଷାରୁ ବଞ୍ଚିତ ହେବା, ଆର୍ଥିକ ନିର୍ଭରଶୀଳତା ଓ ପାରିବାରିକ ସମସ୍ୟା ଇତ୍ୟାଦି ବିଷୟରେ ଆଲୋଚନା ହୋଇଥିଲା ।


# ଅସୁସ୍ଥ ଶିକ୍ଷକଙ୍କୁ ଆଟେଣ୍ଡାଣ୍ଟ ସାଜିଲେ ବିଇଓ



ବୌଦ୍ଧ,୬ ।୧(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ବାରବାଣୀ ପ୍ରାଥମିକ ସ୍କୁଲର ଜଣେ ଅସୁସ୍ଥ ଶିକ୍ଷକଙ୍କୁ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ହାଡିବନ୍ଧୁ ବେହେରା ତଥା ବିଇଓ ଚିକିତ୍ସା ପାଇଁ ନିଜେ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନାରେ ନେଇ ଭର୍ତ୍ତି କରିଛନ୍ତି । ପୁରୁଣାକଟକରେ ରହୁଥିବା ବାରବାଣୀ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ସୁରେନ୍ଦ୍ର ବାରିକ ଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହେବାରୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଅବସ୍ଥା ଗୁରୁତର ଥିବାରୁ ଡାକ୍ତର ବୌଦ୍ଧ ଡାକ୍ତରଖାନା ନେବାକୁ ପରାମର୍ଶ ଦେଇଥିଲେ; ମାତ୍ର କେହି ସମ୍ପର୍କୀୟ କିମ୍ବା ରୋଗୀ ସହାୟକ ନ ଥିବା ହେତୁ ଡାକ୍ତରଖାନା କର୍ତ୍ତୃପକ୍ଷ ହରଭଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ସମ୍ପର୍କ କରିଥିଲେ । ଖବର ପାଇ ବିଇଓ ତୁରନ୍ତ ଡାକ୍ତରଖାନାରେ ପହଞ୍ଚି ଥିଲେ । ଏହାପରେ ୧୦୮ ଆମ୍ବୁଲାନ୍ସରେ ଶିକ୍ଷକ ଶ୍ରୀ ବାରିକଙ୍କୁ ଧରି ବୌଦ୍ଧ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ ।

# ଏଟିଏମ୍‌ରୁ ବାହାରୁଛି ଚିରାଫଟା ନୋଟ୍

ଜହ୍ନାପଙ୍କ,୬ ।୫(ସମିସ): ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ନାରାୟଣନଗର ଗ୍ରାମରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ବୁଧବାର ଚିରାଫଟା ନୋଟ୍ ବାହାରିଛି । ସକାଳ ୯ ଟାରେ ଜଣେ ଗ୍ରାହକ ୭ ହଜାର ଟଙ୍କା କାଢ଼ିଥିଲେ । ସବୁତକ ଚିରା ଫଟା ତଥା ଧଳା କାଗଜ ମରା ନୋଟ୍ ବାହାରିଥଲା । ଚଣ୍ଡିତଲ ଗ୍ରାମର ରାମଚନ୍ଦ୍ର ବେହେରା ନାରାୟଣନଗର ଏହି ଟଙ୍କା କାଢ଼ିଥିଲେ । ଏଥିରେ ୯ଟି ୫୦୦ ଟଙ୍କିଆ ନୋଟ୍ ଚିରା ଫଟା ବାହାରିଥିଲା । ସେଇ ଟଙ୍କା ସେ ଗାଡି କିସ୍ତି ବାନ୍ଧିବା ପାଇଁ କାଢ଼ିଥିଲେ । ତେବେ ଏହି ନୋଟ ଦେଖି ସେ ଚକିତ ହୋଇ ପଡ଼ିଥିଲେ । ଚିରା ନୋଟ ନେଇ କ'ଣ କରିବେ ଭାବି ପାରିଲେ ନାହିଁ । ବାଧ ହୋଇ ବ୍ୟାଙ୍କକୁ ଯାଇ ଟଙ୍କା ବଦଳାଇ ଥିଲେ ।



# ନିଜ ସ୍କୁଲର ଗୌରବ ବଢ଼ାଇଲେ ବିଦ୍ୟାର୍ଥୀ





ବୌଦ୍ଧ,୬ ।୫(ସମିସ): ବୌଦ୍ଧ ବ୍ଲକ ଖୁଣ୍ଟବନ୍ଧ ପଞ୍ଚାୟତ ଜହ୍ନାପଙ୍କ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରଭାତୀ ରଣା ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ସେହିଭଳି ଏ-୨ ଗ୍ରେଡରେ ସମୀକ୍ଷା ବେହେରା, ସମିନା ସାହୁ ଉତ୍ତୀର୍ଣ୍ଣ ହୋଇଛନ୍ତି । ବିଦ୍ୟାଳୟ ପକ୍ଷରୁ ଏମାନଙ୍କୁ ସମ୍ବର୍ଦ୍ଧିତ କରଯାଇଛି । ପ୍ରଧାନ ଶିକ୍ଷକ ପ୍ରମୋଦ ଖମାରୀଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଥିଲା । ୩ ଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯିବା ସହ ପୁରସ୍କୃତ କରାଯାଇଥିଲା । ଶିକ୍ଷକ ବିଜୟ ପ୍ରଧାନ, ଶିବାନନ୍ଦ ପାଳ, ଶିକ୍ଷୟିତ୍ରୀ ଲିପିକା ମେହେର, ଜିତେନ୍ଦ୍ର ଦାସ, ସୁଜିତ ସାହୁ, ସ୍ୱସ୍ତିତପା ନାୟକ, ବରୁଣ ରଣା ଓ କର୍ମଚାରୀ ନିରଞ୍ଜନ ମିର୍ଦ୍ଧା ପ୍ରମୁଖ ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

ଖପ୍ରାଖୋଲ: ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଘୁନସର ଗ୍ରାମର ପ୍ରଗତି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ମଧ ବୁଧବାର ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥର ମାଟ୍ରିକ ପରୀକ୍ଷାରେ ଏ-୨ ଗ୍ରେଡ୍ ପାଇଥିବା ଛାତ୍ରୀ ସୁଶ୍ରୀ ଶ୍ରଦ୍ଧାମୟୀ ସାହୁଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଖପ୍ରାଖୋଲ ଏବିଇଓ ତଥା ବିଆରସିସି ରୁଦ୍ରଦେବ ଷଡଙ୍ଗୀ, ଖପ୍ରାଖୋଲ ସିଆରସିସି ପ୍ରଦୀପ କୁମ୍ଭାର, ବିଦ୍ୟାଳୟ ପରିଚାଳନା ସଭାପତି ବିକାଶ ଦାଶ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଶ୍ରଦ୍ଧାମୟୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ପ୍ରଧାନଶିକ୍ଷକ ଐଶ୍ୱର୍ଯ୍ୟ ଶେଖର ଦେବତା କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ । ବିଦ୍ୟାଳୟର ଶିକ୍ଷୟିତ୍ରୀ ଝରଣା କର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଖେଳ ଶିକ୍ଷକ ଡୋଲାମଣି ପ୍ରଧାନ ଧନ୍ୟବାଦ ଦେଇଥିଲେ । ଏହି ଅବସରରେ ଶ୍ରଦ୍ଧାମୟୀ ନିଜ ସଫଳତାର ଶ୍ରେୟ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଏବଂ ପିତାମାତାଙ୍କୁ ଦେଇଛନ୍ତି । ସମାଜରେ ଜଣେ ସୁପ୍ରତିଷ୍ଠିତ ସୁନାଗରିକ ହେବା ସହ ଡାକ୍ତର ହୋଇ ଲୋକଙ୍କ ସେବା କରିବା ସେ ଲକ୍ଷ୍ୟ ରଖିଛନ୍ତି ।

# ମେହେରୁଣୀ ନାଳରେ ଚେକ୍‌ଡ୍ୟାମ୍ ନିର୍ମାଣ ଦାବି

ଶଗଡା,୬ ।୫(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ମନମୁଣ୍ଡା ଥାନା ଗୁଡଭେଲିପଦର ଗ୍ରାମ ନିକଟସ୍ଥ ମେହେରୁଣୀ ନାଳରେ ଏକ ଚେକ୍‌ଡ୍ୟାମ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି । ମେହେରୁଣୀ ନାଳ ନିକଟରେ ଥିବା ମାଁ ଭୈରବୀ ମନ୍ଦିରର ସାଧକ ଅର୍ଜୁନ ବାରିକ ନିଜସ୍ୱ ଉଦ୍ୟମରେ ପ୍ରତ୍ୟେକ ବର୍ଷ ମେସିନ ସାହାଯ୍ୟରେ ଖୋଳି ପାଣି ଅଟକାଉଛନ୍ତି । ଏହି ପାଣି ଉପରେ ଆଖପାଖ ଗୁଡଭେଲିପଦର, ବିଳାସପୁର, ଖଇରହଣା, ବୁକୁରାମୁଣ୍ଡା, ସାନରାହାଯୋର ଗ୍ରାମର ଶହ ଶହ ଲୋକ ସ୍ନାନ, ଶୌଚ ପାଇଁ ନିର୍ଭର କରିଥାନ୍ତି; କିନ୍ତୁ ପରିତାପର ବିଷୟ ପ୍ରତ୍ୟେକ ବର୍ଷ ଏହି ଖାଲ ବର୍ଷା ହେଲେ ପୋତି ହୋଇଯାଏ । ଏହା ଫଳରେ ୫ଖଣ୍ଡ ଲୋକେ ଗାଧୋଇବା ପାଇଁ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି । ୫ ଖଣ୍ଡ ଗ୍ରାମର ଶହ ଶହ ଲୋକଙ୍କ ସୁବିଧା ଦୃଷ୍ଟିରୁ ଏହି ସ୍ଥାନରେ ଏକ ଚେକ୍‌ଡ୍ୟାମ୍ ନିର୍ମାଣ କଲେ ଲୋକେ ସୁବିଧାରେ ସ୍ନାନ, ଶୌଚ କରି ପାରିବେ ବୋଲି ଗ୍ରାମବାସୀ ଆଶା ପୋଷଣ କରିଛନ୍ତି ।

# ଭୁବନେଶ୍ୱର ସିଟି



## ଜରାଜୀର୍ଣ୍ଣ ଅବସ୍ଥାରେ ଜିଜିପି କଲୋନୀ ପାର୍କ
# ପିଇବା ପାଣି ନାହିଁ କି ଶୌଚାଳୟ

ଭୁବନେଶ୍ୱର,୬।୫(ସମିସ):





ପାର୍କ ପରିସରରେ ଗଦା ହୋଇଛି କୁଢ଼ କୁଢ଼ ଆବର୍ଜନା। ଅନାବନା ଘାସରେ ଭର୍ତ୍ତି ହୋଇଛି ପାର୍କ ପରିସର। ଭାଙ୍ଗି ପଡ଼ିଛି ଖେଳଣା ଉପକରଣ। ଏହାସହିତ ପାର୍କରେ ନାହିଁ ପିଇବା ପାଣିର ସୁବିଧା। ପାର୍କରେ ରହିଛି ଅତ୍ୟାଧୁନିକ ବ୍ୟାୟାମ୍ ସାମଗ୍ରୀ, ହେଲେ ଏହା ବ୍ୟବହାରଯୋଗ୍ୟ ହୋଇ ରହିନାହିଁ। ଗ୍ରୀଷ୍ମ

**ଭାଙ୍ଗି ପଡ଼ିଛି ଖେଳ ସାମଗ୍ରୀ**

ଋତୁରେ ଅଞ୍ଚଳବାସୀ ପାର୍କକୁ ଯିବାକୁ ବି ଭୟ କରୁଛନ୍ତି। କାରଣ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି ରସୁଲଗଡ଼ସ୍ଥିତ ୱାର୍ଡ ନମ୍ବର-୧୮ ଅଧିନରେ ରହିଥିବା ଜିଜିପି କଲୋନୀ ପାର୍କ। ପାର୍କରେ ନାଁ ଅଛି ପିଇବା ପାଣି ସୁବିଧା ନାଁ ଅଛି ଶୌଚାଳୟ।

ସ୍ଥାନୀୟ ଲୋକଙ୍କ ଅବସରବିନୋଦନ ଓ ପିଲାମାନଙ୍କ ଖେଳିବା ନିମନ୍ତେ ୨୦୧୩ ମସିହାରେ ଏହି ପାର୍କ ନିର୍ମାଣ କରାଯାଇଥିଲା। ୭ଲକ୍ଷ ୮୯ ହଜାର ୯୧୫ ଟଙ୍କା ବ୍ୟୟ ଅଟକଳ ହୋଇଥିବା ବେଳେ ପୁନର୍ବାର ୨୦୧୬ ମସିହା ସ୍ୱାୟତ୍ତଶାସନ ଦିବସ ଅବସରରେ ଅମୃତ ଯୋଜନା ମାଧ୍ୟମରେ ପାର୍କର ଉନ୍ନତିକରଣ ନିମନ୍ତେ ୨୨ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ହୋଇଥିବା ଫଳକରେ ଉଲ୍ଲେଖ ରହିଛି। ହେଲେ ପାର୍କରେ କୌଣସି ଉନ୍ନତିକରଣର ଚିହ୍ନ ଦେଖିବାକୁ ମିଳୁନଥିବା ଅଭିଯୋଗ ହୋଇଛି। ପାର୍କର ପାଚେରୀରୁ ରଙ୍ଗ ଧୋଇ ଯାଇଥିବା ବେଳେ ଗେଟ୍ ଦିନ ରାତି ମୁକୁଳା ରହୁଥିବାରୁ ଅସାମାଜିକ ବ୍ୟକ୍ତିଙ୍କ ପ୍ରବେଶ ଉପରେ କଟକଣା ନାହିଁ। ସଞ୍ଜ ହେଲେ ଏଠାରେ ବିଭିନ୍ନ ଅସାମାଜିକ କାର୍ଯ୍ୟ ସହ ନିଶାଡ଼ିଙ୍କ ଆଡ୍ଡା ଜମୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ଫଳରେ ଏହାର ପ୍ରଭାବ ସ୍ଥାନୀୟ ଲୋକଙ୍କ ଉପରେ ପଡୁଥିବା କହିଛନ୍ତି। ସେହିପରି କେଉଁଠି ସିମେଣ୍ଟ ଚେୟାର ଭାଙ୍ଗି ପଡ଼ିଛି ତ କେଉଁଠି ପିଲାମାନଙ୍କ ଖେଳଣା ସାମଗ୍ରୀ ଭାଙ୍ଗି ପଡ଼ିଛି। ଫଳରେ ଏଠାକୁ ଆସୁଥିବା ଛୋଟ ଛୋଟ ପିଲାମାନେ ଏହି ଉପକରଣ ଗୁଡ଼ିକ ବ୍ୟବହାର କରିବାରୁ ବଞ୍ଚିତ ହେଉଛନ୍ତି। କେବଳ ସେତିକି ନୁହେଁ, ପାର୍କରେ ପାଣି ଟାଙ୍କି ରହିଥିଲେ ବି ସେଥିରୁ ପାଣି ଆସୁନଥିବା ଦେଖିବାକୁ ମିଳିଛି। ଜରୁରୀ ସମୟରେ ଯଦି ପିଇବା ପାଣି ଆବଶ୍ୟକ ହେବ ତେବେ ତାହା ମିଳିବା କଷ୍ଟକର। ସେହିପରି ଶୌଚାଳୟ କଥା ନକହିବା ଭଲ। କାରଣ ପାର୍କରେ ଶୌଚାଳୟଟିଏ ବି ନାହିଁ। ତେଣୁ ମହିଳାମାନେ ପାର୍କକୁ ଆସିବାକୁ ମନବଳାଉନଥିବା କହିଛନ୍ତି। ସବୁଠୁ ବଡ଼କଥା ହେଉଛି ଖରାଦିନରେ ପ୍ରାତଃ ଭ୍ରମଣ ହେଉ ଅବା ସନ୍ଧ୍ୟା ସମୟରେ ପରିବାରଙ୍କ ସହ ହେଉ ଅବା ନିଜ ଛୋଟ ପିଲାଙ୍କୁ ପାର୍କ ପରିସରକୁ ନେବାକୁ ଭୟ କରୁଛନ୍ତି ଅଭିଭାବକମାନେ। ଏନେଇ ବାରମ୍ବାର ଅଭିଯୋଗ କରାଯିବା ପରେ ବି କୌଣସି ପଦକ୍ଷେପ ନିଆଯାଉ ନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏସମ୍ପର୍କରେ ୱାର୍ଡର କର୍ପୋରେଟର ବିପ୍ଲବ ବେହେରା କହିଛନ୍ତି ଯେ, ମୋର କାର୍ଯ୍ୟକାଳ ଆରମ୍ଭ ହେବା ଦିନରୁ ମୁଁ ୱାର୍ଡର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରୁଛି। ପାର୍କର ଉନ୍ନତିକରଣ ନିମନ୍ତେ ମଧ୍ୟ ଯୋଜନା ରହିଛି। ଏଥିପାଇଁ ପୂର୍ବରୁ ଟେଣ୍ଡର ହୋଇଥିଲା କିନ୍ତୁ ଅର୍ଥ ମଞ୍ଜୁର ହୋଇନଥିବାରୁ କାମ ହୋଇପାରିଲାନି। ପୁନର୍ବାର ଟେଣ୍ଡର ହୋଇଛି। ପାର୍କର ଉନ୍ନତିକରଣ ନିମନ୍ତେ ପ୍ରାୟ ୩୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ସମସ୍ତ ସୁବିଧା ଉପଲବ୍ଧ ହେବ। ଖୁବ୍‌ଶିଘ୍ର ଟେଣ୍ଡର ହୋଇ କାର୍ଯ୍ୟ ଆରମ୍ଭ ହେବ।

## ବନଫୁଲ ପୁସ୍ତକ ପର୍ବ ଓ କବିତା ସନ୍ଧ୍ୟା



ଭୁବନେଶ୍ୱର, ୬।୫(ସମିସ): ଓଡ଼ିଶାର ଅନନ୍ୟ ପ୍ରକାଶନୀ ସଂସ୍ଥା 'ବନଫୁଲ' ପକ୍ଷରୁ ଆୟୋଜିତ ବନଫୁଲ ପୁସ୍ତକ ପର୍ବ ଓ କବିତା ସନ୍ଧ୍ୟା ୟୁନିଟ୍ ୯ ସ୍ଥିତ ବୁଦ୍ଧ ମନ୍ଦିର ସଭା କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଲେଖକ ରବି ପଣ୍ଡାଙ୍କ ପୌରୋହିତ୍ୟରେ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ କବି ନିହାର ରଞ୍ଜନ ଦାଶ, ମୁଖ୍ୟବକ୍ତା ଭାବେ ଡକ୍ଟର ଅଭୟ ବେହେରା, ସମ୍ମାନିତ ଅତିଥି ଭାବେ ଆଲୋଚକ ହିମାଂଶୁ ପରିଡ଼ା ଯୋଗ ଦେଇ ତରୁଣ କବି ଶୁଭ କଲ୍ୟାଣ ଦାସଙ୍କ ପ୍ରଥମ କବିତା ସଂକଳନ 'ଶବ୍ଦାୟନ' ଉନ୍ମୋଚିତ କରିଥିଲେ। ଉତ୍ସବକୁ ଡ. ଶର୍ମିଷ୍ଠା ମହାପାତ୍ର ସଞ୍ଚାଳନ କରିଥିବା ବେଳେ ବନଫୁଲର ପ୍ରକାଶକ ପବିତ୍ର ବ୍ରହ୍ମପୁତ୍ର ନାୟକ ସ୍ୱାଗତ ଅଭିଭାଷଣ ରଖିଥିଲେ। ଦ୍ୱିତୀୟ ଅଧିବେଶନରେ ବନଫୁଲ କବିତା ସନ୍ଧ୍ୟା କବି ବିଜୟ ମାହାପାତ୍ରଙ୍କ ସଭାପତିତ୍ୱରେ ଉମାକାନ୍ତ ରାଉତ (ଅରୂପ) ଓ କବି ରଶ୍ମିରେଖା ବେହେରା ଓ ମଧୁମିତା ମିଶ୍ର ଯୋଗ ଦେଇଥିଲେ।

## ଶ୍ରମିକ ସମୃଦ୍ଧି କର୍ମଶାଳା

ଭୁବନେଶ୍ୱର,୬।୫(ସମିସ): ଆକ୍ସନଏଡ୍ ଓ ସିସିଡବ୍ଲୁଡିଙ୍କ ଆନୁକୂଲ୍ୟରେ ରେଡକ୍ରସ ଭବନରେ ଶ୍ରମିକ ସମୃଦ୍ଧି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଦତ୍ତୋପନ୍ତ ଥେଙ୍ଗାଡି ରାଷ୍ଟ୍ରୀୟ ଶ୍ରମିକ ଶିକ୍ଷା ବୋର୍ଡର ଆଞ୍ଚଳିକ ନିର୍ଦ୍ଦେଶକ ଡ. ଧର୍ମେନ୍ଦ୍ର କୁମାର ମିଶ୍ର, ଓଡିଶା ଅଣସଙ୍ଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡର ସଭ୍ୟ ମହେନ୍ଦ୍ର ପରିଡ଼ା, ଆକ୍ସନଏଡ୍‌ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର, ଆକ୍ସନଏଡ୍‌ର ଶୁଭେନ୍ଦୁ ରାୟ ଯୋଗ ଦେଇଥିଲେ। ପ୍ରାରମ୍ଭରେ ସ୍ନିଗ୍ଧା ଦାସ ସ୍ୱାଗତଭାଷଣ ଦେଇଥିବା ବେଳେ ଶିବ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ନେଇ ଲୋୟର ପିଏମ୍‌ଜିରେ ଓଡ଼ିଶା ଜନତା କଂଗ୍ରେସର ପ୍ରତିବାଦ

## ଛାତ୍ର ସଂସଦ ନିର୍ବାଚନ ଘୋଷଣା ଦାବିରେ ଏଆଇଡିଏସଓର ବିକ୍ଷୋଭ




ଭୁବନେଶ୍ୱର, ୬।୫(ସମିସ): ଅଗଣତାନ୍ତ୍ରିକ ତଥା ଛାତ୍ର ବିରୋଧୀ ଆଦର୍ଶ ଆଚରଣ ବିଧି ପ୍ରତ୍ୟାହାର କରିବା, କ୍ୟାମ୍ପସ ମଧ୍ୟରେ ସୁସ୍ଥ ଶୈକ୍ଷିକ ଓ ଗଣତାନ୍ତ୍ରିକ ପରିବେଶକୁ ସୁରକ୍ଷା ଦେବା ଏବଂ ପ୍ରତ୍ୟକ୍ଷ ଛାତ୍ର ସଂସଦ ନିର୍ବାଚନ ଘୋଷଣା କରିବା ଦାବିରେ ମଙ୍ଗଳ ବାର ଏଆଇଡିଏସଓ ପକ୍ଷରୁ ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିରରେ ଏକ ଛାତ୍ର କନ୍‌ଭେନ୍‌ସନ୍ ଅନୁଷ୍ଠିତ ହୋଇଯାଇଛି। ଏହାକୁ ରାଜ୍ୟ ସଭାପତି ସୋମନାଥ ବେହେରା, ଉପ-ସଭାପତି ଭାଗ୍ୟରବି ଦାସ, ନିରୂପମା ବେହେରା ଏବଂ ସୁନିଲ ଭୋଇଙ୍କୁ ନେଇ ଗଠିତ ଏକ ସଭାପତି ମଣ୍ଡଳୀ ପରିଚାଳନା କରିଥିଲେ। ସଂପାଦକ ମଣ୍ଡଳୀ ସଦସ୍ୟ ତରୁଣସେନ ନାୟକ ଛାତ୍ର କନ୍‌ଭେନ୍‌ସନ୍‌ର ଭିତ୍ତି ପତ୍ର ପାଠ କରିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ତଥା ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଡ. ବିରେନ୍ଦ୍ର ନାୟକ, ସାରା ଭାରତ ଶିକ୍ଷା ବଞ୍ଚାଅ କମିଟି ଓଡ଼ିଶା ରାଜ୍ୟ ସମ୍ପାଦକ ସୁବାସ ନାୟକ ଅତିଥି ବକ୍ତା ଭାବେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ପପୁ ରାଉତ, ଏଆଇଏସବି ପକ୍ଷରୁ ଛାତ୍ର ନେତ୍ରୀ ରିଙ୍କି ସାହୁ ପ୍ରମୁଖ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥ, ରାଜ୍ୟ ଅଫିସ ସମ୍ପାଦକ ନସିମ ସରକାର, ମଧୁସୂଦନ ବାଗ, ବିନୋଦ ସେଠୀ, ପପୁନ ସାହୁ, କିଶାନ ସାହୁ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଛାତ୍ର ପ୍ରତିନିଧିମାନେ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ। ଶେଷରେ ମାଷ୍ଟର କ୍ୟାଣ୍ଟିନଠାରେ ଏକ ଛାତ୍ର ବିକ୍ଷୋଭ ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା। ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରିଥିଲେ।

## ଭାରତୀୟ କିଷାନ ସଂଗଠନର ଚାଷୀ ସୁରକ୍ଷା ଅଭିଯାନ

ଭୁବନେଶ୍ୱର,୬।୫(ସମିସ): ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ଭାରତୀୟ କିଷାନ ସଂଗଠନର ଚାଷୀ ସୁରକ୍ଷା ଅଭିଯାନ ଓଡ଼ିଶା ଶାଖାର ସମ୍ମିଳନୀକୁ ସର୍ବଭାରତୀୟ ସଭାପତି ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ବ୍ରଜ କିଶୋର ତ୍ରିପାଠୀ ଉଦ୍‌ଘାଟନ କରିଥିଲେ। କେନ୍ଦ୍ର ଓ ରାଜ୍ୟ ସରାକରଙ୍କର ଚାଷୀମାନଙ୍କ ପ୍ରତି ଅବହେଳା କରୁଥିବା ନେଇ ସଂଗଠନ କ୍ଷୋଭ ପ୍ରକାଶ କରିବା ସହ କରୋନା ଭଳି



ମହାମାରୀ ସମୟରେ ଚାଷୀମାନେ କୃଷି ଉତ୍ପାଦନକୁ ସମ୍ପୂର୍ଣ୍ଣ ବଞ୍ଚାଇ ରଖି ଦେଶର ଆର୍ଥିକ ବିକାଶକୁ ଗତିଶୀଳ କରିଥିଲେ ମଧ୍ୟ ସେମାନଙ୍କ ସମସ୍ୟା ଦିଗରେ ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି। ସରକାରୀ ହିସାବରେ ବର୍ତ୍ତମାନ ରାଜ୍ୟରେ ଚାଷୀ ପରିବାର ମାସିକ ଆୟ ମାତ୍ର ୫,୧୧୨ ଟଙ୍କା। ଯାହାକି ଦେଶର ଦ୍ୱିତୀୟ ସର୍ବନିମ୍ନ। ସର୍ବୋଚ୍ଚ ଆୟ କରୁଥିବା ୫ଟି ରାଜ୍ୟର ଚାଷୀ ପରିବାରର ହାରାହାରି ମାସିକ ଆୟ ୧୮,୮୯୧ ଟଙ୍କାରୁ ୨୯,୩୪୮ ଟଙ୍କା। ଆମ ରାଜ୍ୟର ଚାଷୀ ଅନ୍ୟ ରାଜ୍ୟର ଚାଷୀମାନଙ୍କ ସମକକ୍ଷ ହେବାର କୌଣସି ସୂଚନା ନାହିଁ। କାରଣ ଆମ ରାଜ୍ୟରେ ଚାଷୀ ଧାନଚାଷ କରି ପ୍ରାକୃତିକ ବିପର୍ଯ୍ୟୟ ଶିକାର ହେବା ସହ ଉତ୍ପାଦିତ ଧାନ ବିକ୍ରି ପାଇଁ ୬ କିଲୋରୁ ୧୨ କିଲୋ ପର୍ଯ୍ୟନ୍ତ କଟନି ଛଟନି ମାଧ୍ୟମରେ ମିଲରମାନଙ୍କ ଦ୍ୱାରା ଶିକାର ହେଉଛନ୍ତି। ଏପଟେ ଅର୍ଥକାରୀ ଫସଲ କରିବାକୁ ସୂତାକଳ, ଶୀତଳ ଭଣ୍ଡାର, ଝୋଟ କଳ ଆଦି ନଥିବାରୁ ଚାଷୀମାନେ ଅଭାବି ବିକ୍ରିର ଶିକାର ହେଉଛନ୍ତି। ତେବେ ରାଜ୍ୟ ସରକାର ଘୋଷଣା କରିଥିବା ୫୮ଟି ଶୀତଳଭଣ୍ଡାର ପ୍ରସ୍ତାବ କୁଆଡ଼େ ଗଲା ବୋଲି ସଂଗଠନ ପ୍ରଶ୍ନ କରିଛି। ରାଜ୍ୟରେ ଦେଶର ୧୦%ରୁ ଅଧିକ ଜଳସମ୍ପଦ ଥିବାସତ୍ତ୍ୱେ ସବୁ ଜମିକୁ ଜଳସେଚନର ସୁବିଧା ହୋଇପାରିଲା ନାହିଁ। ତେଣୁ ରାଜ୍ୟରେ ଚାଷୀମାନେ ମିଳିତ ସଂଗ୍ରାମ କରିବାକୁ ଶ୍ରୀ ତ୍ରିପାଠୀ ଓ ଅନ୍ୟବକ୍ତାମାନେ ଆହ୍ୱାନ ଦେଇଥିଲେ।

ଏହି ଅବସରରେ ସଂଗଠନର ଓଡ଼ିଶା ରାଜ୍ୟ ସଭାପତି ଭାବେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ମଲିକ ଓ ସାଧାରଣ ସମ୍ପାଦକ ଭାବେ ପୂର୍ବତନ ସାଂସଦ ଓ ବିଧାୟକ ରବି ନାରାୟଣ ମହାପାତ୍ର ନିର୍ବାଚିତ ହୋଇଥିଲେ। ଏହି ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଶା କୃଷକ ସଭା ତଥା ସିପିଆଇ(ଏମ୍) ନେତା ଅଭିରାମ ବେହେରା, ଅଖିଳ ଭାରତୀୟ କୃଷକ ସଭାର ଉପସଭାପତି ଆଶିଷ କାନୁନଗୋ ପ୍ରମୁଖ ଉପସ୍ଥିତ ଥିବା ବେଳେ ସଂଯୋଜନା କରିଥିଲେ ପ୍ରଭାସ ସାମନ୍ତରାୟ।

## ଏଫ୍‌ଏଫ୍‌ସି କର୍ମକର୍ତ୍ତା ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୬।୫(ସମିସ): ୱାର୍କର୍ସ ଇଣ୍ଟରନ୍ୟାସନାଲ ଦ୍ୱାରା ଅନୁବନ୍ଧିତ ଫନ୍ ଆଣ୍ଡ ଫିଟନେସ ୱାର୍କର୍ସ କ୍ଲବ ସ୍ୱାସ୍ଥ୍ୟ, ସଚେତନତା, ରକ୍ତଦାନ ଶିବିର, ବୃକ୍ଷରୋପଣ ଭଳି ମହତ କାର୍ଯ୍ୟ କରି ସେବା ମନୋଭାବ କ୍ଷେତ୍ରରେ ନିରନ୍ତର ପ୍ରଚେଷ୍ଟା ଜାରି ରଖି ନିଷ୍ଠାପର ଚେତନାର ବିନୀତ ସାକ୍ଷର ପ୍ରତିପାଦନ କରିଥିବାରୁ "ପୁଣ୍ୟ ଉତ୍କଳ ଫାଉଣ୍ଡେସନ' ପକ୍ଷରୁ ଏହାର ବାର୍ଷିକ ଉତ୍ସବରେ ଓଡ଼ିଶୀ ଗବେଷଣା କେନ୍ଦ୍ର ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ପଦ୍ମବିଭୂଷଣ କଳିଙ୍ଗ ରତ୍ନ ସୁଦର୍ଶନ ସାହୁ, ଅନୁଷ୍ଠାନର ଅଧ୍ୟକ୍ଷ ମନୋରଞ୍ଜନ ମହାପାତ୍ର, ଡ. ଲଳିତ ଦାସ, ଡ. ଅରୁଣ କୁମାର ରଥ, ଡ. ବିପିନ ବିହାରୀ ମିଶ୍ର, ଡ. ପ୍ରଭାସ ଆଚାର୍ଯ୍ୟ ଏବଂ ପ୍ରଫେସର ଦାସ ବେନହୁର ଉପସ୍ଥିତ ରହି ଏଫଏଫସିର କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଫଏଫସିର ପ୍ରାକ୍ତନ ସଭାପତି ଆଶିଷ ପଟ୍ଟନାୟକ, କେଦାର ପଟ୍ଟନାୟକ, ଉପସଭାପତି ଜୟସୂର୍ଯ୍ୟା କାନୁନଗୋ, ରିୟା ଖାନ, ପ୍ରଦୀପ ମହାନ୍ତି, ଡ. ରଙ୍ଗାଧର ସାହୁ, ଅବଦୁଲ ସଲାମ ଖାନ ଏବଂ ପ୍ରଭାତୀ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି ବୋଲି ସଭାପତି ସୁଧାକର ଷଡଙ୍ଗୀ, ସମ୍ପାଦକ ସୌଭାଗ୍ୟ ନାୟକ ଏବଂ ଗଣମାଧ୍ୟମ କର୍ମକର୍ତ୍ତା ଚକ୍ରଧର ମାଝୀ ଜଣାଇଛନ୍ତି।

**ଜୟପୁରଠାରେ ବିଧାନସଭାର କମିଟି ସଂକ୍ରାନ୍ତ ବୈଠକ**

## ଆଗାମୀ ଦିନରେ କମିଟିଗୁଡ଼ିକୁ ଅଧିକ ପ୍ରଭାବଶାଳୀ କରାଯିବ: ସୁରମା ପାଢ଼ୀ

ଭୁବନେଶ୍ୱର,୬।୫(ସମିସ): ବିଧାନସଭାର କମିଟି ସମ୍ପର୍କିତ ଦ୍ୱିତୀୟ ସର୍ବଭାରତୀୟ ବାଚସ୍ପତି ସମ୍ମିଳନୀ ଜୟପୁରଠାରେ ଅନୁଷ୍ଠିତ ହୋଇଯାଇଅଛି। ମଧ୍ୟପ୍ରଦେଶର ବାଚସ୍ପତି ନରେନ୍ଦ୍ର ସିଂ ତୋମାରଙ୍କ ଅଧ୍ୟକ୍ଷତାରେ ତଥା ରାଜସ୍ଥାନ ବିଧାନସଭା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ରାଜସ୍ଥାନ, ହିମାଚଳପ୍ରଦେଶ, ସିକ୍କିମ ସମେତ ଓଡିଶାର ବାଚସ୍ପତି ସୁରମା ପାଢୀ ଏହି ସମ୍ମିଳନୀରେ ଯୋଗ ଦେଇଥିଲେ। ଲୋକସଭାର ବାଚସ୍ପତି ଓମ୍ ବିର୍ଲାଙ୍କ ଦ୍ୱାରା ୭ଟି ବିଧାନସଭାର ବାଚସ୍ପତିଙ୍କୁ ନେଇ ଏହି କମିଟି ଗଠନ କରାଯାଇଛି। ଆଗାମୀ ଦିନରେ କମିଟି ବ୍ୟବସ୍ଥାକୁ କିପରି ଅଧିକ ଶୃଙ୍ଖଳିତ ଭାବରେ ସମ୍ପନ୍ନ କରାଯାଇପାରିବ ସେ ସମ୍ପର୍କରେ ଏହି କମିଟି ନୀତିଗତ ଭାବରେ ନିଷ୍ପତ୍ତି ଗ୍ରହଣ କରିବେ।




ଏହି ସମ୍ମିଳନୀରେ ଯୋଗ ଦେଇ ବାଚସ୍ପତି ଶ୍ରୀମତୀ ପାଢୀ ନିଜର ମତ ଉପସ୍ଥାପନ କରି କହିଲେ ଯେ, ଭାରତର ସଂସଦୀୟ ପରମ୍ପରା ବ୍ୟବସ୍ଥାରେ ବିଧାନସଭା ହେଉଛି ଗଣତନ୍ତ୍ରର ମନ୍ଦିର। ଏଥି ପ୍ରତି ଜନସାଧାରଣଙ୍କର ଆଶା-ଆକାଂକ୍ଷା ଓ ବିଶ୍ୱାସକୁ ବଳବତ୍ତର ରଖିବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏ କ୍ଷେତ୍ରରେ ଆମର ଉତ୍ତରଦାୟିତ୍ୱବୋଧ ରହିବା ଆବଶ୍ୟକ। ବିଧାନସଭା କମିଟି ବ୍ୟବସ୍ଥା, ସରକାରଙ୍କର ବିଭିନ୍ନ ଯୋଜନା ଏବଂ ଏହାର ସଫଳ ରୂପାୟନର ତଦାରଖ କରିବା ସହ ସୁଚିନ୍ତିତ ପରାମର୍ଶ ଦେଇଥାନ୍ତି। ଆଗାମୀ ଦିନରେ କମିଟିଗୁଡିକୁ ଅଧିକ ପ୍ରଭାବଶାଳୀ କରାଯିବ ବୋଲି ସେ କହିଥିଲେ। ଏହି ସମ୍ମିଳନୀରେ ୬ଟି ବିଧାନସଭାର ସଚିବଙ୍କ ସମେତ ଓଡିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତ ମଧ୍ୟ ଯୋଗ ଦେଇଛନ୍ତି।

## ଆଦିବାସୀଙ୍କ ମର୍ଯ୍ୟାଦା ସୁରକ୍ଷା ପାଇଁ ସୁପ୍ରିମକୋର୍ଟଙ୍କୁ କଂଗ୍ରେସର କୃତଜ୍ଞତା

ଭୁବନେଶ୍ୱର, ୬।୫(ସମିସ): ରାୟଗଡା ଓ କଳାହାଣ୍ଡି ଜିଲ୍ଲାର ଆଦିବାସୀ ଓ ଦଳିତ ଲୋକେ ସେଠାକାର ଖଣିଜ ସମ୍ପଦ, ପାହାଡ ଜଙ୍ଗଲ ଏବଂ ଆଦିବାସୀ ଗ୍ରାମର ଭୂସମ୍ପଦକୁ ବିନା ଗ୍ରାମସଭାରେ ବେଆଇନ ଭାବେ ବେଦାନ୍ତ କମ୍ପାନୀ ଓ ଅନ୍ୟ ଶିଳ୍ପପତିମାନଙ୍କୁ ରାଜ୍ୟ ସରକାର ହସ୍ତାନ୍ତର ଓ ଲିଜ୍ ଦେବା ପ୍ରତିବାଦରେ ଆନ୍ଦୋଳନ କରୁଛନ୍ତି। ସେଥିପାଇଁ ସ୍ଥାନୀୟ ପ୍ରଶାସନ ସଂପୃକ୍ତ କମ୍ପାନୀର ହାତବାରିଶ ହୋଇ




ନୀରିହ ଆଦିବାସୀ ଆନ୍ଦୋଳନକାରୀମାନଙ୍କ ବିରୁଦ୍ଧରେ ପୁଲିସ କେସ୍ ରୁଜୁ କରିଛନ୍ତି। ଫଳରେ ସଂପୃକ୍ତ ଆଦିବାସୀମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ରାୟଗଡା ଅଦାଲତରେ ବେଲ୍ ଆବେଦନ କରିବାରୁ ସଂପୃକ୍ତ ଜିଲ୍ଲା ଅଦାଲତ ଆଦିବାସୀ ଆନ୍ଦୋଳନକାରିମାନଙ୍କ ବେଲ୍ ଖାରଜ କରିଥିଲେ ଏବଂ ପରବର୍ତ୍ତୀ ଅବସ୍ଥାରେ ଉଚ୍ଚନ୍ୟାୟାଳୟରେ ସେମାନେ ବେଲ୍ ଆବେଦନ କରିବାରୁ ଉଚ୍ଚନ୍ୟାୟାଳୟ ଉକ୍ତ ଆବେଦନକୁ ବିଚାର କରି ବେଲ୍ ପ୍ରଦାନ କରିଥିଲେ ମଧ୍ୟ କଠୋର ସର୍ତ୍ତମାନ ରଖିବା ସହ ଆବେଦନକାରୀମାନଙ୍କୁ ସ୍ଥାନୀୟ ଥାନାରେ ଦୁଇ ମାସ ଯାଏଁ ସଫେଇ କାର୍ଯ୍ୟ କରିବା ପାଇଁ ଗତବର୍ଷ ମେ ମାସ ୯ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। ଏହା ଆନ୍ଦୋଳନକାରୀମାନଙ୍କ ମାନବିକ ଅଧିକାରକୁ କ୍ଷୁର୍ଣ୍ଣ କରୁଥିବା ଅଭିଯୋଗ କରି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ଦ୍ୱାରସ୍ଥ ହୋଇଥିଲେ। ମାନନୀୟ ସର୍ବୋଚ୍ଚ ନ୍ୟାୟାଳୟ ସ୍ୱତଃ କଗ୍ନିଜେନ୍ସ (ସଂଜ୍ଞାନ) ନେଇ ବିଚାର ପାଇଁ ଗ୍ରହଣ କରିଥିଲେ। ସୋମବାର ଏହି ମାମଲାକୁ ବିଚାର କରି ଏକ ଡିଭିଜନ ବେଞ୍ଚରେ ମୁଖ୍ୟ ବିଚାରପତି, ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ୍ ଜୟମାଳ ବାଗ୍‌ଚି ଓଡ଼ିଶାର ଉଚ୍ଚନ୍ୟାୟାଳୟଙ୍କ ଉକ୍ତ ଆଦେଶକୁ ରଦ୍ଦ କରିଛନ୍ତି। ସର୍ବୋପରି ଏହି ଆଦେଶ କେବଳ ଓଡ଼ିଶା ନ୍ୟାୟାଳୟ ପାଇଁ ଉଚ୍ଚତମ ନ୍ୟାୟାଳୟ ଉଦ୍ଦିଷ୍ଟ ନ କରି ଦେଶର ସମସ୍ତ ନ୍ୟାୟାଳୟ ସେମାନଙ୍କ ଦ୍ୱାରା ଦିଆଯାଉଥିବା ଆଦେଶ ଉପରେ ସଚେତନ ରହିବା ସହ ଆଦିବାସୀ ଓ ଦଳିତ ତଥା ଗରିବ ଲୋକଙ୍କ ମୌଳିକ ଅଧିକାର ଓ ବ୍ୟକ୍ତି ମର୍ଯ୍ୟଦାର ସୁରକ୍ଷା ପାଇଁ ଗାଇଡ୍ ଲାଇନ୍ ତିଆରି କରିଛନ୍ତି। ଦେଶର ଅନୁସୂଚିତ ଜାତି ଓ ଜନଜାତି ତଥା ଗରୀବ ଲୋକଙ୍କ ମାନବିକ ଅଧିକାରର ସୁରକ୍ଷା ପାଇଁ ଅଦାଲତଗୁଡ଼ିକ ଅଧିକ ସ୍ପର୍ଶକାତର ଓ ଯତ୍ନବାନ ହେବା ଉଚିତ ବୋଲି ଉଚ୍ଚତମ ନ୍ୟାୟାଳୟ ଏହି ପରିପ୍ରେକ୍ଷୀରେ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟର ଆଦିବାସୀ, ଦଳିତ ଓ ଗରୀବ ଲୋକଙ୍କର ବ୍ୟକ୍ତି ମର୍ଯ୍ୟଦା ସୁରକ୍ଷା ପାଇଁ ଉଚ୍ଚତ୍ତମ ନ୍ୟାୟାଳୟ ଉପରୋକ୍ତ ଆଦେଶରେ ଚିନ୍ତା ପ୍ରକଟ କରିଥିବାରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଧନ୍ୟବାଦ ଦିଆଯାଇଛି।

## ଟିପି ସ୍କିମ୍ ୪୨-୪୫ ଜମି ପୁନର୍ଗଠନ ପାଇଁ ଡ୍ରାଫ୍ଟ ଏସ୍‌ଓପି ଜାରି

ଭୁବନେଶ୍ୱର,୬।୫(ସମିସ):

ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଜୋନ୍-୪ ଅନ୍ତର୍ଗତ ସହର ପରିକଳ୍ପନା ଯୋଜନା ଟିପି ସ୍କିମ୍ ୪୨ ରୁ ୪୫ ଅଧୀନରେ

- **ସହଜ ହେବ ବିଡିଏ ପ୍ଲଟ୍ ପୁନଃଗଠନ ପ୍ରକ୍ରିୟା**
- **ସର୍ବାଧିକ ଲାଭ ପାଇବେ ଜମି ମାଲିକ**



ଜମି ପୁନଃଗଠନ ପାଇଁ ଏକ ଡ୍ରାଫ୍ଟ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଡ୍ୟୁର (ଏସ୍‌ଓପି) ପ୍ରକାଶ କରିଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଏକ ସ୍ୱଚ୍ଛ ଏବଂ ଭଲ ବ୍ୟବସ୍ଥା ତିଆରି କରି ପୁନଃଗଠିତ ପ୍ଲଟଗୁଡ଼ିକୁ ସହଜ, ନ୍ୟାୟପୂର୍ଣ୍ଣ ଏବଂ ସମାନ ଭାବରେ ବଣ୍ଟନ କରିବା ସହ ଜମିମାଲିକଙ୍କୁ ସର୍ବାଧିକ ଲାଭ ପ୍ରଦାନ କରିବା।

ଏହି ଏସ୍‌ଓପି ବିଜିପୁର, କାଶୀପୁର, ଭଗବାନପୁର, ବାଲିଆପଡ଼ା ଏବଂ ପାତ୍ରପଡ଼ା ଗ୍ରାମର ଅଞ୍ଚଳଗୁଡ଼ିକ ଅନ୍ତର୍ଭୁକ୍ତ ଥିବା ବେଳେ ସମ୍ପୃକ୍ତ ଏସ୍‌ଓପି ମାଧ୍ୟମରେ ବିଡିଏ ପ୍ଲଟ ପୁନଃଗଠନ ପ୍ରକ୍ରିୟାକୁ ସହଜ କରିବା, ସମାନ ଜମି ବଣ୍ଟନ ନିଶ୍ଚିତ କରିବା, ଜମି ବିବାଦ କମ କରିବା ଏବଂ ହିତାଧିକାରୀଙ୍କ ଆସ୍ଥା ବଢ଼ାଇବା ଲକ୍ଷ୍ୟ ରଖିଛି। ଏହି ଡ୍ରାଫ୍ଟର ଏକ ପ୍ରମୁଖ ବିଶେଷତ୍ୱ ହେଉଛି ଗୋଟିଏ ମୌଜା ମଧ୍ୟରେ ପ୍ଲଟଗୁଡ଼ିକର ସ୍ୱେଚ୍ଛାକୃତ ମିଶ୍ରଣ ବ୍ୟବସ୍ଥା। ଜମିମାଲିକମାନେ ନିଜ ଜମି ମିଶାଇଲେ ୪୦% କଟିବା ପରେ ମୋଟ ଜମିର ୬୦% ଫେରସ୍ତ ପାଇବେ। ଗୋଟିଏ ମୌଜା ମଧ୍ୟରେ ଜଣେ ମାଲିକଙ୍କର ବିଭିନ୍ନ ଖାତା ନମ୍ବର ଥିବା ଏକାଧିକ ପ୍ଲଟ ଥିଲେ ମିଶ୍ରଣ ବାଧ୍ୟତାମୂଳକ ହେବ। ଏହା ଛୋଟ ଛୋଟ ପ୍ଲଟ୍ ଗୁଡ଼ିକୁ ଏକାଠି କରିବାକୁ ଅନୁମତି ଦେଉଛି ଏବଂ ଏକାଧିକ ଜମିମାଲିକ ମିଳିମିଶି ଆବେଦନ କରିପାରିବେ। ଏହା ଯୋଗୁଁ ଚଉଡ଼ା ରାସ୍ତାକଡ଼ରେ ପ୍ଲଟ ଆବଣ୍ଟନ କରାଯିବା ସମ୍ଭବ ହୋଇପାରିବ।ଯୋଜନାବଦ୍ଧ ବିକାଶକୁ ପ୍ରୋତ୍ସାହନ କରିବା ପାଇଁ ବଡ଼ ମିଶ୍ରିତ ପ୍ଲଟଗୁଡ଼ିକ ପାଇଁ ଫ୍ଲୋର ଏରିଆ ଅନୁପାତ (ଏଫ୍‌ଏଆର୍)ର ଲାଭ ଦିଆଯାଇଛି। ବଡ଼ ପ୍ଲଟର ଆକାର ଅନୁଯାୟୀ ରାସ୍ତା ଚଉଡା ଦ୍ୱାରା ଅଧିକ ଲାଭ ମିଳିବ। ବିଡିଏ ଅଧିସୂଚନା ପରେ ସାତ ଦିନ ମଧ୍ୟରେ ହିତାଧିକାରୀ ଏବଂ ସାଧାରଣ ଜନତାଙ୍କ ଠାରୁ ପରାମର୍ଶ ଏବଂ ମତାମତ ଆହ୍ୱାନ କରିଛି। ଏହାର ସବିଶେଷ ତଥ୍ୟ ଜାଣିବା ପାଇଁ ଭୟବ.ଶକ୍ଟଙ୍ଗ.ସଭ ରେ ଲଗଇନ୍ କରିପାରିବେ।

# ସ୍କୁଟି ଧକ୍କାରେ ଟ୍ରଲି ଚାଳକ ମୃତ



ରାଜକନିକା, ୬।୫ (ସମିସ): ଆଜି ଏକ ସ୍କୁଟି ଧକ୍କାରେ ଟ୍ରଲି ଚାଳକ ମୃତ୍ୟୁ ହେବା ଭଳି ଦୁଃଖଦ ଘଟଣା ଦେଖିବାକୁ ମିଳିଛି କଣ୍ଡିଆ ଫାଣ୍ଡି ଅଧୀନ ଚରପଡ଼ା ଗାଁ ରେ। ଆଜି ଅପରାହ୍ନ ଟ୍ରଲି ଚାଳକ କାହ୍ନୁ ଚରଣ ଜେନା (୫୦) ସିଂହପୁରରୁ ନିଜ ଟ୍ରଲିରେ ଏକ ଫ୍ରିଜ ନେଇ ଆସୁଥିବା ସମୟରେ ତାଙ୍କ ପଛପଟୁ ଏକ ସ୍କୁଟି ନମ୍ବର ଓଡି ୩୪ ୟୁ ୨୫୭୫ ଟ୍ରଲିକୁ ଧକ୍କା ଦେଇଥିଲା। ଫଳରେ କାହ୍ନୁ ଟ୍ରଲି ସହିତ ସିଧା ବନ୍ଧ ତଳକୁ ଖସି ପଡ଼ିଥିଲେ। ଏହି ଶବ୍ଦ ଶୁଣି ସ୍ଥାନୀୟ ଲୋକେ କାହ୍ନୁଙ୍କୁ ଉଦ୍ଧାର କରି ପ୍ରଥମେ କଣ୍ଡିଆ ଉପ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ ସେଠାରେ କାହ୍ନୁଙ୍କ ଅବସ୍ଥା ଗୁରୁତ୍ୱର ହେବାରୁ କଣ୍ଡିଆରୁ ରାଜକନିକା ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ରେଫର କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଖବର ପାଇ ରାଜକନିକା ପୁଲିସ ଶବକୁ ଜବଦ କରି ପଞ୍ଚନାମା ପାଇଁ ପଠାଇ ଥିବା ବେଳେ କାହ୍ନୁଙ୍କ ମୃତ୍ୟୁ ଖବର ପାଇ ଚରପଡ଼ା ଗାଁ ରେ ଶୋକର ଛାୟା ଖେଳିଯାଇଛି।

# ପଟ୍ଟାମୁଣ୍ଡାଇରେ ସ୍ପିଡ୍ ପୋଷ୍ଟ ସେବା ଅଚଳ

ପଟ୍ଟାମୁଣ୍ଡାଇ, ୬।୫(ସମିସ): ପଟ୍ଟାମୁଣ୍ଡାଇ ମୁଖ୍ୟ ପୋଷ୍ଟ ଅଫିସରେ ଦୀର୍ଘଦିନ ହେଲା ସ୍ପିଡ୍‌ପୋଷ୍ଟ ସେବା ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ରେଜିଷ୍ଟ୍ରଡ ପୋଷ୍ଟ ବ୍ୟବସ୍ଥା ସରକାରଙ୍କ ତରଫରୁ ବନ୍ଦ କରାଯିବା ପରେ ଜନସାଧାରଣ ଏବଂ ଉଭୟ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ଗୁଡ଼ିକ ଗୁରୁତ୍ୱପୂର୍ଣ୍ଣ ଚିଠି ପଠାଇବା ପାଇଁ ସ୍ପିଡ୍‌ପୋଷ୍ଟ ସେବା ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଦୀର୍ଘ ଦିନ ହେଲା ପଟ୍ଟାମୁଣ୍ଡାଇ ମୁଖ୍ୟ ପୋଷ୍ଟ ଅଫିସରେ ପ୍ରିଣ୍ଟିଂ ମେସିନ ଖରାପ ହୋଇଥିଲେ ବି ମରାମତି ହୋଇ ପାରୁନାହିଁ। ଯଦ୍ୱାରା ସ୍ପିଡ୍‌ପୋଷ୍ଟ ସେବା ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। କିଛି ଜାଣିଥିବା ଲୋକ ଯାଇ ପଟ୍ଟାମୁଣ୍ଡାଇ କଲେଜ କ୍ୟାମ୍ପସରେ ଥିବା ପୋଷ୍ଟ ଅଫିସରେ ଯାଇ ଚିଠି ପୋଷ୍ଟ କରୁଥିବା ବେଳେ କିଛି ଲୋକ କେନ୍ଦ୍ରାପଡ଼ା ଯାଇ ସ୍ପିଡ୍‌ପୋଷ୍ଟ କରୁଥିବା ଦେଖିବାକୁ ମିଳୁଛି। ଏଭଳି ପରିସ୍ଥିତିରେ ଆଜି ସକାଳୁ କଲେଜ କ୍ୟାମ୍ପସରେ ଥିବା ପୋଷ୍ଟ ଅଫିସରେ ଥିବା ପ୍ରିଣ୍ଟିଂ ମେସିନ ମଧ୍ୟ ଖରାପ ହୋଇ ଯାଇଥିବାରୁ ସେଠାରେ ସ୍ପିଡ୍ ପୋଷ୍ଟ ସେବା ବନ୍ଦ ଥିବା କଲେଜ ପୋଷ୍ଟ ଅଫିସ କର୍ମଚାରୀ କହିଛନ୍ତି। ଏହାଦ୍ୱାରା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଗୁରୁତ୍ୱପୂର୍ଣ୍ଣ ପ୍ରେରଣରେ ଜନସାଧାରଣ ନାହିଁ ନଥିବା ହଇରାଣ ହରକତ ହେଉଥିବା ଦେଖିବାକୁ ମିଳୁଛି।

# ଧର୍ମପ୍ରାଣ ମହିଳାଙ୍କ ବିୟୋଗରେ ଶୋକ



ରାଜନଗର, ୬।୫(ସମିସ): ରାଜନଗରସ୍ଥିତ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡା. ଘନଶ୍ୟାମ ମିଶ୍ରଙ୍କ ତତ୍ତ୍ୱାବଧାନରେ ପଣ୍ଡିତ ସ୍ୱର୍ଗତ ମାୟାଧର ନନ୍ଦଙ୍କ ଧର୍ମପତ୍ନୀ ଶକୁନ୍ତଳା ନନ୍ଦଙ୍କ ବିୟୋଗରେ ଶୋକସଭା ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଅନୁଷ୍ଠାନର ଛାତ୍ରଛାତ୍ରୀ ନିରବ ପ୍ରାର୍ଥନା କରିଥିଲେ। ସଭାରେ ଅଧ୍ୟାପକ ନିହାର ରଞ୍ଜନ ପରିଡ଼ା, ଆଦିତ୍ୟ ତ୍ରିପାଠୀ, ଅଧ୍ୟାପିକା ତନୁଶ୍ରୀ ମିଶ୍ର, ଅରୁଣ ରାଉତ, ଦୟାନିଧି ସାହୁ ଯୋଗ ଦେଇଥିଲେ।

# ପ୍ରସନ୍ନ ବାରିକଙ୍କୁ ଓଡ଼ିଶା ଗୌରବ ସମ୍ମାନ



ବାଲିକୁଦା, ୬।୫(ସମିସ): ମୂର୍ଚ୍ଛନା ଓ ଓଡ଼ିଶା କଲ୍‌ଚର୍ ଆର୍ଟ ଏକାଡେମୀ, ଓଡ଼ିଶା ତରଫରୁ ଜୟଦେବ ଭବନ ଭୁବନେଶ୍ୱର ଠାରେ ଆୟୋଜିତ ବାର୍ଷିକ ଉତ୍ସବରେ ମା' କୁତାମଚଣ୍ଡୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରସନ୍ନ କୁମାର ବାରିକଙ୍କୁ ଓଡ଼ିଶା ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ଏହି ଉତ୍ସବରେ ସଭାପତିତ୍ୱ କରିଥିଲେ ବସନ୍ତ କୁମାର ଦାସ। ମୁଖ୍ୟଅତିଥି ଭାବେ ବିଧାନସଭାର ପ୍ରାକ୍ତନ ସଚିବ ଦାଶରଥି ଶତପଥି, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ପ୍ରଶାନ୍ତ କୁମାର ଶତପଥୀ, ବିଶିଷ୍ଟ ଅତିଥି ଭାବରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସହ ନିର୍ଦ୍ଦେଶକ ଅକ୍ଷୟ କୁମାର ସେଠୀ, ଓଡିଶୀ ସଙ୍ଗୀତ ଗୁରୁ ପ୍ରଶାନ୍ତ କୁମାର ସାମଲ ପ୍ରମୁଖ ଯୋଗ ଦେଇଥିଲେ।

# କୃଷ୍ଣାନନ୍ଦପୁରରେ ଚାରାରୋପଣ କାର୍ଯ୍ୟକ୍ରମ

ତିର୍ତ୍ତୋଲ, ୬।୫(ସମିସ): ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ କୃଷ୍ଣାନନ୍ଦପୁର ମହାନଦୀ ବାଲିଘାଟ ନିକଟ ମହାନଦୀ ପଠାରେ ଲିଜଧାରୀ ସନ୍ତୋଷ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଚାରା ରୋପଣ



କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୃଷ୍ଣାନନ୍ଦପୁର ଭାରପ୍ରାପ୍ତ ଥାନା ଅଧିକାରୀ ରଞ୍ଜନ କୁମାର ମାଝୀ ଯୋଗ ଦେଇ ଅନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ତିର୍ତ୍ତୋଲ ୩ ନମ୍ବର ଜୋନ ଜିଲ୍ଲା ପରିଷଦ ରଞ୍ଜିତା ସିଂ, ସମାଜସେବୀ ସେଖ କଲ୍ଲିମୁଲା, ଉଦାସ ଜେନା, ସେଖ ବରଖତ ଅଲି, ସେଖ ରିଜବାନ ଅଲି, ସେଖ ଶଳାଉଦ୍ଦିନ ପ୍ରମୁଖ ଯୋଗ ଦେଇଥିଲେ। ମହାନଦୀ ପଠାରେ ବିଭିନ୍ନ ରକମର ଚାରା ରୋପଣ କରାଯାଇଥିଲା।

**ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର**

# ମଦ ଦୋକାନ ଉଚ୍ଛେଦ ପାଇଁ ଦାବି

ଆଳି, ୬।୫(ସମିସ)



କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଆଳି ବ୍ଲକ ପ୍ରଶାସନ ତରଫରୁ ଗ୍ରାମପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିର କାର୍ଯ୍ୟକ୍ରମ ଆଜି ଜୁଆଣିଆ ଗ୍ରାମପଞ୍ଚାୟତଠାରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଳି ବ୍ଲକର ବିଡିଓ ଅବିନାଶ ବିଶ୍ୱଜିତ ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ମିହିର ଦାସ, ସାମାଜିକ ସୁରକ୍ଷା ଅଧିକାରୀ ଦେବାଶିଷ ଆଚାର୍ଯ୍ୟଙ୍କ ସହ ଆଦି ଅନ୍ୟ ସରକାରୀ ବିଭାଗୀୟ ଅଧିକାରୀମାନେ ଯୋଗଦେଇ ଲୋକ ମାନଙ୍କ ସମସ୍ୟା ଶୁଣି ତୁରନ୍ତ ସମାଧାନ ପାଇଁ ପଦକ୍ଷପ ନେଇଛନ୍ତି। ଆଜିର ଏହି ଅଭିଯୋଗ ଶୁଣାଣିରେ ଜୁଆଣିଆ ସରପଞ୍ଚଙ୍କ ସମେତ ଶତାଧିକ ପୁରୁଷ ଓ ମହିଳା ଶିବିରରେ ପହଞ୍ଚି ପଞ୍ଚାୟତ ଏବଂ ବିଦ୍ୟାଳୟ ଠାରୁ ମାତ୍ର ୩ ଶହ ମିଟର ଦୂରରେ ଥିବା ମଦ ଦୋକାନକୁ ବନ୍ଦ କରିବା ପାଇଁ ବିଡିଓଙ୍କୁ ଦାବିପତ୍ର ଦେଇଥିଲେ। ପାଖରେ ମଦ ଦୋକାନ ଯୋଗୁଁ ପିଲାମାନେ ବିଦ୍ୟାଳୟକୁ ଆସିବା ପାଇଁ ଭୟ କରିବା ସହ ମଦ୍ୟପ ଙ୍କ ଉତ୍ପାତ ଯୋଗୁଁ ରାସ୍ତାରେ ଚଳପ୍ରଚଳ କରିବାକୁ ମହିଳାମାନେ ଭୟ କରୁଛନ୍ତି। ଦୀର୍ଘଦିନ ହେଲା କରି ଆସୁଥିବା ଏହି ସମସ୍ୟା ର ଯଦି ତୁରନ୍ତ ସମାଧାନ ନ ହୁଏ ତେବେ ଉକ୍ତ ମଦ ଦୋକାନକୁ ତାଲା ପକାଇବା ସହ ଆନ୍ଦୋଳନ ତୀବ୍ରତର କରିବା ପାଇଁ ଜୁଆଣିଆ ସରପଞ୍ଚ ସୁବ୍ରତ ନାୟକଙ୍କ ସହ ଶତାଧିକ ପଞ୍ଚାୟତ ବାସୀ ମାନେ ଚେତାବନୀ ଦେଇଛନ୍ତି। ଏଥିସହିତ ଗ୍ରାମରେ ଥିବା ଅଙ୍ଗନବାଡ଼ି ଗୁଡିକରେ ଶୌଚାଳୟ, ମୁଖ୍ୟ ରାସ୍ତା ର ଶୋଚନୀୟ ଅବସ୍ଥା ଆଦି ସମସ୍ୟା ସମ୍ପର୍କରେ ପଞ୍ଚାୟତବାସୀ ଅଭିଯୋଗ କରିଥିଲେ। ଏହି ଜନ ସଚେତନତା ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ ସରକାର ଙ୍କ ଆଭିମୁଖ୍ୟ ଥିଲା ଯେ ଘର ଠୁ ଦୂର ଯଥା ବ୍ଲକ, ତହସିଲ, ଥାନା, କୃଷି ସେବା କେନ୍ଦ୍ର ଆଦିକୁ ଯିବାକୁ ପଡ଼ିବ ନାହିଁ। ନିଜ ପଞ୍ଚାୟତକୁ ପ୍ରଶାସନ ଆସିବ ଅଭିଯୋଗ ଗ୍ରହଣ କରିବାକୁ ଏହି ଯୋଜନାରେ ପ୍ରଥମ ପର୍ଯ୍ୟାୟ ରେ ଆଜି ଜୁଆଣିଆ ପଞ୍ଚାୟତରେ ମୋଟ ୫୦ରୁ ଅଧିକ ଅଭିଯୋଗ ଗ୍ରହଣ କରାଯାଇଥିଲା। ଏଥିରେ ଜନସାଧାରଣଙ୍କ ମୌଳିକ ଆବଶ୍ୟକ ଓ ବ୍ୟକ୍ତିଗତ ସମସ୍ୟା ଯଥା ରାସନ କାର୍ଡ ସଂଶୋଧନ, ପ୍ରଧାନମନ୍ତ୍ରୀ ଆବାସ, ରାସ୍ତା ଓ ଜୋଡ ପୁନଃରୁଦ୍ଧାର ଆଦି ଅଭିଯୋଗ ମାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବ୍ଲକ ପ୍ରଶାସନର ଅନ୍ୟ ସହଯୋଗୀ କାର୍ଯ୍ୟକର୍ତ୍ତା ମାନେ ପରିଚାଳନା କରିଥିଲେ। ସରକାରଙ୍କ ଏପରି କାର୍ଯ୍ୟକ୍ରମ ସାଧାରଣରେ ପ୍ରଶଂସନୀୟ ବୋଲି ମତ ପ୍ରକାଶ ପାଇଛି।

# ଗୋବରୀ ସମ୍ପ୍ରସାରିତ କେନାଲ କଂକ୍ରିଟ କାର୍ଯ୍ୟ ଶିଳାନ୍ୟାସ



ପଟ୍ଟାମୁଣ୍ଡାଇ, ୬।୫(ସମିସ): ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଗଙ୍ଗାରମପୁର ପଞ୍ଚାୟତ ଛୁଆଳିଆ ଶକ୍ତି ପୀଠ ଠାରେ ୨କୋଟି ଟଙ୍କା ବ୍ୟୟରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଗୋବରୀ ସମ୍ପ୍ରସାରିତ କେନାଲ ନଂ ୧ କଂକ୍ରିଟକରଣ ଶିଳାନ୍ୟାସ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ କେନାଲ କଂକ୍ରିଟକରଣର ଶିଳାନ୍ୟାସ କରିବା ସହିତ ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସ୍ଥାନୀୟ ୩ ଟି ପଞ୍ଚାୟତର ଚାଷୀମାନେ ଉପକୃତ ହୋଇପାରିବେ ବୋଲି ପ୍ରକାଶ କରିଥିଲେ। ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଇଂ ସୁନୀଲ ନାୟକ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ନଗର ବିଜେଡି ସଭାପତି ବୁଢା ଲେଙ୍କା ୧୭ନଂ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ବିଶ୍ୱାଳ, ୧୬ନଂ ଜିଲ୍ଲା ପରିଷଦ ପ୍ରତିନିଧି ସ୍ୱପ୍ନ ରଞ୍ଜନ ବେହେରା, ସରପଞ୍ଚ ସଂଘ ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ ବ୍ଲକ ବିଜେଡି ଉପସଭାପତି ଅରକ୍ଷିତ ସାହୁ, ଅରଡ଼ପଲ୍ଲୀ ସରପଞ୍ଚ ବୁଦ୍ଧିରାମ ବେହେରା, ବଳଭଦ୍ରପୁର ସରପଞ୍ଚ କଖାରୁଣୀ ସରପଞ୍ଚ ରମେଶ ମଲ୍ଲିକ ଶାସନ ସରପଞ୍ଚ ସଂଗ୍ରାମ ବାରିକ ଶିକ୍ଷା ବିତ ଅଜାମ୍ବର ପ୍ରଧାନ ଯୁବନେତା ଦିଲ୍ଲୀପ ଜେନା ବରିଷ୍ଠ ନେତା ଯଦୁମଣି ଦାସ ସମିତି ସଭ୍ୟ ବିଶ୍ୱଭୂଷଣ ଭୂୟାଁ, ସୁବାସ ବାରିକ ପର୍ଶୁରାମ ବେହେରା ମାନସ ମଲ୍ଲିକ ପ୍ରତାପ ସେଠୀ, ରାମ ଚନ୍ଦ୍ର ରାଉତ ପ୍ରମୋଦ ଗାହାଣ ସୁବାଷ ଖଟୁଆ କୈଳାଶ ସିଂ ଟୁବୁଲି ଚୌଧୁରୀ ସୁମନ୍ତ ଦାସ ପ୍ରଭାତ ପ୍ରଧାନ ଅଶୋକ ପରିଡ଼ା ସଂଗ୍ରାମ ସ୍ୱାଇଁ ଶଶୀକାନ୍ତ ପଣ୍ଡା ପ୍ରେମାନନ୍ଦ ସେଠୀ ପ୍ରମୁଖ ବହୁ ବିଜେଡି ନେତା କର୍ମକର୍ତ୍ତା ସ୍ଥାନୀୟ ଲୋକପ୍ରତିନିଧି ମାନ୍ୟଗଣ୍ୟ ବ୍ୟକ୍ତି ଓ ଜନସାଧାରଣ ଯୋଗ ଦେଇଥିଲେ।

**● ସରକାରୀ ଯୋଜନାରୁ ବଞ୍ଚିତ ସାଧାରଣ ଜନତା**

# ଅଭିଯୋଗକାରୀଙ୍କୁ ଦେଖା ଦେଉନାହାନ୍ତି ବିଡିଓ

ରଘୁନାଥପୁର, ୬।୫(ସମିସ): ଜଗତସିଂହପୁର ଜିଲ୍ଲା ରଘୁନାଥପୁର ବ୍ଲକରେ ବର୍ତ୍ତମାନ ଏକ ପ୍ରକାର ଅଚଳ ଅବସ୍ଥା ସୃଷ୍ଟି ହୋଇଛି। ସରକାରୀ ଯୋଜନାରୁ ବଞ୍ଚିତ ହେଉଛନ୍ତି ସାଧାରଣ ଜନତା। ଅଭିଯୋଗ କରିବାକୁ ଆସୁଥିବା ଲୋକଙ୍କୁ ବିଡିଓ ଦେଖା ଦେଉନଥିବା ସମ୍ପର୍କରେ ରଘୁନାଥପୁର ବ୍ଲକ ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁପ୍ରଭା ସ୍ୱାଇଁ ବୁଧବାର ବ୍ଲକ ସମ୍ମୁଖରେ ଅଭିଯୋଗ କରିଛନ୍ତି। ଫଳରେ ସାଧାରଣ ଲୋକ ମାନଙ୍କ କୌଣସି କାର୍ଯ୍ୟ ହୋଇ ପାରୁନଥିବା ସେ ଅଭିଯୋଗ କରିଛନ୍ତି। ନିଜର ଆପତ୍ତି ଅଭିଯୋଗକୁ ନେଇ ରଘୁନାଥପୁର ବିଜେପି ମହିଳା ମୋର୍ଚ୍ଚାର ସଭାନେତ୍ରୀ କିଛି ମହିଳାଙ୍କୁ ନେଇ ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କୁ ଦେଖା କରିବା ପାଇଁ ଆସିଥିଲେ। ବିଡିଓଙ୍କ ଚାମ୍ବରରେ କିଛି ପଞ୍ଚାୟତର ଜନପ୍ରତିନିଧିମାନେ ଭିଡ଼ ଜମାଇ ରହିଥିବାରୁ ଦୀର୍ଘ ସମୟଧରି ସେମାନଙ୍କୁ ଅପେକ୍ଷା କରିବାକୁ ପଡ଼ିଥିବା ସେମାନେ ଗଣମାଧ୍ୟମରେ ନିଜର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହି ବ୍ଲକରେ କୌଣସି ସାଧାରଣ ଲୋକଙ୍କ କାର୍ଯ୍ୟ ହେଉନଥିବା ଓ ରଘୁନାଥପୁର ବ୍ଲକରେ ମୋ ଗୁହାଳ ଯେଉଁମାନେ ତିଆରି କରିଛନ୍ତି ସେମାନେ ବିଲ୍ ପାଉନଥିବା ଜଣାଇବା ପାଇଁ ଆସିଥିଲେ। ଦୀର୍ଘ ସମୟ ଧରି କିଛି ନିର୍ଦ୍ଦିଷ୍ଟ ପଞ୍ଚାୟତ ପ୍ରତିନିଧିଙ୍କ ସହିତ ଆଲୋଚନାରତ ରହୁଥିବା ଏବଂ ସର୍ବୋପରି ବିଡିଓ କିଛି ବି ସହଯୋଗ କରିବା ପାଇଁ ସିଧାସିଧା ମନା କରିଦେବା ଘଟଣା ବ୍ଲକ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ସଭାନେତ୍ରୀ ସ୍ୱାଇଁ ଅଭିଯୋଗ କରିଥିଲେ। ଏଥି ସହିତ ବ୍ଲକ କର୍ମଚାରୀଙ୍କ ଉପରେ ବିଡିଓଙ୍କ କୌଣସି ଅଙ୍କୁଶ ନଥିବାରୁ ବହୁ ସମୟରେ ଲୋକମାନେ ସେହି କର୍ମଚାରୀମାନଙ୍କୁ ନିଜ ସିଟରେ ନପାଇ ଫେରୁଥିବା କହିଥିଲେ। ଏ ସମ୍ପର୍କରେ ବିଡିଓ ବେହେରାଙ୍କୁ ପଚାରିବାରୁ ସେ କୁହନ୍ତି ଯେ ଯେହେତୁ ପଞ୍ଚାୟତ ପ୍ରତିନିଧିମାନେ ଉକ୍ତ ସମୟରେ ଘେରଉ କରିଥିଲେ, ସେଥିପାଇଁ ଭେଟିବାରେ କିଛି ସମୟ ଲାଗିଲା ବୋଲି ବିଡିଓ ବେହେରା ପ୍ରକାଶ କରିଥିଲେ। ଏଥି ସହ ସରକାରଙ୍କ ନିଷ୍ପତ୍ତି କ୍ରମେ ପ୍ରତି ସୋମବାର ଲୋକ ମାନଙ୍କ ଆପତ୍ତି ଅଭିଯୋଗର ଶୁଣାଣି କରାଯାଉଛି। ଅନ୍ୟ ଦିନମାନଙ୍କରେ ଯଦି କାହାର ଆପତ୍ତି ଅଭିଯୋଗ ଥାଏ ତେବେ ସେ ମୋ ସହିତ ଯୋଗାଯୋଗ କରି ସମୟ ନେବା କଥା ଯାହାକି ଗତକାଲି ଅନୁରୂପ ଭାବେ ପଞ୍ଚାୟତ ପ୍ରତିନିଧିମାନେ ମୋ ସହିତ ଯୋଗାଯୋଗ କରି ସମୟ ନେଇଥିଲେ। ଏଥି ସହିତ ବ୍ଲକ କର୍ମଚାରୀମାନେ ନିଜ ସିଟରେ ଅନୁପସ୍ଥିତ ରହୁଥିବା ଘଟଣାର ସତ୍ୟାସତ୍ୟ ସେ ପରଖି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଥିଲେ। ଅପରପକ୍ଷେ ବର୍ତ୍ତମାନ ପଞ୍ଚାୟତମାନଙ୍କରେ କୌଣସି କାର୍ଯ୍ୟ ହୋଇ ପାରୁନଥିବାରୁ ଏ ବାବଦରେ ବିଡିଓଙ୍କ ସହିତ ବିସ୍ତୃତ ଆଲୋଚନା କରାଯାଉଥିଲା ବୋଲି ପଞ୍ଚାୟତ ପ୍ରତିନିଧି ମାନେ ଗଣମାଧ୍ୟମ ନିକଟରେ ପ୍ରକାଶ କରିଥିଲେ।

# ଅରଡ଼ପଲ୍ଲୀରେ ମହିଳା ଅଧିକାର ଅଭିଯାନ ସମାବେଶ






ପଟ୍ଟାମୁଣ୍ଡାଇ, ୬।୫(ସମିସ): ରାଜ୍ୟ ବିଜେଡି ସୁପ୍ରିମୋ ନବୀନ ପଟନାୟକଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ବିଜେଡି ପକ୍ଷରୁ ବ୍ଲକ ସ୍ତରୀୟ ମହିଳା ଅଧିକାର ଅଭିଯାନ ସମାବେଶ ଅନୁଷ୍ଠିତ ହୋଇଯାଇଛି ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ସମାବେଶରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରବାଦପୁରୁଷ ବିଜୁ ପଟନାୟକ ଓ ବିଜେଡି ସୁପ୍ରିମୋ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟନାୟକ ମହିଳା ସଶକ୍ତିକରଣ କ୍ଷେତ୍ରରେ ସାରା ଭାରତରେ ଉଦାହରଣ ସୃଷ୍ଟି କରିଛି ଓ ବିଜେଡି ସୁପ୍ରିମୋ ନବୀନ ପଟନାୟକଙ୍କ ନେତୃତ୍ୱରେ ବିଜେଡିର ମହିଳା ଅଧିକାର ଅଭିଯାନ କାର୍ଯ୍ୟକ୍ରମ ଜାରି ରହିବ ବୋଲି ବିଧାୟକ ଶ୍ରୀସାହୁ ପ୍ରକାଶ କରିଥିଲେ ଓ ଏହି ମହିଳା ସମାବେଶରେ ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ରୋଶନା ସାହୁ, କେନ୍ଦ୍ରାପଡ଼ା ପୌର ପରିଷଦ ଅଧ୍ୟକ୍ଷା ସରିତା ସାହୁ, ପଟ୍ଟାମୁଣ୍ଡାଇ ବ୍ଲକ ଅଧ୍ୟକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ନଗର ବିଜେଡି ସଭାପତି ବୁଢା ଲେଙ୍କା ନଗର ମହିଳା ସଭାନେତ୍ରୀ ଲାସ୍ୟମୟୀ ସାହୁ, ବିଲିକଣା ସରପଞ୍ଚ ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ ଶ୍ରୀରାମପୁର ସରପଞ୍ଚ ସସ୍ମିତା ସେଠୀ, ବଡ଼ମୋହନପୁର ସରପଞ୍ଚ ଯଶୋମତି ରାଉତ ବଡ଼ପଡ଼ା ସରପଞ୍ଚ ଅନନ୍ୟା ପ୍ରିୟଦର୍ଶନୀ ସେଠୀ ବାଛରା ସରପଞ୍ଚ ରଞ୍ଜିତା ସାହୁ ଡାମରପୁର ସରପଞ୍ଚ ଅନୁସୂୟା ନାଥ ପୂର୍ବତନ ସରପଞ୍ଚ ମିନତୀ ପାତ୍ର ପୁଷ୍ପଲତା ଗାହାଣ ୧୭ନଂ ଜିଲ୍ଲା ପରିଷଦ ସଦସ୍ୟ ରଞ୍ଜନ ବିଶ୍ୱାଳ ବିଶ୍ୱାଳ, ୧୬ନଂ ଜିଲ୍ଲା ପରିଷଦ ପ୍ରତିନିଧି ସ୍ୱପ୍ନ ରଞ୍ଜନ ବେହେରା, ବ୍ଲକ ବିଜେଡି ଉପସଭାପତି ଅରକ୍ଷିତ ସାହୁ ଅରଡ଼ପଲ୍ଲୀ ସରପଞ୍ଚ ବୁଦ୍ଧିରାମ ବେହେରା, ବଳଭଦ୍ରପୁର ସରପଞ୍ଚ କଖାରୁଣୀ ସରପଞ୍ଚ ରମେଶ ମଲ୍ଲିକ ଶାସନ ସରପଞ୍ଚ ସଂଗ୍ରାମ ବାରିକ ଶିକ୍ଷାବିତ ଅଜାମ୍ବର ପ୍ରଧାନ ଯୁବନେତା ଦିଲ୍ଲୀପ ଜେନା ବରିଷ୍ଠ ନେତା ଯଦୁମଣି ଦାସ ସମିତି ସଭ୍ୟ ବିଶ୍ୱଭୂଷଣ ଭୂୟାଁ, ସୁବାଷ ବାରିକ ପର୍ଶୁରାମ ବେହେରା ମାନସ ମଲ୍ଲିକ ପ୍ରତାପ ସେଠୀ, ରାମ ଚନ୍ଦ୍ର ରାଉତ ପ୍ରମୋଦ ଗାହାଣ ସୁବାଷ ଖଟୁଆ କୈଳାଶ ସିଂ ଟୁବୁଲି ଚୌଧୁରୀ ସୁମନ୍ତ ଦାସ ପ୍ରଭାତ ପ୍ରଧାନ ଅଶୋକ ପରିଡ଼ା ସଂଗ୍ରାମ ସ୍ୱାଇଁ ଶଶୀକାନ୍ତ ପଣ୍ଡା ପ୍ରେମାନନ୍ଦ ସେଠୀ ପ୍ରମୁଖ ବହୁ ମହିଳା ବିଜେଡି ଯୁବ ବିଜେଡି ଓ ବିଜେଡି ନେତା କର୍ମକର୍ତ୍ତା ସ୍ଥାନୀୟ ଲୋକପ୍ରତିନିଧି ଓ ଜନସାଧାରଣ ଯୋଗ ଦେଇଥିଲେ।

# ସମସ୍ୟା ଘେରରେ କେତୁଆପାଳ ପଞ୍ଚାୟତ, ମିଳୁନି ପାନୀୟଜଳ

ଗୋବିନ୍ଦପୁର, ୬।୫(ସମିସ)




ଆଳି ବ୍ଲକ କେତୁଆ ପାଳ ପଞ୍ଚାୟତରେ ମୁଖ୍ୟତଃ ପାନୀୟ ଜଳ ସମସ୍ୟା ଦେଖା ଦେଇଛି। ଚାଷ ପାଇଁ ଜଳସେଚନ ନିତ୍ୟାନ୍ତ ଆବଶ୍ୟକ। କେତୁଆପାଳ, ପାନପେଣ୍ଠ, ହିଞ୍ଜିଳି ଓ ଗୁଣ୍ଡୁଦିଆ ଗ୍ରାମକୁ ନେଇ କେତୁଆ ପାଳ ପଞ୍ଚାୟତ ଗଠିତ। ଏହି ପଞ୍ଚାୟତରେ ୧୩ ଟି ୱାର୍ଡ଼ ରହିଛି। ଜଳ ନିଷ୍କାସନ ସମସ୍ୟା ହେଉଥିବାରୁ ପାନପେଣ୍ଠ ଗ୍ରାମ, ହିଞ୍ଜଳ ମଙ୍ଗଳା ମନ୍ଦିର ନିକଟ, ଗୁଣ୍ଡୁଦିଆ ଗ୍ରାମରେ ଡ୍ରେନେଜ୍ ନିତ୍ୟାନ୍ତ ଆବଶ୍ୟକ। ପଞ୍ଚାୟତରେ ପାଣି ସମସ୍ୟା ଉତ୍କଟ ଅଧିକାଂଶ ପରିବାରକୁ ପ୍ରକଳ୍ପ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଫଳରେ ପାଣି ପାଇଁ ଲୋକେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳୁଛି। ପାନପେଣ୍ଠ ଗ୍ରାମରେ ବସୁଧା ଯୋଜନାରେ ନିର୍ମାଣ ଚାଲିଥିଲେ ମଧ୍ୟ ଏହା ସମ୍ପୂର୍ଣ୍ଣ ହୋଇନାହିଁ। କେତୁଆ ପାଳ ଗ୍ରାମରେ ନୂତନ ଟାଙ୍କି ବସାଇବାକୁ ଦାବି ହୋଇ ଆସୁଥିଲେ ମଧ୍ୟ ଏହା କାର୍ଯ୍ୟକାରୀ ହୋଇନାହିଁ। ପାନପେଣ୍ଠ ଗ୍ରାମରେ ଏକ ନୂତନ ଅଘନ ବାଡ଼ି ଗୃହ ପାଇଁ ଦାବି ହେଉଛି। ଏହି ଅଞ୍ଚଳରେ ଅଧିକାଂଶ ଲୋକେ ଚାଷ ଉପରେ ନିର୍ଭର କରି ଚଳୁଥିବା ବେଳେ ଏଠାରେ ଜଳ ସେଚନ ପ୍ରକଳ୍ପ ନ ଥିବାରୁ ଚାଷ ପାଇଁ ସମସ୍ୟା ହେଉଥିବା ଚାଷୀ ମାନେ ଅଭିଯୋଗ କରିଛନ୍ତି। ଏଠାରେ ଜଳ ସେଚନ ପ୍ରକଳ୍ପ ବ୍ୟବସ୍ଥା କରିବାକୁ ଚାଷୀ ମାନେ ଦାବି କରିଛନ୍ତି। ପାନପେଣ୍ଠ ଠାରୁ କେତୁଆ ପାଳ ଗ୍ରାମ ପର୍ଯ୍ୟନ୍ତ ଖରସ୍ରୋତା ନଦୀବନ୍ଧ ରାସ୍ତା ଆଲୋକୀକରଣ କରିବାକୁ ଦାବି ହେଉଛି। ସମସ୍ୟା ବହୁଳ କେତୁଆ ପାଳ ପଞ୍ଚାୟତର ସମସ୍ୟା ଦୂର କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି।

# ପାରାଦୀପରେ ବଢୁଛି ନିଶାଡ଼ିଙ୍କ ଦୌରାତ୍ମ୍ୟ



ପାରାଦୀପ, ୬।୫(ସମିସ): ପାରାଦ୍ୱୀପରେ ଦିନକୁ ଦିନ ନିଶାସକ୍ତ ଯୁବକମାନଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ଏହି ନିଶାଶକ୍ତ ଯୁବକଙ୍କୁ ଦେଖି ସାଧାରଣ ଲୋକମାନଙ୍କ ମଧ୍ୟରେ ଭୟ ଓ ଅସୁରକ୍ଷାର ପରିବେଶ ସୃଷ୍ଟି ହେଉଛି। ବିଶେଷ କରି ଝିଅ ଓ ମହିଳାମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି। ଗତ ରାତିରେ ଜେବି କଲୋନୀର ଜଣେ ୭୦ ବର୍ଷୀୟା ବୃଦ୍ଧାଙ୍କୁ ମଧୁବନ ଅଫିସର୍ସ କ୍ଲବ ନିକଟରେ ଜଣେ ନିଶାସକ୍ତ ଯୁବକ ଅସଦାଚାରଣ କରିବା ସହ ଅପମାନଜନକ ଓ ଅପରାଧମୂଳକ ଉଦ୍ଦେଶ୍ୟରେ ଏହି କାଣ୍ଡ ଘଟିଥିବା କୁହାଯାଉଛି। ତଥାପି ବୃଦ୍ଧା ମହିଳାଙ୍କ ଚିତ୍କାର ଶୁଣି ପାଖପାଖି ଲୋକମାନେ ଦୃତ ଗତିରେ ଘଟଣାସ୍ଥଳକୁ ପହଞ୍ଚି ଯୁବକଟିକୁ ଧରି ପୁଲିସ ହାତେ ସମର୍ପଣ କରିଥିଲେ। ପରେ ତାଙ୍କୁ ଥାନାକୁ ନେଇ ପଚରାଉଚରା କରି ଅଟକ ରଖା ଯାଇଛି। ଏହି ଘଟଣା ପରେ ସବୁଠୁ ବଡ଼ ପ୍ରଶ୍ନ ଉଠୁଛି ପାରାଦୀପରେ ଏହି ଡ୍ରଗ୍ସ ନିଶା କିପରି ପ୍ରବେଶ କରୁଛି। ସ୍ଥାନୀୟ ଲୋକମାନେ ପଚାରୁଛନ୍ତି, ସାଧାରଣ ଜୀବନ ଓ ମହିଳାଙ୍କ ସୁରକ୍ଷା କେତେଦୂର ସୁନିଶ୍ଚିତ। ପ୍ରଶାସନ ଏହାକୁ ଗୁରୁତ୍ୱ ସହ ନେଇ ଶୀଘ୍ରକଡା ପଦକ୍ଷେପ ନେବା ଆବଶ୍ୟକ ବୋଲି ଜନସାଧାରଣ ଦାବି କରୁଛନ୍ତି। ବର୍ତ୍ତମାନ ପାରାଦୀପ ଥାନାରେ ଜଣେ ମହିଳା ଥାନା ଅଧିକାରୀ ଓ ଆଡିସିନାଲ ଏସ୍‌ପି ଭାବେ ଜଣେ ଆଇପିଏସ ଅଧିକାରୀ ନିଯୁକ୍ତ ଥିବାରୁ, ଆଇନ-ଶୃଙ୍ଖଳା ସୁଦୃଢ଼ ହେବ ବୋଲି ଲୋକମାନଙ୍କ ଆଶା ଓ ବିଶ୍ୱାସ ବଢ଼ିଛି। ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ନିଶା ସେବନକୁ ବିରୋଧ କରି ବିଭିନ୍ନ ସଚେତନତା ମୂଳକ ପଦକ୍ଷେପ ମଧ୍ୟ ନିଆଯାଉଛି। ସମାଜର ସୁରକ୍ଷା ପାଇଁ ପୋଲିସ ପ୍ରଶାସନ, ସ୍ଥାନୀୟ ସଂଗଠନ ଓ ସାଧାରଣ ନାଗରିକଙ୍କ ପ୍ରୟାସ ହିଁ ପରିବର୍ତ୍ତନ ଆଣିଦେବ। ହେଲେ ପାରାଦୀପକୁ ଏଭଳି ନିଶାଶକ୍ତଙ୍କ କବଳରୁ କେବେ ମୁକ୍ତ ହେବ ତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

# ବେଆଇନ ବନ୍ଧୁକ କାରବାର ଅଭିଯୋଗରେ ୨ ଗିରଫ

ଝାରସୁଗୁଡା, ୬।୫ (ସମିସ)

ଝାରସୁଗୁଡା ପୋଲିସ ପକ୍ଷରୁ ଜିଲ୍ଲାରେ ଅପରାଧ ନିୟନ୍ତ୍ରଣ ସହିତ ବେଆଇନ କାର୍ଯ୍ୟ ରୋକିବା ନେଇ "ଅପରେସନ ନେତ୍ର' ଜାରି ରହିଛି। ବେଆଇନ ବନ୍ଧୁକ କାରବାର ରୋକିବାରେ ବ୍ରଜରାଜନଗର ଓ ଓରିଏଣ୍ଟ ଥାନା ପୋଲିସକୁ ଅପରେସନ ନେତ୍ରରେ ପୁଣି ଏକ ସଫଳତା ମିଳିଛି। ବେଆଇନ ବନ୍ଧୁକ କାରବାରରେ ୨ ଜଣଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୮ ଜୀବନ୍ତ ଗୁଳି ସହ ୪ ବନ୍ଧୁକ ଜବତ କରାଯାଇଥିବା ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡୀ ରାଘବେନ୍ଦ୍ର ସବିଶେଷ ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ବିହାର ରାଜ୍ୟରୁ ବନ୍ଧୁକ ଆଣି ଝାରସୁଗୁଡାର ବିଭିନ୍ନ ଅଞ୍ଚଳରେ ବେଆଇନ ବନ୍ଧୁକ କାରବାର ଚାଲିଥିବା ଖବର ପାଇ ବ୍ରଜରାଜନଗର ଓ ଓରିଏଣ୍ଟ ପୋଲିସକୁ ନେଇ ଗଠିତ ସ୍ୱତନ୍ତ୍ର ଟିମ ତଦନ୍ତ କରି ବେଆଇନ ବନ୍ଧୁକ କାରବାର କରୁଥିବା ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଦୁଇ ଅଭିଯୁକ୍ତ ବ୍ରଜରାଜନଗର



ଥାନା ଗଙ୍ଗାନଗରର ଆଦର୍ଶ ଦୁବେ ଓରଫ ବିଟ୍ଟୁ(୩୨) ଓ ଓରିଏଣ୍ଟ ଥାନା ପୋଲିସ ପକ୍ଷରୁ ଓରିଏଣ୍ଟ ଥାନା ମହାବୀରନଗରର ଏମ୍‌ଡି ରଫିକ ଅଂସାରି (୨୭) ହୋଇଥିବା ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି। ଅଭିଯୁକ୍ତ ଆଦର୍ଶ ଦୁବେ ନିକଟରୁ ଗୋଟିଏ ୭.୬୫ ଏମ ଏମ ବନ୍ଧୁକ, ୨ ଟି ଦେଶୀ ବନ୍ଧୁକ, ୪ ଟି ଜୀବନ୍ତ ଗୁଳି ଏବଂ ଏମଡ଼ି ରଫିକ ଅଂସାରି ନିକଟରୁ ଗୋଟିଏ ୭.୬୫ ଏମ ଏମ ବନ୍ଧୁକ, ୪ଟି ଜୀବନ୍ତ ଗୁଳି, ଏକ ବାଇକ, ଗୋଟିଏ ମୋବାଇଲ ଫୋନ୍‌କୁ ଜବତ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଗିରଫ ଅଭିଯୁକ୍ତଙ୍କ ନାମରେ ପୂର୍ବରୁ ବିଭିନ୍ନ

## ୮ ଅଫୁଟା ଗୁଳି ସହ ୪ ବନ୍ଧୁକ ଜବତ

ଥାନାରେ ଏକାଧିକ ମାମଲା ରହିଥିବା ବେଳେ ବେଆଇନ ବନ୍ଧୁକ କାରବାର ମାମଲା ରୋକିବା ନେଇ ଅଧିକ ତଦନ୍ତ ଜାରିରହିଥିବା ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡା ଆରକ୍ଷୀ ଅଧିକ୍ଷକ ସୂଚନା ଦେଇଛନ୍ତି। ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଝାରସୁଗୁଡା ଏସ୍‌ପିଙ୍କ ସମେତ ବ୍ରଜରାଜନଗର ଏସଡ଼ିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଥାନାଧିକାରୀ ଧବେଳେଶ୍ୱର ସାହୁ, ଓରିଏଣ୍ଟ ଥାନା ନବ ନିଯୁକ୍ତ ଥାନାଧିକାରୀ ତୁଶାରକାନ୍ତ ମହାନ୍ତି, ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ୫୦ ଯକ୍ଷ୍ମାରୋଗୀଙ୍କୁ ପୋଷ୍ୟଗ୍ରହଣ କଲେ ସ୍ୱେଚ୍ଛାସେବୀ



**ଅତାବିରା, ୬।୫ (ସମିସ):** ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ନୂତନ ଭାବେ ବ୍ଲକର ବିଭିନ୍ନ ଗ୍ରାମର ୫୦ରୁ ଉର୍ଦ୍ଧ୍ୱ ଯକ୍ଷ୍ମାରୋଗୀଙ୍କୁ ଚିହ୍ନଟ କରାଯାଇ ଗୋଡ଼ଭଗା, ଅତାବିରା ଏବଂ ସମ୍ବଲପୁର ଲାୟନ୍ସ କ୍ଲବ୍ ପୋଷ୍ୟରୂପେ ଗ୍ରହଣ କରିଛି। କେନ୍ଦ୍ର ସରକାରଙ୍କ "ନିକ୍ଷୟ ମିତ୍ର' ମାନ୍ୟତାରେ ସ୍ୱେଚ୍ଛାସେବୀମାନେ ଏହି ରୋଗାଗ୍ରସ୍ତଙ୍କୁ ୬ମାସର ଚିକିତ୍ସାଧୀନ ସମୟରେ ପୁଷ୍ଟିକର ଖାଦ୍ୟ ସାମଗ୍ରୀର ସହଯୋଗ କରିବେ। ଅତାବିରା ମେଡିକାଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ରବିନାରାୟଣ ମିଶ୍ର ଉପସ୍ଥିତ ଯକ୍ଷ୍ମା ପୀଡ଼ିତଙ୍କୁ ସଚେତନତା ବାର୍ତ୍ତା, ମନୋବଳ ବୁଝାଇଥିଲେ। ଏଥିରେ ଅନ୍ୟତମ ଅତିଥିଭାବେ ଡା.ଚିତ୍ତରଞ୍ଜନ ଜେନା, ପ୍ରଭାସ କୁମାର ରଥ, ସନ୍ତୋଷ କୁମାର ପୁରୋହିତ, ଦେବବ୍ରତ ରଥ, ସମ୍ବଲପୁର ଲାୟନ୍ସ କ୍ଲବର ଲାୟନ ରୀନା ପୁରୀ, ଯୁଗ୍ମ ସମ୍ପାଦିକା ସରୀତା ଶତପଥୀ, ସମ୍ବଲପୁର ଜିଲ୍ଲା ଗଭର୍ଣ୍ଣର ଚରଞ୍ଜିତ କୌର ହୁରା (ପ୍ରଥମ ଡିଡିଜି) ଯୋଗଦେଇ ୫୦ ଜଣ ଯକ୍ଷ୍ମା ପୀଡ଼ିତଙ୍କୁ ପୌଷ୍ୟ ଭାବେ ଗ୍ରହଣ କରି ସେମାନଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ କରିଥିଲେ। ଅତାବିରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଡା. ଚିତ୍ତରଞ୍ଜନ ଜେନାଙ୍କ ପ୍ରଚେଷ୍ଟାରେ ଯକ୍ଷ୍ମା ଆକ୍ରାନ୍ତଙ୍କୁ ସହାୟତା ପାଇଁ ବହୁ ସ୍ୱେଚ୍ଛାସେବୀ ଆଗେଇ ଆସିଥିବାରେ ସାଧାରଣରେ ପ୍ରଶଂସା କରାଯାଉଛି।

## ଯୁବକଙ୍କୁ ଗଳା କାଟି ହତ୍ୟା | ଅଭିଯୁକ୍ତ ପଡୋଶୀ ଗିରଫ

**ଝାରସୁଗୁଡା, ୬।୫ (ସମିସ):** ଝାରସୁଗୁଡା ଜିଲ୍ଲା ଲଖନପୁର ଥାନା ସୁଲଦିଆ ଲାଲୁମୁଣ୍ଡା ଗାଁରେ ଘର ବାରଣ୍ଡାରେ ଶୋଇଥିବା ପ୍ରଦୀପ ଭୋଇଙ୍କୁ ଗଳାକାଟି ହତ୍ୟା କରାଯାଇଛି। ଏହି ଘଟଣାରେ ଅଭିଯୁକ୍ତକୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ପ୍ରଦୀପଙ୍କ ପଡୋଶୀ ନୀଳମଣି ଭୋଇ ହୋଇଥିବା ନେଇ ଝାରସୁଗୁଡା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି।

ମଙ୍ଗଳବାର ରାତିରେ ପ୍ରଦୀପ ଘର ବାରଣ୍ଡାରେ ଶୋଇଥିବାବେଳେ ଭୋର ପ୍ରାୟ ୩ ଟାରେ ନୀଳମଣି ଏକ ଧାରୁଆ ଟାଙ୍ଗିଆରେ ପ୍ରଦୀପଙ୍କୁ ଆକ୍ରମଣ କରିଥିଲା। ବାରମ୍ବାର ଟାଙ୍ଗିଆ ଚୋଟ ମାରିବା ଯୋଗୁଁ ପ୍ରଦୀପଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଥିଲା। ନୀଳମଣି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା। ଝାରସୁଗୁଡା ଏସପି, ବ୍ରଜରାଜନଗର ଏସଡିପିଓଙ୍କ ସହ ଲଖନପୁର ପୁଲିସ, ସାଇଣ୍ଟିଫିକ ଟିମ୍

### ସାନ ଭାଇକୁ ବଡ଼ ଭାଇ ଭାବି ହତ୍ୟା କରିଥିଲା

ଡଗ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହ ହତ୍ୟାରେ ବ୍ୟବହୃତ ଟାଙ୍ଗିଆ ଜବତ କରିଛି। ଅଭିଯୁକ୍ତ ନୀଳମଣିକୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ସୂଚନାଅନୁଯାୟୀ, କିଛି ମାସ ପୂର୍ବରୁ ନୀଳମଣି ଏବଂ ଉତ୍ତମ ମଧ୍ୟରେ ଝଗଡା ହୋଇଥିଲା। ଏହାର ପ୍ରତିଶୋଧ ନେବା ପାଇଁ ନୀଳମଣି ଉତ୍ତମକୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ଉତ୍ତମ ପ୍ରତିଦିନ ଘର ବାରଣ୍ଡାରେ ଶୋଉଥିଲେ। ତେଣୁ ଶୋଇଥିବା ଅବସ୍ଥାରେ ତାଙ୍କୁ ହତ୍ୟା



କରିବା ପାଇଁ ଅଭିଯୁକ୍ତ ଯୋଜନା କରିଥିଲେ। କିନ୍ତୁ ଦୁଇ ଦିନ ହେବ ଉତ୍ତମ ଘର ଭିତରେ ଶୋଉଥିବା ବେଳେ ତାଙ୍କ ସାନ ଭାଇ ପ୍ରଦୀପ ଘର ବାରଣ୍ଡାରେ ଶୋଉଥିଲେ। ପ୍ରଦୀପକୁ ଉତ୍ତମ ଭାବି ନୀଳାମଣି ହତ୍ୟା କରିଥିବା ନେଇ ଝାରସୁଗୁଡା ଆରକ୍ଷୀ ଅଧିକ୍ଷକ ଗୁଣ୍ଡାଲା ରେଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି।

## ଅଟଳ ବସ୍‌ଷ୍ଟାଣ୍ଡ ଓ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ଜିଲ୍ଲାପାଳ

**ଝାରସୁଗୁଡା, ୬।୫ (ସମିସ):** ଝାରସୁଗୁଡା ଜିଲ୍ଲାପାଳ କୁଣାଲ ମୋତିରାମ ଚୌହ୍ୱାଣ ମଙ୍ଗଳବାର ବ୍ରଜରାଜନଗର ଗସ୍ତରେ ଯାଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହି ଅବସରରେ ବ୍ରଜରାଜନଗର କଲେଜ ରୋଡ଼ ନିକଟରେ ପ୍ରସ୍ତାବିତ ଅଟଳ ବସଷ୍ଟାଣ୍ଡ ନିର୍ମାଣ ସମ୍ବନ୍ଧରେ ଖଲିଆକାନି ଗ୍ରାମବାସୀଙ୍କ ସହିତ ବିସ୍ତୃତ ଆଲୋଚନା କରିଥିଲେ। ଆଲୋଚନା ପରେ ଉକ୍ତ ସ୍ଥାନଟି ସମସ୍ତ ଦୃଷ୍ଟିରୁ ଉପଯୁକ୍ତ ବୋଲି ବିବେଚନା କରାଯାଇଥିଲା। ଏହି ଗସ୍ତ ସମୟରେ ଝାରସୁଗୁଡା ତହସିଲଦାର ସଦାକର କୁମ୍ଭାର, ବ୍ରଜରାଜନଗର ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁ, ଗ୍ରାମବାସୀଙ୍କ ପକ୍ଷରୁ ମହେନ୍ଦ୍ର ନାୟକଙ୍କ ସମେତ ଅନ୍ୟାନ୍ୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଏହା ସହିତ ଜିଲ୍ଲାପାଳ ବଡେଇକଣ୍ଟା ଓ ନୂଆଡ଼ିହି ପୋଖରୀରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟ ସ୍ଥଳ ପରିଦର୍ଶନ କରି ସେଥିରେ ଗତିଶୀଳତା ଓ ଗୁଣଗତ ମାନ ନିଶ୍ଚିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

### ସ୍କୁଟି ଚାଳକକୁ ଗାଡ଼ି ଚଢ଼ାଇ ହତ୍ୟା ଘଟଣା

## ଜେଲ୍ ଗଲା ଅଭିଯୁକ୍ତ ହାଇୱା ଚାଳକ

**ଦେବଗଡ଼, ୬।୫ (ସମିସ):** ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ହାଇୱା ଚଢ଼ାଇ ସ୍କୁଟି ଚାଳକକୁ ହତ୍ୟା ମାମଲାରେ ଆଜି ଦେବଗଡ଼ ଥାନା ପୁଲିସ ଅଭିଯୁକ୍ତ ହାଇୱା ଚାଳକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ଅଦାଲତରେ ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତକୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନା ଅନୁଯାୟୀ, ଗତକାଲି ରିଆମାଳ ଥାନା ମହେନ୍ଦ୍ରପୁର ଗ୍ରାମର କାର୍ତ୍ତିକ ଓରାମ ନିଜ ସ୍ତ୍ରୀ ଗୀତା ମିଞ୍ଜଙ୍କ ସହ ତିଳେଇବଣି ବଜାରକୁ ଆସିଥିଲେ। ସେହି ସମୟରେ ଅଭିଯୁକ୍ତ ହାଇୱା ଚାଳକ ଅସନଲତା ଗ୍ରାମର ସୁଶୀଲ କିଷାନଙ୍କ ସହ କାର୍ତ୍ତିକଙ୍କ କୌଣସି କାରଣକୁ ନେଇ ଯୁକ୍ତିତର୍କ ହୋଇଥିଲା। ବଜାର ସାରି ଉଭୟ କାର୍ତିକ ଓ ତାଙ୍କ ସ୍ତ୍ରୀ ନିଜ ସ୍କୁଟି ଯୋଗେ ମଧ୍ୟାହ୍ନରେ ନିଜ ଗ୍ରାମ ମହେନ୍ଦ୍ରପୁରକୁ ଫେରୁଥିବା ସମୟରେ ଚଟିବରଘାଟ ଗ୍ରାମ ନିକଟରେ ସେମାନଙ୍କ ସ୍କୁଟି ଟାୟାର



ଫଟକରେ ହୋଇଯିବାରୁ ସ୍ୱାମୀ ସ୍ତ୍ରୀ ରାସ୍ତା କଡରେ ସ୍କୁଟି ସହ ଛିଡା ହୋଇଥିଲେ। ହାଇୱା ଚାଳକ ସୁଶୀଲ ସେମାନଙ୍କୁ ପିଛା କରି ସେଠାରେ ପହଞ୍ଚିଥିଲା। କାର୍ତ୍ତିକ ସହ ପୁଣି ଥରେ ଯୁକ୍ତି ତର୍କ ହୋଇଥିଲା। ପରେ ସ୍କୁଟି ପାଖକୁ ଚାଲି ଆସି ଛିଡା ହୋଇଥିବା ବେଳେ ଅଭିଯୁକ୍ତ ସୁଶୀଲ ହାଇୱାକୁ କାର୍ତ୍ତିକଙ୍କ ଉପରେ ଚଢ଼ାଇ ଦେଇ ଫେରାର ହୋଇଯାଇଥିଲା। ଗୁରୁତର କାର୍ତ୍ତିକକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ସୂଚନା ପାଇ ଦେବଗଡ଼ ଥାନା ପୁଲିସ ଫେରାର ହୋଇଯାଉଥିବା ହାଇୱା ସହ ଅଭିଯୁକ୍ତ ସୁଶୀଲକୁ ଜମନକିରା ପୁଲିସ ସହାୟତାରେ ଅଟକ ରଖିଥିଲା। ଆଜି ମୃତଦେହ ବ୍ୟବଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅନ୍ୟ ପକ୍ଷରେ ସାଇଣ୍ଟିଫିକ ଟିମ ପହଞ୍ଚି ଘଟଣାର ଅଧିକ ତଦନ୍ତ କରିଛି।

# ସୁବର୍ଣ୍ଣପୁର ଜିଲ୍ଲାରେ ୨୨ରୁ ରବି ଧାନ କିଣା

**ତରଭା, ୬।୫ (ସମିସ):** ସୁବର୍ଣ୍ଣପୁର ଜିଲ୍ଲାରେ ୨୨ ତାରିଖରୁ ରବି ଧାନ କ୍ରୟ ଆରମ୍ଭ ହେବ। ଏହି ପରିପେକ୍ଷୀରେ ଆଜି ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ୨୦୨୫-୨୬ ରବି ଋତୁ ପାଇଁ ଜିଲ୍ଲା ସ୍ତରୀୟ ଧାନ ସଂଗ୍ରହ କମିଟି (ଡିଏଲପିସି) ବୈଠକ ବସିଥିଲା। ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପରାଜ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଚାଷୀଙ୍କ ସ୍ୱାର୍ଥରକ୍ଷା ଏବଂ ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଗତ ବର୍ଷ ଧାନ କ୍ରୟ ସମୟରେ ଉପୁଜିଥିବା ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ଏଥର ସେଗୁଡିକର ସମାଧାନ କିପରି କରାଯିବ ସେନେଇ ଆଲୋଚନା ହୋଇଥିଲା।



ଚଳିତ କେଏମଏସ ୨୦୨୫-୨୬ ବର୍ଷ ପାଇଁ ସାଧାରଣ ଧାନର କୁଇଣ୍ଟାଲ ପିଛା ମୂଲ୍ୟ ୨୩୬୯ ଟଙ୍କା ଏବଂ ଗ୍ରେଡ୍-ଏ ଧାନ ପାଇଁ ୨୩୮୯ ଟଙ୍କା ଧାର୍ଯ୍ୟ କରାଯାଇଛି। ରବି ୨୦୨୫-୨୬ ପାଇଁ ମୋଟ ୪୨୭୦୨ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଏବର୍ଷ ଧାନ ସଂଗ୍ରହ ପାଇଁ ଜିଲ୍ଲାରେ ୬୬ଟି ପ୍ୟାକ୍ସ (ପିଏସିଏସ୍) ଅଂଶଗ୍ରହଣ କରିବେ। ୧୯ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହେବେ। ଚଳିତ ଋତୁରେ ୫୫ ଜଣ ମିଲର ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବେ। ପି-ପାସ୍ (ଅନଲାଇନ୍ ମୋଡ୍‌ରେ ରିଅଲ୍ ଟାଇମ୍ କ୍ରୟ) ମାଧ୍ୟମରେ କ୍ରୟ କରାଯିବ। ଏଥିପାଇଁ କେନ୍ଦ୍ରୀୟ ଟୋକନ୍ ଜାରି କରାଯିବ। କୃଷକଙ୍କ ପଞ୍ଜୀକୃତ ମୋବାଇଲକୁ ଏସଏମଏସ୍ ପଠାଯିବ। ଆଇରିସ୍ ସ୍କାନର ଦ୍ୱାରା ଆଧାର ପ୍ରମାଣିକରଣ ନିଶ୍ଚିତ କରି ଧାନ କ୍ରୟ କରାଯିବ। ୨୪ରୁ ୪୮ ଘଣ୍ଟା ମଧ୍ୟରେ ଅନଲାଇନ୍ ମୋଡ୍‌ରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଧାନର ମୂଲ୍ୟ (ଏମଏସପି) ଜମା କରାଯିବ। ପ୍ରତି ୭ ଦିନରେ ରିମାଇଣ୍ଡର ମେସେଜ୍ ମଧ୍ୟ ପଠାଯିବ। ଧାନ ସଂଗ୍ରହ କେନ୍ଦ୍ରରେ ଡିଜିଟାଲ ଆର୍ଦ୍ରତା ମିଟର, ୱେ ବ୍ରିଜ୍, ବିଶ୍ଳେଷଣ କିଟ୍, ପଲିଥିନ୍ ତାରପୋଲିନ୍ ଆଦି ଯୋଗାଇ ଦିଆଯିବ। ଚାଷୀଙ୍କ ଲାଗି ପ୍ରତୀକ୍ଷା କକ୍ଷ, ପାନୀୟ ଜଳ, ଆଲୋକ ବ୍ୟବସ୍ଥା, ଶୌଚାଳୟ, ସିସିଟିଭି ଆଦି ବ୍ୟବସ୍ଥା କରାଯିବ। ଧାନ ସଂଗ୍ରହ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଜିଲ୍ଲାପାଳ କହିଥିଲେ। ଧାନ ସଂରକ୍ଷଣ ପାଇଁ ଜିଲ୍ଲାରେ ପର୍ଯ୍ୟାପ୍ତ ସ୍ଥାନର ବ୍ୟବସ୍ଥା କରିବାର ଆବଶ୍ୟକତା ଉପରେ ଜୋର ଦିଆଯାଇଛି। ଗୋଦାମ ଘରର ଅଭାବ ନେଇ କୌଣସି ଅଭିଯୋଗ ନ ଆସିବା, ପ୍ରକୃତ ଚାଷୀ ଧାନ ବିକ୍ରିରେ କୌଣସି ଅସୁବିଧାର ସମ୍ମୁଖୀନ ନ ହେବା ଏବଂ ମଣ୍ଡିରେ ଆବଶ୍ୟକ ଆନୁଷଙ୍ଗିକ ସୁବିଧା ଉପଲବ୍ଧ ରହିବାକୁ ବିଭାଗୀୟ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। କାଳବୈଶାଖୀର ସମ୍ଭାବନା ଥିବାରୁ ମଣ୍ଡିକୁ ଆସୁଥିବା ଧାନ ଯେପରି ନଷ୍ଟ ନ ହୁଏ ସେଥିପାଇଁ ଆରଏମସି କର୍ମଚାରୀ ଓ ଚାଷୀଙ୍କୁ ସତର୍କ ରହିବାକୁ ସେ କହିଥିଲେ। ଧାନ ସଂଗ୍ରହରେ ସ୍ୱଚ୍ଛତା ଆଣିବା ପାଇଁ ସାଟେଲାଇଟ୍ ସର୍ଭେର ସହାୟତା ନିଆଯାଇଛି। ଯେଉଁ ସ୍ଥାନରେ ଧାନ ଚାଷ ହୋଇ ନ ଥିଲେ ମଧ୍ୟ ମିଥ୍ୟା ପଞ୍ଜୀକରଣ କରାଯାଇଥିଲା ସେହିପରି ପ୍ଲଟ୍‌ଗୁଡିକୁ ଚିହ୍ନଟ କରି ବାତିଲ କରାଯାଇଥିବା ବିଷୟ ବୈଠକରେ ସୂଚନା ଦିଆଯାଇଛି। ଏହି ବୈଠକରେ ବୀରମହାରାଜପୁର ବିଧାୟକ ଇଂ ରଘୁନାଥ ଜଗଦଲା, ବଲାଙ୍ଗୀର ସାଂସଦଙ୍କ ପ୍ରତିନିଧି ସାନନ୍ଦ ମେହେର, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ନିରଦ ଦାସ, ସୋନପୁର ବିଧାୟକଙ୍କ ପ୍ରତିନିଧି ମଧୁସୂଦନ ଓତା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ କାଳିଆ ମଲ୍ଲିକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ପ୍ରଶାସନିକ ଅଧିକାରୀ, ଜିଲ୍ଲା ଚାଷୀ ସଂଗଠନର କର୍ମକର୍ତ୍ତା ଏବଂ ମିଲର୍ସ ପ୍ରତିନିଧି ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଶକ୍ତି ଦକ୍ଷତାରେ ଆରଏସପି ବିଦ୍ୟୁତ୍ ବଣ୍ଟନ ବିଭାଗର ପ୍ରଭାବଶାଳୀ ପ୍ରଦର୍ଶନ

**ରାଉରକେଲା, ୬।୫ (ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅନ୍ତର୍ଗତ ବିଦ୍ୟୁତ୍ ବଣ୍ଟନ ବିଭାଗ ୨୦୨୪-୨୫ ଆର୍ଥିକ ବର୍ଷରେ କାର୍ଯ୍ୟ ନିର୍ଭରଯୋଗ୍ୟତା ବୃଦ୍ଧି ସହ ଇନ୍ଧନ ଖର୍ଚ୍ଚ ହ୍ରାସ ଏବଂ ଉନ୍ନତ ସ୍ଥାୟୀ ଶକ୍ତି ପରିଚାଳନାରେ ଉନ୍ନତି ଆଣିଛି। ରଣନୈତିକ ଭାବେ ବିଭାଗର ପ୍ରମୁଖ ସଫଳତା ରୂପେ ଆଲୋଚ୍ୟ ସମୟରେ ଏନଟିପିସି-ସେଲ୍ ପାୱାର କମ୍ପାନୀ ଲିମିଟେଡ୍ (ଏନଏସପିସିଏଲ) ର ୨୫୦ ମେଗା ୱାଟ୍ ଉତ୍ପାଦନକାରୀ ୟୁନିଟ୍ ସହିତ ଗୁରୁତ୍ୱପୂର୍ଣ୍ଣ ଆଇଲ୍ୟାଣ୍ଡ ଯୋଜନାକୁ ସଫଳତାର ସହ ଏଏମଆର ପ୍ରକଳ୍ପ ଅଧୀନରେ ସ୍ଥାପିତ ଏବଂ କାର୍ଯ୍ୟକାରୀ କରାଯାଇଛି। ଏହାର କାର୍ଯ୍ୟାନ୍ୱୟନ ପରେ ବିଭାଗ ରଣନୈତିକ ଭାବରେ ଉପଲବ୍ଧ ଦୁଇଟି ୬୦ ମେଗା ୱାଟ୍ ୟୁନିଟ୍‌କୁ ଆରଏସଡି (ରିମୋଟ୍ ସିଙ୍କ୍ରୋନାଇଜେସନ୍ ଏବଂ ଡିସିଙ୍କ୍ରୋନାଇଜେସନ୍) ମୋଡ୍‌କୁ ସ୍ଥାନାନ୍ତରିତ କରିଛି। ଏହି କାର୍ଯ୍ୟ ନିପୁଣତା କୋଇଲା ବ୍ୟବହାରକୁ ଯଥେଷ୍ଟ ହ୍ରାସ କରି କାରଖାନା ପାଇଁ ବାର୍ଷିକ ୪୮ କୋଟି ଟଙ୍କା ସଞ୍ଚୟ ଆଣିଦେଇଛି। ଏକ ସଘନ ଚିନ୍ତାଧାରା ରୂପେ ବିଭାଗ, ନବୀକରଣୀୟ ଶକ୍ତି ସମନ୍ୱୟ ଦିଗରେ ନିଜର ପ୍ରୟାସ ଅନୁରୂପ ଶକ୍ତି ବିନିମୟରୁ ସିଧାସଳଖ ୪.୯୫ ମେଗା ୟୁନିଟ୍ (ଏମୟୁ) ସବୁଜ ଶକ୍ତି କ୍ରୟ କରିବାର ଏକ ଯୋଜନା କାର୍ଯ୍ୟକାରୀ



କରିଛି। ଏହି ସକ୍ରିୟ ରଣନୀତି ଆରଏସପିରେ କେବଳ ସ୍ୱଚ୍ଛ ଶକ୍ତି ସହିତ ବର୍ଦ୍ଧିତ ବିଦ୍ୟୁତ ଚାହିଦା ପୂରଣ କରିନାହିଁ ବରଂ ପ୍ରାୟ ୨୫ ଲକ୍ଷ ଟଙ୍କାର ସିଧାସଳଖ ଆର୍ଥିକ ସଞ୍ଚୟ ମଧ୍ୟ କରିଛି। ସୂଚନାଯୋଗ୍ୟ ଯେ, ଏହି ସଫଳତାଗୁଡ଼ିକ ଶକ୍ତି ବଣ୍ଟନ ବିଭାଗର ଶକ୍ତି ନିପୁଣତା, ପ୍ରଯୁକ୍ତିବିଦ୍ୟାଗତ ନବସୃଜନ ଏବଂ ଜାତୀୟ ସ୍ଥାୟୀତ୍ୱ ଲକ୍ଷ୍ୟ ସହିତ ସମନ୍ୱୟ ପାଇଁ ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି।

## କାର୍-ବାଇକ୍ ଧକ୍କା; ବାଇକ୍ ଆରୋହୀ ଗୁରୁତର

**ଦେବଗଡ, ୬।୫ (ସମିସ):** ଆଜି ପୂର୍ବାହ୍ନରେ ଦେବଗଡ ଥାନା ଅନ୍ତର୍ଗତ ବିଜୟନଗର ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଏକ କାର ଓ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଆରୋହୀ ଗୁରୁତର ଆହତ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାୟୀ, ଆଜି ଏକ ଏର୍ଟୀଗା କାର (ଏମଏଚ୍ ୧୨ପିଏଚ୍ ୮୯୯୬) ପୂର୍ବାହ୍ନ ପ୍ରାୟ ୧୧ଟା ୩୦ ମିନିଟ ସମୟରେ କୋଲକାତାରୁ ମହାରାଷ୍ଟ୍ର ଅଭିମୁଖେ ଯାଉଥିଲା। ଦେବଗଡ ଥାନାଞ୍ଚଳ ବିଜୟନଗର ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ପଞ୍ଚ ମହଲା ଗ୍ରାମର ମଧୁ ଫେଠେଇ(୩୬)ଙ୍କୁ ଧକ୍କା ଦେବାରୁ ମଧୁ ବାଇକ ସହିତ ରାସ୍ତା କଡକୁ ଛିଟିକିପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଦେବଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସୂଚନା ପାଇ ଦେବଗଡ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର ଓ ବାଇକକୁ ଜବତ କରିବା ସହ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଛି।

■ ପାର୍ବତୀ ଗିରି ମହିଳା କଲେଜ

## 'ସୁସଂଗଠିତ ପୂର୍ବ ଛାତ୍ରୀ ତଥ୍ୟ ଭଣ୍ଡାର' ଆରମ୍ଭ

**ବରଗଡ଼, ୬।୫ (ସମିସ):** ଶିକ୍ଷାନୁଷ୍ଠାନର ଉନ୍ନତି କରିବା ସହ ଏକ୍ରେଡିଟେସନ୍ ମାନକ ପୂରଣ କରିବା ପାଇଁ ପାର୍ବତୀଗିରି ମହିଳା କଲେଜର ଅଧ୍ୟକ୍ଷା ନନ୍ଦିନୀ ନିରୋଦ ପଣ୍ଡା ଏକ ସୁସଂଗଠିତ ପୂର୍ବ ଛାତ୍ରୀ ତଥ୍ୟଭଣ୍ଡାର ଓ ଟ୍ରାକିଂ ପ୍ରଣାଳୀ ଆରମ୍ଭ କରିଛନ୍ତି। ସମସ୍ତ ବିଭାଗ ମୁଖ୍ୟ ଓ ଅଧ୍ୟାପକ ଅଧ୍ୟାପିକାମାନଙ୍କୁ ସମ୍ବୋଧିତ କରି ଶ୍ରୀମତୀ ପଣ୍ଡା କହିଥିଲେ ଯେ, ପୂର୍ବ ଛାତ୍ରୀମାନଙ୍କର ପ୍ରଗତି ଟ୍ରାକ୍ କରିବା, ଶିକ୍ଷା-ଉଦ୍ୟୋଗ ସମ୍ପର୍କ ସୁଦୃଢ଼ କରିବା ଓ ଅନ୍ୟାନ୍ୟ ଏକ୍ରେଡିଟେସନ୍ ସଂସ୍ଥାର ଆବଶ୍ୟକତା ପୂରଣ ପାଇଁ ପୂର୍ବ ଛାତ୍ରୀମାନଙ୍କର ସଂପୂର୍ଣ୍ଣ ତଥ୍ୟଭଣ୍ଡାର ପ୍ରସ୍ତୁତି ଅତ୍ୟାବଶ୍ୟକ। କାର୍ଯ୍ୟଯୋଜନା ଅନୁଯାୟୀ, ପୂର୍ବ ଛାତ୍ରୀ ମାନଙ୍କ ସହ ସହଜ ସମ୍ପର୍କ ରଖିବା ପାଇଁ ଏକ ୱାଟସ୍‌ଆପ୍ ଗ୍ରୁପ୍ ଗଠନ କରାଯିବ। ତଥାପି, ପ୍ରତ୍ୟେକ ଶିକ୍ଷାବର୍ଷରୁ ଦୁଇଜଣ ସକ୍ରିୟ ଛାତ୍ରୀଙ୍କୁ ସମନ୍ୱୟକାରୀ ଭାବେ ନିଯୁକ୍ତ କରାଯିବ, ଯେଉଁମାନେ ପୂର୍ବ ଛାତ୍ରୀମାନଙ୍କୁ ସନ୍ଧାନ କରି ସେମାନଙ୍କର ଅଦ୍ୟତନ ତଥ୍ୟ ସଂଗ୍ରହ କରିବେ। ତଥ୍ୟ ସଂଗ୍ରହ ପ୍ରକ୍ରିୟାକୁ ସୁସଂଗଠିତ କରିବା ପାଇଁ ପୂର୍ବ ଛାତ୍ରୀମାନଙ୍କର ବର୍ତ୍ତମାନର ଚାକିରି ସ୍ଥିତି, ଉଚ୍ଚ ଶିକ୍ଷା ଓ ସଫଳତା ସମ୍ପର୍କିତ ତଥ୍ୟ ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତକରଣ ସେଲ୍ ଦ୍ୱାରା ପ୍ରସ୍ତୁତ ଗୁଗୁଲ୍ ଫର୍ମ ମାଧ୍ୟମରେ ସଂଗ୍ରହ କରାଯିବ। ଏହି ତଥ୍ୟଭଣ୍ଡାର ତିଆରି ଓ ରକ୍ଷଣାବେକ୍ଷଣର ଦାୟିତ୍ୱ ସିଏମ୍. ପ୍ରଧାନ, ରଶ୍ମିତା ମଲ୍ଲିକ, ବିନୋଦିନୀ ବରିହା, ରେଶ୍ମା ମେହେର, ସିମି ବେଗମ୍, ସୋନାଲୀ ପ୍ରଧାନ, ମୀନାକ୍ଷୀ ମେହେର, ମୀନାକ୍ଷୀ ଚିନ୍ଦା, ଅନୀତା ପ୍ରଧାନ, ଲିପିକା ପୁରୋହିତ, ସୌଦାମିନୀ ରାଉତ ଓ ଲିପ୍ସା ମିଶ୍ରଙ୍କୁ ଦିଆଯାଇଛି। ଯାହା ଆଇକ୍ୟୁଏସି ସଂଯୋଜିକା ମଧୁସ୍ମିତା ନନ୍ଦଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେବ।

## ଜିଲ୍ଲା ପରିଷଦ ବୈଠକ

# ବିଭିନ୍ନ ଉନ୍ନୟନମୂଳକ ଯୋଜନାର ସମୀକ୍ଷା

ଝାରସୁଗୁଡା, ୬।୫ (ସମିସ)

ଝାରସୁଗୁଡା ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତୁଳାବତୀ ମିଞ୍ଜଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଝାରସୁଗୁଡା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଟଙ୍କଧର ତ୍ରିପାଠୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀଙ୍କ ପ୍ରତିନିଧି ସଞ୍ଜୟ ସିଂ, ବରଗଡ଼ ସାଂସଦଙ୍କ ପ୍ରତିନିଧି ସୁନୀଲ କୁମାର ଦାଶ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ଅକ୍ଷୟ କୁମାର ସାହୁ ପ୍ରମୁଖଙ୍କ ସମେତ ସମସ୍ତ ସଦସ୍ୟ ଓ ଆଧିକାରୀଗଣ ଉପସ୍ଥିତ ଥିଲେ। ଆୟୋଜିତ ସଭା ଆରମ୍ଭରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ବିଶ୍ୱରଞ୍ଜନ ନାୟକ ସମସ୍ତଙ୍କୁ ସ୍ୱାଗତ କରି ସଭା ପରିଚାଳନା



କରିଥିଲେ। ଗତ ୨୦୨୫ ଡିସେମ୍ବର ୨୩ରେ ଅନୁଷ୍ଠିତ ପୂର୍ବ ବୈଠକରେ ଉଠିଥିବା ବିଭିନ୍ନ ପ୍ରଶ୍ନ ଉପରେ ଆଲୋଚନା ସହିତ ସମ୍ପୃକ୍ତ ବିଭାଗମାନେ ସ୍ପଷ୍ଟୀକରଣ ପ୍ରଦାନ କରିଥିଲେ। ବୈଠକରେ ୨୦୨୫-୨୬ ଅର୍ଥବର୍ଷ ପାଇଁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଯୁକ୍ତି ଯୋଜନା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ଓଡ଼ିଶା ଲିଭଲିହୁଡ୍ ମିଶନ ସହିତ ବିଭିନ୍ନ ଉନ୍ନୟନମୂଳକ ଯୋଜନାର ଭୌତିକ ଓ ଆର୍ଥିକ ଅଗ୍ରଗତିର ସମୀକ୍ଷା କରାଯାଇଥିଲା। ୨୦୨୬ ମସିହା ପାଇଁ ନିର୍ଦ୍ଧାରିତ ଲକ୍ଷ୍ୟ ପୂରଣ, କାମର ଗତି ବୃଦ୍ଧି, ଗୁଣବତ୍ତରକ୍ଷା ଓ ସମୟସୀମା ମଧ୍ୟରେ କାର୍ଯ୍ୟ ସମାପ୍ତି ଉପରେ ଗୁରୁତ୍ୱ ଦିଆଯାଇଥିଲା। ଗ୍ରାମୀଣ ଅଞ୍ଚଳରେ ରୋଜଗାର ସୃଷ୍ଟି, ଘର ନିର୍ମାଣ ଗତିବୃଦ୍ଧି, ପାଣି ଯୋଗାଣ, ସ୍ୱାସ୍ଥ୍ୟ ସେବା ଓ ପାଇପ ଲାଇନ୍ ବିକାଶ ନେଇ ବିଶେଷ ଆଲୋଚନା ହୋଇଥିଲା। ବର୍ଷା ଋତୁ ପୂର୍ବରୁ ବଡ଼ ଗଛର ଡାଳ କାଟିବା ପାଇଁ ବିଦ୍ୟୁତ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା। ସ୍ୱାସ୍ଥ୍ୟ କ୍ଷେତ୍ରରେ ଡାକ୍ତର ଓ କର୍ମଚାରୀମାନଙ୍କ ଦ୍ୱାରା ରୋଗୀ ସେବାରେ ଅବହେଳା ସମ୍ବନ୍ଧରେ ଚିନ୍ତାବ୍ୟକ୍ତ କରାଯାଇ ଏହାପ୍ରତି ଦୃଷ୍ଟି ଦେବାକୁ ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଅବଗତ କରାଯାଇଥିଲା। ସମସ୍ତ ବିଭାଗ ମଧ୍ୟରେ ସମନ୍ୱୟ ରଖି ଲକ୍ଷ୍ୟ ପୂରଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ମିଳିଥିଲା। ପ୍ରତ୍ୟେକ ବ୍ଲକସ୍ତରରେ ବୈଠକ କରି ଏକ ବର୍ଷ ପାଇଁ ଭିଜନ ଡକୁମେଣ୍ଟ ପ୍ରସ୍ତୁତ କରିବା ସହ ୨୦ ମଇ ସୁଦ୍ଧା ଏହା ଦାଖଲ କରିବାକୁ କୁହାଯାଇଥିଲା। ଭଙ୍ଗା ଓ ଦଦରା ସ୍କୁଲ ଏବଂ ଅଙ୍ଗନବାଡି କେନ୍ଦ୍ର ପୁନଃନିର୍ମାଣ, ପଞ୍ଚାୟତସ୍ତରରେ ଖେଳ ପଡ଼ିଆ, ପୋଖରୀ, ଓପେନ ଜିମ୍ ଆଦି ଯୋଜନାର ନିୟମିତ ମନିଟରିଂ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହାସହ ଅଦା ଓ ମରିଚ ଚାଷ ପ୍ରୋତ୍ସାହନ, ଦୁଗ୍ଧ ଶୀତଳୀକରଣ କେନ୍ଦ୍ର ସ୍ଥାପନ, ମାଇନର ଇରିଗେସନ, ମେଗା ଲିଫ୍ଟ ପ୍ରକଳ୍ପ, ଜମି ଅଧିଗ୍ରହଣ ସମସ୍ୟା, ସ୍ୱାସ୍ଥ୍ୟ କେନ୍ଦ୍ରରେ ମାସିକ ବୈଠକ ଆଦି ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା। ଜିଲ୍ଲାର ସମଗ୍ର ଉନ୍ନତି ପାଇଁ ସମସ୍ତ ବିଭାଗକୁ ସମନ୍ୱିତ ଭାବେ କାମ କରିବାକୁ ବୈଠକରେ ଆହ୍ୱାନ କରାଯାଇଥିଲା। ଶେଷରେ ଅତିରିକ୍ତ ଉନ୍ନୟନ ଅଧିକାରୀ ସୂର୍ଯ୍ୟାଂଶୁ ରଥ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ। ଆୟୋଜିତ ବୈଠକରେ ଜିଲ୍ଲା ପରିଷଦ ସଦସ୍ୟମାନେ, ବ୍ଲକ୍ ଅଧ୍ୟକ୍ଷ, ଅଧ୍ୟକ୍ଷାମାନେ, ବିଭିନ୍ନ ବିଭାଗର ଜିଲ୍ଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

● ଓଡ଼ଶ ଆଞ୍ଚଳିକ ବାଳିକା ଉଚ୍ଚ ବିଦ୍ୟାଳୟ

## ୪ ଛାତ୍ରୀ ଏ-୧ ଗ୍ରେଡରେ ଉତ୍ତୀର୍ଣ୍ଣ



ଖମାର,୬।୫(ସମିସ): ମାଟ୍ରିକ ପରୀକ୍ଷାରେ ପାଲଲହଡ଼ା ବ୍ଲକ୍ ଖାମର ପଞ୍ଚାୟତ ଓଡ଼ଶ ଆଞ୍ଚଳିକ ବିଦ୍ୟାଳୟର ପାସ୍ ହାର ଶତ ପ୍ରତିଶତ ରହିଛି। ରାଜଲକ୍ଷ୍ମୀ ସାହୁ ୫୫୧ ନମ୍ବର୍ ରଖି ବ୍ଲକ ଟପ୍ପର ହୋଇଛନ୍ତି। ମୋଟ ୮୪ ଛାତ୍ରୀ ପରୀକ୍ଷା ଦେଇଥିବାବେଳେ ଏ-୧ଗ୍ରେଡ୍‌ରେ ୪ ଜଣ ଏ-୨ରେ ୨୦ ଜଣ, ବି-୧ରେ ୨୨ଜଣ ବି-୨ରେ ୨୬ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ସାବିତ୍ରୀ ରାଉତ, ଶିକ୍ଷକ ସୁଶାନ୍ତ ଗଡ଼ନାୟକ, ହେମନ୍ତ ସାହୁ, ବାସନ୍ତୀ ବିଶ୍ୱାଳ କନ୍ଦର୍ପ ଦେହୁରୀ, ବିଦୁଲତା ପାଣିଗ୍ରାହୀ, ସଞ୍ଜୀବ ସାହୁ ପ୍ରମୁଖ ଛାତ୍ରୀ ଓ ଅଭିଭାବକଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

## ଡାକ୍ତରଙ୍କ ବ୍ୟବହାରକୁ ନେଇ ଅସନ୍ତୋଷ



ବଣ୍ଠରପାଳ,୬।୫(ସମିସ): ବଣ୍ଠରପାଳ ସ୍ୱାସ୍ଥ୍ୟକେନ୍ଦ୍ରରେ କିଛି ଡାକ୍ତରଙ୍କ ମନମାନି ଓ ବ୍ୟବହାରକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଅଭିଯୋଗ ଅନୁସାରେ ଗଣମାଧ୍ୟମ ପ୍ରତିନିଧି ସଞ୍ଜୟ କୁମାର ବିଶୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଜ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଯାଇଥିବା ବେଳେ ତାଙ୍କୁ ଅପମାନିତ କରାଯିବା ସହ ଗାଳିଗୁଲଜ କରି ତଡ଼ି ଦିଆଯାଇଛି। ଏହି ଘଟଣା ପରେ ପ୍ରଶ୍ନ ଉଠିଛି ଯେ ଯଦି ଗଣମାଧ୍ୟମ ପ୍ରତିନିଧିମାନେ ଏପରି ବ୍ୟବହାରର ସମ୍ମୁଖୀନ ହେଉଛନ୍ତି, ତେବେ ସାଧାରଣ ରୋଗୀ ଓ ଲୋକମାନେ କିପରି ସେବା ପାଉଥିବେ। ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀସେବା ସହ ସଭ୍ୟ ବ୍ୟବହାର ଓ ଜବାବଦେହୀ ରକ୍ଷା କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଦାବି କରିଛନ୍ତି। ଏ ସମ୍ପର୍କରେ ବଣ୍ଠରପାଳ ବ୍ଲକ ସାମ୍ବାଦିକ ସଙ୍ଘ ପକ୍ଷରୁ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ମଦନ ମୋହନ ପ୍ରଧାନଙ୍କ ନିକଟରେ ଲିଖିତ ଅଭିଯୋଗ କରାଯାଇଛି। ଘଟଣାର ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡା. ପ୍ରଧାନ କହିଛନ୍ତି।

## ଅନୁଗୋଳ ଆଗମନ ଦିବସରେ ଗାନ୍ଧିଜୀଙ୍କୁ ଶ୍ରଦ୍ଧାଞ୍ଜଳି



ଅନୁଗୋଳ,୬।୫(ସମିସ): ୧୯୩୪ ମସିହା ମେ ୬ ତାରିଖ ମହାତ୍ମା ଗାନ୍ଧୀ ବାମୁର ଡାକବଙ୍ଗଳାରୁ ଅନୁଗୋଳ ଅଭିମୁଖେ ଆସିଥିଲେ। ଗାନ୍ଧିଜୀଙ୍କ ଏହି ଗସ୍ତକୁ ସ୍ମରଣୀୟ କରିବା ପାଇଁ ବାଜି ରାଉତ ଛାତ୍ରାବାସ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଆୟୋଜିତ ହୋଇଛି। ଶିମିଳିପଡ଼ା ପାଞ୍ଚ ଛକିଆ ଗାନ୍ଧୀ ସ୍ମୃତି ପୀଠରେ ଆୟୋଜିତ ଏହି ସମାରୋହରେ ବିଶିଷ୍ଟ ଗାନ୍ଧୀବାଦୀ ତଥା ସମାଜସେବୀ କ୍ରିଷ୍ଣା ମହାନ୍ତି, ଅଧ୍ୟାପକ ବିଶ୍ୱରଞ୍ଜନ ପ୍ରଧାନ, ଡ. ନନ୍ଦକିଶୋର ମହାକୁଡ଼, ଡ. ରମାମଞ୍ଜରୀ ସାହୁ, ଇଂ ଧନେଶ୍ୱର ସାହୁ, ପିଟିସିର ବରିଷ୍ଠ ଅଧିକାରୀ ଏସ. ସରିଫୁଦ୍ଦିନ, ଅଦ୍ୟାଶ୍ଳୋକ ମିଶ୍ର, ସୂର୍ଯ୍ୟନାରାୟଣ ନାଥ, ବ୍ରହ୍ମଜ୍ୟୋତି ମିଶ୍ର, ସେଚ୍ଛାସେବୀ ତ୍ରେତାନନ୍ଦ ସାମନ୍ତ, ରଶ୍ମିରଞ୍ଜନ ସାହୁ ପ୍ରମୁଖ ଯୋଗଦେଇ ଗାନ୍ଧୀଙ୍କ ଅନୁଗୋଳ ଆଗମନର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସେତେବେଳେ ଅନୁଗୋଳର ଡେପୁଟି କମିଶନର ଗାନ୍ଧୀଙ୍କୁ ଅନୁଗୋଳ ସହର ଭିତରେ ପୂରେଇ ନ ଦେବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ତେଣୁ ସହର ବାହାରେ ରାଣିଗୋଡ଼ା ଆମ୍ବତୋଟାରେ ଗାନ୍ଧୀଙ୍କୁ ପ୍ରାୟ ୨୦ ହଜାର ଲୋକ ସ୍ୱାଗତ କରିଥିଲେ। ନିଶା ତ୍ୟାଗ କରିବା ଏବଂ ଅସ୍ପୃଶ୍ୟତା ଦୂର ପାଇଁ ଗାନ୍ଧୀ ଲୋକଙ୍କୁ ବୁଝାଇଥିଲେ। ଲିପିକା ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସୂତାକଟା ସହ ଗାନ୍ଧୀଙ୍କ ପ୍ରିୟ ଭଜନ ଗାନ କରାଯାଇଥିଲା। ସ୍ୱେଚ୍ଛାସେବୀ ପ୍ରବୀର ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ସାତକୋଶିଆ ଅଭୟାରଣ୍ୟ ବନବିଭାଗରେ ମହାଦୁର୍ନୀତି ଅଭିଯୋଗ

# ସନ୍ଦେହରେ ବନ ବିଭାଗ କର୍ମଚାରୀଙ୍କ କାର୍ଯ୍ୟକଳାପ

ଅନୁଗୋଳ,୬।୫(ସମିସ):








'ଖଜୁରୀ ଗଛର କି ଗୁଣ ଗାଇବି, ମୂଳରୁ ପାହାଚ ପାହାଚ', ଏହା ଏକ ଓଡ଼ିଆ ଢଗ ଏବଂ ଏହାର ଉପଯୁକ୍ତ ବ୍ୟବହାର ସାତକୋଶିଆ ଅଭୟାରଣ୍ୟର ବନ ବିଭାଗରେ କରାଯାଇପାରେ। ସାତକୋଶିଆ ଅଭୟାରଣ୍ୟର ବନ ବିଭାଗ ଦୁର୍ନୀତିର ଗନ୍ତାଘର ପାଲଟିଥିବାର ଲମ୍ବା ଅଭିଯୋଗ, ହେଲେ ଶୁଣୁଛି କିଏ? ରକ୍ଷକ ଯଦି ଭକ୍ଷକ ହୁଏ ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ କିଏ? ସାତକୋଶିଆ ଅଭୟାରଣ୍ୟ ଅଞ୍ଚଳର ବାସିନ୍ଦାଙ୍କ କହିବା କଥା, ଯଦିଓ ପୂର୍ବତନ ବନଖଣ୍ଡ ଅଧିକାରୀଙ୍କ ନାମରେ ଅନେକ ଅଭିଯୋଗ ରହିଛି, ତଥାପି ସେ ସମୟରେ କିଛି କିଛି କାମ ହେଉଥିଲା। କିନ୍ତୁ ବର୍ତ୍ତମାନର ବନଖଣ୍ଡ ଅଧିକାରୀଙ୍କ ସମୟରେ ପ୍ରତ୍ୟକ୍ଷ ଅବା ପରୋକ୍ଷରେ ବନ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମରେ ଦୁର୍ନୀତି ସବୁ ସୀମା ଟପିଗଲାଣି। ଯେପରି କି ପ୍ରତିବର୍ଷ ବର୍ଷାରେ ଅଭୟରଣ୍ୟ ଭିତରେ ଥିବା ରାସ୍ତା ସବୁ ଧୋଇ ହୋଇଯାଇଥାଏ ଓ ବନ ବିଭାଗ କର୍ମଚାରୀମାନେ ଯିବା ଆସିବା ପାଇଁ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି, ତେଣୁ ପ୍ରତିବର୍ଷ ରାସ୍ତାର ରକ୍ଷଣାବେକ୍ଷଣ ପାଇଁ ବନ ବିଭାଗ ତରଫରୁ ଲକ୍ଷ ଲକ୍ଷ ଟଙ୍କାର ଖର୍ଚ୍ଚ ହୁଏ। ବନ ବିଭାଗର ଏହା ଏକ ଚିରାଚରିତ କାର୍ଯ୍ୟ। ଜଙ୍ଗଲ ଭିତରେ ବର୍ଷା ପାଣିରେ ଧୋଇ ହୋଇଯାଇଥିବା ରାସ୍ତାରେ ପୁଣି ଥରେ ମୋରମ୍ ମାଟି ବିଛାଯାଇ, ମେସିନ ସାହାଯ୍ୟରେ ରାସ୍ତାକୁ ସମତୁଲ କରି ଯାତାୟାତ ଉପଯୋଗୀ କରାଯାଏ। କିନ୍ତୁ ଏବେ ଜଙ୍ଗଲ ଭିତରେ ଥିବା ରାସ୍ତା, ଯଥା ପାମ୍ପାସର, ଲବଙ୍ଗି, ରାଇଗୁଡ଼ା, କୁଆଧୂଳି, ଭୂର୍ଖୁଣ୍ଡି, ଟୁଲୁକା, ଚୁନାଭାଟି, କଟରଙ୍ଗ, ଅସନବହାଳି, ମଝିପଡ଼ା, ବିନିକେୟୀ, ତରଭା, ବାଘମୁଣ୍ଡା ଆଦି ଅନେକ ସ୍ଥାନକୁ ସଂଯୋଗ କରୁଥିବା ରାସ୍ତାରେ ମୋରମ ବିଛା ନ ଯାଇ କେବଳ ମେସିନ ସାହାଯ୍ୟରେ ବ୍ଲେଡ ମାରି, ଖାଲଢିପକୁ ସମତୁଲ କରି, ମୋରମ୍ ମାଟିର ମିଥ୍ୟା ବିଲ୍ ତଥା ମେସିନର ବିଲ କରି ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅର୍ଥକୁ ଆତ୍ମସାତ କରାଯାଉଛି। ବିଭାଗର କିଛି ତଳିଆ କର୍ମଚାରୀ ନିଜ ପରିଚୟ ଗୋପନ ରଖି ସୂଚନା ଦେଇଛନ୍ତି ଯେ ସବୁ ରାସ୍ତା କାମର ୨୦ରୁ ୨୫ ପ୍ରତିଶତ ଠିକାଦାରଙ୍କୁ ଦେଇ ଅବଶିଷ୍ଟ ୮୦ରୁ ୭୫ ପ୍ରତିଶତ ଅର୍ଥ ବନ ବିଭାଗର ଉଚ୍ଚ ଅଧିକାରୀ ଓ ଅନ୍ୟ କର୍ମଚାରୀମାନେ ନିଜ ଭିତରେ ଭାଗ ବାଣ୍ଟି ନେଉଛନ୍ତି। ଆଗରୁ ୩୦ ପ୍ରତିଶତ ଉପୁରି ବିଭାଗୀୟ ଅଧିକାରୀ ଓ କର୍ମଚାରୀ ନେଉଥିଲା ବେଳେ ଏବେ ତାହା ୭୦ ପ୍ରତିଶତରେ ପହଞ୍ଚିଲାଣି। ବିରାଡ଼ି କପାଳକୁ ଶିକା ଛିଣ୍ଡିଲା ପରି ଜଙ୍ଗଲ ଭିତରୁ ଗ୍ରାମ ସବୁକୁ ଉଚ୍ଛେଦ କରିବା ପରେ କୋର୍ ଏରିଆକୁ ସ୍ଥାନୀୟ ବାସିନ୍ଦା, ଜନସାଧାରଣ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, କାର୍ଯ୍ୟକର୍ତ୍ତା, ସ୍ୱେଚ୍ଛାସେବୀ, ପରିବେଶ ଓ ପ୍ରକୃତି ପ୍ରେମୀଙ୍କୁ ପ୍ରବେଶ ନିଷେଧ କରି ବନ ବିଭାଗ କର୍ମଚାରୀ ଯେ ତା' ଭିତରେ ବିଭିନ୍ନ କଳେଙ୍କାରୀ କରି ଦୁର୍ନୀତିରେ ସଂଶ୍ଳିଷ୍ଟ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ।

ଆଉ ଗୋଟିଏ ବିଶେଷ ତଥ୍ୟ ହେଲା ପ୍ରତି ବର୍ଷ ଗ୍ରୀଷ୍ମ ଋତୁରେରେ ଅଭୟାରଣ୍ୟ ଅଞ୍ଚଳରେ ବନ୍ୟଜନ୍ତୁଙ୍କ ବ୍ୟବହାର ନିମନ୍ତେ ଜଳାଶୟ ମାନ ଖୋଳାଯାଇଥାଏ। ପୂର୍ବବର୍ଷଗୁଡ଼ିକରେ ଗୋଟିଏ ଗୋଟିଏ ଜଳାଶୟ ଖୋଳିବା ନିମନ୍ତେ ବ୍ୟୟ ଅଟକଳ ରାଶି ୮ଲକ୍ଷ ଥିବା ବେଳେ ଠିକାଦାରଙ୍କୁ ୪ଲକ୍ଷ ଦିଆଯାଉଥିଲା, ଏବଂ ଅବଶିଷ୍ଟ ୪ଲକ୍ଷ ଟଙ୍କା ଚଲୁ କରିଦିଆଯାଉଥିଲା ବେଳେ ଏ ବର୍ଷ କିନ୍ତୁ ଶୁଣାଯାଉଛି ଯେ ବନ ବିଭାଗ ଅଧିକାରୀମାନେ ଠିକାଦାରଙ୍କୁ ୮ଲକ୍ଷ ବ୍ୟୟ ଅଟକଳ ଥିବା ଜଳାଶୟ ଖନନ କାର୍ଯ୍ୟ ପାଇଁ ୨.୮ ଲକ୍ଷ ଟଙ୍କାରେ କରିବାକୁ ଚାପ ପ୍ରୟୋଗ କରୁଛନ୍ତି। ଫଳରେ କୌଣସି ଠିକାଦାର ଏତେ ସ୍ୱଳ୍ପ ଅର୍ଥରେ ଜଳାଶୟ ଖନନ କାର୍ଯ୍ୟ କରିବାକୁ ରାଜି ହେଉନାହାନ୍ତି। ଏତେ ସବୁ ଅଭିଯୋଗ ସତ୍ତ୍ୱେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଶୂନ୍ୟ। ସୂଚନାଯୋଗ୍ୟ, ବନ ବିଭାଗ ଏପରି ଏକ ବିଭାଗ, ଯେଉଁଥିରେ ଅଡିଟ କେବଳ ନିଜ ବିଭାଗର ଅଧିକାରୀଙ୍କ ଦ୍ୱାରା ହୋଇଥାଏ। ତେଣୁ ବିଭାଗର କୌଣସି ଦୁର୍ନୀତି ବାହାରକୁ ଆସି ନ ଥାଏ କି ସର୍ବସାଧାରଣରେ ପ୍ରକାଶ ହୋଇ ନ ଥାଏ। ଯେମିତି କି ସତକୋଶିରେ ବ୍ୟାଘ୍ର ପ୍ରକଳ୍ପ ଯୋଜନାରେ ସୁନ୍ଦରୀ ଓ ମହାବୀର ମହାବଳ ବାଘଙ୍କ ପାଇଁ କେତେ ଯେ ସରକାରୀ ଅର୍ଥ ବରବାଦ ହୋଇ ଯୋଜନାଟି ବିଫଳ ହେବା ସତ୍ତ୍ୱେ ବିଭାଗର ଉତ୍ତରଦାୟୀ ଥିବା କୌଣସି କର୍ମଚାରୀଙ୍କ ଉପରେ କିଛି ବି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଇ ଘଟଣା ଟିକୁ ଅତ୍ୟନ୍ତ ସହଜ ଭାବେ ଚାପି ଦିଆଗଲା। ତେଣୁ ସାତକୋଶିଆ ଅଭୟାରଣ୍ୟର ବନ ବିଭାଗ ଅଧିକାରୀମାନେ ବେଫିକର ଭାବେ ମନମୁଖି କର୍ଯ୍ୟ ଜାରି ରଖିଛନ୍ତି। ସାତକୋଶିଆ ଅଭୟାରଣ୍ୟରେ ପର୍ଯ୍ୟଟନର ବିକାଶ ନିମନ୍ତେ ପୂର୍ବରୁ ପର୍ଯ୍ୟଟନ ବିଭାଗକୁ ଆସିଥିବା ପ୍ରାୟ ୧୦୦ କୋଟି ଟଙ୍କା ଫେରିଯାଇଥିବା ବେଳେ ଏବେ ପୁଣି ୧୦୦ କୋଟି ଟଙ୍କା ଆସିଛି। ଏହି ଅର୍ଥରୁ କେତେ ଟଙ୍କାର କାମ ହେବ ଓ କେତେ ବାଟମାରଣା ହେବ ସେ ନେଇ ଚର୍ଚ୍ଚା ଜୋର୍ ଧରିଛି। ଏ ସମ୍ପର୍କରେ ପ୍ରତିକ୍ରିୟା ପାଇଁ ସାତକୋଶିଆ ବନଖଣ୍ଡ ଅଧିକାରୀଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇନାହିଁ।

## ସନ୍ଥପଡ଼ା ଓ ଦାସନାଳୀ ବାଲିଘାଟରେ ଚଢ଼ଉ

ତାଳଚେର,୬।୫(ସମିସ): ତାଳଚେର ବ୍ଲକ ଅନ୍ତର୍ଗତ ସନ୍ଥପଡ଼ା ଓ ଦାସନାଳୀ ବ୍ରାହ୍ମଣୀ ନଦୀପଠାରୁ ବେଆଇ ଭାବେ ମାଫିଆମାନେ ବାଲି ଚାଲାଣ କରୁଥିବା ନେଇ ଗଣମାଧ୍ୟମରେ ଖବର ପ୍ରକାଶ ପରେ ଖଣିବିଭାଗ ତତ୍ପରତା ଦେଖାଇଛି। ବୁଧବାର ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ପକ୍ଷରୁ ଚଢ଼ଉ କରାଯାଇ ସନ୍ଥପଡ଼ା ଓ ଦାସନାଳୀ ଘାଟରୁ ଚୋରାବାଲି ଜବତ କରାଯାଇଛି। ତାଳଚେର ତହସିଲ ଅଞ୍ଚଳରେ ଥିବା ଉକ୍ତ ଦୁଇଘାଟ ସହ ଅନ୍ୟ ଘାଟରୁ ଦୈନିକ ଲକ୍ଷାଧିକ ଟଙ୍କାର ଚୋରାବାଲି ଚାଲାଣ ହୋଇଆସୁଛି। ଏ ନେଇ ରାଜ୍ୟ ସରକାର ବିପୁଳ ରାଜସ୍ୱ ହରାଉଛନ୍ତି। ଏପରିକି ଦିନ ଦ୍ୱିପ୍ରହରରେ ବାଲିଘାଟଗୁଡ଼ିକରୁ ବିନା ଟିପିରେ ଉଚ୍ଚ ଦରରେ ବାଲିମାଫିଆମାନେ ବାଲି ବିକ୍ରି କରି କୋଟି କୋଟି ଟଙ୍କା ରୋଜଗର କରୁଥିବା ବେଳେ ଏହି ଅର୍ଥରୁ କିଛି ବାବୁଭାଇମାନଙ୍କୁ ପ୍ରଦାନ କରୁଥିବାରୁ ଚଢ଼ଉ ହେଉନାହିଁ। ଫଳରେ ବାଲି ଚୋରି ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିବା ଅଭିଯୋଗ ହେଉଛି। ତେବେ ଖବର ପ୍ରକାଶ ପାଇବା ପରେ ସନ୍ଥପଡ଼ା ଓ ଦାସନାଳୀ ବାଲିଘାଟରେ ଖଣି ଉପନିର୍ଦ୍ଦେଶକ ଦେବେନ୍ଦ୍ର ଦଳାଇ ଟିମ ସହ ଚଢ଼ଉ କରିଥିଲେ। ବେଆଇନ ଭାବେ ଗଚ୍ଛିତ ରଖାଯାଇଥିବା ବାଲିକୁ ମାପଚୁପ କରିଥିଲେ। ମାପଚୁପ ପରେ ଜଣାପଡ଼ିଥିଲା ଯେ ଉଭୟ ଘାଟରୁ ପ୍ରାୟ ୧୫ ହଜାର ୫ ଶହ ୩୦ କ୍ୟୁବିକ୍ ମିଟର ବାଲି ଚୋରା ଚାଲାଣ ପାଇଁ ଗଚ୍ଛିତ ରଖାଯାଇଥିଲା। ଅନ୍ୟପଟେ ଝାଡ଼ିଅମ୍ବା, ସନ୍ଥପଡ଼ା ଶ୍ମଶାନ, ବହ୍ଲଛକ, ମଣ୍ଡାପାଳ, ପଶ୍ଚିମେଶ୍ୱର, ସନ୍ଥପଡ଼ା, ଶିରିଗିଡ଼ା, କଙ୍କିଳି, ଧରମପୁର, ସରେଇଲ ଆଦି ଘାଟରୁ ବାଲି ଆଣି ଗଚ୍ଛିତ ରଖାଯାଇଥିବା ସ୍ଥାନରେ ସରଜମିନ୍ ତଦନ୍ତ କରାଯାଇ ବାଲିମାଫିଆଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



## ଯୁବ ବିଜେଡି ଜିଲ୍ଲା ସଭାପତି ହେଲେ ଅରୁଣାଭ



ଅନୁଗୋଳ,୬।୫(ସମିସ): ବିଜୁ ଯୁବ ଜନତା ଦଳ ଅନୁଗୋଳ ଜିଲ୍ଲାର ସଭାପତି ଭାବେ ଅରୁଣାଭ ସିଂହ ମନୋନୀତ ହୋଇଛନ୍ତି। ଏଥିପାଇଁ ସେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏଥିସହ ରାଜ୍ୟ ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ, ଅନୁଗୋଳ ଜିଲ୍ଲା ବିଜେଡି ସଭାପତି ତଥା ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପୂର୍ବତନ ବିଧାୟକ ତଥା ପୂର୍ବତନ ଉପ ବାଚସ୍ପତି ରଜନୀକାନ୍ତ ସିଂହ, ଆଠମଲ୍ଲିକ ବିଧାୟକ ତଥା ଜିଲ୍ଲା କାର୍ଯ୍ୟକାରୀ ସଭାପତି ନଳିନୀକାନ୍ତ ପ୍ରଧାନ, ପୂର୍ବତନ ବିଧାୟକ ସୁଶାନ୍ତ କୁମାର ବେହେରା, ପୂର୍ବତନ ବିଧାୟକ ମୁକେଶ କୁମାର ପାଳ, ରାଜ୍ୟ ସାଧାରଣ ସମ୍ପାଦକ ଡ. ଅବିନାଶ ସାମଲଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଦଳର ମୁଖ୍ୟ ଆଭିମୁଖ୍ୟ 'ସେବା ଓ ସଂଗ୍ରାମ'କୁ ପାଥେୟ କରି ଯୁବପିଢ଼ିଙ୍କୁ ସୁସଂଗଠିତ କରିବା ଏବଂ ଯୁବ ସମାଜର ସହଯୋଗରେ ସଶକ୍ତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଲଢ଼େଇ ଜାରି ରହିବ ବୋଲି ଅରୁଣାଭ କହିଛନ୍ତି।

## ବ୍ରାହ୍ମଣୀ ନଦୀରୁ ମୃତଦେହ ଉଦ୍ଧାର

କଣିହାଁ,୬।୫(ସମିସ): ବୁଧବାର ଅପରାହ୍ନ ୨ଟାରେ କଣିହାଁ ବ୍ଲକ ତଥା ସମଲ ଥାନା ଅନ୍ତର୍ଗତ ବାରୁଆଁ ଶିବ ମନ୍ଦିର ନିକଟ ବ୍ରାହ୍ମଣୀ ନଦୀରୁ କଣିହାଁ ଅଗ୍ନିଶମ ବାହିନୀ ଏକ ମୃତଦେହ ଉଦ୍ଧାର କରିଛି। ମୃତକ ହେଲେ ସମଲ ଥାନା କଟରାପଡା ଗ୍ରାମର ହରମୋହନ ପ୍ରଧାନ (୫୮)। ଗତ ୧ ତାରିଖରୁ ସେ ନିଖୋଜ ଥିବାବେଳେ ସମଲ ଥାନାରେ ଏନେଇ ଅଭିଯୋଗ ହୋଇଥିଲା। ବୁଧବାର ନଦୀରେ ମୃତଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକେ ପୁଲିସ ଓ ଅଗ୍ନିଶମ ବାହିନୀକୁ ସୂଚନା ଦେଇଥିଲେ। କଣିହାଁ ଅଗ୍ନିଶମ କେନ୍ଦ୍ର ଅଧିକାରୀ ସୁଜିତ ମିଶ୍ରଙ୍କ ନେତୃତ୍ୱରେ କର୍ମଚାରୀ ସୁବ୍ରତ ପ୍ରଧାନ, ସୁରେନ୍ଦ୍ର ଜେନା ଓ ବିକ୍ରମ ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ପୁଲିସ ମୃତଦେହ ଜବତ କରିବା ସହ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ତାଳଚେର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ଆଇଆଇସି ମୃଣାଳ କଲୋ ସୂଚନା ଦେଇଛନ୍ତି।

■ ଜନଗଣନା ଉପନିର୍ଦ୍ଦେଶକଙ୍କ ଦୁଇଦିନିଆ ଅନୁଗୋଳ ଗସ୍ତ

## ଜନଗଣନା କାର୍ଯ୍ୟର ସ୍ଥିତି ସମୀକ୍ଷା



ଅନୁଗୋଳ,୬।୫(ସମିସ): ଭାରତ ସରକାରଙ୍କ ଜନଗଣନା ଉପ-ନିର୍ଦ୍ଦେଶକ ପବିତ୍ର କୁମାର ମହଲା ଦୁଇଦିନିଆ ଅନୁଗୋଳ ଗସ୍ତରେ ଆସି ଜିଲ୍ଲାରେ ଚାଲିଥିବା ଜନଗଣନା କାର୍ଯ୍ୟର ସ୍ଥିତି ସମୀକ୍ଷା କରିଛନ୍ତି। ମଙ୍ଗଳବାର ପୂର୍ବାହ୍ନରେ ମହଲା ଅନୁଗୋଳରେ ପହଞ୍ଚିବା ପରେ ପ୍ରଥମ ଦିନରେ ବଣ୍ଠରପାଳ ତହସିଲ ଅଧୀନରେ ଥିବା ବିଭିନ୍ନ କ୍ଷେତ୍ର ପରିଦର୍ଶନ କରିଥିଲେ। ପରିଦର୍ଶନ ସମୟରେ ଜିଲ୍ଲା ଡେପୁଟି ଜନଗଣନା ଅଧିକାରୀ ଜୟକୃଷ୍ଣ ପାତ୍ର, ବଣ୍ଠରପାଳ ତହସିଲଦାର ତଥା ଚାର୍ଜ ଅଫିସର ସୁଶାନ୍ତ କୁମାର ମିଶ୍ର ଏବଂ ଅତିରିକ୍ତ ତହସିଲଦାର ସୁଶାନ୍ତ କୁମାର ନାୟକ ଉପସ୍ଥିତ ଥିଲେ। ସହକାରୀ ଜିଲ୍ଲାପାଳ ସଞ୍ଜୟ ଭୋଇ ଓ ଅନୁଗୋଳ ଜିଲ୍ଲା ପାଇଁ ନିୟୋଜିତ ରାଜ୍ୟ ସଂଯୋଜକ ଅମିତରତ୍ନମ ଓ ଦୀପକ କୁମାର ଉପସ୍ଥିତ ଥିଲେ। ବୁଧବାର ମଧ୍ୟାହ୍ନରେ ଉପ-ନିର୍ଦ୍ଦେଶକ ମହଲା ଜିଲ୍ଲାର ସମସ୍ତ ୧୩ଟି ଚାର୍ଜର ଅଧିକାରୀଙ୍କୁ ନେଇ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକରେ ଯୋଗଦେବା ସହ ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖତର ଏବଂ ଅତିରିକ୍ତ ଜିଲ୍ଲାପାଳ ତଥା ଜିଲ୍ଲା ଜନଗଣନା ଅଧିକାରୀ ପ୍ରତାପ ପ୍ରୀତିମୟଙ୍କ ସହ ସୌଜନ୍ୟମୂଳକ ସାକ୍ଷାତ କରିଥିଲେ। ଏହି ଆଲୋଚନା ସମୟରେ ସେ ଜିଲ୍ଲାରେ ଜନଗଣନା କାର୍ଯ୍ୟର ଅଗ୍ରଗତି ଏବଂ ବର୍ତ୍ତମାନର ସ୍ଥିତି ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ।

## ଏସବିଆଇ ଶାଖାରେ ନାହିଁ ଟଙ୍କା: ଗ୍ରାହକ ହତାଶ

ତାଳଚେର,୬।୫(ସମିସ): ବର୍ତ୍ତମାନ ବିବାହ, ବ୍ରତ ଓ ଅନ୍ୟାନ୍ୟ ମାଙ୍ଗଳିକ କାର୍ଯ୍ୟକ୍ରମ ପାଇଁ ଲୋକେ ଟଙ୍କା ଆବଶ୍ୟକ କରୁଥିବା ବେଳେ ତାଳଚେର ଷ୍ଟେଟବ୍ୟାଙ୍କ ଶାଖାରେ ଟଙ୍କା ନ ଥିବାରୁ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ଋଣ ନୁହେଁ, ଗ୍ରାହକମାନେ ନିଜ ଜମା ଟଙ୍କାରୁ ୧ଲକ୍ଷ ଟଙ୍କା ଉଠାଇବାକୁ ଗଲେ ବ୍ୟାଙ୍କ କର୍ତ୍ତୃପକ୍ଷ ସେମାନଙ୍କୁ ଟଙ୍କା ଦେଉ ନ ଥିବା ଅଭିଯୋଗ ହେଉଛି। ଏପରି ଅଭିଯୋଗ ଆଣିଛନ୍ତି ବ୍ୟାଙ୍କର ଏକାଧିକ ଗ୍ରାହକ। କେତେଜଣ ଗ୍ରାହକ ନିଜ କନ୍ୟା ବିବାହ ପାଇଁ ବ୍ୟାଙ୍କ ଜମାଖାତାରୁ ୧ଲକ୍ଷ ଟଙ୍କା ଉଠାଇବାକୁ ଯାଇଥିଲେ। ମାତ୍ର ବ୍ୟାଙ୍କ କର୍ତ୍ତୃପକ୍ଷ ସେମାନଙ୍କୁ ଏତେଗୁଡ଼ିଏ ଟଙ୍କା ପ୍ରଦାନ କରିବାକୁ ଅସମର୍ଥ ବୋଲି ଜଣାଇଥିଲେ। ତେବେ ଶିଳ୍ପନଗରୀ ତାଳଚେର ଅଞ୍ଚଳରେ ଜନସଂଖ୍ୟା ଦ୍ରୁତଗତିରେ ବୃଦ୍ଧି ପାଇବା ସହ ଲୋକଙ୍କ ବ୍ୟବସାୟ ମଧ୍ୟ ସେହି ଅନୁପାତରେ ବଢ଼ି ଚାଲିଛି। ଯଦି ଏସବିଆଇ ଭଳି ବ୍ୟାଙ୍କରେ ଏପରି ଅବସ୍ଥା ତେବେ ଗ୍ରାହକମାନେ କେଉଁଠାରେ ଟଙ୍କା ରଖିବେ ବୋଲି ପ୍ରଶ୍ନ ଉଠିଛି। ସେହିପରି ଏସ୍‌ବିଆଇ ତାଳଚେର ଶାଖା ନିକଟ ଏଟିଏମକୁ ବାଦ୍ ଦେଲେ ସହରର ଅନ୍ୟ ଏସବିଆଇ ଏଟିଏମରେ ଆଜକୁ ତିନିଦିନ ହେବ ଟଙ୍କା ନ ଥିବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ କର୍ତ୍ତୃପକ୍ଷ ତୁରନ୍ତ ଏଥିରେ ହସ୍ତକ୍ଷେପ କରି ସ୍ଥିତି ସ୍ୱାଭାବିକ କରିବାକୁ ଗ୍ରାହକମାନେ ଦାବି କରିଛନ୍ତି।

# ପ୍ରାକୃତିକ ବିପର୍ଯ୍ୟୟ ମୁକବିଲା ପାଇଁ ଜିଲ୍ଲାସ୍ତରୀୟ ବୈଠକ

ଅନୁଗୋଳ,୬।୫(ସମିସ):



ଜିଲ୍ଲା ବିପର୍ଯ୍ୟୟ ପରିଚାଳନା କମିଟି ଓ ଜିଲ୍ଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ପ୍ରସ୍ତୁତି ବୈଠକ ବୁଧବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ଜିଲ୍ଲାପାଳ ଅବ୍ଦାଲ୍ ମୁହମ୍ମଦ୍ ଅଖତରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପାଲଲହଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଢେଙ୍କାନାଳ ସାଂସଦଙ୍କ ପ୍ରତିନିଧି ପ୍ରଭାତ କୁମାର ପ୍ରଧାନ, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ପବନ ମଣ୍ଡୋଠିଆ, ତାଳଚେର ବିଧାୟକଙ୍କ ପ୍ରତିନିଧି ସନ୍ତୋଷ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ପ୍ରୀତିମୟଙ୍କ ସମେତ ବିଭିନ୍ନ ପଞ୍ଚାୟତ ସମିତିର ଅଧ୍ୟକ୍ଷ ପ୍ରମୁଖ ଯୋଗଦେଇଥିଲେ। ଜଳସେଚନ, ସ୍ୱାସ୍ଥ୍ୟ, ବିଦ୍ୟୁତ୍, ପୂର୍ତ୍ତ, ପଞ୍ଚାୟତ ଓ ଗ୍ରାମୀଣ ଜଳଯୋଗାଣ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ନଗର ଉନ୍ନୟନ ବିଭାଗ ବିଷୟରେ ଆଲୋଚନା ହୋଇଥିଲା। ବର୍ଷାଦିନ ପୂର୍ବରୁ ନାଳ ନର୍ଦ୍ଦମାଗୁଡ଼ିକୁ ସଫା ଓ ମରାମତି କରିବା, ଶୁଖିଲା ଖାଦ୍ୟ ମହଜୁଦ ରଖିବା, ଯନ୍ତ୍ର ଚାଳିତ ବୋଟ୍‌ଗୁଡ଼ିକ ସଜାଗ ରଖିବା, କଣ୍ଟ୍ରୋଲ ରୁମ୍‌ଗୁଡ଼ିକୁ କାର୍ଯ୍ୟକ୍ଷମ କରିବା, ନିୟମିତ ବୃଷ୍ଟିପାତ ମାପିବା, ଆଶ୍ରୟସ୍ଥଳଗୁଡ଼ିକରେ ଆବଶ୍ୟକ ଖାଦ୍ୟ ସାମଗ୍ରୀ ମହଜୁଦ ରଖିବା, ବିଦ୍ୟୁତ ଓ ଟେଲିଫୋନ ବିଭାଗ ନିମନ୍ତେ ଗଛ କାଟିବା, ମେଡିକାଲରେ ଆବଶ୍ୟକ ଜରୁରୀକାଳୀନ ସମସ୍ତ ଔଷଧ ଯଥା- ମ୍ୟାଲେରିଆ, ଟାଇଫଏଡ୍ ଔଷଧ, ଓ ଆର ଏସ୍, ବ୍ଲିଚିଂ ପାଉଡର, କ୍ଲୋରିନ୍ ବଟିକା ଇତ୍ୟାଦି ମହଜୁଦ ରଖିବା, ପାନୀୟ ଜଳ ଯୋଗାଣ, ପଲିଥିନ୍ ମହଜୁଦ ରଖିବା ଇତ୍ୟାଦି ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସ୍‌ପି ବିରଞ୍ଚି ବାଗ, ଜିଲ୍ଲା ଯୋଗାଣ ଅଧିକାରୀ ଶ୍ରୀନିବାସ ସାହୁ, ଜିଲ୍ଲା ଆପାତକାଳୀନ ଅଧିକାରୀ ଶୁଭେନ୍ଦୁ କୁମାର ଜେନାଙ୍କ ସମେତ ବିଡିଓ, ତହସିଲଦାର, ପୌରପାଳିକା ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ, ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ହରିପ୍ରସାଦ ଫାଉଣ୍ଡେସନ ପକ୍ଷରୁ ହରିବାବୁଙ୍କ ଶ୍ରାଦ୍ଧ ଦିବସ



ଖମାର,୬।୫(ସମିସ): ପାଲଲହଡ଼ା ପଞ୍ଚାୟତ ସମିତିର ପୂର୍ବତନ ଅଧ୍ୟକ୍ଷ ସ୍ୱର୍ଗତ ହରିପ୍ରସାଦ ପ୍ରଧାନଙ୍କ ସପ୍ତମ ଶ୍ରାଦ୍ଧ ଦିବସ ହରିପ୍ରସାଦ ଫାଉଣ୍ଡେସନ ପକ୍ଷରୁ ଖମାର କଲ୍ୟାଣ ମଣ୍ଡପ ଓ ଖମାର ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ପରିସରରେ ପାଳିତ ହୋଇଛି। ଖମାର କଲେଜ ଅଧ୍ୟକ୍ଷ ବିକେ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ଖମାର ଥାନା ଅଧିକାରୀ ଅରୁଣ କୁମାର ଖିଲାର, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଡ. ତନ୍ମୟ କୁମାର କବି ଓ ବାବା ନିର୍ଲିପ୍ତାନନ୍ଦ ସରସ୍ୱତୀ, ଚିନ୍ମୟ ମିଶ୍ର ଯୋଗଦେଇ ଆଧ୍ୟାତ୍ମ ଉପରେ ଆଲୋଚନା କରିଥିଲେ। ଟିକନ ପ୍ରଧାନ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ସିଦ୍ଧାର୍ଥ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଖମାର କଲ୍ୟାଣୀ ମଣ୍ଡପରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ମନ୍ତ୍ରୀ ତୁଷାରକାନ୍ତି ବେହେରା, ଅବସରପ୍ରାପ୍ତ ଶିକ୍ଷକ ଦୁଃଖବନ୍ଧୁ ସାହୁ, ଶିକ୍ଷାବିତ ଡ. ସମୀର କୁମାର ପ୍ରଧାନ ଯୋଗଦେଇଥିଲେ। ଜ୍ୟୋତିର୍ମୟ ପ୍ରଧାନ ମଞ୍ଚ ପରିଚାଳନା କରିଥିଲେ।

## ିରିକିପ ାରେ ୁଲ ଟ ରଙ୍କୁସମ ର୍ନା



**ପୋଲସରା,୬।୫(ସମିସ):** ଚିରିକିପଡା ଶାସନ ଉଚ୍ଚ ବିଦ୍ୟାଳୟର ଦଶମ ଶ୍ରେଣୀ ଟପ୍ପର ହୋଇଥିବା ଦୁଇ ଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଆଇନଜୀବୀ ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଚିରିକିପଡା ଶାସନ ଗ୍ରାମରେ ନିଜ ମାମୁଁ ଘରେ ରହି ପାଠ ପଢୁଥିବା ରାହୁଲ ବେହେରା ଓ ଗ୍ରାମର ଚିନ୍ମୟ ନାୟକ ଉଭୟ ୪୮୦ ମାର୍କ ରଖିଛନ୍ତି। ଏହାକୁ ନେଇ ସେମାନେ ଖୁସି ଅନୁଭବ କରିବା ସହିତ ପାଠ ପଢ଼ାପଢ଼ିରେ ମାତା ପିତା ଓ ବିଦ୍ୟାଳୟ ଏବଂ ଟିୟୁସନର ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ସହଯୋଗ ଯୋଗୁଁ ଭଲ ମାର୍କ ରଖି ଉତ୍ତୀର୍ଣ୍ଣ ହେବା ନେଇ ସମସ୍ତଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମ୍ବର୍ଦ୍ଧନା ସଭାରେ ଦେବାଶିଷ ପ୍ରଧାନ, ସୁନୀଲ ନାୟକ, ସାନବାବୁ ପ୍ରଧାନ, ପ୍ରତାପ ଜେନା, ସୁରେନ୍ଦ୍ର ସାହୁ, ଜଗନ୍ନାଥ ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ, ଗୁରୁଦେବ ସାହୁ, ସାଗର ଗୌଡ, ଲକ୍ଷ୍ମଣ ସାହୁ, ପ୍ରଦୀପ ପ୍ରଧାନ, କବି ବିଷୋୟୀ, ମହେଶ୍ୱର ନାହାକଙ୍କ ସମେତ ବହୁ ଗ୍ରାମବାସୀ ଓ ଛାତ୍ର ଉପସ୍ଥିତ ଥିଲେ।

## ବେବି ଅଲିଭ ରି ଲେ ପା ଲେଣ୍ଟା ଠିକ ।

ଗଞ୍ଜାମ,୬।୫(ସମିସ)



ବିଶ୍ୱ ପର୍ଯ୍ୟଟନ ମାନଚିତ୍ରରେ ସାମୁଦ୍ରିକ କଇଁଛ ଅଲିଭ ରିଡଲେଙ୍କ ଏକ୍ତୁଡ଼ିଶାଳ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଗଞ୍ଜାମ ଜିଲ୍ଲାର ଋଷିକୁଲ୍ୟା ମୁହାଁଣରେ ବେବି ଅଲିଭ ରିଡଲେ ମାନେ ନୂଆ ଠିକଣା ପାଇଛନ୍ତି। ସୂର୍ଯ୍ୟାସ୍ତ ପରେ ଅନ୍ଧାର ଓ ଥଣ୍ଡା ପରିବେଶରେ ବେଳାଭୂମି ମଧ୍ୟରେ କୋଟି କୋଟି ସଂଖ୍ୟାରେ ପୋତି ହୋଇରହିଥିବା ଅଣ୍ଡା ମଧ୍ୟରୁ ଫୁଟିବା ପରେ ଗୋଟାକ ପରେ ଗୋଟିଏ କଇଁଛ ଶାବକ ବାଲି ଉପରକୁ ଉଠି ଆସି ସମୁଦ୍ର ମୁହାଁ ହୋଇଛନ୍ତି। ଶାବକ ମାନେ ସମୁଦ୍ର ଲହରିର ଶବ୍ଦ ଓ ତାର ତେଜସକ୍ରିୟ ରଶ୍ମୀ ପ୍ରତି ଆକର୍ଷିତ ହୋଇ ସମୁଦ୍ର ମୁହାଁ ହୋଇଥାନ୍ତି। ଆଉକିଛି ବାଟବଣା ହୋଇ ବେଳାଭୂମି ଉପର ମୁହାଁ ହେଉଥିବା ବେଳେ କିଛି ଶାବକ ବାଲି ମଧ୍ୟରେ ଓଲଟି ପଡିଥାନ୍ତି। ସେ ଗୁଡିକୁ ସ୍ଥାନୀୟ ସ୍ୱେଚ୍ଛାସେବୀ ଓ ବନ ବିଭାଗ କର୍ମଚାରୀ ମାନେ ପ୍ଲାଷ୍ଟିକ ପାତ୍ରରେ ସଂଗ୍ରହ କରି ସମୁଦ୍ର ପାଣିରେ ଛାଡୁଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଗଞ୍ଜାମ ବ୍ଲକ ଅନ୍ତର୍ଗତ ଋଷିକୁଲ୍ୟା ବେଳାଭୂମି ସ୍ୱେଚ୍ଛାସେବୀ ଓ ବନ ବିଭାଗ କର୍ମଚାରୀ ମାନେ ଶାବକ ମାନଙ୍କୁ ବେଳାଭୂମି ଉପରୁ ସଂଗ୍ରହ କରି ସମୁଦ୍ର ଜଳରେ ଛାଡୁଥିବା ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ ଚଳିତ ବର୍ଷ ୮୦ ପ୍ରତିଶତ ଅଲିଭ ରିଡଲେ ଆର୍ଯ୍ୟଲ୍ୟାଣ୍ଡରେ ଗଣଅଣ୍ଡାଦାନ କରିଥିବା ବେଳେ ପୋଡ଼ମପେଟା ବେଳାଭୂମି ଠାରୁ ପ୍ରୟାଗି ମଧ୍ୟରେ ଆଉ ୨୦ ପ୍ରତିଶତ ଅଲିଭ ରିଡଲେ ଅଣ୍ଡାଦାନ କରିଥିଲେ।

## ଢଉଗାଁରେ ବିଶ୍ୱଶାନ୍ତି ମହାଯଜ୍ଞ

**ଧରାକୋଟ,୬।୫(ସମିସ):** ଧରାକୋଟ ବ୍ଲକର ଢଉଗାଁରେ ସାତଦିନ ଧରି ତ୍ରୟମ୍ବକ ବିଶ୍ୱଶାନ୍ତି ମହାଯଜ୍ଞ ଓ ଭୁବନେଶ୍ୱର ମହାଦେବ ମନ୍ଦିରର ପୁନଃ ନିର୍ମାଣ ସହ ସଂସ୍କାର କାର୍ଯ୍ୟର ଶୁଭାରମ୍ଭ ହୋଇଯାଇଛି। ରବିବାର ଜଳଯାତ୍ରା ପରେ ଦୀକ୍ଷାଗ୍ରହଣ, ଶାଳା ସଂସ୍କାର, କର୍ମ ଆରମ୍ଭ, ଯଜ୍ଞ ପ୍ରାରମ୍ଭ, ଅନ୍ନଯଜ୍ଞ ପରେ ପ୍ରତିଦିନ ରୀତି ନୀତି ଅନୁଯାୟୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏଥିରେ କର୍ତ୍ତା ଭାବରେ ସଞ୍ଜୟ ପାତ୍ର, ଭାରତୀ ପାତ୍ର, ପ୍ରଦୀପ ସାହୁ, ଶୁଭଶ୍ରୀ ସାହୁ, ମଙ୍ଗୁଲୁ ନାହାକ, ଟୁନି ନାହାକ, କରୁଣାକର ପରିଡ଼ା ଓ ତାଙ୍କ ଧର୍ମପତ୍ନୀ ଦାୟିତ୍ୱ ତୁଲାଇ ଥିଲେ। ପୂର୍ବତନ ବିଧାୟିକା ଲତିକା ପ୍ରଧାନ ଏଥିରେ ଯୋଗଦେଇଥିଲେ। ଆସନ୍ତା ଶୁକ୍ରବାର ପୂର୍ଣ୍ଣାହୂତି ହେବ।

### ମଉସାଙ୍କୁ ହତ୍ୟା ଉଦ୍ୟମ ଘଟଣା

## ପୁତୁରା ଗିରଫ, ଠେଙ୍ଗା ଜବତ

**ଦିଗପହଣ୍ଡି,୬।୫(ସମିସ):** ଦିଗପହଣ୍ଡି ବ୍ଲକ କଇଠଡା ଗ୍ରାମର ଏସ.ପୁନିଆ ରେଡ୍ଡୀ(୬୮) ଙ୍କୁ ତାଙ୍କ ପୁତୁରା ଏସ. ସିମାଞ୍ଚଳ ରେଡ୍ଡୀ ଟଙ୍କା ଧାର ମାଗିବାକୁ କେନ୍ଦ୍ରକରି ଗତ ଏପ୍ରିଲ ୨୫ ତାରିଖ ସନ୍ଧ୍ୟା ପ୍ରାୟ ୭ ଟାରେ ମରଣାନ୍ତକ ଆକ୍ରମଣ କରିଥିଲେ। ଠେଙ୍ଗାରେ ସିମାଞ୍ଚଳ ତାଙ୍କ ମଉସା ପୁନିଆଙ୍କୁ ମାଡ଼ ମାରିବାରୁ ତାଙ୍କ ଦୁଇଟି ହାତ ଭାଙ୍ଗି ଯାଇଥିଲା। ସେ ଚିକିତ୍ସା ହୋଇ ଫେରିବାପରେ ଗତ ୩୦ ତାରିଖରେ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଆଇଆଇସି କିଶୋର କୁମାର ସାମଲ ମାମଲା ନଂ.୧୯୧/୨୬ ଭାରତୀୟ ନ୍ୟାୟ ସଂହିତା ର ଦଫା - ୩୩୩/୨୯୬/୧୧୫(୨)/୧୧୭(୨)/୧୦୯/୩୫୧(୨) ଅନୁଯାୟୀ ମକଦ୍ଦମା ରୁଜୁ କରିବା ସହ ନିଜେ ପ୍ରତ୍ୟକ୍ଷ ଭାବେ ତଦନ୍ତ କରି ଅଭିଯୁକ୍ତ ସିମାଞ୍ଚଳ ଙ୍କୁ ମଙ୍ଗଳବାର ସନ୍ଧ୍ୟାରେ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଥିଲେ।ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ତାଙ୍କ ନିକଟରୁ ଆକ୍ରମଣରେ ବ୍ୟବହୃତ ଠେଙ୍ଗା କୁ ଜବତ କରାଯାଇଛି। ପୁନିଆ ପୂର୍ବରୁ ଦିଗପହଣ୍ଡି ବ୍ଲକ ବି.ତୁରୁବୁଡି ପଞ୍ଚାୟତ ଝରିପଦର ଗ୍ରାମରେ ରହୁଥିଲେ।ସେଠାରେ ସେ କିଛି ଜମି କ୍ରୟ କରିଥିଲେ।ତାଙ୍କର କେହି ପୁଅ ନାହାନ୍ତି।ଏକମାତ୍ର ଝିଅ ର ବିବାହ ପରେ କିଛିଦିନ ପୂର୍ବ? ସେ ଝରିପଦର ଗ୍ରାମରେ ଥିବା ଜମିକୁ ସେ ବିକ୍ରୟ କରି ଲକ୍ଷାଧିକ ଟଙ୍କା ପାଖରେ ରଖିଥିଲେ। ମଉସାଙ୍କ ପାଖରେ ଲକ୍ଷାଧିକ ଟଙ୍କା ଥିବା ସୂଚନା ପାଇ ସିମାଞ୍ଚଳ ପୁନିଆ ଙ୍କ ଘରେ ପହଞ୍ଚି ୧ ଲକ୍ଷ ଟଙ୍କା ଧାର ମାଗିଥିଲେ। ପୁନିଆ ଙ୍କ ସ୍ତ୍ରୀ ତାଙ୍କ ପୁତୁରା ସିମାଞ୍ଚଳ ଙ୍କୁ ଟଙ୍କା ଦେବାପାଇଁ ସ୍ୱାମୀ ପୁନିଆ ଙ୍କୁ ବାଧ କରିଥଲେ।ଏନେଇ ଉଭୟଙ୍କ ମଧ୍ୟରେ କଥା କଟାକଟି ହେବା ପରେ ପୁନିଆ ଉତ୍ତ?ଜିତ ହୋଇ ସ୍ତ୍ରୀ ଙ୍କୁ ଗତ ୨୫ ତାରିଖ ସନ୍ଧ୍ୟାରେ ମାଡ଼ ମାରିଥିଲେ।ଖବରପାଇ ପୁତୁରା ତାଙ୍କ ଘରେ ପହଞ୍ଚି ପ୍ରତିବାଦ କରିଥିଲେ।ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା।ପୁନିଆ ଘର ବାରଣ୍ଡାରେ ବସିଥିବା ବେଳେ ସିମାଞ୍ଚଳ ତାଙ୍କୁ ମାଡ଼ ମାରିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ତଦନ୍ତକାରୀ ଅଧିକାରୀ ଆଇଆଇସି କହିଛନ୍ତି।

## ଆକାଶ ଜେନା ହତ୍ୟା ମାମଲାରେ ଆଉ ୩ ଗିରଫ



**ପୋଲସରା,୬।୫(ସମିସ):** ପୋଲସରା ଥାନା ଅନ୍ତର୍ଗତ ବାଲିଘାଇ ଗ୍ରାମରେ ବରଯାତ୍ରୀ ଶୋଭାଯାତ୍ରାରେ ନାଗୀନ୍ ଗୀତ ବଜାଇବାକୁ ନେଇ ଘଟିଥିଲା ଏକ ଜଘନ୍ୟ ହତ୍ୟାକାଣ୍ଡ। ଏହି ଘଟଣାରେ ବୁଧବାର ପୋଲସରା ପୁଲିସ ଆଉ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ପୋଲସରା ଥାନା ରାଣୀପଡ଼ା ହରିଅର୍ଜ୍ଜୁନ ସାହିର ତପୁ ଜେନା, ପୋଲସରା ଥାନା ଲୁଣିଘାଟିର ଶୁଭମ ଭୂୟାଁ ଓ କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ କୁଆନନ୍ଦ ଗ୍ରାମର ରାହୁଲ ବେହେରା । ୩ ଅଭିଯୁକ୍ତ ଭୁବନେଶ୍ୱରରେ ଆତ୍ମଗୋପନ କରିଥିବା ପୁଲିସ ସୂଚନା ପାଇ ଗିରଫ କରିଥିଲା। ପୁଲିସ ସେମାନଙ୍କ ନିକଟରୁ ୨ଟି ଖଣ୍ଡା, ଗୋଟିଏ ଲୁହା ରଡ଼, ୨ଟି ବୁଲେଟ ଗାଡି ଏବଂ ୩ଟି ମୋବାଇଲ ଫୋନ ଜବତ କରିଛି। ସୂଚନାଯୋଗ୍ୟ ଗତ ମାସ ୨୫ତାରିଖ ରେ ବଡଭାଇ ରିଙ୍କୁ ଜେନାର ବାହାଘର ଶୋଭାଯାତ୍ରା ବେଳେ ସାନଭାଇ ଆକାଶ ଜେନାଙ୍କୁ ହତ୍ୟା କରିଥିଲେ ଡିଜେ ଚାଳକ ଓ ତାର ସହଯୋଗୀ। ଏହାପରେ ଗ୍ରାମବାସୀ ଘଟଣାର ମୁଖ୍ୟ ଅଭିଯୁକ୍ତକୁ ଫାଶୀଦଣ୍ଡ ସହ ଅନ୍ୟ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବା ପାଇଁ ପୋଲସରା ମୁଖ୍ୟ ରାସ୍ତା ଅବରୋଧ କରି ପ୍ରତିବାଦ କରିଥିଲେ। ପରେ ପୁଲିସ ଲିଖିତ ପ୍ରତିଶ୍ରୁତି ଦେଇ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ପ୍ରତିବାଦକାରୀଙ୍କୁ ବୁଝାଇଥିଲେ। ବର୍ତ୍ତମାନ ସୁଦ୍ଧା ଏହି ଘଟଣାରେ ୧୨ ଜଣ ଗିରଫ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି। ଆଗକୁ ଗିରଫଙ୍କ ସଂଖ୍ୟା ବଢିବା ସହ ପୁରା ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି ଥାନାଧିକାରୀ କୌଶିକ ମାଝୀ ସୂଚନା ଦେଇଛନ୍ତି।

## ଆଜି ଠାରୁ ରାଜ୍ୟସ୍ତରୀୟ କିକ୍ ବକ୍ସିଂ ପ୍ରତିଯୋଗିତା

**ଗଞ୍ଜାମ,୬।୫(ସମିସ):** ଗଞ୍ଜାମରେ ସପ୍ତମ ତମ ୱାକୋ ଓଡିଶା ରାଜ୍ୟସ୍ତରୀୟ ଆର୍ମଚର କିକ ବକ୍ସିଙ୍ଗ ଚାମ୍ପିୟାନସିପ ଗୁରୁବାର ଠାରୁ ଅନୁଷ୍ଠିତ ହେବ। ଏଥିରେ ୭ ବର୍ଷରୁ ଊର୍ଦ୍ଧ୍ୱ ୪୧ ବର୍ଷ ପର୍ଯ୍ୟନ୍ତ ପ୍ରତିଯୋଗୀ ମାନେ ଭାଗ ନେବାର କାର୍ଯ୍ୟକ୍ରମ ରହିଛି। ରାଜ୍ୟର ୨୩ଟି ଜିଲ୍ଲାର ସବ ଜୁନିଅର, ଜୁନିୟର( ବାଳକ ଓ ବାଳିକା) ବିଭାଗ ଏବଂ ସିନିଅର ପୁରୁଷ ଓ ମହିଳା ବର୍ଗର ପ୍ରତିଯୋଗୀ ମାନେ ଭାଗ ନେବେ। ବିଜେତା ମାନଙ୍କୁ ଅର୍ଥ ପୁରସ୍କାର ଓ ବେଲ୍ଟ ପ୍ରଦାନ କରାଯିବ। ବୁଧବାର ଗଞ୍ଜାମ ସହର ସ୍ଥିତ ଇଣ୍ଡୋର ଷ୍ଟାଡିୟମରେ ଏକ ପ୍ରେସ ବିବୃତିରେ ଇକୋ ଓଡିଶା ଆର୍ମଚର କିକ ବକ୍ସିଙ୍ଗ ଜଏଣ୍ଟ ସେକ୍ରେଟାରି ରଞ୍ଜନ ସୂତାର ଚାମ୍ପିୟାନସିପ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ଆୟୋଜକ କୃଷ୍ଣଚନ୍ଦ୍ର ଡାକୁଆ, ଜିଲ୍ଲା ସମ୍ପାଦକ କୁମାର ଆପାତ, ପ୍ରମୁଖ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ। ସହଯୋଗୀ ଭାବେ ବାପି ଦାସ, ରାନୁ ବୈଠାରୁ, ଭଗବାନ ପ୍ରଧାନ, ଆଶୁତୋଷ ଦାଶ, ଆଦିତ୍ୟ ମହାପାତ୍ର ରୟାଲ ବେହେରା, ସଚିନ ପ୍ରଧାନ ଶଙ୍କର ସ୍ୱାଇଁ, ମାନସ ରାଉଳ, ମଦନ ପାଢ଼ୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ପ୍ରଶାସନିକ ଅଧିକାରୀଙ୍କ ଦୁର୍ବଳ ନଦୀବନ୍ଧ ପରିଦର୍ଶନ

**ଧରାକୋଟ,୬।୫(ସମିସ):** ଗଞ୍ଜାମ ଜିଲ୍ଲାର ଜୀବନରେଖା ରୂପେ ପରିଚିତ ଋଷିକୁଲ୍ୟା ନଦୀ ଧରାକୋଟ ବ୍ଲକର ବରଡାବିଲି, ଜାହାଡା, ସିଙ୍ଗିପୁର, ଜଗମୋହନ, ମୁଣ୍ଡମରାଇ, ଢଉଗାଁ, ରେଣ୍ଟୀ ଦାମୋଦରପଲ୍ଲୀ ପଞ୍ଚାୟତ ଅଞ୍ଚଳରେ ପ୍ରବାହିତ ହେଉଛି। ବର୍ଷାଋତୁ ପୂର୍ବରୁ ବୁଧବାର ଧରାକୋଟ ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ବିଡିଓ ଭବାନୀ ଶଙ୍କର ପ୍ରଧାନ, ଜଳସେଚନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ କେ.ଦେବେନ୍ଦ୍ର ପ୍ରଧାନ, ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ଭୂୟାଁ, ଯୋଗେନ୍ଦ୍ର ସାସମଲ, ସୁପରଭାଇଜର ସୁଜ୍ଞାନି ବେହେରା, ରାଜସ୍ୱ ନିରୀକ୍ଷକ ରବୀନ୍ଦ୍ର ଗୌଡ଼, ଲୋଚନ ମଲିକ ପ୍ରମୁଖ ଭରତ ପଲ୍ଲୀ, ବରଡାବିଲି, କହିରାପଲି, କୁଶପଡ଼ା ପ୍ରଭୃତି ଗାଁ ନିକଟରେ ଥିବା ଅସୁରକ୍ଷିତ ନଦୀବନ୍ଧକୁ ପରିଦର୍ଶନ କରିଥିଲେ। ସମ୍ପ୍ରତି ବର୍ଷା ଋତୁ ପୂର୍ବରୁ ଦୁର୍ବଳ ନଦୀ ହିଡ ଗୁଡ଼ିକର ବିଭାଗ ତରଫରୁ ପୁନରୁଦ୍ଧାର କରାଯିବ ବୋଲି ବିଭାଗୀୟ ଅଧିକାରୀ ପ୍ରକାଶ କରିଛନ୍ତି।

## ସ୍ୱପ୍ନେଶ୍ୱର ମହାପ୍ରଭୁଙ୍କ ପ୍ରାସାଦ ପ୍ରତିଷ୍ଠା ଉତ୍ସବ



**ଶେରଗଡ଼,୬।୫(ସମିସ):** ଶେରଗଡ ବ୍ଲକ ଅନ୍ତର୍ଗତ କିର୍ତ୍ତିପୁର ଗ୍ରାମରେ ସ୍ୱପ୍ନେଶ୍ୱର ମହାପ୍ରଭୁଙ୍କ ପ୍ରାସାଦ ପ୍ରତିଷ୍ଠା ଉତ୍ସବ ଆରମ୍ଭ ହୋଇଛି। ଏହି ଅବସରରେ ଋଷିକୂଲ୍ୟା ନଦୀରୁ କଳସ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ଗ୍ରାମବାସୀ ମନ୍ଦିର ପ୍ରତିଷ୍ଠା ସ୍ଥଳରେ ପହଞ୍ଚି ଥିଲେ। ପଣ୍ଡିତ ଚନ୍ଦ୍ର ମଣି ପୁରୋହିତଙ୍କ ସହ ଅନ୍ୟ ପଣ୍ଡିତ ମାନେ ମିଶି ମନ୍ତ୍ର ଉଚ୍ଚାରଣରେ ମନ୍ଦିର ପ୍ରକମ୍ପିତ ହୋଇଥିଲା। ମୁଖ୍ୟକର୍ତ୍ତା ରୂପେ କଂଗ୍ରେସ ପାତ୍ରଙ୍କ ସହ ଧର୍ମପତ୍ନୀ ଦାୟିତ୍ୱ ନିର୍ବାହ କରିଥିଲେ। ଏହି କାର୍ଯ୍ୟକ୍ରମ ୦୫ ଦିନ ଧରି ଚାଲିବ। ମଙ୍ଗଳବାର ହିଞ୍ଜିଳି ବିଜେପି ବିଧାୟକ ପ୍ରାର୍ଥୀ ଶିଶିର କୁମାର ମିଶ୍ର, ବରିଷ୍ଠ ସମାଜସେବୀ ତଥା ବିଜେପି ନେତା ନିରଞ୍ଜନ ଜେନା (କାଳିଆ), ବରମୁଣ୍ଡୁଳି ସରପଞ୍ଚ ପ୍ରତିନିଧି କାଳୁଚରଣ ସାହୁ, ପିତ୍ତଳ ପୂର୍ବତନ ସରପଞ୍ଚ କୃଷ୍ଣଚନ୍ଦ୍ର ମଳିକ, ଆସିକା ସମବାୟ ଚିନି ଶିଳ୍ପର ପୂର୍ବତନ ପରିଚାଳନା ବୋର୍ଡ ସଭାପତି ବିପିନ ବିହାରୀ ପାତ୍ର, ପୂର୍ବତନ ଖିରିଡା ସରପଞ୍ଚ ଅଜିତ କୁମାର ଜେନା, ନରେନ୍ଦ୍ରପୁର ସରପଞ୍ଚ ଗୁରୁନାଥ ପୋଲାଇ, ନରେନ୍ଦ୍ରପୁର ସମିତି ସଭ୍ୟ ସରୋଜ କୁମାର ପାତ୍ର, ଜିଲ୍ଲା ଉପସଭାପତି ନୟନୀ କୁମାର ମଳିକ, ଯୁବ ନେତା ଦିପୁ ପାତ୍ର ଓ ସଞ୍ଜୟ ସ୍ୱାଇଁଙ୍କ ସହ ବହୁ ବିଜେପି କର୍ମୀ ପହଞ୍ଚିଥିଲେ।

## ସୁନା ରୁପା ସମେତ ଦାନ ହୁଣ୍ଡି ଲୁଟିନେଲେ

**ଛତ୍ରପୁର,୬।୫(ସମିସ):** ଠାକୁରଙ୍କୁ ବି ଛାଡିଲେନି ଦୁର୍ବୃତ୍ତ। ରାତି ଅଧରେ ମନ୍ଦିର ଭିତରେ ପଶି ଲୁଟିନେଲେ ସୁନା ରୁପା ଅଳଙ୍କାର ସମେତ ଦାନ ହୁଣ୍ଡି। ଛତ୍ରପୁର ଥାନା ଅଧିନ କୁମାର ବେଗପଲ୍ଲୀ ଗ୍ରାମରେ ଥିବା ହନୁମାନ ମନ୍ଦିରରୁ ସୁନା ଅଳଙ୍କାର, ସମେତ ଦାନ ହୁଣ୍ଡି, ରୂପା ଅଳଙ୍କାର ଚୋରି କରି ନେଇଛନ୍ତି ଦୁର୍ବୃତ୍ତ।



ଚୋରୀ ବେଳର ଦୃଶ୍ୟ ସିସି ଟିଭିରେ କଏଦ। ଚୋରି ସାମଗ୍ରୀର ଆନୁମାନିକ ମୂଲ୍ୟ ୫୦ ଲକ୍ଷରୁ ଅଧିକା ହେବ ବୋଲି ସୂଚନା ମିଳିଛି। ମଙ୍ଗଳବର ରାତିରେ ପୂଜକ ଦାଶରଥି ପଣ୍ଡା ପୂଜା ସାରି ଘରକୁ ଯାଇଥିଲେ। ବୁଧବାର ସକାଳୁ ମନ୍ଦିରକୁ ସେ ଆସି ଦେଖିଲା ବେଳକୁ ତାଲା ଭାଙ୍ଗି ଥିବା ବେଳେ ହନୁମାନଙ୍କ ସୁନାର ଆଖି, ସୁନାର ଚିତା, ରୂପାର ଗଦା, ପର୍ବତ, ରାମ, ଲକ୍ଷ୍ମଣ, ସୀତାଙ୍କ ରୂପାର ବିଭିନ୍ନ ଅଳଙ୍କାର ଲୁଟି ନେବା ସହ ହୁଣ୍ଡିକୁ ଦୁର୍ବୃତ୍ତ ମାନେ ଟେକି ନେଇଛନ୍ତି। ଛତ୍ରପୁର ଥାନା ପୁଲିସ ଆସି ତଦନ୍ତ କରିଛନ୍ତି। ସୂଚନା ଥାଉ କି, ମନ୍ଦିରର ଦାନ ହୁଣ୍ଡି ୭ ବର୍ଷ ହେଲା ଖୋଲା ଯାଇନାହିଁ। ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ ପହଞ୍ଚି ଘଟଣାକୁ ଦୃଢ ନିନ୍ଦା କରିବା ସହିତ ଚୋରଙ୍କୁ ଗିରଫ କରି ଚୋରୀ ସାମଗ୍ରୀ ଫେରସ୍ତ କରାଇବା ପାଇଁ ପୁଲିସ ପ୍ରସାସନକୁ ନିବେଦନ କରିଛନ୍ତି।

## ଦାନପୁରକୁ ମଦ ମୁ କରିବାକୁ ଅ ।ଭି ି ଲେ ।ମବାସୀ

ଖଲ୍ଲିକୋଟ,୬।୫(ସମିସ)



ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଦାନପୁର ପଞ୍ଚାୟତକୁ ମଦ ମୁକ୍ତ କରିବାକୁ ଅଣ୍ଟା ଭିଡ଼ିଛନ୍ତି ଗ୍ରାମବାସୀ। ସରପଞ୍ଚଙ୍କ ନେତୃତ୍ୱରେ ବୁଧବାର ଶତାଧିକ ଗ୍ରାମବାସୀ ଗଞ୍ଜାମ ଜିଲ୍ଲାପାଳଙ୍କୁ ଭେଟି ଦାନପୁର ଗ୍ରାମରେ ଥିବା ମଦ ବିକ୍ରି କେନ୍ଦ୍ରକୁ ବନ୍ଦ କରିବା ପାଇଁ ଦାବି କରିଛନ୍ତି। ଆଜି ଦିବ୍ୟାଙ୍ଗ ଜନଙ୍କୁ ଇଭି ସ୍କୁଟର ବଣ୍ଟନ କାର୍ଯ୍ୟକ୍ରମ ରେ ଯୋଗ ଦେବା ପାଇଁ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଖଲ୍ଲିକୋଟ ବ୍ଲକ କାର୍ଯ୍ୟାଳୟକୁ ଆସିଥିବା ବେଳେ ଦାନପୁର ସରପଞ୍ଚଙ୍କ ନେତୃତ୍ୱରେ ଗ୍ରାମବାସୀ ଭେଟି ଉପରୋକ୍ତ ଦାବି କରିଥିଲେ। ସରପଞ୍ଚ ଭାରତୀ ବେହେରାଙ୍କ ଅଭିଯୋଗ ଅନୁଯାୟୀ, ଦାନପୁର ଗ୍ରାମରେ ଅନୁମତିପ୍ରାପ୍ତ ଏକ ସରକାରୀ ଦେଶୀ ମଦ ଉପ ବିକ୍ରେତା କେନ୍ଦ୍ର ଅଛି। ଉକ୍ତ କେନ୍ଦ୍ରଟି ସ୍କୁଲ ଠାରୁ ମାତ୍ର ଶହେ ମିଟର ଦୂରତାରେ ରହିଛି। ପାଖରେ ଲୋକ ମାନଙ୍କ ଗାଧୋଇବା ପାଇଁ ଏକ ପୋଖରୀ ଅଛି। ସେହି ରାସ୍ତା ଦେଇ ମହିଳା ମାନେ ଖରଖରୀ ନାଳକୁ ଗାଧୋଇବାକୁ ଯାଉଛନ୍ତି। ଫଳରେ ସେହି ରାସ୍ତାରେ ବହୁବାର ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। କିଛି ମଦ୍ୟପ ମଦ୍ୟପାନ କରି ବିଭିନ୍ନ ଆଶ୍ରାବ୍ୟ ଭାଷା ରେ ଗାଳି ଗୁଲଜ କରିବା ସହ ସ୍କୁଲ ଆଗରେ ଶୋଇ ରହୁଛନ୍ତି। ଫଳରେ ଛାତ୍ରଛାତ୍ରୀ ମାନଙ୍କ ଅଧ୍ୟୟନ ରେ ବାଧା ପ୍ରାପ୍ତ ହେଉଛି। ଜିଲ୍ଲାପାଳ ଅଭିଯୋଗ ଶୁଣିବା ପରେ ଏ ଦିଗରେ ଉଚିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ।


# FAKIR MOHAN UNIVERSITY

Vyasa Vihar, Nuapadhi, Balasore, Odisha, Pin.-756089
Phone: 06782-275787
email-id: registrarfmuniversity@gmail.com
Website: www.fmuniversity.nic.in

Letter No.: FMU-Estt.(T)-II-04/2026/4148 — Date: 02/05/2026

## ADVERTISEMENT FOR RECRUITMENT OF FACULTY POSITIONS

Applications are invited from eligible candidates as per UGC eligibility criteria (UGC Notification dated 18th July 2018 and subsequent amendments) to fill up various regular faculty positions, including backlog vacancies, in the Post Graduate Departments of Fakir Mohan University.

**Online Applications, through https://himsrecruitment.odisha.gov.in/home, are invited in prescribed application form from the eligible candidates for appointment to the following teaching positions on regular basis:**

| Subject | Name of the Post and No.of Vacant Position | | | |
|---|---|---|---|---|
| | Total No. of Posts | Professor | Associate Professor | Assistant Professor |
| Applied Geology | 02 | 01-ST(W) | 01-ST | -- |
| Bioscience and Biotechnology | 01 | 01-SC | -- | -- |
| Botany | 06 | 01-SEBC(W) | 01-SC,01-SEBC | 01-UR,01-SC,01-SC(W) |
| Business Management | 02 | 01-UR | 01-ST | -- |
| Chemistry | 03 | 01-ST | -- | 01-SEBC, 01-UR |
| Commerce | 06 | 01-UR | 01-SC,01-ST(W) | 01-SC, 01-UR, 01-UR(W) |
| Computer Science | 01 | 01-SC | -- | -- |
| Economics | 02 | -- | 01-SEBC(W)* | 01-SEBC |
| Education | 01 | 01-UR(W) | -- | -- |
| Environmental Science | 01 | -- | -- | 01-UR(W) |
| Geography | 01 | -- | 01-ST | -- |
| History and Archeology | 06 | 01-ST | 01-SC(W),01-ST | 02-UR,01-SC(W) |
| Journalism and Mass communication | 03 | 01-UR | 01-SC,01-SEBC** | -- |
| Mathematics | 01 | 01-SEBC | -- | -- |
| Odia | 01 | 01-UR | -- | -- |
| Physics | 02 | 01-ST | 01-ST(W) | -- |
| Political Science | 02 | -- | 01-SC | 01-ST |
| Population Studies | 04 | 01-UR(W) | 01-ST(W), 01-SEBC | 01-UR(W)* |
| Sociology | 01 | -- | 01-ST | -- |
| Urdu | 01 | -- | 01-SC(W) | -- |
| Zoology | 06 | 01-SC(W) | 01-UR,01-ST(W) | 01-SEBC(W),01-UR,01-SC |
| Total | 53 | 15 | 20 | 18 |

Abbreviation: [UR = Unreserved; SEBC = Socially and Educationally Backward Classes; SC = Scheduled Caste; ST = Scheduled Tribe; W = Woman]

* Lien vacancy: The post is likely to continue until the completion of the lien period of the lien holder. However, if the lien holder re-joins the post, the selected candidate will be relieved. Otherwise, the selected candidate may be absorbed into the post.

** Likely to be vacant due to superannuation on 31.05.2026

**Note:**

1) In case of non-availability of suitable women candidates, the posts shall be filled up by male candidates from the same category.

2) An appropriate number of posts for Assistant Professor, Associate Professor, and Professor shall be reserved for candidates under the PwD category, in accordance with the Rights of Persons with Disabilities Act, 2016, subject to the availability of the eligible candidates.

**IMPORTANT DATES**

| | |
|---|---|
| Link available for online application form from | 7th May, 2026. |
| Last date for submission of online application form | 7th June, 2026 |
| Last date for hard copy of online generated application form with required documents | 17th June, 2026 up to 05:00 p.m. |

**Application Fee**

1. The application fee is Rs.1000/- for General and SEBC candidates.
2. The application fee is Rs.600/- for SC and ST candidates.
3. There is no application fee for PwD candidates.
4. The fee must be paid online through the portal and is non-refundable.

Candidates are required to send a hard copy of the downloaded completely filled up application form along with all relevant documents only through Speed Post addressed to:

**The Registrar,**
Fakir Mohan University
Vyasa Vihar, Balasore – 756089
Dist: Balasore (Odisha)

The University reserves the right to modify the posts, number of vacancies and to cancel or modify this notification without assigning any reason thereof.

**Sd/- Registrar**

# ନୂତନ ଉପଜିଲ୍ଲାପାଳଙ୍କ ଯୋଗଦାନ



ରାଇରଙ୍ଗପୁର,୬ା୫(ସମିସ): ବାମନଘାଟି ନୂତନ ଉପଜିଲ୍ଲାପାଳ ଭାବେ ଓଡ଼ିଶା ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ଉଗ୍ରସେନ ଓରାମ କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଶ୍ରୀ ଓରାମ ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସୟଙ୍କ ନିକଟରେ ଯୋଗଦାନ କରିବା ପରେ ବୁଧବାର ରାଇରଙ୍ଗପୁରସ୍ଥିତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆସି କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ଅତିରିକ୍ତ ଉପଜିଲ୍ଲାପାଳ ବାସନ୍ତୀ ଲାକ୍ରା, ସହକାରୀ ଜିଲ୍ଲାପାଳ ସୁଧାକର ସେଠୀ, ଅନିତା ଶାଶୀ ମହାନ୍ତ, ଅପର୍ଣ୍ଣା ଅପରାଜିତା, ଉପଖଣ୍ଡ ସୂଚନା ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି ଓ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବିଭିନ୍ନ ବିଭାଗୀୟ ପଦାଧିକାରୀ ଓ କର୍ମଚାରୀବୃନ୍ଦ ଶ୍ରୀ ଓରାମଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଛନ୍ତି। ପ୍ରକାଶ ଥାଉକି ଉପ ଜିଲ୍ଲାପାଳ ଭାବେ ଶ୍ରୀ ଓରାମଙ୍କ ଯୋଗଦାନ ପରେ ଭାରପ୍ରାପ୍ତ ଉପ ଜିଲ୍ଲାପାଳ ଭାବେ କାର୍ଯ୍ୟ ତୁଲାଇ ଆସୁଥିବା ଅତିରିକ୍ତ ଉପଜିଲ୍ଲାପାଳ ଶ୍ରୀମତୀ ଲାକ୍ରା ତାଙ୍କ ଦାୟିତ୍ୱ ନୂତନ ଉପଜିଲ୍ଲାପାଳ ଶ୍ରୀ ଓରାମଙ୍କୁ ହସ୍ତାନ୍ତର କରିଛନ୍ତି। ଏଥି ପୂର୍ବରୁ ଶ୍ରୀ ଓରାମ କେନ୍ଦୁଝର ଜିଲ୍ଲା ସଦର ଚିକିତ୍ସାଳୟର ପ୍ରଶାସନିକ ଅଧିକାରୀ ଭାବେ କାର୍ଯ୍ୟ ସମ୍ପାଦନ କରିଆସୁଥିଲେ।

# ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ଘରୋଇ ଖାଦ୍ୟ ପ୍ରଦର୍ଶନୀ



ବାରିପଦା,୬ା୫(ସମିସ): ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟିଂ ଆଣ୍ଡ ମ୍ୟାନେଜମେଣ୍ଟର ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ଏକ ସୁନିୟୋଜିତ ଓ ଆକର୍ଷଣୀୟ ଘରୋଇ ଖାଦ୍ୟ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି। ଛାତ୍ରଛାତ୍ରୀଙ୍କ ସୃଜନଶୀଳତା ଓ ପାକଶାସ୍ତ୍ର କୌଶଳର ଅଭୁତ ପ୍ରତିଫଳନ ଏହି ପ୍ରଦର୍ଶନୀରେ ପ୍ରକାଶ ପାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପଣ୍ଡିତ ପ୍ରଧାନ, ଅଧ୍ୟାପିକା, ଗୃହ ବିଜ୍ଞାନ ବିଭାଗ, ଶ୍ରୀମା ମହିଳା ମହାବିଦ୍ୟାଳୟ, ବାରିପଦା ଯୋଗଦେଇ ଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ବିଭିନ୍ନ ପଦାର୍ଥର ସ୍ୱାଦ ଗ୍ରହଣ କରି ସେମାନଙ୍କ ଉଦ୍ୟମ, ପରିଶ୍ରମ ଓ ନବଚେତନାକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ଏପରି ପ୍ରାୟୋଗିକ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଜୀବନମୂଳକ କୌଶଳ ବିକାଶରେ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରଦର୍ଶନୀ କଲେଜର ଅଧକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ହୋଇଥିଲା। ବିଭାଗ ମୁଖ୍ୟ ଇପ୍ସିତା ମଲ୍ଲଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଛାତ୍ରଛାତ୍ରୀ ସଫଳତାର ସହ ଏହି କାର୍ଯ୍ୟକ୍ରମକୁ ସାର୍ଥକ କରିଥିଲେ। ଏହି ଅବସରରେ କଲେଜର ବିଭିନ୍ନ ବିଭାଗର ମୁଖ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ। ସେମାନଙ୍କ ମଧ୍ୟରେ ଜ୍ଞାନରଞ୍ଜନ ପଣ୍ଡା, ରୂପମଞ୍ଜରୀ ବେହେରା, ପୂଜା ଶତପଥୀ, ରିତିକା ଦାସ, ସସ୍ମିତା ରାଉତ ଓ ଭାବନା ଭଞ୍ଜଦେଓ ଅନ୍ୟତମ। ପ୍ରଦର୍ଶନୀରେ ଛାତ୍ରଛାତ୍ରୀ ଇଡିଲି, ନଡ଼ିଆ ଚଟଣି, ଟମାଟୋ ଚଟଣି, ଚକୋଲେଟରେ ତିଆରି ଥଣ୍ଡା ପାନୀୟ, କଦଳୀରେ ତିଆରି ଥଣ୍ଡା ପାନୀୟ, ଫଳ ସାଲାଡ୍, ପରିବା ସାଲାଡ୍, ଭାତ, ଛୋଲା ତରକାରୀ, ଅଙ୍କୁ ସାଲାଡ ଓ ସିଝା ଅଣ୍ଡାରେ ତିଆରି ସୁସ୍ୱାଦୁ ଖାଦ୍ୟ ଆଦି ବିଭିନ୍ନ ସ୍ୱାଦିଷ୍ଟ ଓ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରି ପ୍ରଦର୍ଶନ କରିଥିଲେ। ପ୍ରତ୍ୟେକ ପଦାର୍ଥର ସୁନ୍ଦର ପ୍ରସ୍ତୁତି ଓ ପୋଷଣମୂଲ୍ୟ ଉପରେ ମଧ୍ୟ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ମୁଖ୍ୟଅତିଥି ସହିତ ଅନ୍ୟାନ୍ୟ ଅତିଥିମାନେ ସମସ୍ତ ପଦାର୍ଥର ସ୍ୱାଦ ଗ୍ରହଣ କରି ଛାତ୍ରଛାତ୍ରୀଙ୍କ ସୃଜନଶୀଳତା, ପ୍ରୟାସ ଓ ଦଳୀୟ କାର୍ଯ୍ୟଶୈଳୀକୁ ପ୍ରଶଂସା କରିଥିଲେ। ସେମାନେ ମତ ପ୍ରକାଶ କରିଥିଲେ ଯେ, ଏପରି ପ୍ରଦର୍ଶନୀ ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ ବୃଦ୍ଧି ସହିତ ସାମାଜିକ ଓ ବୃତ୍ତିଗତ ଦକ୍ଷତା ଉନ୍ନତିରେ ବହୁତ ଉପକାରୀ। ଶେଷରେ ବିଭାଗ ମୁଖ୍ୟ ଇପ୍ସିତା ମଲ୍ଲ ସମସ୍ତ ଅତିଥି ଓ ଅଂଶଗ୍ରହୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ।

# ଟାର୍ଗେଟ୍ ସାଜିଛି ପ୍ରତିବନ୍ଧକ

# ୨୯୨୭ ଯୋଗ୍ୟ ହିତାଧିକାରୀ ଭତ୍ତାରୁ ବଞ୍ଚିତ

ବେତନଟୀ,୬ା୫(ସମିସ):




ବେତନଟୀ ବ୍ଲକ୍‌ର ୨୪ଟି ଗ୍ରାମ ପଞ୍ଚାୟତ ଅଞ୍ଚଳରେ ଆଜିକୁ ଦୁଇବର୍ଷ ହେବ ୨୯୨୭ ଜଣ ଯୋଗ୍ୟ ଥିବା ବାର୍ଦ୍ଧକ୍ୟ, ବିଧବା ଓ ଭିନ୍ନକ୍ଷମ ହିତାଧିକାରୀ ଆବେଦନ କରି ଭତ୍ତା ପାଇବାରୁ ବଞ୍ଚିତ ରହିଛନ୍ତି। ଏହି ହିତାଧିକାରୀମାନେ କେବେ ଭତ୍ତା ପାଇବେ, ଏମାନେ ଜାଣି ନ ଥିବାବେଳେ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟକୁ ଦୌଡ଼ି ଦୌଡ଼ି ନୟାନ୍ତ ହେଉଥିଲେ ମଧ୍ୟ ଏମାନଙ୍କୁ କେବେ ଭତ୍ତା ମିଳିବ କାର୍ଯ୍ୟାଳୟ ପକ୍ଷରୁ ସୂଚନା ଦିଆଯାଇପାରିନାହିଁ। ତେବେ ଭତ୍ତା ପାଉଥିବା ଯୋଗ୍ୟ ହିତାଧିକାରୀଙ୍କ ମୃତ୍ୟୁ ପରେ ସେହି ସ୍ଥାନରେ ଅନ୍ୟ ଜଣେ ଯୋଗ୍ୟ ହିତାଧିକାରୀଙ୍କୁ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ଭତ୍ତା ପ୍ରଦାନ କରି ସାନ୍ତ୍ୱନା ଦେଉଛନ୍ତି। ଏହି ଆବେଦନକାରୀଙ୍କ ମଧ୍ୟରୁ କେତେକଙ୍କୁ ୬୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବାବେଳେ କେତେକ ବୃଦ୍ଧବୃଦ୍ଧାଙ୍କୁ ୮୦ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିଲେ ମଧ୍ୟ ଭତ୍ତା ପାଇପାରିନାହାନ୍ତି। ଟାର୍ଗେଟ୍ ନ ଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଉଛି।

ଗତ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଯୋଗ୍ୟ ଥିବା ଆବେଦନକାରୀଙ୍କୁ ବେତନଟୀ ବ୍ଲକ ପକ୍ଷରୁ ଭତ୍ତା ପ୍ରଦାନ କରାଯାଇଛି। ନିର୍ବାଚନ ସାରିବାଠାରୁ ଆବେଦନକାରୀଙ୍କୁ ଦୁଇବର୍ଷ ଅତିକ୍ରମ ହୋଇଥିଲେ ମଧ୍ୟ ଏହି ଆବେଦନକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇନାହିଁ।ଫବିଶେଷ ସୂଚନାରୁ ଜଣାଯାଇଛି ଯେ, ନୂତନ ସରକାର ଆସିବାଠାରୁ ବେତନଟୀ ବ୍ଲକ କାର୍ଯ୍ୟାଳୟକୁ ଟାର୍ଗେଟ୍ ଆସି ନ ଥିବାରୁ ଭତ୍ତା ଆବେଦନକାରୀଙ୍କୁ ଭତ୍ତା ପାଇବାରେ ବିଳମ୍ବ ହୋଇଛି। ଏ ସମ୍ପର୍କରେ କଂଗ୍ରେସ ଦଳର ବେତନଟୀ ବ୍ଲକ ସଭାପତି କୁଶଧର ବେହେରାଙ୍କୁ ପଚାରିବାରୁ ସେ କହିଛନ୍ତି, ସରକାର ନିର୍ବାଚନ ପୂର୍ବରୁ ୩୦୦୦ ଟଙ୍କା ଭତ୍ତା ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବାବେଳେ ତାହା ତ ଦେବା ଦୂର କଥା ୧୦୦୦ ଟଙ୍କା ଭତ୍ତା ଦେବା ପାଇଁ ଚଳିତ ସରକାର ପଛଘୁଞ୍ଚା ଦେଉଛନ୍ତି। ସେହିପରି ବେତନଟୀ ବ୍ଲକର ଯୁବ ସଂଗଠକ ତଥା ସମାଜସେବୀ ଅଜିତ କୁମାର ସାହୁଙ୍କୁ ପଚାରିବାରୁ ସେ କହିଛନ୍ତି, ଗ୍ରାମାଞ୍ଚଳରେ ବୃଦ୍ଧବୃଦ୍ଧା ଅଭାବୀ ସଂସାର ମଧ୍ୟରେ ଦିନ କାଟୁଛନ୍ତି। ସେମାନେ ଅର୍ଥ ଅଭାବରୁ ଅସୁସ୍ଥ ହେଲେ ଔଷଧ କିଣି ଖାଇବାରୁ ବଞ୍ଚିତ ହେଉଛନ୍ତି। ସେମାନଙ୍କୁ ୬୦ ବର୍ଷ ପୂରଣ ହେବା ମାତ୍ରେ ଭତ୍ତା ଟଙ୍କା ସରକାର ପ୍ରଦାନ କଲେ ସବୁ ହିତାଧିକାରୀ ଉପକୃତ ହୋଇପାରିବେ। ଏ ସମ୍ପର୍କରେ ବେତନଟୀ ବ୍ଲକ ସମାଜ ମଙ୍ଗଳ ଅଧିକାରୀ ରୁଦ୍ରନାରାୟଣ ସିଂଘଙ୍କୁ ପଚାରିବାରୁ ସେ କହିଛନ୍ତି, ଦୁଇବର୍ଷ ମଧ୍ୟରେ ୩୭୦୦ରୁ ଊର୍ଦ୍ଧ୍ୱ ଭତ୍ତା ପାଇଁ ଆବେଦନ କରିଥିଲେ। ସେଥିମଧ୍ୟରୁ ସେମାନଙ୍କ କାଗଜପତ୍ର ଯାଞ୍ଚ ପରେ ଯୋଗ୍ୟ ଥିବା ୨୯୨୭ ଜଣ ହିତାଧିକାରୀଙ୍କୁ ବେତନଟୀ ବ୍ଲକ ପକ୍ଷରୁ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ପଠାଇଦିଆଯାଇଛି। ଅଧିକାରୀଙ୍କ ନିର୍ଦ୍ଦେଶ ପରେ ଭତ୍ତା ପ୍ରଦାନ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ରେଳ ବଜେଟ୍‌ରେ ମୟୂରଭଞ୍ଜ ପାଇଁ ୭ହଜାର କୋଟିର ପ୍ରକଳ୍ପ ଅନୁମୋଦିତ

**● ଷ୍ଟେସନ ଓଭରବ୍ରିଜ ସହିତ ରୁପସା-ବାଙ୍ଗିରିପୋଷି ଲାଇନ ହେବ ଦୋହରୀକରଣ**

ବାରିପଦା,୬ା୫(ସମିସ): ଦକ୍ଷିଣ ପୂର୍ବ ରେଳବାଇର ୨୦୨୬-୨୭ ବଜେଟ୍ ଘୋଷଣା ଅନୁସାରେ ମୟୂରଭଞ୍ଜ ଜିଲ୍ଲାର ରେଳ ସଂଯୋଗକୁ ମଜବୁତ୍ କରିବା ପାଇଁ ୭ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର



ଅର୍ଥ ଅନୁମୋଦନ କରାଯାଇଛି। ରୁପ୍ସା-ବାଙ୍ଗିରିପୋଷି, ବୁଢ଼ାମରା-ଚାକୁଳିଆ, ବାଙ୍ଗିରିପୋଷି-ଗୋରୁମାହିଷାଣି ଏବଂ ବାଦାମପାହାଡ଼-କେନ୍ଦୁଝରଗଡ଼ ପ୍ରକଳ୍ପ ପାଇଁ ମଞ୍ଜୁର ହୋଇଥିବା ଅନୁଦାନ ରାଶି ଅନୁସାରେ ରୁପ୍ସା-ବାଙ୍ଗିରିପୋଷି ୯୦କିମି ସେକ୍ସନ୍ ପାଇଁ ପ୍ରାୟ ୬୦୬ କୋଟି ଟଙ୍କା ବରାଦ ହୋଇଛି। ବାଙ୍ଗିରିପୋଷି-ଗୋରୁମହିଷାଣି ପାଇଁ ପ୍ରାୟ ୨୨୬୯ କୋଟି ଟଙ୍କା ରହିଛି। ସେହିପରି ବୁଢ଼ାମରା-ଚାକୁଳିଆ ୫୯.୯୬ କିମି ନୂତନ ଲାଇନ ମେଟିରିଆଲ୍ ମୋଡିଫିକେସନ୍ ପାଇଁ ୬୦୬.୦୪କୋଟି ଟଙ୍କା ଓ ସ୍ୱୀକୃତ ବ୍ୟୟ ୧୪୫୯.୧୩କୋଟି ଟଙ୍କା, ବାଦାମପାହାଡ଼-କେନ୍ଦୁଝରଗଡ଼ ୮୨.୦୬ କିମି ପାଇଁ ସ୍ୱୀକୃତ ବ୍ୟୟ ୧୮୭୫.୭୨କୋଟି ଟଙ୍କା। ସେହିପରି ସର୍ଭେ ଓ ଅନ୍ୟାନ୍ୟ କାର୍ଯ୍ୟ ବାବଦରେ ରୁପ୍ସା-ବାରିପଦା-ବାଙ୍ଗିରିପୋଷି ଲାଇନ ଦୋହରୀକରଣ ପାଇଁ ଫାଇନାଲ୍ ଲୋକେସନ୍ ସର୍ଭେ ଆଶ୍ୱାସିତ ଖର୍ଚ୍ଚ ଭାବେ ୧.୭୮ କୋଟି ଟଙ୍କା ଅନୁମୋଦନ ହୋଇଛି। ବାରିପଦା ଷ୍ଟେସନ ବଜାର ରାସ୍ତାରେ ୩ ଲେନ ରେଳ ଲାଇନ ଉପରେ ଓଭରବ୍ରିଜ ପାଇଁ ୨୪.୬୧କୋଟି ଟଙ୍କା, ଭଞ୍ଜପୁର ଓ ବାଙ୍ଗିରିପୋଷି ଷ୍ଟେସନରେ ଫୁଟ ଓଭର ବ୍ରିଜ ପାଇଁ ୫.୪୦କୋଟି ଟଙ୍କା, ବାରିପଦା ଷ୍ଟେସନ ଉପରେ ଫୁଟ ଓଭରବ୍ରିଜ ପାଇଁ ୧୩କୋଟି ଟଙ୍କା ଓ ଅମୃତ ଭାରତ ଯୋଜନାରେ ଷ୍ଟେସନର ପ୍ଲାଟଫର୍ମ ଉନ୍ନୟନ, କ୍ୱାର୍ଟର୍ସ ଏବଂ ସୁରକ୍ଷା କାର୍ଯ୍ୟ ପ୍ରକଳ୍ପ ପାଇଁ ୫କୋଟି ୪୮ଲକ୍ଷ ଟଙ୍କା, ରୁପସା-ବାଙ୍ଗିରିପୋଷି ଲାଇନରେ ସମସ୍ତ ଷ୍ଟେସନ ପ୍ଲାଟଫର୍ମ ଉନ୍ନୟନ, ଟ୍ରାକ୍ ରିନ୍ୟୁଆଲ୍, ସିଗ୍ନାଲିଂ ପାଇଁ ୭.୩୦କୋଟି ଟଙ୍କା, ରୁପସା-ବାରିପଦା -ବାଙ୍ଗିରିପୋଷି ଫାଇନାଲ ଲୋକେସନ ସର୍ଭେ ପାଇଁ ୧.୭୮କୋଟି ଟଙ୍କା ଅନୁମୋଦନ ମିଳିଛି। ସେହିପରି କପ୍ତିପଦା- ଉଦଳା- ବାରିପଦା ଓ ଗୋପୀନାଥ ପୁର ବେତନଟୀ ନୂତନ ଲାଇନ ସର୍ଭେ ପାଇଁ ଅର୍ଥ ଅନୁମୋଦନ ହୋଇଥିବା ନେଇ ଦକ୍ଷିଣ-ପୂର୍ବ ରେଳ କର୍ତ୍ତୃପକ୍ଷଙ୍କ ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ସ୍ଥାନୀୟ ଯୋଗାଯୋଗ, ଖଣିଜ ପରିବହନ ଏବଂ ଆର୍ଥିକ ବିକାଶକୁ ପ୍ରୋତ୍ସାହିତ କରିବ। ଏହି ପ୍ରକଳ୍ପଗୁଡ଼ି ସମାପ୍ତ ହେଲେ ମୟୂରଭଞ୍ଜର ଯୋଗାଯୋଗ ବ୍ୟବସ୍ଥା ବହୁଳ ଉନ୍ନତ ହେବ ଏବଂ ସ୍ଥାନୀୟ ଅର୍ଥନୀତି ବୃଦ୍ଧି ପାଇବ। ମୟୂରଭଞ୍ଜ ରେଳଯାତ୍ରୀ ଫୋରମ ଓ ଜିଲ୍ଲାବାସୀ ଏହି ଅନୁମୋଦନକୁ ସ୍ୱାଗତ କରିଛନ୍ତି।

# ଜବଲପୁରରେ କ୍ରୁଜ ଦୁର୍ଘଟଣା ମୃତକଙ୍କ ଉଦ୍ଦେଶ୍ୟରେ ଶୋକସଭା




ରାଇରଙ୍ଗପୁର,୬ା୫(ସମିସ): ମଧ୍ୟପ୍ରଦେଶର ଜବଲପୁର ଜିଲ୍ଲାରେ କ୍ରୁଜ ଦୁର୍ଘଟଣା ମୃତକଙ୍କ ଉଦ୍ଦେଶ୍ୟରେ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱେଚ୍ଛାସେବୀ ସଂଗଠନ ରେଡି ଭଲ୍ୟୁଣ୍ଟିଅର୍ସ ଦ୍ୱାରା ରାଇରଙ୍ଗପୁରସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ ନିରବ ପ୍ରାର୍ଥନା କରାଯାଇଥିଲା। ଶୋକାକୁଳ ସେବାସ୍ତମ୍ଭ ଉପଦେଷ୍ଟା ମୋଚିରାମ ମାଝୀ, ସହିଦ ନୁଦୁରାମ ସୋରେନ ମେମୋରିଆଲ ଟ୍ରଷ୍ଟ ମୁଖ୍ୟ ଟ୍ରଷ୍ଟି ମନୋରଞ୍ଜନ ହାଁସଦା, ଶ୍ୟାମ ମଣ୍ଡଳ, ଅମିତ ଗୋପାଳ, ହୀରାଲାଲ ବିନ୍ଧାଣି, ହିନା ଦାସ, ପୁଷ୍ପା ଦାସ, କଳ୍ପନା ଦାସ, ପ୍ରମୋଦ ଦାସ, ରେଡି ଭଲ୍ୟୁଣ୍ଟିଅର୍ସ ପ୍ରେସିଡେଣ୍ଟ ପ୍ରୀତି ରାଜ, ଉପ ସଭାପତି ତୋପାଇ ବେହେରା, ଜୟଶ୍ରୀ ବେହେରା, ନମିତା ବିନ୍ଧାଣି, ରାଜଶ୍ରୀ ରାମ, ସମିତା ବେହେରା, ଆକାଶ ଗିରି, ବିଶାଲ ବେହେରା, ରୀନା ବେହେରା, ଅଞ୍ଜଳି ମହାନ୍ତ, ନିଶା ଗୋପ, ସୁନୀଲ ଲୋହାର, ଆଶୁତୋଷ ନାୟକ, ରୋହିତ ବେରା, ଦୀପା ବେହେରା, ରିତୁ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ନିର୍ଦ୍ଦେଶକ ବିଜୟ କୁମାର ରାମ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନ୍ମଦିନରେ ରକ୍ତଦାନ ଶିବିର

ବାରିପଦା,୬ା୫(ସମିସ): ସ୍ଥାନୀୟ ବାରିପଦା ବ୍ଲକ୍ ସମ୍ମିଳନୀ କକ୍ଷରେ ନନ୍ଦଲାଲା ସେବା ଟ୍ରଷ୍ଟ ଆନୁକୂଲ୍ୟରେ ଟ୍ରଷ୍ଟର ପ୍ରତିଷ୍ଠାତା ଶିବ ପ୍ରସାଦ ନନ୍ଦଙ୍କ ଜନ୍ମଦିନରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସେ ନିଜେ ଓ ତାଙ୍କ ପତ୍ନୀ ଅନୁପମା ନନ୍ଦଙ୍କ ସମେତ ମୋଟ ୨୫ ଜଣ ରକ୍ତଦାନ କରିଥିଲେ। ବାରିପଦା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ପ୍ରସାଦ ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟ୍ରଷ୍ଟର ସଭାପତି ଶିବ ପ୍ରସାଦ ନନ୍ଦ, ଉପ ସଭାପତି ହୀରାଲାଲ ଘଣ୍ଟିଆଳ, ସମ୍ପାଦକ ଅନୁପମା ନନ୍ଦ, କୋଷାଧ୍ୟକ୍ଷ ଲିପିଶ୍ରୀ ମହାକୁଡ଼, ସହ ସମ୍ପାଦକ ସୁଧାଂଶୁ ଶେଖର ରଣା ପ୍ରମୁଖ ଉପସ୍ଥିତ ଥିଲେ ଓ ପରବର୍ତ୍ତୀ ସମୟରେ ଅତିଥି ଭାବେ ଯୋଗଦେଇ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପ ନଗରପାଳ ସୀମା ଦାସ, ପୂର୍ବତନ ଉପ ନଗରପାଳ ଜିତେନ୍ଦ୍ର ମହାନ୍ତି, ପୂର୍ବତନ କୃଷି ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା, ଯୁବ ନେତା କୃଷ୍ଣଚନ୍ଦ୍ର ଦାସ, କାଉନସିଲର ଶିବ ପାତ୍ର, ସମାଜସେବୀ ଡ ନିରୋଜ କୁମାର ପୋଥାଳ, ସୋମନାଥ ସିଂହ, ହିମାଂଶୁ ଶେଖର ପ୍ରହରାଜ, ସୁମିତ୍ରା କୁଁଅରବାବୁ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଓଡ଼ିଶା ରକ୍ତ କେନ୍ଦ୍ର, ବାରିପଦାର ମେଡିକାଲ ଅଫିସର ଡା. ନୀଲେଶ ଦାସଙ୍କ ନେତୃତ୍ୱରେ ଛବି ମହାନ୍ତ, ଶକୁନ୍ତଳା ମହାନ୍ତ, ସତ୍ୟଜିତ ମହାନ୍ତ, କରୁଣାକର ଜେନା ଓ ସଂସିତା ମହାକୁଡ଼ ରକ୍ତ ସଂଗ୍ରହ କରିଥିଲେ। ତନୁସ୍ମିତା ଦତ୍ତ, ତାପସ ରଞ୍ଜନ ଜେନା, ଭବାନୀ ଶଙ୍କର ସାହୁ, ପଲଟନ ସିଂହ ଓ ନିହାର ରଞ୍ଜନ ବାରିକ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ଉଦଳା ଥାନା ପାଚେରିକୁ ନେଇ ବିବାଦ

ଉଦଳା,୬ା୫(ସମିସ): ଉଦଳା ଥାନାର ପାଚେରି ନିର୍ମାଣ ଚାଲିଛି। ୨୦ ଫୁଟ ବ୍ୟବଧାନରେ ଦୁଇଟି ପାଚେରି ନିର୍ମାଣ କରାଯାଉଥିବାବେଳେ ବିରୋଧ କରି ସ୍ଥାନୀୟ ଲୋକେ ଜିଲ୍ଲାପାଳ ଓ ଏସ୍‌ପିଙ୍କୁ ଅଭିଯୋଗ କରିଛନ୍ତି। ଉଦଳା ଥାନାରେ ଚାଲିଛି ନୂତନ ପାଚେରୀ କାମ ସ୍ଥଳରେ ଲାଗିନି ସୂଚନା ଫଳକ। କେତେ ଟଙ୍କା ଓ କେତେ ମିଟର, କେଉଁ ଠିକାଦାର ଏହି



ପାଚେରି କାମ କରୁଛନ୍ତି ତାହା ଜଣାପଡୁନାହିଁ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗୋଟିଏ ପାଚେରିର ୨୦ ମିଟର ଦୂରରେ ଅନ୍ୟଏକ ପାଚେରି ନିର୍ମାଣ ହୋଇଥିଲା। ପୁଣି ସେହି ପାଚେରିକୁ ଛାଡ଼ି ଏକ ପାଚେରି ନିର୍ମାଣକୁ ଜନସାଧାରଣ ବିରୋଧ କରିଛନ୍ତି। ସମ୍ଭବତଃ ଥାନା ଜାଗା ଚିହ୍ନଟ ହୋଇପାରୁ ନ ଥିବାରୁ ଏପରି ସମସ୍ୟା ଉପୁଜିଛି ବୋଲି ଲିଖିତ ଅଭିଯୋଗ ହୋଇଛି।

ବର୍ତ୍ତମାନର ପାଚେରୀ ନିର୍ମାଣ ସମୟରେ ଠିକାଦାର କିମ୍ବା ଯନ୍ତ୍ରୀଙ୍କ ମଧ୍ୟ ଦେଖାନାହିଁ। ଯଦି ଥାନା ଅଧିକାରୀଙ୍କ ଉପସ୍ଥିତିରେ ଥାନା ପରିସରରେ ଏମିତି କାର୍ଯ୍ୟ ହେଉଛି, ତେବେ ଦୁର୍ନୀତି ରୋକିବ କିଏ ବୋଲି ପ୍ରଶ୍ନ ଉଠିଛି। ସରକାରୀ ଟଙ୍କା ହଡ଼ପ କରାଯାଉଛି। ନାମକୁ ମାତ୍ର ବିନିଯୋଗ କରାଯିବା ସହିତ ଦୁର୍ନୀତି ହେଉଥିବା ଅଭିଯୋଗ କରି ଏସପି ଓ ଜିଲ୍ଲାପାଳଙ୍କୁ ସ୍ଥାନୀୟ ଲୋକ ଲିଖିତ ଅଭିଯୋଗ କରି ଏହାର ବିଧିବଦ୍ଧ ତଦନ୍ତ ପାଇଁ ଦାବି କରିଛନ୍ତି। ତେବେ ପ୍ରଥମେ ଏହି ପାଚେରି କରିବା ପୂର୍ବରୁ ଗୃହ ବିଭାଗ ନିର୍ଦ୍ଦେଶ ହୋଇ କାର୍ଯ୍ୟ ହୋଇଥିଲା କି ପ୍ରଶ୍ନ ଉଠିଥିବାବେଳେ ପ୍ରଶାସନ ଅବଗତ ଥିଲା କି ? ଯଦି ପ୍ରଶାସନ ଜାଣିଥିଲା ପୁଣି ଆଉଥରେ ପୂର୍ବ ପାଚେରୀକୁ ଭାଙ୍ଗି ଆଉ ଗୋଟିଏ ନୂଆ ପାଚେରି କ'ଣ ପାଇଁ ନିର୍ମାଣ କରାଗଲା, ତାହା ପୁଣି ତାର ଘେରଉ କରାଯାଇନାହିଁ। ସ୍ଥାନୀୟ ଲୋକେ ପ୍ରଶ୍ନ କରିଛନ୍ତି ଯେ, ଏହି ଜାଗା କାହାର। ପୂର୍ତ୍ତ ବିଭାଗର ନା ଗୃହ ବିଭାଗର ? ଏଭଳି ମନଇଚ୍ଛା ସରକାରୀ ଅର୍ଥ ଖର୍ଚ୍ଚ କରାଯିବା ପଛରେ କାହାର ହାତ ଥାଇପାରେ। ଥାନା ପାଚେରି ଘର ପାଚେରି ଭଳି କରିବା କେତେ ଦୂର ଯଥାର୍ଥ। ଥାନା ପାଚେରି ଉଚ୍ଚ ହେବା ଆବଶ୍ୟକ ବୋଲି ଯୋଗେନ୍ଦ୍ର କର, ସନାତନ ସେନାପତି, ବିଜୟ ମଲ୍ଲିକ, ନିତ୍ୟାନନ୍ଦ ମଲ୍ଲିକ, ଶ୍ରୀଧର ପରିଡା, ମଧୁସୂଦନ ବେହେରା, ଚନ୍ଦନେଶ୍ୱର ବେହେରା, ଅର୍ଜୁନ ବେହେରା, ଦେବବ୍ରତ ସାହୁ ପ୍ରମୁଖ ଲିଖିତ ଅଭିଯୋଗ କରିଛନ୍ତି।

# ଦୁଇ ବାଇକ୍ ମୁହାଁମୁହିଁ ଧକ୍କା: ୨ ମୃତ, ଜଣେ ଗୁରୁତର

ରାଇରଙ୍ଗପୁର,୬ା୫(ସମିସ): ବହଳଦା ଥାନା ଅଞ୍ଚଳରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଦୁଇଟି ବାଇକ ମୁହାଁମୁହିଁ ଧକ୍କା ହେବାରୁ ଦୁଇ ଜଣଙ୍କ ଶୋଚନୀୟ ମୃତ୍ୟୁ ଘଟିଛି। ଏଥିସହ ଜଣେ ଗୁରୁତର ଆହତ ହୋଇଛନ୍ତି। ବୁଧବାର ପୂର୍ବାହ୍ନ ସମୟରେ ବହଳଦା ଥାନା କାଦୁଆଣି-ଦୁମାଡାଣ୍ଡି ନିକଟସ୍ଥ ୨୨୦ ନଂ ଜାତୀୟ ରାଜପଥରେ ଏହି ଦୁର୍ଘଟଣା



ଘଟିଥିଲା। ରାସ୍ତାର ବିପରୀତ ଦିଗରୁ ଆସୁଥିବା ଦୁଇଟି ବାଇକ୍ ମଧ୍ୟରେ କୌଣସି କାରଣରୁ ମୁହାଁମୁହିଁ ଧକ୍କା ହୋଇଥିଲା। ଯାହା ଫଳରେ ଘଟଣାସ୍ଥଳରେ ସମସ୍ତ ୩ ଜଣ ବାଇକ୍ ଆରୋହୀ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ରାଇରଙ୍ଗପୁର ଉପଖଣ୍ଡ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଦୁଇ ଜଣଙ୍କୁ ଡାକ୍ତର ମୃତ ଘୋଷଣା କରିଥିବା ବେଳେ ଅନ୍ୟ ଗୁରୁତର ଜଣଙ୍କ ଚିକିତ୍ସା ଜାରି ରହିଛି। ମୃତକ ଦୁଇ ଜଣ ହେଲେ ବହଳଦା ଥାନାର ଭୁରୁଷା ଗ୍ରାମର ଜୟେଶ ମହାନ୍ତ ଓ କଣ୍ଟାସୋଲା ଗ୍ରାମର ଜଗଦୀଶ ମୁର୍ମୁ ବୋଲି ଜଣାପଡ଼ିଛି। ଗୁରୁତର କଣ୍ଟାଶୋଲା ଗ୍ରାମର ନରସିଂହ ମୁର୍ମୁ। ଖବର ପାଇ ବହଳଦା ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# 'ନୂତନ ଆୟକର ଆଇନ ଓ ବିକଶିତ ଭାରତ' ଆଲୋଚନା




ବାରିପଦା,୬ା୫(ସମିସ): ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟରେ "ନୂତନ ଆୟକର ଆଇନ-୨୦୨୫ ଓ ବିକଶିତ ଭାରତ' ଶୀର୍ଷକ ଜାତୀୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ବାଣିଜ୍ୟ ବିଭାଗର ମୁଖ୍ୟ ସହକାରୀ ପ୍ରଫେସର ଡ. ଆଶୁତୋଷ ପ୍ରୟାଶ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନାରାୟଣ ପ୍ରସାଦ ବେହେରା ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ନୂତନ ଆୟକର ଆଇନ-୨୦୨୫ ଭାରତୀୟ ଅର୍ଥନୀତିକୁ ସଶକ୍ତ କରିବା ସଙ୍ଗେ ସଙ୍ଗେ ଦେଶକୁ ବିକଶିତ କରିବାରେ ନିଶ୍ଚିତ ସହାୟକ ହେବ ବୋଲି ଅତିଥିମାନେ କହିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ବାଣିଜ୍ୟ ବିଭାଗର ସହକାରୀ ପ୍ରଫେସର ଭୀମ ଚରଣ ମୁର୍ମୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ବିଷୟ ବିଶେଷଜ୍ଞ ଭାବେ ଚାଟାର୍ଡ ଆକାଉଟାଣ୍ଟ ବିନୟ ପ୍ରକାଶ, ଜୟନ୍ତ ପ୍ରକାଶ ଶାହା, ଅନନ୍ତ କୁମାର ବେହେରା ଓ ରୋଜୀ କାନୁନଗୋ, ବାଣିଜ୍ୟ ବିଭାଗ ମୁଖ୍ୟ, ସରକାରୀ ମହିଳା ମହାବିଦ୍ୟାଳୟ, ବାରିପଦା ଯୋଗ ଦେଇ ପାୱାର ପଏଣ୍ଟ ଉପସ୍ଥାପନ ମାଧ୍ୟମରେ ପୁରୁଣା ଆୟକର ଆଇନ-୧୯୨୨, ୧୯୬୧ ଓ ନୂତନ ଆୟକର ଆଇନ-୨୦୨୫ ମଧ୍ୟରେ ଥିବା ମୁଖ୍ୟ ପରିବର୍ତ୍ତନ ସମ୍ବନ୍ଧରେ ଆଲୋଚନା କରିଥିଲେ। ପ୍ରାରମ୍ଭରେ ବିଭାଗୀୟ ଅଧ୍ୟାପିକା ସୀମା ଅଗ୍ରୱାଲ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅତିଥି ଅଧ୍ୟାପିକା ସୁଜାତା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନାମ ଚରଣ ରାଉଳ, ଅର୍ଜୁନ କୁମାର ସାହୁ, ସାକିଲା ମାଝୀ ଓ ଅତିଥି ଅଧ୍ୟାପକ ରତିକାନ୍ତ ବାରିକ, ସାଇମା ଫିର୍ଦ୍ଦୋସ, ହିମାଂଶୁ ପ୍ରଧାନ, ହିତେଶ ଗୁପ୍ତା ଓ କିରଣମୟୀ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଆଲୋଚନାଚକ୍ରରେ ବିଭିନ୍ନ ବିଭାଗର ଅଧ୍ୟାପକ ଅଧ୍ୟାପିକା ତଥା ବାଣିଜ୍ୟ ବିଭାଗର ବହୁ ଛାତ୍ରଛାତ୍ରୀ ଯୋଗଦେଇ ଆଲୋଚନା କରିଥିଲେ। ଦ୍ୱିତୀୟ ବୈଷୟିକ ଅଧିବେଶନରେ ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ୬୨ ଜଣ ଛାତ୍ରଛାତ୍ରୀ ନିଜ ନିଜର ନିବନ୍ଧ ଉପସ୍ଥାପନ କରିଥିଲେ।

# କାଡାମସାହି-ଆମ୍ବଡାହି ରାସ୍ତା କାମ ନିମ୍ନମାନର ଅଭିଯୋଗ

କପ୍ତିପଦା,୬ା୫ (ସମିସ):

କପ୍ତିପଦା ବ୍ଲକ୍‌ଠାରୁ ୪୦ କିଲୋମିଟର ଦୂର କଳମଗଡ଼ିଆ ପଞ୍ଚାୟତର କାଠଚୁଆ-ଶାରିଶୁଆ ରାସ୍ତାରେ ପଡ଼େ ଗୋଦାମ ସାହି ହାଟ। ହାଟ ନିକଟରେ କାଡାମସାହିଠାରୁ ଆମ୍ବଡାହି ରାସ୍ତା ନିର୍ମାଣ ପାଇଁ ୬ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା। ତେବେ ଉକ୍ତ ରାସ୍ତା କାମ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ହୋଇଛି।

ଏଷ୍ଟିମେଟ୍ ଅନୁଯାୟୀ କାମ ହୋଇନାହିଁ। ନୟନଯୋରିରୁ ମାଟି ପକାଇ ଯେନତେନ ପ୍ରକାରେ ନିର୍ମାଣ ହୋଇଛି ରାସ୍ତା। ସେହିଭଳି ଆମ୍ବଡାହିଠାରୁ ତିରିଆ ସାହି ପର୍ଯ୍ୟନ୍ତ ୫ ଲକ୍ଷ ଅନୁଦାନରେ ଆଉଏକ ରାସ୍ତା ସଂଯୋଗ ହୋଇଛି। ଦୁଇଟି ରାସ୍ତା ଏତେ ନିମ୍ନମାନର ହୋଇଛି ଯେ ନିଜେ ନ ଦେଖିଲେ ବିଶ୍ୱାସ କରି ହେବନି।







ଏହି ଗାଁରେ ୫୦ରୁ ଅଧିକ ଶତପ୍ରତିଶତ ଆଦିବାସୀ ପରିବାର ବାସ କରୁଥିବାବେଳେ ଗମନାଗମନ ପାଇଁ ସରକାରୀ ଯୋଜନାରେ ନିର୍ମାଣ ହୋଇଛି ରାସ୍ତା। ତେବେ ରାସ୍ତା ନାମରେ ହରିଲୁଟ ହୋଇଥିବା ଅଭିଯୋଗ କରିଛନ୍ତି ଗ୍ରାମର ମନମୋହନ ତିଉ, ହାଡିଆ ପୂର୍ତ୍ତି, ଗଙ୍ଗାଧର ପୂର୍ତ୍ତି ଓ ମିଞ୍ଜନ ପୂର୍ତ୍ତି। ନିକଟରେ ପାହାଡ, ଜଙ୍ଗଲ ଥିବାବେଳେ ସେହି ମାଟିକୁ ପକାଇ ଦେଇ କାମ ସାରିଦେଇଛି ଠିକାଦାର। ଯାହାକି ଅସରାଏ ବର୍ଷରେ ଧୋଇଯାଇ ଉପରକୁ କାଦୁଅ ବାହାରି ପଡୁଛି। କାଦ ପଚପଚ ରାସ୍ତାରେ ଚଳପ୍ରଚଳ କରିବା ସମ୍ଭବ ହେଉନାହିଁ। ପୂର୍ବରୁ ରାସ୍ତା ଯାହାଥିଲା ଭଲ ଥିଲା। ବାଇକଠାରୁ ଆରମ୍ଭ କରି ସାଇକଲ ଯା'ଆସ କରୁଥିଲା। ମାତ୍ର ଏହି ରାସ୍ତା ଉପରେ ମାଟି ପକାଇ ନୂଆ ରାସ୍ତା ନାମରେ ହରିଲୁଟ ହୋଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ରାସ୍ତା ଗ୍ରେଡୱାନ ମେଟାଲିଂ ବୋଲି ଫଳକ ଲାଗିଥିବାବେଳେ କୌଣସି ନିୟମ ଲାଗୁ ହୋଇ ନ ଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ବିଭାଗୀୟ ମନ୍ତ୍ରୀଙ୍କ ସହ ଯୋଗାଯୋଗ କରିବାରୁ କ'ଣ ହୋଇଛି ବୁଝିବା ବୋଲି କହିଛନ୍ତି। ବ୍ଲକ କାର୍ଯ୍ୟାଳୟଠାରୁ ପ୍ରାୟ ୪୦ କିଲୋମିଟର ଦୂରରେ ଏହି ଅପହଞ୍ଚ ଅଞ୍ଚଳରେ ଜେଇଙ୍କ ଅନୁପସ୍ଥିତିରେ କାମ ହୋଇଥିବା ସ୍ପଷ୍ଟ ଜଣାପଡୁଛି। ପିସି ଲୋଭରେ ଏସିରେ ବସି ବିଲ କରିଥିବାବେଳେ କାମର ମାନ ପରୀକ୍ଷା ନ କରି କେମିତି ବିଲ୍ ପେମେଣ୍ଟ ହେଉଛି ବୋଲି ସ୍ଥାନୀୟ ବାସିନ୍ଦା ପ୍ରଶ୍ନ କରିଛନ୍ତି। ଏ ନେଇ ବିଡିଓ ରେଶ୍ମା ଟେଟେ କୌଣସି ପ୍ରତିକ୍ରିୟା ଦେବାକୁ ସିଧା ମନା କରିଦେଇଛନ୍ତି।

■ ବୀରମିତ୍ରପୁରରେ ଟ୍ରକ୍-ବାଇକ୍ ଧକ୍କାରେ ଜଣଙ୍କ ମୃତ୍ୟୁ ଘଟଣା

## ବ୍ୟବଚ୍ଛେଦ ପରେ ପରିବାରକୁ ଶବ ହସ୍ତାନ୍ତର





**ରାଉରକେଲା, ୬।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲାର ବୀରମିତ୍ରପୁର ଥାନା ଅନ୍ତର୍ଗତ ଚାଇନା ଟାଉନ ଛକରେ ମଙ୍ଗଳବାର ରାତିରେ ଟ୍ରକ୍ ଓ ବାଇକ ମୁହାଁମୁହିଁ ଧକ୍କାରେ ଘଟଣା ସ୍ଥଳରେ ବାଇକ ଚାଳକଙ୍କ ମୃତ୍ୟୁ ହୋଇଥିଲା। ଆଜି ପୁଲିସ ଶବ ବ୍ୟବଚ୍ଛେଦ କରି

### ରେଡକ୍ରସ୍‌ରୁ ଦିଆଗଲା ୧୦ ହଜାର; ଡିଏମ୍‌ଏଫ୍‌ରୁ ମିଳିବ ୪ ଲକ୍ଷ

ପରିବାର ବର୍ଗଙ୍କୁ ଶବ ହସ୍ତାନ୍ତର କରିଛି। ପ୍ରାରମ୍ଭିକ ସ୍ତରରେ ଅନ୍ତ୍ୟେଷ୍ଟି କ୍ରିୟା ପାଇଁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ବୀରମିତ୍ରପୁର ତହସିଲଦାର ଗୌରୀ ନାୟକ ପ୍ରଦାନ କରିଥିବା ଜଣାପଡ଼ିଛି। ଏତଦବ୍ୟତୀତ ଏଫଏଆରଏଏଚ (ଫାଇନାନସିଆଲ ଆସିଷ୍ଟାଣ୍ଟ ଟୁ ରୋଡ ଆକ୍ସିଡେଣ୍ଟ ଅଫ ହେଭି ଭେହିକିଲ) ସ୍କିମରେ ଜିଲ୍ଲା ଡିଏମଏଫ ଫଣ୍ଡରୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି କୁହାଯାଇଛି। ସୂଚନାଯୋଗ୍ୟ, ଗତକାଲି ରାତିରେ ବୀରମିତ୍ରପୁର ଥାନା ଅନ୍ତର୍ଗତ ୧୪୩ ନଂ ଜାତୀୟ ରାଜପଥର ଚାଇନା ଟାଉନ ଛକର ଆଜାଦ ବେକରୀ ସମ୍ମୁଖରେ ଏକ ଟ୍ରକ୍ ସହ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଏକ ଲାଇନ ଟ୍ରକ ସୁନ୍ଦରଗଡ଼ରୁ ଡଷ୍ଟ ନେଇ ଝାଡ଼ଖଣ୍ଡ ପଟକୁ ଯାଉଥିବା ବେଳେ ବିପରୀତ ଦିଗରୁ ବାଇକ୍‌ରେ ଆସୁଥିବା ବୀରମିତ୍ରପୁର ହଳଦିଆ ଦଫେଇର ରାଜା କୁମାର (୨୫)ଙ୍କୁ ଚାଇନା ଟାଉନ ଛକ ନିକଟରେ ଧକ୍କା ଦେଇଥିଲା। ରାଜା ବାଇକରୁ ଛିଟିକି ପଡ଼ିବା ପରେ ଟ୍ରକ୍‌ର ଚକ ରାଜାଙ୍କ ଉପରେ ଚଢ଼ି ଯାଇଥିଲା। ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ବୀରମିତ୍ରପୁର ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଉଦ୍ଧାର କରି ବୀରମିତ୍ରପୁର ସରକାରୀ ଡାକ୍ତରଖାନାକୁ ପଠାଇଥିଲା। ପରେ ପରିବାର ବର୍ଗ ଓ ସ୍ଥାନୀୟ ବାସିନ୍ଦା ଘଟଣା ସ୍ଥଳରେ ପହଞ୍ଚି ବୀରମିତ୍ରପୁର ଥାନା ସମ୍ମୁଖ ୧୪୩ ନଂ ଜାତୀୟ ରାଜପଥକୁ ଅବରୋଧ କରିଥିଲେ। ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ଦେବା ଓ ବୀରମିତ୍ରପୁର ଟାଉନ ଦେଇ ଯାଇଥିବା ୧୪୩ ନଂ ଜାତୀୟ ରାଜପଥରେ ତିଆରି ହୋଇଥିବା ରାସ୍ତାରେ ରହିଥିବା ସମସ୍ୟାର ସଠିକ୍ ସମାଧାନ କରିବାକୁ ଦାବି କରିଥିଲେ। ଦୀର୍ଘ ୩ ଘଣ୍ଟା ଧରି ଜାତୀୟ ରାଜପଥ ଅବରୋଧ ଯୋଗୁଁ ଉଭୟ ପାର୍ଶ୍ୱରେ ବହୁ ଯାନବାହାନ ଅଟକି ରହିଥିଲା। ପରେ ରାଜଗାଙ୍ଗପୁର ଏସଡିପିଓ ବିଭୁତିଭୂଷଣ ଭୋଇ, ବୀରମିତ୍ରପୁର ଆଇଆଇସି ରାମପ୍ରସାଦ ନାଗ ଘଟଣା ସ୍ଥଳରେ ପହଞ୍ଚି ଡିଏମଏଫ ପାଣ୍ଠିରୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଅବରୋଧ ହଟିଥିଲା। ସେପଟେ ରାସ୍ତା ଅବରୋଧ ଯୋଗୁଁ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ଭାରି ଯାନବାହାନ ଅଟକି ରହିଥିବା ଦେଖିବାକୁ ମିଳିଥିଲା।

## ଟ୍ରକ୍‌କୁ ପଛରୁ ପିଟିଲା ହାଇୱା; ଚାଳକ ଗୁରୁତର

**ରାଉରକେଲା, ୬।୫(ସମିସ):** ସ୍ଥାନୀୟ ବ୍ରାହ୍ମଣୀ ତରଙ୍ଗ ଥାନା ଅନ୍ତର୍ଗତ ରାଜ୍ୟ ରାଜପଥ ଠାରେ ଗତକାଲି ବିଳମ୍ବିତ ରାତିରେ ରାସ୍ତା କଡ଼ରେ ଛିଡ଼ା ହୋଇଥିବା ଏକ କୋଇଲା ବୋଝେଇ ଟ୍ରକକୁ ପଛପଟୁ ଏକ ହାଇୱା ପିଟିବା ଫଳରେ ହାଇୱା ଚାଳକ ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ସୂଚନା ମୁତାବକ, ବେଦବ୍ୟାସ ସ୍ଥିତ ପାହାଡି ବାର୍ ସମ୍ମୁଖ ରାସ୍ତା ତଥା ସୁନ୍ଦରଗଡ଼ ଯିବା ରାସ୍ତାରେ କୋଏଲ ବୋଝେଇ



ଟ୍ରକ୍ ବ୍ରେକ୍ ଡାଉନ୍ ହୋଇଥିଲା। ରାତି ପ୍ରାୟ ୨ଟା ବେଳେ ରାଉରକେଲାରୁ ସୁନ୍ଦରଗଡ଼ ଆଡ଼କୁ ଯାଉଥିବା ଆଇରନ ଓର ବୋଝେଇ ହାଇୱା ପଛ ପଟୁ ଯାଇ ଧକ୍କା ଦେଇଥିଲା। ଫଳରେ ହାଇୱା ଚାଳକ ଚାପି ହୋଇ ଫସି ରହିଥିଲେ। ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କରିବାକୁ ଚେଷ୍ଟା କରି ବିଫଳ ହୋଇଥିଲେ। ଆଜି ସକାଳେ ଦମକଳ ବାହିନୀ କର୍ମଚାରୀମାନେ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରିଥିଲେ। ଚାଳକ ଜଣକ ହେଲେ ଝାଡ଼ଖଣ୍ଡ ଅଞ୍ଚଳର ପପୁ କୁମାର ଯାଦବ (୨୦)। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ଆଇଜିଏଚ୍‌ରେ ୭୦ ବର୍ଷୀୟ ବୃଦ୍ଧଙ୍କ ଆଣ୍ଠୁ ପ୍ରତିରୋପଣ

**ରାଉରକେଲା, ୬।୫ (ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅଧିନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ)ର ଡାକ୍ତରମାନେ ଏକାଧିକ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ଜନୈକ ୭୦ବର୍ଷୀୟ ବୃଦ୍ଧଙ୍କ ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତିରୋପଣ ସଫଳତାର ସହିତ କରିଛନ୍ତି। ଏହାଦ୍ୱାରା ତାଙ୍କର ଚଳନ କ୍ଷମତା ପୁନଃସ୍ଥାପିତ ହୋଇଛି। ଝାଡ଼ଖଣ୍ଡର କିରିବୁରୁର ଜଣେ ଅବସରପ୍ରାପ୍ତ ଖଣି କର୍ମଚାରୀ ଏସ୍‌ଆର ଗିରି ଏକ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ଉଭୟ ଆଣ୍ଠୁରେ ଗମ୍ଭୀର ଯନ୍ତ୍ରଣାରେ ପୀଡିତ ଥିଲେ। ତାଙ୍କର ଅବସ୍ଥା ଏତେ ଖରାପ ଥିଲା ଯେ, ସେ ସାଧାରଣ ଦୈନନ୍ଦିନ କାର୍ଯ୍ୟ ମଧ୍ୟ କରିପାରୁନଥିଲେ। ଏଥିସହ ତାଙ୍କର ବହୁବିଧ ଚିକିତ୍ସା ସମସ୍ୟା ରହିଥିଲା। ଯେଉଁଥିରେ ମେରୁଦଣ୍ଡ ଷ୍ଟେନୋସିସ୍ ପାଇଁ ପୂର୍ବରୁ ହୋଇଥିବା ମେରୁଦଣ୍ଡ ଅସ୍ତ୍ରୋପଚାର ଏବଂ ଆଞ୍ଜିଓପ୍ଲାଷ୍ଟି ଭଳି ଗୁରୁତ୍ୱପୂର୍ଣ୍ଣ ହୃଦରୋଗ ଅନ୍ତର୍ଭୁକ୍ତ ଥିଲା। ଏହା ହୃଦୟର କାର୍ଯ୍ୟ ହ୍ରାସ କରିବା ସହ ଏହାକୁ ଅଧିକ ଆହ୍ୱାନପୂର୍ଣ୍ଣ କରିଥିଲା। ଏଭଳି ବିପଦପୂର୍ଣ୍ଣ ଅସ୍ତ୍ରୋପଚାର କାରଣରୁ ଅନେକ ଚିକିତ୍ସାଳୟ ତାଙ୍କର ଅସ୍ତ୍ରୋପଚାର କରିବାକୁ ମନା କରିଥିଲେ। ଫଳରେ ସେ ଦୀର୍ଘ ସମୟ ଧରି ଯନ୍ତ୍ରଣାର ଶିକାର ହୋଇଥିଲେ। ପରିସ୍ଥିତିର ଜଟିଳତାକୁ ଗ୍ରହଣ କରି ଆଇଜିଏଚର ଅତିରିକ୍ତ ସିଏମଓ (ଅସ୍ଥିଶଲ୍ୟ ବିଶେଷଜ୍ଞ) ଡା. ଏସକେ ତିୱାରୀ, ଅସ୍ଥିଶଲ୍ୟ ବିଶେଷଜ୍ଞ ତଥା ପରାମର୍ଶଦାତା ଡାକ୍ତର ଶେଷକାନ୍ତ ରାଉତ ଏବଂ ଡିଏନବି ଟ୍ରେନି (ଅସ୍ଥିଶଲ୍ୟ) ଡା. ପ୍ରଶାନ୍ତ ଶର୍ମାଙ୍କ ସହ ଅତିରିକ୍ତ ସିଏମଓ ଡା. ଏମ୍. ସାମନ୍ତରାୟଙ୍କ ନେତୃତ୍ୱାଧୀନ ଆନ୍ଥେସିଆ ଦଳ ଏକ ବିସ୍ତୃତ ଯୋଜନା ପ୍ରସ୍ତୁତ କରିଥିଲେ। ସମନ୍ୱିତ ଦଳୀୟ ପ୍ରୟାସ ଏବଂ ବିଶେଷଜ୍ଞ ସହିତ ଏହି ଆଣ୍ଠୁ ପ୍ରତିସ୍ଥାପନ ଅସ୍ତ୍ରୋପଚାର ସଫଳତାର ସହ ସମାପ୍ତ ହୋଇଥିଲା। ଏଥିସହ ରୋଗୀଙ୍କଠାରେ ଉତ୍ତମ ପ୍ରତିକ୍ରିୟା ଦେଖାଯିବା ସହ ସେ ନିଜର ଗତିଶୀଳତା ଫେରି ପାଇଛନ୍ତି। ସୂଚନାଯୋଗ୍ୟ, ଆଇଜିଏଚରେ ଅନେକ ଦଶନ୍ଧି ଧରି ସମ୍ପୂର୍ଣ୍ଣ ଆଣ୍ଠୁ ପ୍ରତିସ୍ଥାପନ ଅସ୍ତ୍ରୋପଚାର କରାଯାଉଛି। ଯାହାର ଫଳାଫଳ ଦେଶର ପ୍ରମୁଖ କେନ୍ଦ୍ରଗୁଡ଼ିକ ସହିତ ସମତୁଲ୍ୟ ଅଟେ।



## ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ବଣାଇଁ, ୬।୫(ସମିସ):** ପିଏମ୍‌ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟ ବଇଦପାଲିଠାରେ ଆଜି ଜିଲ୍ଲା ଆଦିବାସୀ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟମାନଙ୍କ ତରଫରୁ ଜିଲ୍ଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲଙ୍କ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବିବେକା ନନ୍ଦ ମହାନ୍ତି ଅଧକ୍ଷତା କରିଥିଲେ। ପିଏମଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଭାନୁପ୍ରଭା କୁଲୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ଉକ୍ତ ସଭାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ମଙ୍ଗଳ ଅଧିକାରୀ ଭାଗିରଥି ପଟେଲଙ୍କ ଧର୍ମପତ୍ନୀ ଚୂଲେଶ୍ୱରୀ ପଟେଲ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ବାବୁଲାଲ ମାଝୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ କାର୍ଯ୍ୟାଳୟର କର୍ମଚାରୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ କୁଆଁର ମୁଣ୍ଡା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରାଜଗାଙ୍ଗପୁର, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଗୁରୁଣ୍ଡିଆ ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ସରୋଜ କୁମାର ମହାପାତ୍ର ପୀଠଭୂଇଁ ଆଶ୍ରମ ବିଦ୍ୟାଳୟ ଓ ଶିବାଶିଷ ପାଢ଼ୀ ପ୍ରଧାନ ଶିକ୍ଷକ ଆଲାପକା ଆଶ୍ରମ ବିଦ୍ୟାଳୟ ମଞ୍ଚ ପରିଚାଳନା କରିଥିଲେ। ଏହି ସଭାରେ ୨୦୨୫ ଡିସେମ୍ବର ୩୧ଠାରୁ ୨୦୨୬ ମଇ ୩ ମଧ୍ୟରେ ବିଭିନ୍ନ ବିଦ୍ୟାଳୟର ଅବସର ଗ୍ରହଣ କରିଥିବା ଶିକ୍ଷକ ଶିକ୍ଷୟିତ୍ରୀ -କ୍ଷୀରେଶ୍ୱର ପ୍ରଧାନ, ପଦ୍ମଲୋଚନ ପ୍ରଧାନ, କରୁଣାକର ବେହେରା, ମୁନା ନାଥ, ମଙ୍ଗୁଳି ନାଗ, ଅରୁନ୍ଧତୀ ରାଉତ, ସଂଯୁକ୍ତା ଜେନା, କ୍ଷୀରୋଦ କୁମାର ଚୌଧୁରୀଙ୍କୁ ସଭାରେ ଉପଢୌକନ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି ସଭାରେ ବିଭିନ୍ନ ବିଦ୍ୟାଳୟମାନଙ୍କରୁ ଆସିଥିବା ପ୍ରଧାନ ଶିକ୍ଷକମାନେ ଉପସ୍ଥିତ ଥିଲେ। ଶେଷରେ ଚିନ୍ତାମଣି ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଭୁରିସ୍ରବା ବେହେରା ସହଯୋଗ କରିଥିଲେ।

ଅଙ୍ଗନବାଡ଼ି ଗୃହ ନିର୍ମାଣରେ ଅନିୟମିତତା ଅଭିଯୋଗ

## କାର୍ଯ୍ୟ ବନ୍ଦ କଲେ ଗ୍ରାମବାସୀ; ତଦନ୍ତ ଦାବି

**ବଣାଇଁ, ୬।୫(ସମିସ)**



ବଣାଇଁଗଡ଼ ବ୍ଲକ ଅନ୍ତର୍ଗତ ଜକେଇକଳା ଗ୍ରାମ ପଞ୍ଚାୟତର ବଡପୋଷି ଗ୍ରାମରେ ନିର୍ମାଣାଧୀନ ନୂତନ ଅଙ୍ଗନବାଡି କେନ୍ଦ୍ର ଗୃହ ନିର୍ମାଣରେ ଗୁରୁତର ଅନିୟମିତତା ଓ ନିମ୍ନମାନର କାର୍ଯ୍ୟ ହୋଇଥିବା ଅଭିଯୋଗ ଉଠିଛି। ଏହାକୁ ନେଇ ଗ୍ରାମର ମହିଳା ଓ ପୁରୁଷମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ଆଜି ନିର୍ମାଣ କାମକୁ ବନ୍ଦ କରାଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ଠିକାଦାର ଆରମ୍ଭରୁ ହିଁ ନିମ୍ନମାନର ସାମଗ୍ରୀ ବ୍ୟବହାର କରି କାମ କରୁଛନ୍ତି, ଯାହା ଫଳରେ ଗୃହର ସ୍ଥାୟୀତ୍ୱ ନେଇ ସନ୍ଦେହ ସୃଷ୍ଟି ହୋଇଛି। ନିର୍ଦ୍ଦିଷ୍ଟ ମାନକ ଅନୁସାରେ ୧୦ ଇଞ୍ଚ ଦିଆଯିବାକୁ ଥିବା କାନ୍ଥକୁ କେବଳ ୫ ଇଞ୍ଚରେ ପକାଯାଇଥିବା ଅଭିଯୋଗ ହୋଇଛି। ସେହିପରି ଛାତ, ଢଳାଇ ସମୟରେ ଆବଶ୍ୟକ ଲୁହା ରଡ୍ ବ୍ୟବହାର ନ କରି ଅତ୍ୟନ୍ତ କମ୍ ମାତ୍ରାରେ ରଡ୍ ଦେଇ କାମ କରାଯାଇଥିବାକୁ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ନିର୍ମାଣ ସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇନାହିଁ। ଯେପର୍ଯ୍ୟନ୍ତ ଜୁନିଅର ଇଞ୍ଜିନିୟର କିମ୍ବା ଉଚ୍ଚ କର୍ତ୍ତୃପକ୍ଷ ଘଟଣାସ୍ଥଳକୁ ଆସି ତଦନ୍ତ କରି ନ ଯିବେ, ସେପର୍ଯ୍ୟନ୍ତ କାମ ବନ୍ଦ ରହିବ ବୋଲି ଗ୍ରାମର ସୁଶିଳା କିସାନ, ଦେବରାଜ କିସାନ, ଚମ୍ପାବତୀ କିସାନ, ସୁଷମା କିସାନ ଓ ଦୋଳଗୋବିନ୍ଦ କିସାନ ସହ ଅନ୍ୟାନ୍ୟ ଗ୍ରାମବାସୀ କହିଛନ୍ତି। ଜିଲ୍ଲା ପ୍ରଶାସନ ତତ୍କାଳ ହସ୍ତକ୍ଷେପ କରି ଘଟଣାର ସଠିକ ତଦନ୍ତ କରିବା ସହ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଝିଂରୋଡରୁ ଆର୍‌ଏମ୍‌ସି ଠିକା କର୍ମଚାରୀଙ୍କ ମୃତଦେହ ଉଦ୍ଧାର

**ରାଉରକେଲା, ୬।୫(ସମିସ)**

ସ୍ଥାନୀୟ ବାସନ୍ତୀ କଲୋନୀ ନିକଟ ଝିଂରୋଡରୁ ରାଉରକେଲା ମହାନଗର ନିଗମର ଜଣେ ଠିକା କର୍ମଚାରୀଙ୍କ ସନ୍ଦିଗ୍ଧ ଅବସ୍ଥାରେ ମୃତଦେହ ଉଦ୍ଧାର ହୋଇଛି। ମୃତକ ଜଣକ ହେଲେ ସ୍ଥାନୀୟ ଛେଣ୍ଡ ଅଞ୍ଚଳରେ ବାସ କରୁଥିବା ସୌମ୍ୟ ରଞ୍ଜନ ଶର୍ମା ଓରଫ କୁନା। ଏହି ଘଟଣାକୁ ପୁଲିସ ଏକ ସଡ଼କ ଦୁର୍ଘଟଣା ବୋଲି କହୁଥିବା ବେଳେ ପରିବାର ପକ୍ଷରୁ ହତ୍ୟା ଅଭିଯୋଗ କରାଯାଇଛି। ଆଜି ଅପରାହ୍ନରେ ଏନେଇ ମୃତ ଯୁବକଙ୍କ ବଡ ଭାଇ ଉଦିତନଗର ଥାନାରେ ଏତଲା ଦେଇଥିବା ସୂଚନା ମିଳିଛି। ସେପଟେ ଉଦିତନଗର ଥାନା ପକ୍ଷରୁ ଏନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିବା ବେଳେ ପରିବାର ପକ୍ଷରୁ ହୋଇଥିବା ହତ୍ୟା ଅଭିଯୋଗକୁ ଗୁରୁତ୍ୱ ଦେଇ ପୁଲିସ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭିର ଫୁଟେଜ ଆଧାରରେ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ସ୍ଥାନୀୟ ଛେଣ୍ଡ ଅଞ୍ଚଳରେ ବାସ କରୁଥିବା ସୌମ୍ୟ ରଞ୍ଜନ ଶର୍ମା ଓରଫ କୁନା ରାଉରକେଲା ମହାନଗର ନିଗମରେ ଠିକା କର୍ମଚାରୀ ଅର୍ଥାତ୍ ଡ୍ରାଇଭର ଭାବେ କାମ କରନ୍ତି। ବାସନ୍ତୀ କଲୋନୀ ଡିଏଭି ସରୋବର ନିକଟ ଝିଂରୋଡରେ ଗୁରୁତର ଅବସ୍ଥାରେ ସେ ପଡ଼ିଥିବା ନେଇ ସୂଚନା ପାଇ ଉଦିତନଗର ଥାନା ପୁଲିସ ତାଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ଡାକ୍ତରଖାନାକୁ ନେଇଥିଲା। ସେଠାରେ ଡାକ୍ତର ସୌମ୍ୟରଞ୍ଜନଙ୍କୁ ମୃତ ଘୋଷଣା କରିଥିଲେ। ସେପଟେ ପୁଲିସ ଠାରୁ ସୂଚନା



ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ

ସିସିଟିଭି ଫୁଟେଜକୁ ନେଇ ପୁଲିସର ତଦନ୍ତ ଆରମ୍ଭ

ପାଇ ବଡ ଭାଇ ଚନ୍ଦ୍ରମଣି ଶର୍ମା ହସ୍ପିଟାଲରେ ପହଞ୍ଚି ସୌମ୍ୟଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଥିଲେ। ଭାଇ ଚନ୍ଦ୍ରମଣିଙ୍କ କହିବା ପ୍ରକାରେ, ବିଳମ୍ବିତ ରାତିରେ ପୁଲିସ ଦୁର୍ଘଟଣା ନେଇ ସୂଚନା ଦେଇଥିଲା। ଘଟଣା ସ୍ଥଳରେ କେବଳ ଗୋଟିଏ ହଳ ଚପଲ ପଡ଼ିଥିବା ବେଳେ ବାଇକ୍ ନଥିଲା। ଏପରିକି ଘଟଣା ସ୍ଥଳରେ ଦୁର୍ଘଟଣାର କୌଣସି ସୁରାକ ମଧ୍ୟ ନାହିଁ। ସୌମ୍ୟଙ୍କ ମୁହଁ ଓ ପଛ ବେକରେ ଧାରୁଆ ଅସ୍ତ୍ରର ଚିହ୍ନ ରହିଥିବାରୁ ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ହୋଇଥିବା ସେ ସନ୍ଦେହ କରୁଥିବା କହିଛନ୍ତି। ସେ ଆହୁରି କହିଛନ୍ତି, କିଛି ମାସ ପୂର୍ବେ ଦରମାକୁ ନେଇ ସୌମ୍ୟ ସମେତ ଅନ୍ୟ କର୍ମଚାରୀ ଲେବର କୋର୍ଟରେ ଠିକା ସଂସ୍ଥା ବିରୋଧରେ ମାମଲା ରୁଜୁ କରିଥିଲେ। ହେଲେ ଆଜି ଯାଏଁ ଏହାର କିଛି ସମାଧାନ ହୋଇ ପାରି ନାହିଁ। ତଦନ୍ତ ବେଳେ ପୁଲିସ ଏହି ଘଟଣାକୁ ମଧ୍ୟ ଲିଙ୍କ କରୁ ବୋଲି ସେ କହିଛନ୍ତି। ସେପଟ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ଆଇଆଇସି ଜ୍ଞାନେନ୍ଦ୍ର କୁମାର ସାହୁ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ସୌମ୍ୟରଞ୍ଜନ ଆରଏମସିରୁ ଘରକୁ ଫେରିବା ରାସ୍ତାରେ ଲାଗିଥିବା ସମସ୍ତ ସିସିଟିଭି ଫୁଟେଜ ସଂଗ୍ରହ କରି ସରଜମିନ ତଦନ୍ତ ଆରମ୍ଭ କରିଛନ୍ତି। ମୃତ ସୌମ୍ୟରଞ୍ଜନଙ୍କ ଶବକୁ ଆରଜିଏଚ ମର୍ଗ ହାଉସରେ ରଖାଯାଇଥିବା ବେଳେ ଗୁରୁବାର ଶବ ବ୍ୟବଚ୍ଛେଦ କରାଯିବ ବୋଲି ଆଇଆଇସି ଶ୍ରୀ ସାହୁ ସୂଚନା ଦେଇଛନ୍ତି।


# FAKIR MOHAN UNIVERSITY

Vyasa Vihar, Nuapadhi, Balasore, Odisha, Pin.-756089
Phone: 06782-275787
email-id: registrarfmuniversity@gmail.com
Website: www.fmuniversity.nic.in

Letter No.: FMU-Estt.(T)-II-04/2026/4148 | Date: 02/05/2026

**ADVERTISEMENT FOR RECRUITMENT OF FACULTY POSITIONS**

Applications are invited from eligible candidates as per UGC eligibility criteria (UGC Notification dated 18th July 2018 and subsequent amendments) to fill up various regular faculty positions, including backlog vacancies, in the Post Graduate Departments of Fakir Mohan University.

**Online Applications, through https://himsrecruitment.odisha.gov.in/home, are invited in prescribed application form from the eligible candidates for appointment to the following teaching positions on regular basis:**

| Subject | Name of the Post and No.of Vacant Position | | | |
|---|---|---|---|---|
| | Total No. of Posts | Professor | Associate Professor | Assistant Professor |
| Applied Geology | 02 | 01-ST(W) | 01-ST | -- |
| Bioscience and Biotechnology | 01 | 01-SC | -- | -- |
| Botany | 06 | 01-SEBC(W) | 01-SC,01-SEBC | 01-UR,01-SC,01-SC(W) |
| Business Management | 02 | 01-UR | 01-ST | -- |
| Chemistry | 03 | 01-ST | -- | 01-SEBC, 01-UR |
| Commerce | 06 | 01-UR | 01-SC,01-ST(W) | 01-SC, 01-UR, 01-UR(W) |
| Computer Science | 01 | 01-SC | -- | -- |
| Economics | 02 | -- | 01-SEBC(W)* | 01-SEBC |
| Education | 01 | 01-UR(W) | -- | -- |
| Environmental Science | 01 | -- | -- | 01-UR(W) |
| Geography | 01 | -- | 01-ST | -- |
| History and Archeology | 06 | 01-ST | 01-SC(W),01-ST | 02-UR,01-SC(W) |
| Journalism and Mass communication | 03 | 01-UR | 01-SC,01-SEBC** | -- |
| Mathematics | 01 | 01-SEBC | -- | -- |
| Odia | 01 | 01-UR | -- | -- |
| Physics | 02 | 01-ST | 01-ST(W) | -- |
| Political Science | 02 | -- | 01-SC | 01-ST |
| Population Studies | 04 | 01-UR(W) | 01-ST(W), 01-SEBC | 01-UR(W)* |
| Sociology | 01 | -- | 01-ST | -- |
| Urdu | 01 | -- | 01-SC(W) | -- |
| Zoology | 06 | 01-SC(W) | 01-UR,01-ST(W) | 01-SEBC(W),01-UR,01-SC |
| Total | 53 | 15 | 20 | 18 |

Abbreviation: [UR = Unreserved; SEBC = Socially and Educationally Backward Classes; SC = Scheduled Caste; ST = Scheduled Tribe; W = Woman]

* Lien vacancy: The post is likely to continue until the completion of the lien period of the lien holder. However, if the lien holder re-joins the post, the selected candidate will be relieved. Otherwise, the selected candidate may be absorbed into the post.

** Likely to be vacant due to superannuation on 31.05.2026

**Note:**

1) In case of non-availability of suitable women candidates, the posts shall be filled up by male candidates from the same category.

2) An appropriate number of posts for Assistant Professor, Associate Professor, and Professor shall be reserved for candidates under the PwD category, in accordance with the Rights of Persons with Disabilities Act, 2016, subject to the availability of the eligible candidates.

**IMPORTANT DATES**

| | |
|---|---|
| **Link available for online application form from** | **7th May, 2026.** |
| **Last date for submission of online application form** | **7th June, 2026** |
| **Last date for hard copy of online generated application form with required documents** | **17th June, 2026 up to 05:00 p.m.** |

**Application Fee**

1. The application fee is Rs.1000/- for General and SEBC candidates.
2. The application fee is Rs.600/- for SC and ST candidates.
3. There is no application fee for PwD candidates.
4. The fee must be paid online through the portal and is non-refundable.

Candidates are required to send a hard copy of the downloaded completely filled up application form along with all relevant documents only through Speed Post addressed to:

**The Registrar,**
Fakir Mohan University
Vyasa Vihar, Balasore – 756089
Dist: Balasore (Odisha)

The University reserves the right to modify the posts, number of vacancies and to cancel or modify this notification without assigning any reason thereof.

**Sd/- Registrar**

## ଉଦ୍ଧାର ହେଲେ ୭ ଶିଶୁ ଶ୍ରମିକ

# ପ୍ରତିଷ୍ଠାନକୁ ନୋଟିସ୍ ଜାରିକଲା ଶ୍ରମ ବିଭାଗ

ସମ୍ବଲପୁର, ୬।୫ (ସମିସ)

ସମ୍ବଲପୁର ସହରର ବିଭିନ୍ନ ଥାନା ଅଞ୍ଚଳରେ ହୋଟେଲଠାରୁ ଆରମ୍ଭ କରି ଗ୍ୟାରେଜ ଓ ଅନ୍ୟ ଛୋଟବଡ଼ ଦୋକାନ ମାନଙ୍କରେ ଶିଶୁ ମାନଙ୍କୁ ନିୟୋଜିତ କରାଯାଉଛି। ସମସ୍ତଙ୍କ ସମ୍ମୁଖରେ ଏହା ହେଉଥିଲେ ହେଁ ଏଥିପ୍ରତି ଜିଲ୍ଲା ପ୍ରଶାସନ ଧ୍ୟାନ ଦେଉନାହିଁ। ଜିଲ୍ଲାରେ ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ ବ୍ୟବସ୍ଥା ରହିଥିଲେ ହେଁ ନିୟମିତ ଭାବେ ତାହାର ବୈଠକ ଏବଂ ମିଶନ ମୋଡ୍‌ରେ କାର୍ଯ୍ୟ କେବଳ କାଗଜପତ୍ରରେ ହିଁ ରହିଯାଉଛି। ବିଭିନ୍ନ ଛୋଟବଡ଼ ସଂସ୍ଥା ବ୍ୟତୀତ ଘର ମାନଙ୍କରେ ମଧ୍ୟ ଶିଶୁ ମୁଖ୍ୟତଃ ଶିଶୁ କନ୍ୟାମାନଙ୍କୁ ଘରୋଇ କର୍ମଚାରୀଭାବେ ନିୟୋଜିତ କରାଯାଉଛି। ଶିଶୁ ଶ୍ରମିକ ନିରୋଧକୁ ନେଇ ସରକାରୀ ଭାବେ ବିଭିନ୍ନ ନିୟମ ରହିଥିଲେ ହେଁ ତାହାର ପ୍ରକୃତ କାର୍ଯ୍ୟାନ୍ୱୟନକୁ ନେଇ ସଚେତନ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତକାଲି ଜିଲ୍ଲାସ୍ତରୀୟ ଟାସ୍କ ଫୋର୍ସ (ଡିଏଲ୍‌ଟିଏଫ୍) ମାର୍ଗଦର୍ଶନରେ ଜିଲ୍ଲା ଶ୍ରମ ବିଭାଗ ଓ ପୁଲିସ ପକ୍ଷରୁ ମିଳିତ ଭାବେ ଧନୁପାଲି ଥାନା ଅଞ୍ଚଳରେ ଚଢ଼ଉ କରି ୭ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଛି। ଶିଶୁ ମାନଙ୍କୁ ନିୟୋଜିତ କରିଥିବା ୫ଟି ସଂସ୍ଥାକୁ ଶ୍ରମ ବିଭାଗ ପକ୍ଷରୁ ନୋଟିସ କରାଯିବ। ଉଦ୍ଧାର ଶିଶୁ ମାନଙ୍କୁ ଶିଶୁ କଲ୍ୟାଣ ସମିତି (ସିଡବ୍ଲୁସି)ରେ



ଉପସ୍ଥାନ କରାଯାଇଥିଲା।

ସୂଚନା ଅନୁଯାୟୀ, ଗତ କେଇମାସ ହେବ ନିୟମିତ ଭାବେ ନଜର ରଖାଯାଇଥିବା ବେଳେ ମଙ୍ଗଳବାର ସମ୍ବଲପୁର ଧନୁପାଲି ଥାନା ଅଞ୍ଚଳରେ ମିଳିତ ଚଢ଼ଉ ଏବଂ ଉଦ୍ଧାର କାର୍ଯ୍ୟ କରାଯାଇଥିଲା। ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ଶତ୍ରୁଜିତ ସାହୁଙ୍କ ନେତୃତ୍ୱରେ ଏହି ଦଳରେ ସହକାରୀ ଶ୍ରମ ଅଧିକାରୀ ପୁଷ୍ପା ମିଞ୍ଜଙ୍କ ସହିତ ବ୍ରଜେଶ କୁମାର ହୋତା, ନିଖିଳେଶ କୁମାର ଦାଶ, ଲିପ୍ସାରାଣୀ ପ୍ରଧାନ, ତାନିଆ ଠାକୁର, ଡୋଲେଶ୍ୱରୀ ନାଗ, ଅତାଉର ଖାନ ଏବଂ 'ଆଦର୍ଶ'ର ପ୍ରକଳ୍ପ ପରିଚାଳକ ରଞ୍ଜନ ନାୟକ ଅନ୍ତର୍ଭୁକ୍ତ ଥିଲେ। ପୁଲିସ ପକ୍ଷରୁ ଡିଏସ୍‌ପି ତାରାବତୀ ପ୍ରଧାନଙ୍କ ମାର୍ଗଦର୍ଶନରେ ଏବଂ ଧନୁପାଲି ଥାନା ଏସଆଇ ଦିପ୍ତୀ କୁମାର ନାୟକଙ୍କ ନେତୃତ୍ୱରେ ପୁଲିସ ଫୋର୍ସଙ୍କ ସହାୟତାରେ ଏହି ଅଭିଯାନ କରାଯାଇଥିଲା। ଚଢ଼ଉ ସମୟରେ ୫ଟି ବିଭିନ୍ନ ପ୍ରତିଷ୍ଠାନରୁ ୭ ଜଣ ଶିଶୁ ଶ୍ରମିକଙ୍କୁ ଉଦ୍ଧାର କରାଯାଇଥିଲା। ଶିଶୁ ଶ୍ରମିକ ମାନଙ୍କ ମଧ୍ୟରେ ୯ ବର୍ଷ, ୧୨ ବର୍ଷ ଓ ୧୪ ବର୍ଷର ଜଣେ ଲେଖାଏ ଥିବାବେଳେ ୧୫ ବର୍ଷର ୪ ଜଣ ରହିଛନ୍ତି। ଉଦ୍ଧାର କରାଯାଇଥିବା ପ୍ରତିଷ୍ଠାନ ଗୁଡ଼ିକ ମଧ୍ୟରେ ଏକ ୱାସିଙ୍ଗ ସେଣ୍ଟର, ଗ୍ୟାରେଜ, ଦୋକାନ, ନିର୍ମାଣ ସ୍ଥାନ ଏବଂ ଟାୟାର ରିଟ୍ରେଡିଂ କେନ୍ଦ୍ର ରହିଛି। ଉଦ୍ଧାର ଶିଶୁ ମାନଙ୍କୁ ଆଇନ ଅନୁଯାୟୀ ଯତ୍ନ, ସୁରକ୍ଷା ଏବଂ ପୁନର୍ବାସ ପାଇଁ ଶିଶୁ କଲ୍ୟାଣ କମିଟି (ସିଡବ୍ଲୁସି), ସମ୍ବଲପୁରଙ୍କ ସମ୍ମୁଖରେ ଉପସ୍ଥାନ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ମଙ୍ଗଳବାର ୪ ଜଣ ଶିଶୁଙ୍କୁ ସେମାନଙ୍କ ଅଭିଭାବକଙ୍କୁ ହସ୍ତାନ୍ତର କରାଯାଇଥିବା ବେଳେ ବୁଧବାର ଆଉ ୩ ଜଣ ଶିଶୁଙ୍କୁ ହସ୍ତାନ୍ତର କରାଯାଇଛି। ଉଦ୍ଧାର ହୋଇଥିବା ଶିଶୁମାନେ ପଶ୍ଚିମବଙ୍ଗ ଓ ଅନ୍ୟ ସ୍ଥାନରୁ ଆସି ଏଠାରେ ଦିନମଜୁରିଆ କାମ କରୁଥିବା ଗରିବ ପରିବାରର ବୋଲି ସୂଚନା ମିଳିଛି।

ଅନ୍ୟପକ୍ଷରେ, ଶ୍ରମ ବିଭାଗ ପକ୍ଷରୁ ସମ୍ପୃକ୍ତ ୫ଟି ପ୍ରତିଷ୍ଠାନ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇଛି। ସେମାନଙ୍କୁ ପ୍ରଥମେ ନୋଟିସ ଜାରି କରାଯିବ ଏବଂ ଆଇନ ଅନୁଯାୟୀ ଜୋରିମାନା ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ଶତ୍ରୁଜିତ ସାହୁ ସୂଚନା ଦେଇଛନ୍ତି। ଆଗାମୀ ଦିନରେ ସମ୍ବଲପୁର ମହାନଗର ନିଗମ ସହ ଜିଲ୍ଲାର ବିଭିନ୍ନ ସ୍ଥାନରେ ଏହିଭଳି ଚଢ଼ଉ ଜାରି ରହିବ ବୋଲି ସେ ସୂଚନା ଦେଇଛନ୍ତି।

# ଭିମ୍‌ସାରରେ ୪ ଦିନରେ ୫ ପ୍ରସୂତିଙ୍କ ମୃତ୍ୟୁ ଘଟଣାର ତଦନ୍ତ ନିର୍ଦ୍ଦେଶ

**ସମ୍ବଲପୁର, ୬।୫ (ସମିସ):** ବୁର୍ଲା ବୀର ସୁରେନ୍ଦ୍ର ସାଏ ଆୟୁର୍ବିଜ୍ଞାନ ଗବେଷଣା ପ୍ରତିଷ୍ଠାନ (ଭିମ୍‌ସାର)ର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗରେ ୪ ଦିନରେ ଚିକିତ୍ସାଧୀନ ୫ ଜଣ ପ୍ରସୂତିଙ୍କ ମୃତ୍ୟୁ ଘଟିବା ଚର୍ଚ୍ଚାର ବିଷୟ ହୋଇଛି। ପ୍ରସୂତିଙ୍କ କେଉଁ ପରିସ୍ଥିତିରେ ମୃତ୍ୟୁ ହେଲା ସେ ସଂକ୍ରାନ୍ତରେ ରିପୋର୍ଟ ଦେବାକୁ ବିଭାଗୀୟ ମୁଖ୍ୟଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ମୃତ୍ୟୁର କାରଣ ବର୍ତ୍ତମାନ ପର୍ଯ୍ୟନ୍ତ ଅସ୍ପଷ୍ଟ ଥିବା କହିଛନ୍ତି ଭିମ୍‌ସାରର ନିର୍ଦ୍ଦେଶକ ପ୍ରଫେସର ଡା. ଲାଲମୋହନ ନାଏକ। ସୂଚନା ଅନୁଯାୟୀ, ଗତ ୧ ତାରିଖରେ ଭିମ୍‌ସାରର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗରେ ହଠାତ୍ ଜଣେ ମହିଳାଙ୍କର ମୃତ୍ୟୁ ହୋଇଥିଲା। ପ୍ରସବରେ କୌଣସି ଜଟିଳତା ନଥିଲା ଓ ନବଜାତ ସନ୍ତାନ ମଧ୍ୟ ସୁସ୍ଥ ଥିଲା। ହେଲେ କିଛି ସମୟ ମଧ୍ୟରେ ତାଙ୍କର ଆକସ୍ମିକ ମୃତ୍ୟୁ ପୂରା ବିଭାଗକୁ ଚକିତ କରି ଦେଇଥିଲା। ଏହାପରେ ଜଣେ ପରେ ଜଣେ ଏମିତି ଚାରିଜଣଙ୍କ ୪ ଦିନ ମଧ୍ୟରେ ମୃତ୍ୟୁ ହେଲାଣି। ଏମାନଙ୍କ ମଧ୍ୟରୁ କେବଳ ଜଣେ ରକ୍ତଶିକୁଳି (ସିକିଲ୍‌ସେଲ୍‌ଫ)ରେ ଆକ୍ରାନ୍ତ ଥିଲେ ଏବଂ ଅନ୍ୟମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ୱାଭାବିକ ଥିଲା। ମୃତ ସମସ୍ତ ମହିଳାଙ୍କ ବୟସ ୨୦ରୁ ୨୫ ବର୍ଷ ମଧ୍ୟରେ। ଔଷଧର ପାର୍ଶ୍ୱ ପ୍ରତିକ୍ରିୟାରୁ ଏଭଳି ମୃତ୍ୟୁ ହୋଇଥିବା ଆଶଙ୍କା କରାଯାଉଥିଲା। କିନ୍ତୁ ସେହି ଔଷଧ ଦିଆଯାଇଥିବା ଅନ୍ୟ ବିଭାଗର ରୋଗୀଙ୍କଠାରେ କୌଣସି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଇ ନାହିଁ। ଏପରିକି ଏସ୍‌ସିବିର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗରେ ଉକ୍ତ ଔଷଧ ବ୍ୟବହାର ହୋଇଥିଲେ ସୁଦ୍ଧା କୌଣସି ଅଘଟଣ ଘଟିନଥିବା ଭାରପ୍ରାପ୍ତ ନିର୍ଦ୍ଦେଶକ କହିଛନ୍ତି। ନିଜେ ନିର୍ଦ୍ଦେଶକ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ପହଞ୍ଚି ପ୍ରତ୍ୟେକ ମୃତକ ନେଇଥିବା ଔଷଧ, ସ୍ୱାସ୍ଥ୍ୟ ସମସ୍ୟା ଯାଞ୍ଚ କରିଥିଲେ। ସ୍ୱତନ୍ତ୍ର ଭାବରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

# ୧୨୫୧୬ ଫୁଟ୍ ପର୍ବତାରୋହଣରେ ସମ୍ବଲପୁରର ସରନ୍ୟା

**ସମ୍ବଲପୁର, ୬।୫ (ସମିସ) :** ଇଣ୍ଡିଆନ ହାଇକ୍ ତରଫରୁ ଗତ ୨୩ ରୁ ୨୮ ତାରିଖ ପର୍ଯ୍ୟନ୍ତ ଭାରତର ବିଭିନ୍ନ ରାଜ୍ୟରୁ ୨୮ ଜଣ ବାଳକ ବାଳିକାଙ୍କୁ ନେଇ ହିମାଳୟରର ନିକଟବର୍ତ୍ତୀ କୌରୀ ପାସ ପର୍ବତାରୋହଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହାର ଉଚ୍ଚତା ୧୨୫୧୬ ଫୁଟ୍। ଏଥିରେ ଓଡ଼ିଶାରୁ କେବଳ ଜଣେ ସରନ୍ୟା ପଣ୍ଡା (୧୩) ଯୋଗ ଦେଇଥିଲେ। ସରନ୍ୟା ସମ୍ବଲପୁରର ଫାଟକ ନିବାସୀ ସନ୍ତକ ପଣ୍ଡା ଏବଂ ଶାଳିନୀ ଶର୍ମାଙ୍କ ଝିଅ। ଓଡ଼ିଶାରରୁ କେବଳ ସରନ୍ୟା ଭାଗ ନେଇଥିବାବେଳେ ସେ ସଫଳତାର ସହିତ ପର୍ବତାରୋହଣ କରିଥିଲେ। ତାଙ୍କ ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ଦିଆଯାଇଛି। ସରନ୍ୟା ଆଗକୁ ହିମାଳୟ ପର୍ବତ ଆରୋହଣ କରିବାର ଲକ୍ଷ୍ୟ ରଖିଥିବା କହିଛନ୍ତି।




## ଛାତ୍ରୀ ନିର୍ଯାତନା ପ୍ରସଙ୍ଗ

# କେଜିବିଭି ଅଭିଭାବକ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରସ୍ଥ

**ସମ୍ବଲପୁର, ୬।୫ (ସମିସ) :** ସମ୍ବଲପୁର ଜିଲ୍ଲା ନାକଟିଦେଉଳ ବ୍ଲକ ଅନ୍ତର୍ଗତ ସରାପାଲି କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି) ଛାତ୍ରୀ ନିବାସର ମହିଳା



କର୍ମଚାରୀମାନେ ଛାତ୍ରୀମାନଙ୍କୁ ବିଭିନ୍ନ ସମୟରେ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ନେଇ ଅଭିଯୋଗ ହୋଇଛି। ଆଜି ଏନେଇ ଅଭିଭାବକ ଓ ସ୍ଥାନୀୟ ଜନସାଧାରଣ ସମ୍ବଲପୁର ଜିଲ୍ଲା ଶିକ୍ଷାଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପୂର୍ବରୁ ଅଭିଯୋଗ ହୋଇଥିବାବେଳେ ନାକଟିଦେଉଳ ବିଇଓ ଏହାର ତଦନ୍ତ କରିଥିଲେ। ତେବେ, ଏନେଇ କ'ଣ ପଦକ୍ଷେପ ନିଆଯାଇଛି ତାହା ଜଣାନାହିଁ। ସମସ୍ୟାର ସମାଧାନ ହେଉ ନ ଥିବାରୁ ଆଜି ଅଭିଭାବକମାନେ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଦାବିପତ୍ର ପ୍ରଦାନ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ଛାତ୍ରୀମାନଙ୍କୁ ବିଭିନ୍ନ ସମୟରେ ପନିପରିବା କାଟିବା ଓ ରୋଷେଇ କାର୍ଯ୍ୟରେ ନିୟୋଜିତ କରାଯାଉଛି। କର୍ମଚାରୀମାନେ ରୋଷେଇ କରି ନିଜେ ଆଗ ନେଇ ବଳକା ଖାଦ୍ୟ ଛାତ୍ରୀମାନଙ୍କ ପାଇଁ ରଖନ୍ତି। ରୋଷେଇ କାମ ବା ଖାଦ୍ୟର ମାନ କୁ ନେଇ ପ୍ରତିବାଦ କଲେ ସେମାନେ ସମ୍ପୃକ୍ତ ଛାତ୍ରୀ ମାନଙ୍କୁ ଗାଳିଗୁଲଜ କରିବାସହ ଘରକୁ ପଠାଇ ଦେବାକୁ ଧମକ ଦେଉଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟର ହଷ୍ଟେଲରେ ପାନୀୟ ଜଳଯୋଗାଣ ସମସ୍ୟା ସହ ଶୌଚାଳୟର ଅବସ୍ଥା ମଧ୍ୟ ଶୋଚନୀୟ। ଏନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ୱାର୍ଡେନଙ୍କୁ ଜଣାଇବା ସତ୍ତ୍ୱେ ସେମାନେ କୌଣସି ପଦକ୍ଷେପ ନେଉ ନ ଥିବାରୁ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ତଦନ୍ତ କରି ତୁରନ୍ତ ଦୋଷୀ କର୍ମଚାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକମାନେ ଡିଇଓଙ୍କଠାରେ ଦାବି ଜଣାଇଛନ୍ତି। ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଆପଣେଇବାକୁ ବାଧ୍ୟ ହେବେ ବୋଲି କେଜିବିଭି ଅଭିଭାବକମାନେ ଚେତାବନୀ ଦେଇଛନ୍ତି।

## କଲେଜ ଅଧ୍ୟାପକଙ୍କୁ ମାନସିକ ନିର୍ଯାତନା ଅଭିଯୋଗ

# ତଦନ୍ତ ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ

**ରେଢ଼ାଖୋଲ, ୬।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ମାନଭଞ୍ଜନ କହଁରଙ୍କୁ କଲେଜର ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀ ମାନସିକ ନିର୍ଯାତନା ଦେଇଥିବା ଅଭିଯୋଗ କରାଯାଇଛି। ଏଥିରେ ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମି ରଞ୍ଜନ ମହନ୍ତଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତ ପାଇଁ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଅଭିଯୋଗରେ ଉଲ୍ଲେଖ କରାଯାଇଛି ଯେ ରେଢ଼ାଖୋଲ ଭୀମଭୋଇ କଲେଜର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ ଶ୍ରୀ କହଁରଙ୍କ ଶାଳକଙ୍କ ବାହାଘର ମାର୍ଚ୍ଚ ମାସ ୯ ତାରିଖ ସ୍ଥିର ହୋଇଥିଲା। ଏହି ବାହାଘରର ବୁଝିବା ସମସ୍ତ ଦାୟିତ୍ୱ ଶ୍ରୀ କହଁରଙ୍କ ଥିବାରୁ ସେ ୯ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଛୁଟିରେ ରହିବା ପାଇଁ କଲେଜ ଅଧ୍ୟକ୍ଷଙ୍କ ନିକଟରେ ଛୁଟି ଦରଖାସ୍ତ ଦେଇ ଅନୁରୋଧ କରିଥିଲେ। କିନ୍ତୁ ଅଧ୍ୟକ୍ଷ ଦରଖାସ୍ତ ଗ୍ରହଣ ନକରି ଗାଳି ଗୁଲଜ କରିଥିଲେ। ପୁଣି ପର ଦିନ ଥରେ ଦରଖାସ୍ତଟିକୁ ଅଧ୍ୟକ୍ଷଙ୍କୁ ଦେଇ ଛୁଟି ପାଇଁ ଅନୁରୋଧ କରିବା ସତ୍ତ୍ୱେ ଦରଖାସ୍ତ ଗ୍ରହଣ କରିନଥିଲେ। ଏଥିରେ ଅଧ୍ୟକ୍ଷ ଉଦ୍ଦେଶ୍ୟମୂଳକ ଭାବେ ଗ୍ରହଣ ନକରିବାରୁ ଟେବୁଲ ଉପରେ ଦରଖାସ୍ତ ରଖି ନମସ୍କାର କରି ଚାଲି ଆସିଥିଲେ। ତିନି ଦିନପରେ ବାହାଘରରୁ ଫେରିବା ପରେ କଲେଜରେ ନିଜ କାର୍ଯ୍ୟ ସମ୍ପାଦନ କରିଥିଲେ। ଏଥିରେ ଅଭିଯୋଗ କରିଛନ୍ତି ଯେ ସେ ଜଣେ ଦଳିତ ସମାଜର ହୋଇ ଥିବାରୁ ତାଙ୍କ ପ୍ରତି ଅଧ୍ୟକ୍ଷ ଶ୍ରୀ ପାଢ଼ୀ ଏବଂ କଲେଜର ଜଣେ ଅଧ୍ୟାପକ ସହିତ ମିଶି ଜାତିଆଣ ଆକ୍ଷେପ କରିବା ସହିତ ବିଭିନ୍ନ ସମୟରେ ନାନା ପ୍ରକାର ଚାପ ସୃଷ୍ଟି କରିବା ମାନସିକ ନିର୍ଯାତନା ଦେବା ଅଭିଯୋଗ କରିଛନ୍ତି। ଏଥିରେ ଅଧ୍ୟାପକ ଜଣଙ୍କ ଉପରିସ୍ଥ ବିଭାଗୀୟଅଧିକାରୀମାନଙ୍କୁ ଅଭିଯୋଗ କରିଥିଲେ। ଏଭଳି ସଙ୍ଗୀନ ଅଭିଯୋଗ ଖଣ୍ଡନ କରିବା ସହିତ ଏହା ସମ୍ପୂର୍ଣ୍ଣ ମିଥ୍ୟା ଏବଂ ଏହାର କୌଣସି ସତ୍ୟତା ନାହିଁ ବୋଲି କଲେଜର ଅଧ୍ୟକ୍ଷ ଶ୍ରୀ ପାଢ଼ୀ ପ୍ରତିକ୍ରିୟା ଦେଇଥିଲେ। ଏହାର ତଦନ୍ତ ପାଇଁ ଉପଜିଲ୍ଲାପାଳ ଶ୍ରୀ ମହନ୍ତ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରି ତଦନ୍ତ ଆରମ୍ଭ କରିଛନ୍ତି।

# କୁଚିଣ୍ଡାରେ ବଢ଼ୁଛି ତରଭୁଜ ଓ ଲିଚୁର ଚାହିଦା

**କୁଚିଣ୍ଡା, ୬।୫(ସମିସ):** କୁଚିଣ୍ଡା ଅଞ୍ଚଳରେ ଦିନକୁ ଦିନ ଗ୍ରୀଷ୍ମର ପ୍ରଭାବ ବଢ଼ୁଥିବାରୁ ଲୋକଜୀବନ ଉପରେ ପ୍ରଭାବ ପଡ଼ୁଛି। କାଳବୈଶାଖୀ ବର୍ଷା ହେବା ସତ୍ତ୍ୱେ ମଧ୍ୟ ଗରମର ତିବ୍ରତା କମିନାହିଁ। କେବେ ୩୫ ଡିଗ୍ରୀ ତ କେବେ ୪୦ ଡିଗ୍ରୀ ସେଲସିଅସ୍ ପର୍ଯ୍ୟନ୍ତ ତାପମାତ୍ରା ରହୁଥିବାରୁ ସାଧାରଣ ଜୀବନ ବିପର୍ଯ୍ୟସ୍ତ ହୋଇ ପଡୁଛି। ଦିନ ୧୦ଟା ପରେ ପଦାକୁ ବାହାରେ ଯିବା କଷ୍ଟକର ହେଉଥିବା ବେଳେ, ଲୋକମାନେ ଆବଶ୍ୟକ କାମ ନଥିଲେ ଘରୁ ବାହାରୁନଥିବା ଦେଖାଯାଉଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ପାଇଁ କୁଚିଣ୍ଡା ବଜାରରେ ଥଣ୍ଡା ଖାଦ୍ୟ ଓ ପାନୀୟ ପ୍ରତି ଚାହିଦା ବେଶି ବଢ଼ିଛି। ବିଶେଷକରି କୁଚିଣ୍ଡାର ପ୍ରସିଦ୍ଧ ଲିଚୁ ସହ ତରଭୁଜ, ପଇଡ଼, କାକୁଡି, ତାଳସଜ ଓ ଆଖୁରସ ଦୋକାନରେ ଗ୍ରାହକଙ୍କ ଭିଡ଼ ଲାଗ ରହିଛି। ରାସ୍ତାକଡ଼ରେ ପସରା ମେଲାଇ ଥିବା ବେପାରୀମାନେ ଭଲ ବ୍ୟବସାୟ କରୁଥିବା ବେଳେ, ଯାତ୍ରୀ ଓ ସ୍ଥାନୀୟ ଲୋକମାନେ ଥଣ୍ଡା ଖାଦ୍ୟକୁ ବେଶି ପସନ୍ଦ କରୁଛନ୍ତି।

# ପିଏମ୍‌ଶ୍ରୀ ମହମ୍ମଦପୁର ସରକାରୀ ହାଇସ୍କୁଲ ଓ କେଜିବିଭିରେ ସମ୍ମାନ ସମାରୋହ

**ସମ୍ବଲପୁର, ୬।୫ (ସମିସ) :** ସମ୍ବଲପୁର ଜିଲ୍ଲା ଧନକଉଡ଼ା ବ୍ଲକ ପିଏମ୍‌ଶ୍ରୀ ମହମ୍ମଦପୁର ସରକାରୀ ହାଇସ୍କୁଲ ଓ କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ (କେଜିବିଭି)ରେ ମାଟ୍ରିକ ଫଳାଫଳକୁ ନେଇ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। କେଜିବିଭି,



ମହମ୍ମଦପୁରର ଛାତ୍ରୀ ଶୁଭଶ୍ରୀ ଡାକୁଆ ତାଙ୍କ ପରିଶ୍ରମ, ଏକାଗ୍ରତା ଓ ଅଦ୍ୱିତୀୟ ଶିକ୍ଷାନୁରାଗର ଫଳସ୍ୱରୂପ ୨୦୨୬ ମସିହାର ମାଟ୍ରିକ ପରୀକ୍ଷାରେ ୬୦୦ରୁ ୫୫୯ ମାର୍କ (୯୩.୧୬%) ସହ ସମ୍ବଲପୁର ଜିଲ୍ଲାରେ ତୃତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ତାଙ୍କୁ ପୁଷ୍ପଗୁଚ୍ଛ, ସମ୍ମାନପତ୍ର ଓ ସ୍ମୃତିଚିହ୍ନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଭାତୀ ପାଣିଗ୍ରାହୀ ତାଙ୍କ ଉଦ୍‌ବୋଧନରେ କହିଲେ ଯେ, ୬୦୦ରୁ ୫୫୯ ଅଙ୍କ ଅର୍ଜନ କରି ୯୩.୧୬ ପ୍ରତିଶତ ସହ ଜିଲ୍ଲାରେ ତୃତୀୟ ସ୍ଥାନ ଅଧିକାର କରିଥିବା ଶୁଭଶ୍ରୀ ଆମ ବିଦ୍ୟାଳୟର ମାନମର୍ଯ୍ୟାଦାକୁ ଶୀର୍ଷରେ ପହଞ୍ଚାଇଛନ୍ତି। ତାଙ୍କ ଶୃଙ୍ଖଳା, ନିଷ୍ଠା ଓ ଅଦମ୍ୟ ପରିଶ୍ରମ ସମସ୍ତଙ୍କ ପାଇଁ ପ୍ରେରଣାଦାୟୀ ହେବ। ଶୁଭଶ୍ରୀ ଡାକୁଆ ନିଜର ବକ୍ତବ୍ୟରେ କହିଥିଲେ, ମୋର ଶିକ୍ଷକମାନଙ୍କ ଅନବରତ ମାର୍ଗଦର୍ଶନ ଓ ମୋ ପରିବାରର ଅବିଚଳ ସମର୍ଥନର ଫଳ। ମୁଁ ଆଗାମୀ ଦିନରେ ଆଉ ଅଧିକ ନିଷ୍ଠା ସହ ପଢ଼ି ମୋ ଜିଲ୍ଲା ଓ ରାଜ୍ୟର ନାମକୁ ଜାତୀୟ ମଞ୍ଚରେ ଉଜ୍ୱଳ କରିବାକୁ ପ୍ରତିବଦ୍ଧ। ସଭାରେ ପ୍ରଧାନ ଶିକ୍ଷକ ପ୍ରଭାତୀ ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଧନକଉଡ଼ା ବ୍ଲକ ଶିକ୍ଷା ଅଧିକାରୀ କରନ ଶର୍ମା, ଜେଣ୍ଡର କୋଓର୍ଡିନେଟର ଅବିନାଶ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ଭୋଇ ତାଙ୍କ ଭାଷଣରେ ପ୍ରଥମେ ଏ୧ ଓ ଏ୨ ଗ୍ରେଡ୍ ପାଇଥିବା ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ପରେ ସମସ୍ତ ସଫଳ ଛାତ୍ରଛାତ୍ରୀଙ୍କୁ ସେ ପ୍ରଶଂସା କରି ତାଙ୍କର କଠିନ ପରିଶ୍ରମ ଓ ନିଷ୍ଠାକୁ ସ୍ୱୀକାର କରିଥିଲେ। ଏଥିସହିତ ଶିକ୍ଷକମାନଙ୍କର ଅକ୍ଷୟ ପ୍ରୟାସ ଓ ନିରନ୍ତର ଉଦ୍ୟମକୁ ମଧ୍ୟ ସେ ବିଶେଷ ଭାବେ ପ୍ରଶଂସା କରିଥିଲେ। ଚଳିତବର୍ଷ ମୋଟ ୧୧୦ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବାବେଳେ ୧୦୯ ଜଣ ଉତ୍ତୀର୍ଣ୍ଣ ହୋଇ ୯୯% ପାସ୍ ହାର ରେକର୍ଡ ହୋଇଛି। ଫଳାଫଳ ଅନୁସାରେ ଶୁଭଶ୍ରୀ ଡାକୁଆ ଏ୧ ଗ୍ରେଡ୍ ଅଧିକାର କରିଥିବାବେଳେ ଇତିଶ୍ରୀ ମିର୍ଦ୍ଧା, ଦିବ୍ୟାଶିଷ କୁଅର ଓ ଅରବିନ୍ଦ ପ୍ରଧାନ ଏ୨ ଗ୍ରେଡ୍ ପାଇଛନ୍ତି। ବି୧ ଗ୍ରେଡ୍‌ରେ ୪ ଜଣ, ବି୨ ଗ୍ରେଡ୍‌ରେ ୫ ଜଣ, ସି ଗ୍ରେଡ୍‌ରେ ୩୨ ଜଣ, ଡି ଗ୍ରେଡ୍‌ରେ ୫୨ ଜଣ ଏବଂ ଇ ଗ୍ରେଡ୍‌ରେ ୧୨ ଜଣ ଛାତ୍ରଛାତ୍ରୀ ଉତ୍ତୀର୍ଣ୍ଣ ହୋଇଛନ୍ତି। ଶେଷରେ ଅନିଲ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ହୀରାକୁଦ ଡାକ୍ତରଖାନା ସମସ୍ୟା ନେଇ ଆଲୋଚନା



**ସମ୍ବଲପୁର, ୬।୫(ସମିସ):** ହୀରାକୁଦ ଡାକ୍ତରଖାନାରେ ବିଭିନ୍ନ ସମସ୍ୟା ଲାଗି ରହିଛି। ଠିକ ସମୟରେ ଡାକ୍ତର ମଧ୍ୟ ଉପସ୍ଥିତ ରହୁନାହାନ୍ତି। ଯାହାଫଳରେ ହୀରାକୁଦବାସୀ ନାହି ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୂର୍ବରୁ ଡାକ୍ତର ଅଭାବ ସମସ୍ୟା ନେଇ ପ୍ରଶାସନକୁ ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳି ନାହିଁ। ଆଜି ସମାଜସେବୀ କାର୍ତ୍ତିକ କଲେତଙ୍କ ନେତୃତ୍ୱରେ ନୂତନ ଭାବେ ଅବସ୍ଥାପିତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଅଲେଖ ମହାପାତ୍ରଙ୍କ ସହ ଏ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶ୍ରୀ ମହାପାତ୍ର ୧୫ ତାରିଖ ଭିତରେ ଡାକ୍ତର ନିଯୁକ୍ତି ପାଇଁ ମୌଖିକ ପ୍ରତିଶ୍ରୁତି ଦେଇଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ଲାୟନ୍ସ କ୍ଲବ ବରିଷ୍ଠ ସଦସ୍ୟ ଅଶୋକ ମହାପାତ୍ର, ସୁନିତା ନାଗ, ଅଞ୍ଜଳି ଛତ୍ରୀୟା, ସୁବର୍ଣ୍ଣ ନାଗ, ସୁନୀଲ ସେଠ ଆୟୁଷ କରାଳି ପ୍ରମୁଖ ଉପସ୍ଥିତ ଥିଲେ। ଶୀଘ୍ର ପଦକ୍ଷେପ ଗ୍ରହଣ କରା ନ ଗଲେ ହୀରାକୁଦ ବାସୀ ରାଜରାସ୍ତାରେ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଜଣାଇଛନ୍ତି।

# ଲନ୍ ବଲ ଓ ଆସିଚାଳନା ତାଲିମ ଶିବିର




**ସମ୍ବଲପୁର, ୬।୫ (ସମିସ) :** ସମ୍ବଲପୁରର ଫୋର୍-ସି ପଡ଼ିଆଠାରେ ଲନ୍ ବଲ ଏବଂ ଆସିଚାଳନା ତାଲିମ ଶିବିର ମେ ୩ ତାରିଖଠାରୁ ଆରମ୍ଭ ହୋଇଛି। ଜିଲ୍ଲା ଲନ୍ ବଲ ସଂଘ ଏବଂ ଲାୟନ୍ସ କ୍ଲବ ପକ୍ଷରୁ ଆୟୋଜିତ ଏହି ଶିବିର ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଶିବିରରେ ୫ ବର୍ଷରୁ ୨୫ ବର୍ଷ ପର୍ଯ୍ୟନ୍ତ ଖେଳାଳି ମାନଙ୍କୁ ନିଶୁଳ୍କ ପ୍ରଶିକ୍ଷଣ ଦିଆଯିବ ବୋଲି ଜିଲ୍ଲା ଲନ୍ ବଲ ସଂଘର ସମ୍ପାଦିକା ରଶ୍ମିତା ପୁରୋହିତ କହିଛନ୍ତି। ଏହି ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବର୍ଗର ବାଳକ ଓ ବାଳିକା ଭାଗ ନେଉଛନ୍ତି। ଏହି ପ୍ରଶିକ୍ଷଣ ଖେଳାଳି ମାନଙ୍କ ମଧ୍ୟରେ ଉତ୍ସାହ ଭରିବା ସହ ଶୃଙ୍ଖଳା ଓ ସକାରାତ୍ମକ ଚିନ୍ତାଧାରା ଦେଇଥାଏ। ଶିବିରକୁ ସଂଘର ସାଧାରଣ ସମ୍ପାଦିକା ରଶ୍ମିତା ପୁରୋହିତ, ବି. ଅଞ୍ଜଳି ରାଓ, କୁନି, ଭବାନୀ, ମଣ୍ଟୁ, ଦୋରା, ସପ୍ରିତା ପ୍ରମୁଖ ପରିଚାଳନା କରୁଛନ୍ତି।

# ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ରେଢ଼ାଖୋଲ, ୬।୫(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଭୀମଭୋଇ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ବିଜ୍ଞାନଗାର ସହାୟକ ଗମିଆ ହେମ୍ବ୍ରମଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ସେ ୧୯୮୯ ମସିହାରେ ମହାବିଦ୍ୟାଳୟରେ ତାଙ୍କର ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ତାଙ୍କ ପାଇଁ ଅବସରକାଳୀନ ସମ୍ବର୍ଦ୍ଧନା ସଭା କଲେଜର ଅଧ୍ୟକ୍ଷ ଅମୂଲ୍ୟ କୃଷ୍ଣ ପାଢ଼ୀଙ୍କ ଅଧ୍ୟକ୍ଷତାରେ




ହୋଇଥିଲା। ଅଧ୍ୟାପକ ଡ.ଦିବ୍ୟ ଲୋଚନ ରାଉତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପ୍ରାଧ୍ୟାପକ ଅରୁଣ କୁମାର ଶାସନୀ, ପ୍ରାଧ୍ୟାପିକା ମମତା ମହାପାତ୍ର, ଡ.ମନୋରଞ୍ଜନ ମହନ୍ତ, ଆଧ୍ୟପକ ସୁଶାନ୍ତ ନନ୍ଦ, ଡ. ବିରଞ୍ଚି ଖଡିଆ, ରାଜେଶ ବିଶ୍ୱାଳ, ଡ. ଭୋଜରାଜ ଏବଂ ଅଧ୍ୟାପକ ମାନଭଞ୍ଜନ କହଁର ପ୍ରମୁଖ ଶ୍ରୀହେମ୍ବ୍ରମଙ୍କର ବୃତ୍ତିଗତ ଜୀବନର ସ୍ମୃତି ଚାରଣ କରିବା ସହ ତାଙ୍କର ମଙ୍ଗଳମୟ ଅବସର ଜୀବନ କାମନା କରିଥିଲେ। ସୁଜିତ କୁମାର ନାୟକ, ଉମାକାନ୍ତ ସ୍ୱାଇଁ, ବଳରାମ ଧଳ, ନିହାର ରଞ୍ଜନ ରାଉଳ, ମୋତିଲାଲ ପ୍ରଧାନ ଓ ସୁକାନ୍ତ ପ୍ରଧାନ ପ୍ରମୁଖ କର୍ମଚାରୀଙ୍କ ସମେତ ଅନ୍ୟାନ୍ୟ ଅଧ୍ୟାପକ/ଅଧ୍ୟାପିକା ଏବଂ କର୍ମଚାରୀ ଯୋଗ ଦେଇଥିଲେ। ଶେଷରେ ଅଧ୍ୟାପକ ଅଞ୍ଜନ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଝୁଲେନ୍ ପୋଲ ନିର୍ମାଣ କାମ ସମୀକ୍ଷା ପ୍ରହସନ

# କୁଚିଣ୍ଡାବାସୀଙ୍କୁ ଭୁଆଁ ବୁଲାଉଛନ୍ତି ମନ୍ତ୍ରୀ-ଅଧିକାରୀ

କୁଚିଣ୍ଡା, ୬।୫(ସମିସ)

କୁଚିଣ୍ଡାରୁ ଲାଢ଼ ତଥା ରାଜପଥ ୨୦୦କୁ ସଂଯୋଗ କରୁଥିବା ଝୁଲେନ ପୋଲକୁ ଗତ ୯ ସେପ୍ଟେମ୍ବର ୨୦୨୧ସନ୍ଧ୍ୟାରେ ଟ୍ରକ୍ ଦୁର୍ଘଟଣା ଘଟାଇବା ପରେ ବ୍ରିଜ ଭାଙ୍ଗି ଟ୍ରକ ସହ ପଡ଼ି ଯାଇଥିବାରୁ, ଉକ୍ତ ରାସ୍ତା ଆଜି ପର୍ଯ୍ୟନ୍ତବନ୍ଦ ପଡ଼ିଛି ଏବଂ ଯାତାୟତ ସମ୍ପୂର୍ଣ୍ଣ ଠପ ରହିଛି। ଏହା ପରେ ପୁଣି ସେତୁ ନିର୍ମାଣ କାମ ଆରମ୍ଭ ହୋଇ ଗତ ଦଶହରା ବେଳକୁ ଏହି ବ୍ରିଜ ଉପରେ ଲୋକେ ଓ ଯାନ ବାହାନଚଳାଚଳ ସ୍ୱାଭାବିକ ହେବ ବୋଲି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଅଞ୍ଚଳବାସୀଙ୍କୁ ଗଣମାଧ୍ୟମରେ ପ୍ରତିଶ୍ରୁତି ଦେଇଥିଲେ। ହେଲେ



ପ୍ରତିଶ୍ରୁତି ହୋଇ ପ୍ରତିଶ୍ରୁତିରେ ରହିଗଲା।ଏବେ ପୁଣି ଥରେ ମନ୍ତ୍ରୀ, ଅଧିକାରୀ ୨୦୨୪ ଜୁନ ଶୁଦ୍ଧା ସମାପ୍ତ ହୋଇ ଲୋକେ ଯାତାୟତ କରିବେ ବୋଲି ସମୀକ୍ଷା କରି ଜୁନସୁଦ୍ଧା ସ୍ୱାଭାବିକ ହେବ ବୋଲି ଦୃଢ଼ୋକ୍ତି ବାଡିଥିଲେ। ମାତ୍ର ସେତୁ ନିର୍ମାଣ କାର୍ଯ୍ୟ ଧାର୍ଯ୍ୟ ସମୟ ପରେ କାମର ଅଗ୍ରଗତି ଜଣାପଡୁ ନ ଥିବାରୁ ଅଞ୍ଚଳବାସୀଙ୍କୁ ନିରାଶ ଆଡକୁ ଟାଣି ନେଉଛି। ବ୍ରିଜ ପାଇଁ ନିର୍ମାଣ ହୋଇଥିବା ଖମ୍ବ ଉପରେ ଗୋଟିଏ ହେଲେ ବି ଗାର୍ଡର ରଖା ଯାଇନାହିଁ। ଗତ ୩ ତାରିଖ ସ୍ଥାନୀୟ ବିଧାୟକ ତଥା ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ, ଜିଲ୍ଲାପାଳ, ଉପଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କ ସହିତ କାମର ସମୀକ୍ଷା କରିଛନ୍ତି। ଜୁନ ସୁଦ୍ଧା ପିଲର ଉପରେ ନିର୍ମାଣ ହୋଇଥିବା ୧୫ଟି ଗାର୍ଡର ଆସନ୍ତା ୬ ତାରିଖରୁ ଆରମ୍ଭ କରି ୨୦ ତାରିଖ ସୁଦ୍ଧା ବସାଇବା ଓ ସମ୍ପୂର୍ଣ ସେତୁକୁ ୩୦ଜୁନ୍ ସୁଦ୍ଧା ତିନୋଟି ସ୍ଲାବ ପକାଇ ୫ ଜୁଲାଇ ସୁଦ୍ଧା ସେତୁ ୨ପାର୍ଶ୍ୱରେ ରେଲିଙ୍ଗ କାମ ସରିବାକୁ ଗଣମାଧ୍ୟମରେ ପ୍ରକାଶ ପାଇଛି। ହେଲେ ୬ତାରିଖରେ କୌଣସି କାମର ଅଗ୍ରଗତି ଦେଖିବାକୁ ମିଳିନାହିଁ। ମନ୍ତ୍ରୀ, ଅଧିକାରୀ ମିଶି କୁଚିଣ୍ଡା ଅଞ୍ଚଳବାସୀଙ୍କୁ ଭୁଆଁ ବୁଲାଉନାହାନ୍ତି କି ବୋଲି ପ୍ରଶ୍ନ କରିଛନ୍ତି।

# ବ୍ଲକ୍ ଟପ୍ପରଙ୍କୁ ବ୍ଲକ ଶିକ୍ଷାଧିକାରୀଙ୍କ ସମ୍ବର୍ଦ୍ଧନା



**ଝାରବନ୍ଧ, ୬।୫ (ସମିସ):** ଚଳିତବର୍ଷର ମାଟ୍ରିକ୍ ପରୀକ୍ଷାରେ ଉଲ୍ଲେଖନୀୟ ସଫଳତା ଅର୍ଜନକରି ଝାରବନ୍ଧ ବ୍ଲକର ଗୌରବକୁ ଉଚ୍ଚ କରିଛନ୍ତି ଦୁଇ ମେଧାବୀ ଛାତ୍ର। ପଞ୍ଚାୟତ ହାଇସ୍କୁଲ ଅମଠିର ଛାତ୍ର ରୁପେଶ ନାଏକ ଏବଂ କନ୍ଦାଡଙ୍ଗର ହାଇସ୍କୁଲର ଛାତ୍ର ସୁମିତ ସାହୁ ଏ-ୱାନ୍ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇ ବ୍ଲକ ଟପ୍ପର ହୋଇଛନ୍ତି। ଏହି ସଫଳତାର ଖୁସିରେ ଝାରବନ୍ଧ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ବିଇଓ ଶୁଭମ କୁମାର ପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ଏବିଇଓ ଦୟାନିଧି କୈବର୍ତ୍ତ, ବୈତାଳି କ୍ଲଷ୍ଟର ସିଆରସିସି ଦିବସ କୁମାର ସାହୁ ସହିତ ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଗାଇସିଲେଟ ବ୍ଲକ୍ ଟପ୍ପର ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଗାଇସିଲେଟ, ୬।୫(ସମିସ):** ବରଗଡ଼ ଜିଲ୍ଲା ଗାଇସିଲେଟ ବ୍ଲକ ଅଧୀନ ଗୁଦେରପାଲି ବପୁଜୀ ହାଇସ୍କୁଲରେ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ଏ୧' ଗ୍ରେଡ୍ ରଖି ବ୍ଲକ ଟପ୍ପର ହୋଇଛନ୍ତି ଛାତ୍ରୀ ବବଲି ନାୟକ। ଏହି ଅବସରରେ ସ୍ଥାନୀୟ ବାପୁଜୀ ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭାର ଅନୁଷ୍ଠିତ ହୋଇଥିଲା। ଛାତ୍ରୀ ବବଲି ନାୟକ ଛାତ୍ରୀ ୫୪୦ ନମ୍ବର ରଖି ଏ୧ ଗ୍ରେଡ୍ ପାଇଥିବାରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଭୋଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ସମ୍ମାନିତ ଅତିଥି ଭାବରେ ପରିଚାଳନା କମିଟିର ସଭାପତି ଶୈଳବାଲା ଦେବତା, ସମାଜସେବୀ କିଶୋର ଚନ୍ଦ୍ର ଦେବତା, ସରପଞ୍ଚ ରାମଚନ୍ଦ୍ର ପାତ୍ର, ଶାହେବ ପାତ୍ର, ଶିବପ୍ରସାଦ ପଧାନ, ଶିକ୍ଷକ ଚନ୍ଦ୍ରମଣି ସାହୁ, କିଶୋର ପାତ୍ରଙ୍କ ସମେତ ପ୍ରଜାପତି ପ୍ରଧାନ ଉପସ୍ଥିତ ଥିଲେ। ଗଣିତ ଶିକ୍ଷକ ଧର୍ମେନ୍ଦ୍ର ପଣ୍ଡା ମଞ୍ଚ ପରିଚାଳନା କରିଥିବାବେଳେ ଖେଳ ଶିକ୍ଷକ ପ୍ରଦ୍ୟୁମ୍ନ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

# ଚିଚିଣ୍ଡା ମଣ୍ଡିରେ ସଚେତନତା ଶିବିର

**ଥୁଆପାଲି, ୬।୫(ସମିସ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ଚିଚିଣ୍ଡା ଧାନକ୍ରୟ କେନ୍ଦ୍ର ଠାରେ ଚାଷୀ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଚିଚିଣ୍ଡା ମାର୍କେଟ ଇନ୍‌ଚାଜ ହମିଦ ମେଲ୍ଲି ପରିଚାଳନା କରିଥିଲେ। ଏଥିରେ ସଂକ୍ରିଡା ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃର ସମ୍ପାଦକ ସୁବାସ ଚନ୍ଦ୍ର ପୁରୋହିତ, ପପଙ୍ଗା ମାର୍କେଟ ଇନ୍‌ଚାଜ ମନବୋଧ ପ୍ରଧାନ ଓ ଏଗ୍ରିକଲଚର ଅଫିସର ଫଂକଜିନୀ ପଣ୍ଡା ଯୋଗଦେଇ ଥିଲେ। ଏଥିରେ ଚାଷୀ ଅରୁଣ କୁମାର ପ୍ରଧାନ, ରାଜକିଶୋର ମେହେର, ଆନନ୍ଦ କୁମାର ରାଉତ ଓ ଅନେକ ଛୋଟ, ବଡ଼ଚାଷୀ ଯୋଗ ଦେଇଥିଲେ। ଧାନ କ୍ରୟ ବିକ୍ରୟ ଉପରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ସଂକ୍ରିଡା ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃ ଓ ଚିଚିଣ୍ଡା ମାର୍କେଟ କର୍ମଚାରୀମାନେ ସହଯୋଗ କରିଥିଲେ।

### ୧ ରୁ ୧୩ ପର୍ଯ୍ୟନ୍ତ ରକ୍ତଦାନ ଶିବିର

# ଷଷ୍ଠ ଦିନରେ ୫୭ ୟୁନିଟ୍ ସଂଗ୍ରହ

**ବରଗଡ଼, ୬। ୫(ସମିସ):** ପ୍ରବଳ ଗ୍ରୀଷ୍ମ ପ୍ରବାହ ଯୋଗୁଁ ସମସ୍ତ ରକ୍ତ ଭଣ୍ଡାରରେ ରକ୍ତର ଅଭାବକୁ କିଛି କାଂଶରେ ଦୂର କରିବା ପାଇଁ ରବିଶଙ୍କରଙ୍କ ଜନ୍ମ ଦିନ ଅବସରରେ ନିଷ୍ଠା ପରିବାର, ସାହ୍ଲେପାଲି ଯୁବା ଗୋଷ୍ଠୀ ଓ ଆର୍ଟ ଅଫ୍ ଲିଭିଙ୍ଗ ପରିବାରର ମିଳିତ ଆନୁକୂଲ୍ୟରେ ଏକ ତେର ଦିନିଆ ରକ୍ତଦାନ ଶିବିର ଆୟୋଜନ କରାଯାଉଛି। ବୁଧବାର ଷଷ୍ଠ ଦିନରେ ବରଗଡ଼ ଜିଲ୍ଲା ଭେଡ଼େନ ବ୍ଲକ ଅଧୀନ ରେଶମ, ସାହ୍ଲେପାଲିଠାରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି।




ଅତିଥି ଭାବରେ ରୁଦ୍ର ମାଧବ ସାହୁ ସରପଞ୍ଚ ବାବୁ ପାଲି, କୃଷ୍ଣ ବେହେରା, ସମାଜସେବୀ ବାବୁ ପାଲି, ଜୀବର୍ଦ୍ଧନ ପଧାନ, ପ୍ରଧାନ ଶିକ୍ଷକ ସାହ୍ଲେପାଲି ଉଚ୍ଚ ବିଦ୍ୟାଳୟ, ଶ୍ୟାମ ସୁନ୍ଦର ଭୋଇ, ଜଗଦୀଶ ପଧାନ, ସୁରେନ୍ଦ୍ର କଠାର, ବାଲ ମକୁନ୍ଦ ଭୋଇ, ଲଳିତ କୁମାର ସାହୁ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ଶିବିରରୁ ବୁର୍ଲା ରକ୍ତ ଭଣ୍ଡାର ଦ୍ୱାରା ସର୍ବମୋଟ ୫୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। ଏହି ଶିବିରକୁ ସାହ୍ଲେପାଲି ଯୁବା ଗୋଷ୍ଠୀ ସୁନୀଲ କୁମାର ବାରିକ, ସୁଦାମା ସାହୁ, ବାଳଗୋପାଳ ଭୋଇ, ପ୍ରଭାକର ପଧାନ, ଉମାକାନ୍ତ ନାଏକ, କ୍ଷୀରସିନ୍ଧୁ ସାହୁ, ରିଲୁ ପଧାନ, ନିକମ ଭୋଇ, ପୃଥ୍ୱୀ ଭୋଇ, ସୌନ୍ଦର୍ଯ୍ୟ ପଧାନ, ଧର୍ମ ପଧାନ, ଭୋଜରାଜ ଭୋଇ, ନିଷ୍ଠା ପରିବାର ଓ ଆର୍ଟ ଅଫ୍ ଲିଭିଙ୍ଗର ସଦସ୍ୟ ସଦସ୍ୟାଙ୍କ ସହ ସାହ୍ଲେପାଲି ଗ୍ରାମବାସୀ ରିଚାଳନା କରିଥିଲେ।

# ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ଗଞ୍ଜେଇ ଜବତ; ଦୁଇ ଗିରଫ






**ବରଗଡ଼, ୬।୫(ସମିସ)**

କାଜୁ ଛାଲି ଭର୍ତ୍ତି ଟ୍ରକ୍‌ରେ ଚାଲାଣ ହେଉଥିଲା ଗଞ୍ଜେଇ, ହେଲେ ଏହାକୁ ଧରିବାରେ ସଫଳ ହୋଇଛି ଝାରବନ୍ଧ ପୁଲିସ। ଏହାସହ ଏକ ଆନ୍ତଃରାଜ୍ୟ ଗଞ୍ଜେଇ ଚାଲାଣର ପର୍ଦ୍ଦାଫାସ ହୋଇଥିବା କୁହାଯାଉଛି। ସୂଚନା ଅନୁସାରେ ଛତିଶଗଡ଼ ସୀମାଠାରୁ ପାଞ୍ଚଶହ ମିଟର ପୂର୍ବରୁ ସରଗୁଲ ଛକରେ ଏକ ସନ୍ଦେହଜନକ ୧୨ ଚକିଆ ଟ୍ରକ୍‌କୁ ଅଟକ ରଖି ପୁଲିସ ତଲାସି କରିଥିଲା। ପ୍ରଥମେ ଟ୍ରକ୍‌ଟି କାଜୁ ଛାଲି ଭର୍ତ୍ତିଥିବା ବୋଲି ଦେଖାଯାଉଥିଲା, କିନ୍ତୁ ମାଜିଷ୍ଟ୍ରେଟ ବିଶ୍ୱକେଶନ ପୁରୋହିତଙ୍କ ଉପସ୍ଥିତିରେ ଯାଞ୍ଚ କରିବାପରେ ଭିତରେ ଲୁଚାଇ ରଖାଯାଇଥିବା ଗଞ୍ଜେଇ ବସ୍ତା ଧରାପଡ଼ିଥିଲା। ମୋଟ୍ ୬୭ଟି ପ୍ୟାକେଟ୍‌ରେ ୧୯ କ୍ୱିଣ୍ଟାଲ ୧୪ କେଜି ଗଞ୍ଜେଇ ପୁଲିସ ଜବତ କରିଛି। ଏହି ଘଟଣାରେ ଦୁଇ ଜଣ ଅଭିଯୁକ୍ତ ଉତ୍ତରପ୍ରଦେଶର କାଲୁ (୩୦) ଓ ଝାରବନ୍ଧ ସଲଡ଼ିହିର ଶଙ୍କର ନାଏକ (୨୮)କୁ ଗିରଫ କରାଯାଇଛି। ଜବତ୍ ଗଞ୍ଜେଇର ଆନୁମାନିକ ମୂଲ୍ୟ ୪ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହେବବୋଲି ବରଗଡ଼ ଏସ୍‌ପି ପ୍ରହଲ୍ଲାଦ ସହାୟ ମୀନା ପ୍ରକାଶ କରିଛନ୍ତି। ପୁଲିସ ସେମାନଙ୍କଠାରୁ ଟ୍ରକ୍ ସହିତ ଗୋଟିଏ ବୋଲେରୋ, ଗୋଟିଏ କାର୍ ଓ ଦୁଇଟି ମୋବାଇଲ ଫୋନ ମଧ୍ୟ ଜବତ କରିଛି। ବରଗଡ଼ ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାୟି ମୀନାଙ୍କ ନିର୍ଦ୍ଦେଶରେ ଚାଲିଥିବା ଏହି ଅଭିଯାନରେ ପଦ୍ମପୁର ଏସ୍‌ଡିପିଓ ପାଣ୍ଡବ ଶବର ନିଜେ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ ନିର୍ଦ୍ଦେଶନା

## ବୋଲୋରୋ, କାର୍ ଓ ୨ ମୋବାଇଲ ଜବତ

ଦେଇଥିଲେ। ଏସ୍‌ଆଇ ବିଣା ତାର୍କୀ ଏହି ମାମଲାର ତଦନ୍ତକୁ ଆଗେଇ ନେଉଛନ୍ତି। ଏହି ରାକେଟ୍‌ର ପଛରେ ଆଉ କିଏ ଅଛନ୍ତି, ସେଥିପାଇଁ ପୁଲିସ ତଦନ୍ତକୁ ବିସ୍ତାର କରିଛି। କାଜୁ ଛାଲି ଆଡ଼ରେ ଏପରି ଚତୁର ଉପାୟରେ ଗଞ୍ଜେଇ ଚାଲାଣ ଘଟଣା ଏବେ ଝାରବନ୍ଧ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇପଡ଼ିଛି।

# ଗୋଷ୍ଠୀ ଶୌଚାଳୟ ପାଲଟିଛି ଗୋଦାମ

**ଝାରବନ୍ଧ, ୬।୫(ସମିସ):** ଝାରବନ୍ଧ ବ୍ଲକ ଅଧୀନ ଡଭା ପଞ୍ଚାୟତର ଡଭା ବଜାରରେ ଥିବା ଗୋଷ୍ଠୀ ଶୌଚାଳୟ ବର୍ତ୍ତମାନ ଗୋଦାମରେ ପରିଣତ ହୋଇଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଶୌଚାଳୟ ଭିତରେ କାଠ, ତେଲ ଟିଣ, ଡ୍ରମ୍, ଟେବୁଲ, ଗ୍ୟାସ୍ ଚୁଲା ଓ ବିଭିନ୍ନ ବସ୍ତା ସଂଗ୍ରହ କରାଯାଇଥିବାରୁ ଏହାର ମୂଳ ଉଦ୍ଦେଶ୍ୟ ଅବମାନିତ ହୋଇଛି। ମହିଳାମାନଙ୍କ ସୁବିଧା ଓ ସ୍ୱଚ୍ଛ ପରିବେଶ ପାଇଁ ୨୦୨୧-୨୨ ଆର୍ଥିକ ବର୍ଷରେ ପ୍ରାୟ ତିନି ଲକ୍ଷ ଟଙ୍କା ବ୍ୟୟରେ ଏହି ଶୌଚାଳୟ ନିର୍ମାଣ କରାଯାଇଥିଲା। କିନ୍ତୁ ଯଥାପ୍ରକାର ରକ୍ଷାବେକ୍ଷଣ, ପରିଚାଳନା ଓ ପାଣି ସୁବିଧାର ଅଭାବରୁ ଏହା ଅବ୍ୟବହୃତ ଅବସ୍ଥାକୁ ପହଞ୍ଚିଛି। ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି ଯେ, ଶୌଚାଳୟକୁ ଶୀଘ୍ର ସଫା କରି ସାଧାରଣ ଲୋକଙ୍କ ପାଇଁ ଖୋଲାଯିବା ସହିତ ଆବଶ୍ୟକ ପାଣି ସଂଯୋଗ ବ୍ୟବସ୍ଥା କରାଯାଉ। ସେହିପରି ବ୍ଲକ ପ୍ରଶାସନ ତତ୍କ୍ଷଣାତ୍ ଦୃଷ୍ଟି ଦେଇ ସୁପରିଚାଳନା ସୁନିଶ୍ଚିତ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

# ପାନୀୟଜଳ ସଙ୍କଟ ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



**ଝାରବନ୍ଧ, ୬।୫(ସମିସ):** ଝାରବନ୍ଧ ବ୍ଲକ ଅଧୀନ କୁମୀର ଗ୍ରାମର ଡିପାପଡ଼ା ଅଞ୍ଚଳରେ ଦୀର୍ଘଦିନ ଧରି ଚାଲିଆସୁଥିବା ପାନୀୟ ଜଳ ସମସ୍ୟା ନେଇ ସ୍ଥାନୀୟ ଲୋକମାନେ ପୁନର୍ବାର ସ୍ୱର ଉଠାଇଛନ୍ତି। ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଗ୍ରାମର ମହିଳା ଓ ପୁରୁଷମାନେ ଝାରବନ୍ଧ ବିଡିଓଙ୍କ ମାଧ୍ୟମରେ ବରଗଡ଼ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ବିଗତ ବର୍ଷ ମଧ୍ୟ ଏହି ପାନୀୟ ଜଳ ସମସ୍ୟା ସମ୍ପର୍କରେ ବ୍ଲକ ପ୍ରଶାସନଙ୍କୁ ଜଣାଇଥିଲେ। ପରେ ବ୍ଲକ ପ୍ରଶାସନ ଓ ଜନପ୍ରତିନିଧିମାନେ ପରିଦର୍ଶନ କରି ତତ୍କାଳ ଭାବେ ସମସ୍ୟାର ସମାଧାନ କରିଥିଲେ। କିନ୍ତୁ କିଛି ଦିନ ପରେ ପୁନର୍ବାର ଅବସ୍ଥା ଗମ୍ଭୀର ହୋଇଥିଲା। ପାଣି ଅଭାବରୁ ଦୈନନ୍ଦିନ ଜୀବନ ଦୁର୍ବିଷହ ହୋଇପଡ଼ିଥିବା ବେଳେ, ଦୂରଦୂରାନ୍ତରୁ ପାଣି ଆଣିବାକୁ ବାଧ୍ୟ ହେଉଥିବାରୁ ମହିଳାମାନେ ବିଶେଷ କଷ୍ଟ ଭୋଗୁଛନ୍ତି। ଏହି ପରିସ୍ଥିତିରେ ଶୀଘ୍ର ସ୍ଥାୟୀ ବ୍ୟବସ୍ଥା ଗ୍ରହଣ କରି ପାନୀୟ ଜଳ ସୁବିଧା ଯୋଗାଇଦେବାକୁ ଗ୍ରାମବାସୀ ଜିଲ୍ଲା ପ୍ରଶାସନଙ୍କୁ ଅନୁରୋଧ କରିଛନ୍ତି।

# ମାଟ୍ରିକ ପରୀକ୍ଷାରେ ଦହିତା ଉଚ୍ଚ ବିଦ୍ୟାଳୟର ଉତ୍ସାହଜନକ ଫଳ

**ପଦ୍ମପୁର, ୬।୫(ସମିସ):** ପଦ୍ମପୁର ଉପଖଣ୍ଡ ଦହିତା ସ୍ଥିତ ଗଙ୍ଗାଧର ମେହେର ସରକାରୀ ଉଚ୍ଚ ବିଦ୍ୟାଳୟର ମାଟ୍ରିକ ପରୀକ୍ଷା ଫଳ ଉତ୍ସାହଜନକ ହୋଇଛି। ଏହି ବିଦ୍ୟାଳୟର ୧୨୫ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ କୁମାରୀ ଶୃତିରଣା ଏବଂ ଚୁମକି ମେହେର ଇ୨ ଗ୍ରେଡ୍ ପାଇଥିବାବେଳେ ପାଞ୍ଚ ଜଣ ଛାତ୍ରଛାତ୍ରୀ ଈ୧ ଏବଂ ୧୪ଜଣ ଛାତ୍ରଛାତ୍ରୀ ଈ୨ ଗ୍ରେଡ୍ ପାଇଛନ୍ତି। ସେହିପରି ୨୨ ଜଣ ଛାତ୍ରଛାତ୍ରୀ ଉ ଗ୍ରେଡ ୫୨ଜଣ ଉ ଗ୍ରେଡ୍ ଏବଂ ୨୯ ଜଣ ର ଗ୍ରେଡ ପାଇଥିବା ବେଳେ ଜଣେ ଫେଲ ହୋଇଥିବା ଶିକ୍ଷକ କ୍ଷୀରସିନ୍ଧୁ ସୁନା ସୂଚନା ଦେଇଛନ୍ତି।

# ଲିସିରାଣୀଙ୍କୁ ଶୁଭେଚ୍ଛା ଜଣାଇଲେ ପୂର୍ବତନ ବିଧାୟିକା

**ବରଗଡ଼, ୬।୫(ସମିସ):** ଅତାବିରା ନିର୍ବାଚନ ମଣ୍ଡଳୀର ଟାଙ୍ଗରପାଲି ଗ୍ରାମର ଲିସିରାଣୀ ଆଚାର୍ଯ୍ୟ ରାଜ୍ୟର ଶ୍ରେଷ୍ଠ ହକି ଗୋଲକିପର ଭାବରେ ମନୋନୀତ ହୋଇଛନ୍ତି। ଏହାସହ ସେ ଜାତୀୟ ଅଣ୍ଡର ୧୯ ହକି ଦଳରେ ଗୋଲକିପର ଭାବରେ ନିଯୁକ୍ତି ପାଇଥିବାରୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ଅତାବିରା ପୂର୍ବତନ ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ। ଅତାବିରା ମାଟିକୁ ଜାତୀୟସ୍ତରରେ ଗୌରାବାନ୍ୱିତ କରିଥିବା ଲିସିରାଣୀଙ୍କ ଭବିଷ୍ୟତ ଆହୁରି ଉଜ୍ଜ୍ୱଳମୟ ହେଉ ଏହାହିଁ ଭଗବାନଙ୍କ ଠାରେ ପ୍ରାର୍ଥନା କରିଛନ୍ତି।

# ଦଶମ ଶ୍ରେଣୀ କୃତୀ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନା ସଭା

**ପାଇକମାଲ, ୬।୫(ସମିସ):** ସରକାରୀ ଉଚ୍ଚ ବିଦ୍ୟାଳୟ ପାଇକମାଲରେ କୃତୀ ଛାତ୍ରଛାତ୍ରୀଙ୍କ ସମ୍ବର୍ଦ୍ଧନାସଭା ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଭାରେ ଏ୧- ଜଣେ ଏବଂ ଏ୨ - ୧୮ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ଫୁଲତୋଡ଼ା ପ୍ରଦାନ କରାଯାଇଥିଲା। ରଜତ କୁମାର ସାହୁ ମଞ୍ଚ ପରିଚାଳନା କରିଥିଲେ। ମୁଖ୍ୟଅତିଥି ଏବିଇଓ ରାଧେଶ୍ୟାମ ମେହେର, ସମ୍ମାନିତ ଅତିଥି ଡ. ଦ୍ୱାଦଶ କୁମାର ପଧାନ, ସିଆରସିସି ରଞ୍ଜନ ବାଗ, ଏସ୍‌ଏମ୍‌ଡିସି କମିଟିରୁ କୁସୁମ ରାଓ ଓ ଟାଇଲ ଚନ୍ଦ୍ର ଭୋଇ, ଅଭିଭାବକ ଭବାନୀଶଙ୍କର ଭୋଇ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋତିର୍ମୟୀ ପଟ୍ଟନାୟକ ଛାତ୍ରଛାତ୍ରୀଙ୍କ ପାଠପଢ଼ା ବିଷୟରେ ଆଲୋଚନା କରିଥିଲେ। ନିରୁପମା ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ବିଦ୍ୟାଳୟରୁ ମୋଟ ୯୭ ଜଣ ପରୀକ୍ଷା ଦେଇଥିବାବେଳେ ଏ୧ -୧, ଏ୨ - ୧୮, ବି୧-୩୩, ବି୨ ୩୫, ସି- ୯, ଡି-୧ ସମସ୍ତ ୯୭ ଜଣ ପାସ୍ କରିଛନ୍ତି। ବବିତା ବେହେରା ଧନ୍ୟବାଦ ଦେଇଥିଲେ।

# କ୍ରିକେଟ ଟୁର୍ଣ୍ଣାମେଣ୍ଟ: ହାର୍ଟ ଇଲେଭେନ୍ ବିଜୟୀ




**ଭେଡେନ, ୬।୫ (ସମିସ):** ଭେଡେନ ସ୍ଥିତବଜାର ପ୍ରାଙ୍ଗଣସ୍ଥିତ ଖେଳ ପଡ଼ିଆରେ ଚାଲିଥିବା ମଧ୍ୟପଡ଼ା କ୍ରିକେଟ ଲିଗ ଟୁର୍ଣ୍ଣାମେଣ୍ଟରେ ଆଜି ଅନୁଷ୍ଠିତ ମ୍ୟାଚ ହାର୍ଟ ଇଲେଭେନ ଓ ଦେଶ ବ୍ଲାଷ୍ଟାର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ହାର୍ଟ ଇଲେଭେନ ବ୍ୟାଟିଂ ୧୦ ଓଭରେ ୮ ଉଇକେଟ ହରାଇ ୧୨୮ ରନ ସଂଗ୍ରହ କରିଥିଲା। ଦେଶ ବ୍ଲାଷ୍ଟାର ବ୍ୟାଟିଂ କରି ୧୦ ଓଭରରେ ୮ ଉଇକେଟ ହରାଇ ୧୧୨ ରନ ସଂଗ୍ରହ କରିଥିଲା। ଫଳରେ ହାର୍ଟ ଇଲେଭେନ ୧୬ ରନରେ ବିଜୟୀ ହୋଇଥିଲା। ଅନୁଷ୍ଠିତ ମ୍ୟାଚରେ ଅତିଥିଭାବରେ ଭେଡେନ ଅମୃତ କୁଟୁମ୍ବର ଘନଶ୍ୟାମ ଅଗ୍ରୱାଲ ଓ ଗୋପୀନାଥ ମେହେର ଯୋଗଦାନ କରି ହାର୍ଟ ଇଲେଭେନର ବିକାଶ ଛତ୍ରିଆଙ୍କୁ ମ୍ୟାନ୍ ଅଫ୍ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ। ଅନୁଷ୍ଠିତ ମ୍ୟାଚକୁ ଗୋବିନ୍ଦ ମେହେର ଓ ଜଳେଶ ନାଏକ ପଚାଳନା କରିଥିବାବେଳେ ସ୍କୋରର ଭାବରେ ଆୟୁଷ ମେହେର ଓ ଓମ୍ ଲହରିଆ ଦାୟିତ୍ୱ ନିର୍ବାହ କରିଥିଲେ। ମଧ୍ୟପଡ଼ାର ସଚିଦାନନ୍ଦ ସାହୁ, ଗଣେଶ ମହାଲିଙ୍ଗ, ସଞ୍ଜୟ ଲହରିଆ, ସିବିଲ ପଧାନ, ହାରାଧନ ଭୁକ୍ତା, ସୁବଳ ଥପା, ସଞ୍ଜୟ ଲହରିଆଙ୍କ ପ୍ରମୁଖ ସହଯୋଗ କରିଥିଲେ।

# ଭିଜିଲାନ୍ସ ଜାଲରେ ସରକାରୀ ଅଧିକାରୀ

**ବିଜେପୁର, ୬।୫ (ସମିସ):** ବରଗଡ଼ ଜିଲ୍ଲା ଶିଳ୍ପକେନ୍ଦ୍ର କାର୍ଯ୍ୟାଳୟ ଅଧୀନରେ ଡିଆରପି ଭାବରେ କାର୍ଯ୍ୟରତ କର୍ମଚାରୀ ରାକ୍ଷୀ ମେହେର ଜଣେ ହିତାଧିକାରୀଙ୍କଠାରୁ ୩୦ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ



ବୁଧବାର ଭିଜିଲାନ୍ସ ହାତରେ ଧରା ପଡ଼ିଛନ୍ତି। ଜଣେ ହିତାଧିକାରୀଙ୍କୁ ୮ଲକ୍ଷ ୬୪ ହଜାର ଋଣ ରାଶିର ୩୫ ପ୍ରତିଶତ ସବ୍‌ସିଡି କରାଇଦେବାକୁ ସେ ୩୦ ହଜାର ଟଙ୍କା ଆକାଉଣ୍ଟ ଜରିଆରେ ଲାଞ୍ଚ ନେଉଥିଲେ। ପୂର୍ବ ଯୋଜନା ମୁତାବକ ଭିଜିଲାନ୍ସ ଛକି ରହି ତାଙ୍କୁ କାବୁ କରିଥିଲା। ଏନେଇ ବରଗଡ଼ ଦୁର୍ନୀତି ନିବାରଣ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି। ଏହାପରେ ବିଜେପୁର ସ୍ଥିତ ତାଙ୍କ ଘର ଓ ଗାଇସିଲେଟ କାର୍ଯ୍ୟାଳୟରେ ଭିଜିଲାନ୍ସ ଟିମ୍ ଚଢ଼ଉ କରିଥିଲା।

# ପାଉଁଶ ବୋଝେଇ ଟ୍ରକ୍ ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ




**ପଦ୍ମପୁର, ୬।୫(ସମିସ):** ପଦ୍ମପୁର ସହର ସିନେମାହଲ ଛକରେ ବୁଧବାର ସକାଳେ ଆଶ୍ ବୋଝେଇ ଟ୍ରକ୍ ଧକ୍କାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବଡ଼ପଡ଼ାର ଅକ୍ରୁର ସୁନାନୀ(୮୦)। ବୁଧବାର ସକାଳେ ବୃଦ୍ଧ ଜଣକ ଘର ପାଇଁ ମୁଢ଼ି କିଣି ଫେରୁଥିବାବେଳେ ଟ୍ରକ୍‌ଟି ତାଙ୍କୁ ଧକ୍କା ଦେଇଥିଲା। ଟ୍ରକ ଚାଳକଙ୍କ ଅସାବଧାନତାକୁ ଏହି ଦୁର୍ଘଟଣାର ପ୍ରମୁଖ କାରଣ ବୋଲି ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ବୃଦ୍ଧଙ୍କ ବାମ ହାତ ଉପରେ ଟ୍ରକର ଚକ ଚାଲିଯାଇଥିବାରୁ ସେ ଗୁରୁତର ଆହତ ହୋଇଥିଲେ। ପଦ୍ମପୁର ପୁଲିସ ଓ ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ନିୟନ୍ତ୍ରଣରେ ଆଣିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପଦ୍ମପୁର ଉପଖଣ୍ଡ ଚିକିତ୍ସାଳୟକୁ ଓ ପରେ ବୁର୍ଲା ମେଡିକାଲ କଲେଜକୁ ପଠାଯାଇଥିଲା। ହେଲେ ବୁର୍ଲା ଯିବା ସମୟରେ ବରଗଡ଼ ଠାରେ ତାଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ଟ୍ରକଟିକୁ ଜବତ କରିଥିବା ସହ ଡ୍ରାଇଭରକୁ ଅଟକ ରଖି ପଚରାଉଚରା କରୁଛି।

### ରକ୍ତଭଣ୍ଡାରରେ ସ୍ଥାୟୀ ଡାକ୍ତର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା

# ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଘେରିଲା 'ନିଷ୍ଠା' ପରିବାର

**ବରଗଡ଼, ୬।୫(ସମିସ)**

ଦୁଇମାସ ହେବ ବରଗଡ଼ ଜିଲ୍ଲା ପୁଲିସ ବିଭାଗ, ବନ୍ ବିଭାଗ, ଶିକ୍ଷାବିଭାଗ ପରେ ଏବେ ପାଳି ପଡ଼ିଛି ସ୍ୱାସ୍ଥ୍ୟ ବିଭାଗକୁ। ଏସବୁ ବିଭାଗ ଏବେ ଜିଲ୍ଲାରେ ଖୁବ୍ କିଛି ବି ଠିକ୍ ଭାବେ ଚାଲୁନି। ବରଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ବିଭିନ୍ନ ସମସ୍ୟା ଓ ବରଗଡ଼ ରକ୍ତ ଭଣ୍ଡାରର ଅବ୍ୟବସ୍ଥାକୁ ନେଇ ମଙ୍ଗଳବାର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାସହ ଦୁଇଟି ଦାବିପତ୍ର ପ୍ରଦାନ ନିଷ୍ଠା ପରିବାର ପକ୍ଷରୁ କରାଯାଇଥିଲା। ଦାବି ଅନୁସାରେ ବରଗଡ଼ ରକ୍ତଭଣ୍ଡାରରେ ଏକ ସ୍ଥାୟୀ ବ୍ଲଡ୍ ବ୍ୟାଙ୍କ ଅଧିକାରୀ ଡାକ୍ତର ରହିବା କଥା ସିଡିଏମଓ ଦାୟିତ୍ୱ ବି ଦେଇଛନ୍ତି ଡାକ୍ତର ଚିତ୍ତ ରଞ୍ଜନ ପଣ୍ଡାଙ୍କୁ କେବଳ ନାମ କୁ ମାତ୍ର। ଶ୍ରୀ ପଣ୍ଡା କେବେ ବି ରକ୍ତ ଭଣ୍ଡାର ଆସୁନଥିବା ବେଳେ ତାଙ୍କୁ ପଚାରିଲେ ରକ୍ତ ଭଣ୍ଡାର ପାଇଁ ସମୟ ହେଉନାହିଁ ବୋଲି କହିଥିଲେ। ଜଣେ ସ୍ଥାୟୀ ଡାକ୍ତର ନ ଥିବାରୁ ରକ୍ତ ଭଣ୍ଡାରରେ ଅନେକ ଅସୁବିଧା ହେଉଛି। ରକ୍ତଭଣ୍ଡାରର ସୁରକ୍ଷା ଓ ଦଲାଲମାନଙ୍କୁ ଏଡ଼ାଇବା ପାଇଁ ୨୪ ଘଣ୍ଟା ସିକ୍ୟୁରିଟି ଗାର୍ଡର ଆବଶ୍ୟକତା ଥିବାବେଳେ କେହି କର୍ଣ୍ଣପାତ କରୁନାହାଁନ୍ତି।



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଉପରେ ଅନେକ ରୋଗୀଙ୍କ ଭରସା ଅଛି, କିନ୍ତୁ ରୋଗୀ ଏ ହସ୍ପିଟାଲକୁ ଆସିଲେ ତାଙ୍କୁ ବୁର୍ଲା ପଠାଯାଉଛି। ଏକ ବିରାଟକାୟ କ୍ୟାନସର ହସ୍ପିଟାଲରେ ବର୍ତ୍ତମାନ ତାଲା ପଡ଼ିଛି। ଏପରିକି ହାତ ଗଣତି କିଛି କେମୋକୁ ଛାଡି ଦେଲେ କେମୋ ମଧ୍ୟ ହେଉନାହିଁ। ତାହାପୁଣି ଟ୍ରେନିଂପ୍ରାପ୍ତ ଜଣେ ମେଡିସିନ ଡାକ୍ତର କରୁଛନ୍ତି। ଡାକ୍ତରଖାନା ପରିସରରେ କୁଢ଼କୁଢ଼ ଆବର୍ଜନା ପଡ଼ି ରହିଛି। ଡାକ୍ତର ରକ୍ତ ପରୀକ୍ଷା ପାଇଁ ଲେଖିବା ପରେ ରୋଗୀ ଚାରିଚାରିଥର ଲମ୍ବା ଲାଇନରେ ଛିଡା ହୋଇ ଦିନ୧୨ଟା ଉପରେ ହୋଇ ଯାଉଛି। ପରୀକ୍ଷା ରିପୋର୍ଟ ଆସିବା ପରେ ଡାକ୍ତରଙ୍କ ସମୟ ସମାପ୍ତ ହେତୁ ରୋଗୀ ନାହିଁ ନ ଥିବା ହଇରାଣ ହେବା ସହ ପୁଣି ଆଉ ଦିନେ ଆସି ଡାକ୍ତରଙ୍କୁ ଦେଖାଉଛନ୍ତି। ପୁରଣା ରକ୍ତଭଣ୍ଡାର ଚାଲିବା ସହିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ନୂଆ ରକ୍ତଭଣ୍ଡାରକୁ ବି ଯଥାଶୀଘ୍ର କାର୍ଯ୍ୟକ୍ଷମ କରାଯାଉ ବୋଲି ଦାବି କରାଯାଇଛି। ଏ ସବୁ ସମସ୍ୟା ଉପରେ ଆଲୋଚନା ସମୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ତାଙ୍କର ବରଗଡ଼ରେ ରହିବାର ଇଚ୍ଛା ନାହିଁ ବୋଲି ସିଧା ସଳଖ ଉତ୍ତର ଦେଇଥିଲେ। ଦାବି ପତ୍ରର ନକଲ ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲ, ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ, ସାଂସଦ ପ୍ରଦୀପ ପୁରୋହିତ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ପାଖକୁ ପଠାଯାଇଛି।

### ମରଣଯନ୍ତା ପାଲଟିଛି ବିଜୁ ଏକ୍ସପ୍ରେସ୍‌ୱେ

# ବିଲକୁ ଓଲଟିଲା ତେଲ ଟ୍ୟାଙ୍କର

**ମେଲଛାମୁଣ୍ଡା, ୬।୫ (ସମିସ):** ସୋହେଲା-ନୂଆପଡ଼ା ବିଜୁ ଏକ୍ସପ୍ରେସ୍ ୱେରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ମଙ୍ଗଳବାର ଭୋର କୁଚିପାଲି ଓ ବନ୍ଧପାଲି ମଧ୍ୟରେ ଏକ ତେଲ ବୋଝେଇ ଟ୍ୟାଙ୍କର ଭାରସାମ୍ୟ ହରାଇ ବିଲରେ ଓଲଟି ପଡ଼ିଥିଲା। ଭାଗ୍ୟବଶତଃ ଏଥିରୁ ଡ୍ରାଇଭର ଓ ହେଲ୍‌ପର ଅଳ୍ପକେ ବର୍ତ୍ତି ଯାଇଥିଲେ। ଟ୍ୟାଙ୍କରଟି ପ୍ରାୟ ୩୩ ହଜାର ଲିଟର ରିଫାଇନ୍ ତେଲ ନେଇ ଛତିଶଗଡ଼ ବାଗବାହାରାରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ତେବେ ବିଜୁଏକ୍ସପ୍ରେସ୍ ୱେ ରାସ୍ତାଟି ଅଧପନ୍ତରିଆ ନିର୍ମାଣ ଯୋଗୁଁ ଡ୍ରାଇଭର୍ ଜାଣିନପାରି ସନ୍ତୁଳନ ହରାଇ ବିଲକୁ ଗାଡ଼ିଟି ଓହ୍ଲାଇନେଇଥିଲେ ଓ ଗାଡ଼ି ଓଲଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଯାହା ଫଳରେ ଟ୍ୟାଙ୍କରର ଅଧିକାଂଶ ତେଲ ବିଲରେ ବୋହିଯାଇ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଦୀର୍ଘ ଦିନ ଧରି ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଥିବା ଏହି ରାସ୍ତା ଏବେ ସାଧାରଣ ଲୋକଙ୍କ ପାଇଁ 'ମରଣଯନ୍ତା' ପାଲଟିଛି। ପ୍ରଶାସନର ଉଦାସୀନତା ଯୋଗୁଁ ପ୍ରତିଦିନ ଏହି



ରାସ୍ତାରେ ଦୁର୍ଘଟଣା ଘଟୁଥିବା ବେଳେ, କେବେ ନିର୍ମାଣ କାମ ସରିବ ତାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

# ଶ୍ରୀକ୍ଷେତ୍ର ସିଟି

୬/୫/୨୦୨୬ (ବୁଧବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୪,୧୦,୧୨୭/- ସୁନା:୦୦.୦୦୦ ଗ୍ରାମ୍ ରୁପା: ୧୬.୦୦୦ ଗ୍ରାମ୍



# ନିର୍ମାଣାଧୀନ ଆର୍‌ଓବିରୁ ଖସି ଶ୍ରମିକ ଗୁରୁତର

ପୁରୀ,୬।୫(ସମିସ):

ପୁରୀ-କୋଣାର୍କ ରାସ୍ତାର ମାଟିଆପଡ଼ା ନିକଟରେ ନିର୍ମାଣାଧୀନ ରେଳ ଓଭରବ୍ରିଜ୍‌ରୁ ଖସିପଡ଼ି ଜଣେ ପ୍ରବାସୀ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଠିକାଦାର ସଂସ୍ଥା ଦ୍ୱାରା ଶ୍ରମିକଙ୍କୁ ବିନା ସୁରକ୍ଷା ଉପକରଣରେ କାମରେ ନିୟୋଜିତ କରାଯାଉଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଶ୍ରମ ଆଇନ କାର୍ଯ୍ୟକାରିତା ଉପରେ ପ୍ରଶ୍ନ

**ବିନା ସୁରକ୍ଷା ଉପକରଣରେ କାମ କରାଉଥିଲା ଠିକା ସଂସ୍ଥା**

ଉଠାଇଛି ଆମ୍ ଆଦ୍‌ମୀ ପାର୍ଟି (ଆପ୍)।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁସାରେ, ବୁଧବାର ପୂର୍ବାହ୍ଣରେ ମାଟିଆପଡ଼ା ନିକଟ ରେଳ ଓଭରବ୍ରିଜ୍ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଜଣେ ପ୍ରବାସୀ ଶ୍ରମିକ ବ୍ରିଜ୍ ଉପରେ କାମ କରୁଥିବାବେଳେ ହଠାତ୍ ତଳକୁ ଖସିପଡ଼ିଥିଲେ। ସେ ହେଉଛନ୍ତି ପଶ୍ଚିମବଙ୍ଗ ପୁରୁଲିଆ ଜିଲ୍ଲାର



ଜିତେନ୍ ସଇଦ୍ (୨୮)। ପ୍ରାୟ ୩୦ ଫୁଟ୍ ଉଚ୍ଚରୁ ପଡ଼ିବାରୁ ତାଙ୍କ ମୁଣ୍ଡ ଫାଟି ଯାଇଛି। ମୁହଁରେ ଗଭୀର ଆଘାତ ଲାଗିଛି। ସାଥୀ ଶ୍ରମିକମାନେ ତୁରନ୍ତ ତାଙ୍କୁ ଉଦ୍ଧାର କରି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ସ୍ଥାନୀୟ ଅଞ୍ଚଳବାସୀ ସନ୍ତୋଷ ମହାନ୍ତି ଅଭିଯୋଗ କରିଛନ୍ତି ଯେ, ଠିକାଦାର ସଂସ୍ଥା ପକ୍ଷରୁ ସେମାନଙ୍କୁ ହେଲ୍‌ମେଟ୍, ସେଫ୍ଟି ବେଲ୍ଟ, ହାର୍ନେସ, ସେଫ୍ଟି ଜୋତା ଭଳି ସୁରକ୍ଷା ଉପକରଣ ଆବଶ୍ୟକ ଅନୁସାରେ ଯୋଗାଇ ଦିଆଯାଇନାହିଁ। ଉଚ୍ଚରେ କାମ କରୁଥିବାବେଳେ ତଳେ ସେଫ୍ଟି ନେଟ୍ ମଧ୍ୟ ଲଗାଯାଇନାହିଁ। ଜୀବନକୁ ବାଜି ଲଗାଇ କାମ କରିବାକୁ ଶ୍ରମିକ ଏକପ୍ରକାର ବାଧ୍ୟ ହେଉଛନ୍ତି। ଏହି ଘଟଣାକୁ ନେଇ ଆପ୍ ପୁରୀ ଜିଲ୍ଲା ଶାଖା ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଦଳର ଜିଲ୍ଲା ସଭାପତି ସଞ୍ଜୀବ କୁମାର ମହାନ୍ତି କହିଛନ୍ତି, 'ଶ୍ରମିକମାନଙ୍କ ସୁରକ୍ଷା ପାଇଁ ଦେଶରେ ଅନେକ ଆଇନ ଅଛି। କିନ୍ତୁ ସେ ସବୁ କେବଳ କାଗଜରେ। ଠିକାଦାର ମନଇଚ୍ଛା ଶ୍ରମିକଙ୍କୁ ମୃତ୍ୟୁମୁଖକୁ ଠେଲି ଦେଉଛନ୍ତି। ଜିଲ୍ଲା ଶ୍ରମ ଅଧିକାରୀ ଏସି ରୁମ୍‌ରୁ ବାହାରି କେବେ ସାଇଟ୍ ଯାଞ୍ଚ କରିଛନ୍ତି? ଶ୍ରମିକଙ୍କ ଜୀବନର ମୂଲ୍ୟ ନାହିଁ କି ବୋଲି ସେ ପ୍ରଶ୍ନ କରିଛନ୍ତି। ଅନ୍ୟପକ୍ଷରେ ଆପ୍ ପକ୍ଷରୁ ଦାବି କରାଯାଇଛି ଯେ, ଆହତ ଶ୍ରମିକଙ୍କ ସମସ୍ତ ଚିକିତ୍ସା ଖର୍ଚ୍ଚ ଠିକାଦାର ସଂସ୍ଥା ବହନ କରୁ, ତାଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ, ଜିଲ୍ଲା ଶ୍ରମ ଅଧିକାରୀ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି ସମସ୍ତ ନିର୍ମାଣସ୍ଥଳରେ ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରନ୍ତୁ ବୋଲି କହିଛନ୍ତି ଶ୍ରୀ ମହାନ୍ତି।

କୋଠା ଏବଂ ଅନ୍ୟାନ୍ୟ ନିର୍ମାଣ ଆଇନ ୧୯୯୬ ଅନୁସାରେ ପ୍ରତ୍ୟେକ ନିର୍ମାଣସ୍ଥଳରେ ଶ୍ରମିକଙ୍କୁ ହେଲ୍‌ମେଟ୍, ସେଫ୍ଟି ବେଲ୍ଟ, ସେଫ୍ଟି ନେଟ୍, ପ୍ରାଥମିକ ଚିକିତ୍ସା ସୁବିଧା ଯୋଗାଇବା ଠିକାଦାରଙ୍କ ଦାୟିତ୍ୱ। ଏହାର ଉଲ୍ଲଂଘନ ଏକ ଦଣ୍ଡନୀୟ ଅପରାଧ। ଏଥିସହ ଶ୍ରମ ବିଭାଗର ନିୟମିତ ଯାଞ୍ଚ ବାଧ୍ୟତାମୂଳକ। ହେଲେ ଏଠାରେ ପ୍ରଶ୍ନ ଉଠୁଛି ଜାତୀୟ ରାଜପଥ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପରେ ବି ଯଦି ଶ୍ରମିକଙ୍କ ସୁରକ୍ଷା ନାହିଁ, ତେବେ ଛୋଟ ସାଇଟ୍‌ରେ କ'ଣ ହେଉଥିବ? ଦୁର୍ଘଟଣା ପରେ ଯାଞ୍ଚ ନୁହେଁ, ଦୁର୍ଘଟଣା ପୂର୍ବରୁ ଶ୍ରମ ବିଭାଗ କେଉଁଠି ଥିଲା? ବିକାଶ ନାଁରେ ଶ୍ରମିକଙ୍କ ଜୀବନକୁ ନେଇ ଖେଳ କେବେ ବନ୍ଦ ହେବ, ତାହା ଏବେ ସବୁଠୁ ବଡ଼ ପ୍ରଶ୍ନ। ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ତୁରନ୍ତ ଏଥିପ୍ରତି ନଜର ଦେବାକୁ ବିଭିନ୍ନ ଶ୍ରମିକ ସଂଗଠନ ଦାବି କରିଛନ୍ତି।

# ପ୍ରତିଭା ସମ୍ବର୍ଦ୍ଧନା ସମାରୋହ



ପୁରୀ,୬।୫(ସମିସ): କ୍ଲାସିକ୍ ଡ୍ୟାନ୍ସ ଷ୍ଟୁଡିଓର ପ୍ରଥମ ବାର୍ଷିକୋତ୍ସବ ଏବଂ ପ୍ରତିଭା ସମ୍ବର୍ଦ୍ଧନା ପ୍ରଦାନ ସମାରୋହ ସଂସ୍କୃତି ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟସଭା ସାଂସଦ ଶୁଭାଶିଷ୍ ଖୁଣ୍ଟିଆ, ବରିଷ୍ଠ ଦଇତାପତି ରାମକୃଷ୍ଣ ଦାସ ମହାପାତ୍ର, ପୂର୍ବତନ ନଗରପାଳ ଗୌରହରି ପ୍ରଧାନ, ଶିକ୍ଷାବିତ୍ ଲତା ଦାସ, ଅଧିବକ୍ତା ପ୍ରଧାନ ଧିରେନ ରାୟ ଏବଂ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ସାଂସ୍କୃତିକ ସଂଗଠକ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଅତିଥି ରୂପେ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟନାରାୟଣ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଟ୍ରଷ୍ଟି ତଥା ସମ୍ପାଦିକା ଲିପ୍ସା ପ୍ରିୟଦର୍ଶିନୀ ଦାଶ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ଓଡ଼ିଶୀ ନୃତ୍ୟ, କୌତୁକ ପୋଷାକ, ଚିତ୍ରକଳା, ଝୋଟି ଆଦି ପ୍ରତିଯୋଗିତାର କୃତୀ ପ୍ରତିଭାମାନଙ୍କୁ ପୁରସ୍କୃତ କରାଯିବା ସହିତ ବିଚାରକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନନ୍ଦିତା ପ୍ରିୟଦର୍ଶିନୀ, ଲିପ୍ସା ଦାଶ ଓ ସନ୍ଦୀପ୍ତା ସାହୁ ଓଡ଼ିଶୀ ନୃତ୍ୟରେ ନବଦୁର୍ଗା ଏବଂ ଶିଶୁ ନୃତ୍ୟଶିଳ୍ପୀ ରିୟା ଦୁକିଆ ଭଜନ ନୃତ୍ୟ ପରିବେଷଣ କରିଥିଲେ। ପରିଶେଷରେ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ନୃତ୍ୟନାଟିକା 'କାଞ୍ଚି ଅଭିଯାନ' ପରିବେଷିତ ହୋଇ ଉପସ୍ଥିତ କଳାପ୍ରେମୀଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମକୁ ମଲ୍ଲାର ମିଶ୍ର ଓ ସ୍ମୃତି ସ୍ମରଣିକା ଦାସ ସଞ୍ଚାଳନ କରିଥିବାବେଳେ ସନ୍ତୋଷ ବାରିକ, ଲିଜା ପ୍ରିୟଦର୍ଶିନୀ ବେହେରା, ଲକ୍ଷ୍ମୀଧର ବେହେରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

**ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ**

# ଜାତୀୟ ମାନ୍ୟତା ନିମନ୍ତେ ଛାତ୍ର ସଂସଦର ପଦଯାତ୍ରା

ପୁରୀ,୬।୫(ସମିସ): ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟକୁ ଜାତୀୟ ମାନ୍ୟତା ପ୍ରଦାନ ପାଇଁ ଦୀର୍ଘଦିନରୁ ଚାଲିଆସୁଥିବା ନ୍ୟାୟସଂଗତ ଦାବିକୁ ଠିକଣା ଭାବେ ଉତ୍ଥାପନ କରିବା ଉଦ୍ଦେଶ୍ୟରେ ବୁଧବାର ଏକ ଶାନ୍ତିପୂର୍ଣ୍ଣ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅପରାହ୍ଣରେ ଏହି ପଦଯାତ୍ରା ମହାବିଦ୍ୟାଳୟ ପରିସରରୁ ଆରମ୍ଭ



ହୋଇ ବଡ଼ଦାଣ୍ଡ ଦେଇ ଶ୍ରୀମନ୍ଦିର ସିଂହଦ୍ୱାର ପର୍ଯ୍ୟନ୍ତ ଯାଇଥିଲା। ଛାତ୍ର ସଂସଦ ସୂଚନା ଅନୁସାରେ, ଏହି ମହାବିଦ୍ୟାଳୟ ଦୀର୍ଘସମୟ ଧରି ରାଜ୍ୟରେ ଆୟୁର୍ବେଦ ଶିକ୍ଷା ଓ ଚିକିତ୍ସା ସେବାରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଆସିଛି। ତଥାପି ଜାତୀୟ ମାନ୍ୟତା ନ ଥିବାରୁ ଛାତ୍ରଛାତ୍ରୀମାନେ ନିଜର ଶିକ୍ଷା ଓ ପେସାଜୀବନରେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ଆନ୍ଦୋଳନ ସମ୍ପୂର୍ଣ୍ଣ ଭାବରେ ଶାନ୍ତିପୂର୍ଣ୍ଣ, ଗଣତାନ୍ତ୍ରିକ ଓ ସମ୍ବିଧାନସମ୍ମତ ପଦ୍ଧତିରେ ଆୟୋଜିତ ହୋଇଥିଲା। ଏଥି ସମଗ୍ର ପୁରୀବାସୀ, ପୂର୍ବତନ ଛାତ୍ର ଓ ଜନସାଧାରଣଙ୍କୁ ସହଯୋଗ ଓ ସମର୍ଥନ ପାଇଁ ଛାତ୍ରଛାତ୍ରୀମାନେ ଅନୁରୋଧ କରିଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସେମାନେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ଦାବିପତ୍ର ଦେଇଛନ୍ତି। ଏହି ଅବସରରେ ରଥଯାତ୍ରାରେ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟର ମାଗଣା ସ୍ୱାସ୍ଥ୍ୟ ଶିବିର ନିମନ୍ତେ ଅନୁମତି ଓ ପାଣ୍ଠି ଯୋଗାଇବାକୁ ସେମାନେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଥିଲେ।

■ ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ

# ୩୫ କେଜି ଖାଦ୍ୟ ନଷ୍ଟ



ପୁରୀ,୬।୫(ସମିସ): ଖାଦ୍ୟର ମାନ ଯାଞ୍ଚ ପାଇଁ ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଛି। ବୁଧବାର ସମୁଦ୍ରକୂଳ ଅଞ୍ଚଳରେ ଖାଦ୍ୟ ସୁରକ୍ଷା ଅଧିକାରୀ ରାଜେଶ୍ୱରୀ ପତିଙ୍କ ନେତୃତ୍ୱରେ ଖାଦ୍ୟ ସୁରକ୍ଷା ଟିମ୍ ଓ ପୁଲିସ କର୍ମଚାରୀଙ୍କ ମିଳିତ ସହଯୋଗରେ ଚଢ଼ଉ କରାଯାଇଥିଲା। ଏହି ସମୟରେ ସି-ବିଚ୍ ଅଞ୍ଚଳରେ ଥିବା ବିଭିନ୍ନ ଫାଷ୍ଟଫୁଡ୍ ଷ୍ଟଲ୍ ଓ ଠେଲା ଦୋକାନରେ ଯାଞ୍ଚ କରାଯାଇଥିଲା। ଯାଞ୍ଚ ବେଳେ ଅନେକ ଦୋକାନରେ ବାସି, ପଚାସଢ଼ା ଓ ସ୍ୱାସ୍ଥ୍ୟ ପାଇଁ ହାନିକାରକ ଖାଦ୍ୟ ସାମଗ୍ରୀ ବିକ୍ରି ହେଉଥିବା ଦେଖିବାକୁ ମିଳିଥିଲା। ତେବେ ଯାଞ୍ଚ ବେଳେ ମୋଟ୍ ୩୫ କେଜି କ୍ଷତିକାରକ ପଦାର୍ଥକୁ ନଷ୍ଟ କରାଯାଇଥିଲା। ଖାଦ୍ୟ ସୁରକ୍ଷା ଓ ମାନ ଆଇନ ଉଲ୍ଲଂଘନ କରୁଥିବା ଦୋଷୀ ଖାଦ୍ୟ ବ୍ୟବସାୟୀଙ୍କଠାରୁ ମୋଟ୍ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ପୁରୀ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ସ୍ଥଳୀ। ଏଠାକୁ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଯାତ୍ରୀ ଆସନ୍ତି। ବାସି ଓ ବିଷାକ୍ତ ଖାଦ୍ୟ ବିକ୍ରି କରି ସେମାନଙ୍କ ସ୍ୱାସ୍ଥ୍ୟ ସହ ଖେଳିବାକୁ ଦିଆଯିବ ନାହିଁ। ରଥଯାତ୍ରାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ସହରର ବିଭିନ୍ନ ହୋଟେଲ, ରେସ୍ତୋରାଁ, ମିଠା ଦୋକାନ ଓ ରାସ୍ତାକଡ଼ ଖାଦ୍ୟ ଦୋକାନରେ ଏହିପରି ଚଢ଼ଉ ଜାରି ରହିବ ବୋଲି ଖାଦ୍ୟ ସୁରକ୍ଷା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ହୋଟେଲରୁ ମୋବାଇଲ୍ ଚୋରି କରି ବନ୍ଧାହେଲେ

ପୁରୀ,୬।୫(ସମିସ): ବଳିଆପଣ୍ଡା ଅଞ୍ଚଳର ହୋଟେଲ ସି ଭ୍ୟୁ ରେସିଡେନ୍ସିରୁ ଦୁଇଟି ଦାମୀ ମୋବାଇଲ୍ ଚୋରି ଘଟଣାରେ ସେଠାକାର ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ତା' ନିକଟରୁ ଚୋରି ହୋଇଥିବା ଆଇଫୋନ୍ ୧୬ ପ୍ରୋ ମ୍ୟାକ୍ସ ଓ ଭିଭୋ ଏକ୍ସ ୧୦୦ ସମେତ ଆଉ ଏକ ମୋବାଇଲ ଜବତ ହୋଇଛି। ଅଭିଯୋଗ ଅନୁଯାୟୀ, ଝାରସୁଗୁଡ଼ାର ମୌସୁମୀ ସରକାର ଗତ ମାସ ୨୫ ତାରିଖରେ ପରିବାର ସହ ପୁରୀ ବଳିଆପଣ୍ଡାସ୍ଥିତ ହୋଟେଲ ସି ଭ୍ୟୁ ରେସିଡେନ୍ସିରେ ରହୁଥିଲେ। ସେହିଦିନ ଅଜଣା ଦୁର୍ବୃତ୍ତ ତାଙ୍କ ରୁମ୍‌ରୁ ଦୁଇଟି ମୋବାଇଲ୍ ଫୋନ୍ ଚୋରି କରି ନେଇଥିଲେ। ଏ ନେଇ ଅଭିଯୋଗ ପରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିଥିଲା। ବୁଧବାର ପୂର୍ବାହ୍ଣରେ ପୁଲିସ ଅଭିଯୁକ୍ତ ଗଣେଶ ମହାରଣାଙ୍କୁ ଗିରଫ କରିଛି। ଅଭିଯୁକ୍ତଙ୍କଠାରୁ ମୌସୁମୀଙ୍କ ୨ଟି ମୋବାଇଲ୍ ସମେତ ୩ଟି ମୋବାଇଲ୍ ଜବତ କରିଥିଲା। ଅଭିଯୁକ୍ତ ଗଣେଶକୁ ପୁଲିସ କୋର୍ଟ ଚାଲାଣ କରି ଏହି ଚୋରିରେ ଆଉ କିଏ ସମ୍ପୃକ୍ତ ଅଛନ୍ତି ଏବଂ ଅଭିଯୁକ୍ତ ପୂର୍ବରୁ ଅନ୍ୟ କେଉଁ ଅପରାଧରେ ସାମିଲ୍ ଅଛି, ସେ ନେଇ ଖୋଳତାଡ଼ ଜାରି ରଖିଛି।

**ରଥଖଳା ସମ୍ମୁଖରେ ଦିବ୍ୟ ଦୃଶ୍ୟ**

# ଜୀବନର ଶେଷଯାତ୍ରାରେ ମିଳିଲା ଠାକୁରଙ୍କ କୃପା

ପୁରୀ,୬।୫(ସମିସ)

ଶ୍ରୀକ୍ଷେତ୍ରରେ ବୁଧବାର ଏପରି ଏକ ଭାବବିହ୍ୱଳ ଦୃଶ୍ୟ ଦେଖିବାକୁ ମିଳିଥିଲା, ଯାହା ଉପସ୍ଥିତ ସମସ୍ତଙ୍କ ହୃଦୟକୁ ଛୁଇଁଯାଇଛି। ଜୀବନର ଅନ୍ତିମ ଯାତ୍ରାରେ ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥ କିପରି ନିଜ ଭକ୍ତଙ୍କୁ ତାଙ୍କ ସହ ଯୋଡ଼ି ରଖନ୍ତି, ତା'ର ପ୍ରତ୍ୟକ୍ଷ ଉଦାହରଣ ରଥଖଳାରେ ଦେଖିବାକୁ ମିଳିଛି। ଶ୍ରୀନଅର ସମ୍ମୁଖରେ ରଥଖଳାରେ ମହାପ୍ରଭୁଙ୍କ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥର ନିର୍ମାଣ କାର୍ଯ୍ୟ

**ଅନ୍ତିମ ସଂସ୍କାରରେ ଲାଗିଲା ମହାପ୍ରଭୁଙ୍କ ରଥକାଠ**

ନିଷ୍ଠାର ସହ ଚାଲିଛି। ହାତୁଡ଼ି, ବଟାଳିର ଶବ୍ଦରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖରେ ସୃଷ୍ଟି ହେଉଛି ଏକ ଭକ୍ତିମୟ ପରିବେଶ। ବୁଧବର ରଥଖଳା ସମ୍ମୁଖ ଦେଇ ବୁଧବାର ପୂର୍ବାହ୍ଣରେ ଦୁଇଟି ମରଶରୀର ସ୍ୱର୍ଗଦ୍ୱାର ଅଭିମୁଖେ ଯାଉଥିଲା। ରାମ ନାମ ସତ୍ୟ ହେ... ଧ୍ୱନିରେ ଶବାଧାର ରଥଖଳା ସମ୍ମୁଖ ଅତିକ୍ରମ କରୁଥିବାବେଳେ ଏକ ଅପୂର୍ବ ଘଟଣା ଘଟିଥିଲା। ରଥ ନିର୍ମାଣରେ ନିୟୋଜିତ ଜଣେ ସେବକ ସେମାନଙ୍କୁ ଖେଇ ଆକାରରେ ମିଳୁଥିବା କିଛି ପବିତ୍ର ରଥକାଠକୁ ଆଣି ଶବାଧାର ଆଗ ବଡ଼ଦାଣ୍ଡରେ ରଖିଦେଇଥିଲେ।



ଶବାଧାର ସହିତ ଥିବା ପରିଜନ ବଡ଼ଦାଣ୍ଡରୁ ସେହି କାଠକୁ ଭକ୍ତିର ସହ ଗ୍ରହଣ କରିଥିଲେ। ଏହାକୁ ସାଥୀରେ ସ୍ୱର୍ଗଦ୍ୱାରରକୁ ନେଇ ଯାଇଥିଲେ। ଅନ୍ତିମ ସଂସ୍କାରରେ ଲାଗିଥିଲା ମହାପ୍ରଭୁଙ୍କ ସେହି ରଥକାଠ। ଏହି ଦୃଶ୍ୟ ଦେଖୁଥିବା ଲୋକଙ୍କ ଆଖି ଛଳଛଳ ହେବା ସହ ସେମାନଙ୍କ ପାଟିରୁ ବାହାରି ପଡୁଥିଲା 'ଏହା ମହାପ୍ରଭୁଙ୍କର ଲୀଳା'। କେବଳ ଜଣେ ନୁହନ୍ତି ଦୁଇଜଣ ବ୍ୟକ୍ତିଙ୍କ ସଂସ୍କାରରେ ଠାକୁରଙ୍କ ରଥକାଠ ଲାଗିଥିଲା।

ଜଣେ ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି, ଏହା ନିଶ୍ଚିତ ମହାପ୍ରଭୁଙ୍କର କରୁଣା। ନିଶ୍ଚିତ ସେ ବ୍ୟକ୍ତି ଠାକୁରଙ୍କ ପ୍ରତି ଗଭୀର ଭକ୍ତି ଓ ବିଶ୍ୱାସ ରଖିଥିବେ। ତାଙ୍କ ଶେଷ ଯାତ୍ରାରେ ବି ଠାକୁର ତାଙ୍କ ରଥକାଠ ପଠାଇ ନିଜ ସହ ଯୋଡ଼ି ନେଲେ। ରଥ ନିର୍ମାଣକାରୀ ମହାରଣା ସେବକ କୁହନ୍ତି, 'ରଥକାଠ ସାଧାରଣ କାଠ ନୁହେଁ। ଏହା ମହାପ୍ରଭୁଙ୍କ ଶ୍ରୀଅଙ୍ଗର ସ୍ପର୍ଶ ପାଇଥାଏ। ଏହି କାଠରେ ଦାହ ହେବା ପୁଣ୍ୟ ଅର୍ଜନ ସହ ମୋକ୍ଷ ପ୍ରାପ୍ତିର ମାର୍ଗ। ସେ ଆତ୍ମା ନିଶ୍ଚୟ ଶାନ୍ତି ପାଇଥିବ। ଶ୍ରୀକ୍ଷେତ୍ରରେ ଏକ ବିଶ୍ୱାସ ରହିଛି ଯେ ରଥକାଠ, ନିର୍ମାଲ୍ୟ, ଅବଢ଼ା ସବୁ ମହାପ୍ରଭୁଙ୍କ ଅଙ୍ଗ। ମୃତ୍ୟୁ ସମୟରେ ବା ଅନ୍ତିମ ସଂସ୍କାର ବେଳେ ଏସବୁର ସ୍ପର୍ଶ ମିଳିଲେ ଜୀବ ମୋକ୍ଷ ପାଏ। ସେଥିପାଇଁ ବହୁ ଭକ୍ତ ଶେଷ ସମୟରେ ମହାପ୍ରଭୁଙ୍କ ନିର୍ମାଲ୍ୟ, ତୁଳସୀ ପାଇଁ ଇଚ୍ଛା ପ୍ରକାଶ କରନ୍ତି। ଆଜିର ଘଟଣା ସେହି ଅନାଦି ପରମ୍ପରା ଓ ବିଶ୍ୱାସକୁ ଆହୁରି ଦୃଢ଼ କରିଛି। ମହାପ୍ରଭୁ କେବଳ ମନ୍ଦିରରେ ନୁହଁନ୍ତି, ସେ ଭକ୍ତର ଜନ୍ମରୁ ମୃତ୍ୟୁ ଯାଏଁ ପ୍ରତି ମୁହୂର୍ତ୍ତରେ ସାଥୀରେ ଅଛନ୍ତି। ଏହି ଦୃଶ୍ୟ ତାହା ହିଁ ପ୍ରମାଣିତ କରିଛି।


# FAKIR MOHAN UNIVERSITY

Vyasa Vihar, Nuapadhi, Balasore, Odisha, Pin.-756089
Phone: 06782-275787
email-id: registrarfmuniversity@gmail.com
Website: www.fmuniversity.nic.in

Letter No.: FMU-Estt.(T)-II-04/2026/4148 Date: 02/05/2026

## ADVERTISEMENT FOR RECRUITMENT OF FACULTY POSITIONS

Applications are invited from eligible candidates as per UGC eligibility criteria (UGC Notification dated 18th July 2018 and subsequent amendments) to fill up various regular faculty positions, including backlog vacancies, in the Post Graduate Departments of Fakir Mohan University.

**Online Applications, through https://himsrecruitment.odisha.gov.in/home, are invited in prescribed application form from the eligible candidates for appointment to the following teaching positions on regular basis:**

| Subject | Name of the Post and No.of Vacant Position | | | |
|---|---|---|---|---|
| | Total No. of Posts | Professor | Associate Professor | Assistant Professor |
| Applied Geology | 02 | 01-ST(W) | 01-ST | -- |
| Bioscience and Biotechnology | 01 | 01-SC | -- | -- |
| Botany | 06 | 01-SEBC(W) | 01-SC,01-SEBC | 01-UR,01-SC,01-SC(W) |
| Business Management | 02 | 01-UR | 01-ST | -- |
| Chemistry | 03 | 01-ST | -- | 01-SEBC, 01-UR |
| Commerce | 06 | 01-UR | 01-SC,01-ST(W) | 01-SC, 01-UR, 01-UR(W) |
| Computer Science | 01 | 01-SC | -- | -- |
| Economics | 02 | -- | 01-SEBC(W)* | 01-SEBC |
| Education | 01 | 01-UR(W) | -- | -- |
| Environmental Science | 01 | -- | -- | 01-UR(W) |
| Geography | 01 | -- | 01-ST | -- |
| History and Archeology | 06 | 01-ST | 01-SC(W),01-ST | 02-UR,01-SC(W) |
| Journalism and Mass communication | 03 | 01-UR | 01-SC,01-SEBC** | -- |
| Mathematics | 01 | 01-SEBC | -- | -- |
| Odia | 01 | 01-UR | -- | -- |
| Physics | 02 | 01-ST | 01-ST(W) | -- |
| Political Science | 02 | -- | 01-SC | 01-ST |
| Population Studies | 04 | 01-UR(W) | 01-ST(W), 01-SEBC | 01-UR(W)* |
| Sociology | 01 | -- | 01-ST | -- |
| Urdu | 01 | -- | 01-SC(W) | -- |
| Zoology | 06 | 01-SC(W) | 01-UR,01-ST(W) | 01-SEBC(W),01-UR,01-SC |
| Total | 53 | 15 | 20 | 18 |

Abbreviation: [UR = Unreserved; SEBC = Socially and Educationally Backward Classes; SC = Scheduled Caste; ST = Scheduled Tribe; W = Woman]

* Lien vacancy: The post is likely to continue until the completion of the lien period of the lien holder. However, if the lien holder re-joins the post, the selected candidate will be relieved. Otherwise, the selected candidate may be absorbed into the post.

** Likely to be vacant due to superannuation on 31.05.2026

**Note:**

1) In case of non-availability of suitable women candidates, the posts shall be filled up by male candidates from the same category.

2) An appropriate number of posts for Assistant Professor, Associate Professor, and Professor shall be reserved for candidates under the PwD category, in accordance with the Rights of Persons with Disabilities Act, 2016, subject to the availability of the eligible candidates.

**IMPORTANT DATES**

| | |
|---|---|
| Link available for online application form from | 7th May, 2026. |
| Last date for submission of online application form | 7th June, 2026 |
| Last date for hard copy of online generated application form with required documents | 17th June, 2026 up to 05:00 p.m. |

**Application Fee**

1. The application fee is Rs.1000/- for General and SEBC candidates.
2. The application fee is Rs.600/- for SC and ST candidates.
3. There is no application fee for PwD candidates.
4. The fee must be paid online through the portal and is non-refundable.

Candidates are required to send a hard copy of the downloaded completely filled up application form along with all relevant documents only through Speed Post addressed to:

**The Registrar,**
Fakir Mohan University
Vyasa Vihar, Balasore – 756089
Dist: Balasore (Odisha)

The University reserves the right to modify the posts, number of vacancies and to cancel or modify this notification without assigning any reason thereof.

**Sd/- Registrar**

ସକାଳ THE SAKALA



www.sakalaepaper.com

## ଶେଉଳଗଡ଼ିଆ ବିହନ ବିଶୋଧନାଗାର

# ସମ୍ପୂର୍ଣ୍ଣ ହେଉନି ପାଚେରି ନିର୍ମାଣ; ଚାଲିଛି ରଙ୍ଗବଦଳା

ବନ୍ତ/ଆଗରପଡ଼ା,୬।୫(ସମିସ)



ନୂତନ ସରକାର ରାଜ୍ୟର ଶାସନଭାର ଗ୍ରହଣ କରିବା ପରେ ବିଭିନ୍ନ ସରକାରୀ ଅନୁଷ୍ଠାନର ରଙ୍ଗ କେବଳ ବଦଳୁଥିବା ବେଳେ ଏହାର ସମସ୍ୟାରେ କୌଣସି ପରିବର୍ତ୍ତନ ହେଉ ନ ଥିବା ପରିଲକ୍ଷିତ ହେଉଛି। ଏହିଭଳି ଦୃଷ୍ଟାନ୍ତ ଦେଖିବାକୁ ମିଳିଛି ବନ୍ତ ବ୍ଲକ୍ ବଡ଼ବର୍ଚ୍ଛିକୟାଁ ପଞ୍ଚାୟତ ଅନ୍ତର୍ଗତ ଶେଉଳଗଡ଼ିଆ ବିହନ ବିଶୋଧନାଗାରଠାରେ। ଦୈନିକ 'ସକାଳ'ରେ ଖବର ପ୍ରକାଶ ପାଇବା ପରେ ୨୦୨୪ ମେ' ମାସରୁ ମୁକୁଳା ପଡ଼ିଥିବା ବନ୍ତ ବ୍ଲକ୍ ବଡ଼ବର୍ଚ୍ଛିକୟାଁ ପଞ୍ଚାୟତ ଅନ୍ତର୍ଗତ ଶେଉଳଗଡ଼ିଆ ବିହନ ବିଶୋଧନାଗାର ଚାରିପାଖରେ ପାଚେରି ନିର୍ମାଣ କାର୍ଯ୍ୟ ଜୋର୍‌ସୋରରେ ଚାଲିଥିଲା। ଆଉ ମାତ୍ର ପାଖାପାଖି ୩ଶହ ମିଟର ପାଚେରି ନିର୍ମାଣ ସରିଥିଲେ ଏହା ସମ୍ପୂର୍ଣ୍ଣ ହୋଇଥା'ନ୍ତା। କିନ୍ତୁ ବିଭାଗୀୟ ଅବହେଳା ଯୋଗୁଁ ପାଖାପାଖି ୨ ବର୍ଷ ହେବ ଏହା ଅସମ୍ପୂର୍ଣ୍ଣ ଅବସ୍ଥାରେ ଅଟକି ରହିଛି। ଯଦ୍ୱାରା ଅମଳ ସମୟରେ ଏହା ଏକ ମୁଖ୍ୟ ସମସ୍ୟା ରୂପରେ ଉଭା ହେଉଛି। ୨୦୨୪ ଏପ୍ରିଲ୍ ୨୨ରେ 'ଅର୍ଥ ମଞ୍ଜୁର ପରେ ବି ପାଚେରି ନିର୍ମାଣ ହେଉନି; ମୁକୁଳା ପଡ଼ିଛି ସରକାରୀ ବିହନ ବିଶୋଧନାଗାର' ଶୀର୍ଷକ ଖବର ଦୈନିକ 'ସକାଳ'ରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ବିଶୋଧନାଗାରର ଚତୁଃପାର୍ଶ୍ୱରେ ପାଚେରି ନିର୍ମାଣ ଜୋର୍‌ସୋର୍‌ରେ ଚାଲିଥିଲା। ଏଥିସହିତ ଆଗାମୀ ଦିନରେ ପ୍ରବେଶ ପଥରେ ନୂତନ ଫାଟକ ନିର୍ମାଣ ହେବାକୁ ସ୍ଥିର ହୋଇଥିବାର ସୂଚନା ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦେଇଥିଲେ। ଅର୍ଥ ମଞ୍ଜୁର ହୋଇଥିଲେ ସୁଦ୍ଧା ବିହନ ବିଶୋଧନାଗାରର ସ୍ଥାୟୀ ପାଚେରି ନିର୍ମାଣ ନିମନ୍ତେ ବିଭାଗ ତରଫରୁ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଏହା ମୁକୁଳା ପଡ଼ିଥିବାରୁ ପ୍ରତିବର୍ଷ ଧାନ ଅମଳରେ କ୍ଷୟ ଘଟୁଥିବାର ଖବର ଦୈନିକ 'ସକାଳ'ରେ ବାରମ୍ବାର ପ୍ରକାଶିତ ହେବା ପରେ ପାଚେରି ନିର୍ମାଣ ହୋଇଥିଲେ ସୁଦ୍ଧା ଏହା ସମ୍ପୂର୍ଣ୍ଣ ନ ହେବାରୁ ପ୍ରତିବର୍ଷ ଅମଳ ସମୟରେ ଏହା ଏକ ସମସ୍ୟା ରୂପେ ଠିଆ ହେବାରେ ଲାଗିଛି। ତେବେ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଉକ୍ତ ଅଧପନ୍ତରିଆ ପାଚେରିଟି ସମ୍ପୂର୍ଣ୍ଣ କରିବା ପରିବର୍ତ୍ତେ ରାଜ୍ୟ ସରକାର ତାହାକୁ ଗେରୁଆମୟ କରିବାରେ ଲାଗିଛନ୍ତି। ଏହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ବନ୍ତ ବ୍ଲକ୍ ବଡ଼ବର୍ଚ୍ଛିକୟାଁ ପଞ୍ଚାୟତ ଅନ୍ତର୍ଗତ ଶେଉଳଗଡ଼ିଆଠାରେ ୧୯୫୫ ମସିହାରେ ଏକ ବିହନ ବିଶୋଧନାଗାର ପ୍ରତିଷ୍ଠା ହୋଇଥିଲା। ୪୫ ଏକର ପରିମିତ ଜମି ସହ ଫିଲ୍ଡମ୍ୟାନ୍, ୪ ଜଣ ସ୍ଥାୟୀ ଶ୍ରମିକ ଓ ୮ଟି ବଳଦକୁ ନେଇ କାର୍ଯ୍ୟାରମ୍ଭ କରିଥିଲା ଏହି ବିଶୋଧନାଗାର। ପାଣିର ସୁବିଧା ପାଇଁ ୨ଟି କୂଅ, ନଳକୂଅ, ଲିଫ୍ଟପଏଣ୍ଟ, ୫ ଏକର ପରିମିତ ସ୍ଥାନରେ ପୋଖରୀ ଆଦି ଖୋଳାଯାଇଥିଲା। ଏହା ମଧ୍ୟରେ ଆମ୍ବ ଓ ନଡ଼ିଆ ପରି ଅନେକ ଚାରାରୋପଣ କରାଯାଇଥିଲା। ବିଶୋଧନାଗାର ଚାରିପାଖକୁ ଲୁହା ତାରବାଡ଼ ଦ୍ୱାରା ଆବଦ୍ଧ କରାଯିବା ସହ କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ଓ ବଳଦଙ୍କ ପାଇଁ ଗୁହାଳ ଘର ଆଦି ନିର୍ମାଣ କରାଯାଇଥିଲା। କିନ୍ତୁ ପରେ ସେ ସବୁ ନଷ୍ଟ ହୋଇଯିବା ସହ ପ୍ରବେଶ ପଥରେ ଥିବା ବଡ଼ ଲୁହା ଫାଟକ ଓ ତାର ବାଡ଼ ସବୁ ନଷ୍ଟ ହୋଇଯିବା ଦ୍ୱାରା ପରିବେଶ ମୁକୁଳା ପଡ଼ିଥିଲା। ଫଳରେ ଗାଈଗୋରୁ ସମେତ ଅସାମାଜିକ ବ୍ୟକ୍ତିଙ୍କ ଅବାଧ ପ୍ରବେଶ ଘଟୁଥିଲା। ଗତ ବର୍ଷ ଏହି ବିହନ ବିଶୋଧନାଗାରରେ ୩୫ ଏକର ଜମିରେ ଧାନ ଚାଷ କରାଯାଇଥିବା ବେଳେ ଏହାର ଚାରିପଟରେ ନିର୍ମିତ ହେଉଥିବା ସୁରକ୍ଷା ପାଚେରି ଅଧପନ୍ତରିଆ ଅବସ୍ଥାରେ ଥିବାରୁ ଏହା ଅମଳରେ କ୍ଷୟ ଘଟାଇବାରେ ଲାଗିଛି। ତେଣୁ ବିଭାଗୀୟ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ସହ ଅସମ୍ପୂର୍ଣ୍ଣ ପାଚେରିକୁ ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଥିଲା। ନୂତନ ସରକାରଙ୍କ ଶାସନଭାର ଗ୍ରହଣକୁ ୨ବର୍ଷ ପୂରିବାକୁ ବସିଥିବା ସ୍ଥଳେ ପାଚେରି ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରୁ ନ ଥିବା ତାଙ୍କ କାର୍ଯ୍ୟପନ୍ଥା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରୁଥିବାବେଳେ ବର୍ତ୍ତମାନ ଅଧପନ୍ତରିଆ ପାଚେରିକୁ ଗେରୁଆମୟ କରିବା କେତେଦୂର ଯୁକ୍ତିଯୁକ୍ତ ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ସରକାରଙ୍କ ତରଫରୁ ଗେରୁଆମୟକରଣରେ ଅର୍ଥ ବ୍ୟୟ କରାଯାଉଥିବାରୁ ଅମଳ ସମୟରେ କ୍ଷୟ ଘଟାଉଥିବା ଅଧପନ୍ତରିଆ ପାଚେରିକୁ ସମ୍ପୂର୍ଣ୍ଣ କରିବା ପାଇଁ ଚେଷ୍ଟିତ ହେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

## ବିଜେଡି ନେତା କମଳାକାନ୍ତ ସ୍ୱାଇଁଙ୍କ ପରଲୋକ



ତିହିଡ଼ି,୬।୫(ସମିସ): ତିହିଡ଼ି ବ୍ଲକ୍‌ର ବରିଷ୍ଠ ବିଜେଡି ନେତା କମଳାକାନ୍ତ ସ୍ୱାଇଁଙ୍କର ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲରେ ବୁଧବାର ସକାଳେ ପରଲୋକ ହୋଇଛି। ମୃତ୍ୟୁ ବେଳକୁ ତାଙ୍କୁ ୭୪ ବର୍ଷ ବୟସ ହୋଇଥିଲା। ତାଙ୍କ ଘର ମୁକୁନ୍ଦପୁର ପଞ୍ଚାୟତ ଆରସା ଗ୍ରାମରେ। ସେ ପୂର୍ବରୁ ମୁକୁନ୍ଦପୁର ପଞ୍ଚାୟତର ସମିତିସଭ୍ୟ, ଆରସା ସମବାୟ ସମିତିର ସଭାପତି ଭାବେ ସୁଚାରୁରୂପେ କାର୍ଯ୍ୟ ନିର୍ବାହ କରି ଲୋକାଦୃତ ହୋଇଥିଲେ। ତାଙ୍କ ପତ୍ନୀ ଅପର୍ଣ୍ଣା ସ୍ୱାଇଁ ଭଦ୍ରକ ଜିଲ୍ଲା ପରିଷଦର ଉପାଧ୍ୟକ୍ଷା ମଧ୍ୟ ରହିଥିଲେ। ତାଙ୍କ ମୃତ୍ୟୁ ଖବର ପହଞ୍ଚିବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମରଶରୀର ତିହିଡ଼ିରେ ପହଞ୍ଚିବା ପରେ ଏକ ଶୋଭାଯାତ୍ରାରେ ମୁକୁନ୍ଦପୁର ପଞ୍ଚାୟତ କାର୍ଯ୍ୟାଳୟ ନିକଟରୁ ଆରସା ଓ ଝିଙ୍କିରିଆ ଗ୍ରାମ ପରିକ୍ରମା କରାଯିବା ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ତାଙ୍କ ଶବାଧାରରେ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ଦାସ, ବିଷ୍ଣୁବ୍ରତ ରାଉତରାୟ, ତିହିଡ଼ି ବିଜେଡି ସଭାପତି ସୁରେନ୍ଦ୍ର ନାୟକ, ପୂର୍ବତନ ସମିତିସଭ୍ୟ ଉମାକାନ୍ତ ଦାସ, ସଂଗ୍ରାମ କେଶରୀ ଦାସ, ପୂର୍ବତନ ସରପଞ୍ଚ ଅଜୟ ରାଉତ, ପଞ୍ଚାୟତ ବିଜେଡି ସଭାପତି ଗଣେଶ ପ୍ରସାଦ ନାୟକ, ସମାଜସେବୀ ସୁଧାଂଶୁ ନାୟକ, ହିମାଦ୍ରୀ ରାଉତରାୟ, ରତିକାନ୍ତ ଦାସ ପ୍ରମୁଖ ଶତାଧିକ ବ୍ୟକ୍ତି ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

## ୨୦ କେଜିରୁ ଅଧିକ ଗୋ-ମାଂସ ଜବତ; ବେପାରୀ ଅଟକ

କୋଠାର/ଅସୁରାଳି,୬।୫(ସମିସ): ଧୂଷୁରୀ ଥାନା ଅଧୀନସ୍ଥ କୋଠାର ଛକରେ ବୁଧବାର ଏକ ଘଟଣା ଚର୍ଚ୍ଚାର ବିଷୟ ହୋଇଛି। କୋଠାର ସରପଞ୍ଚ ପ୍ରତିନିଧି ଦୀପ୍ତିରଞ୍ଜନ ଦାସ (ପିଣ୍ଟୁ), କୋଠାର ଏବଂ ସହିଦନଗରର ବଜରଙ୍ଗ ଦଳ କର୍ମୀମାନଙ୍କ ସଚେତନତାରେ ୨୦ କେଜିରୁ ଅଧିକ ଗୋ ମାଂସ ଜବତ ହୋଇଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ବୁଧବାର ଦ୍ୱିପ୍ରହର ସମୟରେ ଖବର ପାଇ କୋଠାର ଛକ ଭଦ୍ରକ-ଆରଡ଼ି ମୁଖ୍ୟ ରାସ୍ତାରେ ସରପଞ୍ଚ ପ୍ରତିନିଧି ଓ ବଜରଙ୍ଗ ଦଳର କର୍ମୀମାନେ ଜଗି ବସିଥିଲେ। କିଛିଦିନ ହେବ ଏହି କର୍ମୀମାନେ ଦିନରାତି ଗୋରୁ ଚାଲାଣ ରୋକିବାକୁ ସଚେତନ ଅଭିଯାନ ଚାଲୁ ରଖିଛନ୍ତି, ଯାହାର ପରିଣାମରେ ଗୋରୁ ଚାଲାଣ କିଛି ପରିମାଣରେ କମିଥିବା କୁହାଯାଉଛି। ତଥାପି ଗୋ ମାଫିଆମାନେ ନୂତନ ଉପାୟ ଆପଣାଇ ଗୋ ମାଂସ ବେପାର କରୁଥିବା ଦେଖାଯାଉଛି। ବୁଧବାର ସାହାସପୁର ପଞ୍ଚାୟତର ପଦରବାଟିଆ ଅଞ୍ଚଳରୁ ଜଣେ ବ୍ୟକ୍ତି ଏକ ବୁଲେଟ୍ ମୋଟରସାଇକଲରେ ଗୋ ମାଂସ ନେଇ ବାୟାଣ୍ଡିହ ପଞ୍ଚାୟତର ଗୁଡ୍ଡୁ ପୋଖରୀ ଅଞ୍ଚଳକୁ ଯାଉଥିବାବେଳେ କର୍ମୀମାନେ ତାଙ୍କୁ ଅଟକାଇଥିଲେ। ପରେ ଧୂଷୁରୀ ପୁଲିସକୁ ସୂଚନା ଦିଆଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଗୋ ମାଂସ ସହିତ ସେହି ବ୍ୟକ୍ତିଙ୍କୁ ଥାନାକୁ ନେଇ ପଚରାଉଚରା କରୁଛି। ଏହାସହ ଅଞ୍ଚଳର କର୍ମୀମାନେ ଅଭିଯୋଗ କରିଛନ୍ତି ଯେ, ପ୍ରତି ବୁଧବାର ରାତିରେ ଧୂଷୁରୀ ପଟୁ ଗୋରୁ ବୋଝେଇ ଗାଡ଼ି ଭଦ୍ରକ ଦିଗକୁ ଯାଉଛି। ଏହାକୁ ନେଇ ଅଞ୍ଚଳରେ ଚିନ୍ତା ଓ ଅସନ୍ତୋଷ ପ୍ରକାଶ ପାଉଛି। ଏବେ ଦେଖିବାକୁ ବାକି ରହିଲା ଯେ, ଏହି ଘଟଣା ପରେ ଧୂଷୁରୀ ପୁଲିସ ପକ୍ଷରୁ କେଉଁ ପ୍ରକାର ପଦକ୍ଷେପ ଗ୍ରହଣ କରାଯିବ।



## ବ୍ଲକ୍ ଟପ୍ପରଙ୍କୁ ଯୁବ କଂଗ୍ରେସ ପକ୍ଷରୁ ସମ୍ବର୍ଦ୍ଧନା



ବନ୍ତ/ଆଗରପଡ଼ା,୬।୫(ସମିସ): ବନ୍ତ ବ୍ଲକ୍ ମହାନ୍ତିପଡ଼ା ପଞ୍ଚାୟତ ଅନ୍ତର୍ଗତ ଆଶାମଣୀ ଉଚ୍ଚ ବିଦ୍ୟାପୀଠ, କୁଣ୍ଡିର ଛାତ୍ର ଅଭିଜିତ୍ ସାହୁ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ସର୍ବାଧିକ ୫୫୮ ନମ୍ବର (୯୩%) ରଖି ବନ୍ତ ବ୍ଲକ୍‌ରେ ଟପ୍ପର ହୋଇଛନ୍ତି। ଏହି ଯୁବ ପ୍ରତିଭାଙ୍କୁ ବନ୍ତ ବ୍ଲକ୍ ଯୁବ କଂଗ୍ରେସର କାର୍ଯ୍ୟକାରୀ ସଭାପତି ମହେଶ୍ୱର ଦାସ, ୧୪ ନମ୍ବର ଜୋନ୍‌ର ଯୁବ ସଂଗଠକ ପ୍ରକାଶ ମହାକୁଡ଼, ମହାନ୍ତିପଡ଼ା ଗ୍ରାମ ପଞ୍ଚାୟତର ପୂର୍ବତନ ସରପଞ୍ଚ କଳ୍ପତରୁ ସାହୁ, ମହାନ୍ତିପଡ଼ା ଯୁବ କଂଗ୍ରେସ ସଭାପତି ବିଜୟ ବାରିକ, ପୁରୁଷଣ୍ଡ ପଞ୍ଚାୟତର ରାଜୁ ଦାସ, ଆଶୁତୋଷ ସାହୁ, ବିଟିପୁର ପଞ୍ଚାୟତ ଯୁବ କଂଗ୍ରେସର ଶଶିକାନ୍ତ ଘୋଷ ଓ ବଡ଼ମହିଁଷଗୋଠର ଯୁବ କଂଗ୍ରେସ ସଭାପତି ସତ୍ୟରଞ୍ଜନ ମିଶ୍ର ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ନବଜ୍ୟୋତି ପଟ୍ଟନାୟକ ତାଙ୍କୁ ଫୋନ୍ ମାଧ୍ୟମରେ ତାଙ୍କ ଆଗାମୀ ଉଜ୍ୱଳ ଭବିଷ୍ୟତ ପାଇଁ ବହୁତ ସାରା ଶୁଭେଚ୍ଛା ମଧ୍ୟ ଜଣାଇଥିଲେ।

### ● ବୈତରଣୀ-କୋଚିଲା ବନ୍ୟା ଦାଉରୁ ମିଳିବ ମୁକ୍ତି

## ଘେରି ବନ୍ଧ ନିର୍ମାଣ ନିମନ୍ତେ ଭୂମି ପୂଜନ କଲେ ମନ୍ତ୍ରୀ



ଅସୁରାଳି, ୬।୫ (ସମିସ): ବୈତରଣୀ ଏବଂ କୋଚିଲା ନଦୀର ବନ୍ୟା ବିପତ୍ତିରୁ ଅଞ୍ଚଳବାସୀଙ୍କୁ ସୁରକ୍ଷା ଦେବା ପାଇଁ ଏକ ଦୀର୍ଘ ପ୍ରତୀକ୍ଷିତ ପଦକ୍ଷେପ ଗ୍ରହଣ କରାଯାଇଛି। ହସନାବାଦ, ଅର୍ଜୁନପୁର ଏବଂ ପଧାନୀ ପଞ୍ଚାୟତରବନ୍ୟାସମସ୍ୟାରସ୍ଥାୟୀ ସମାଧାନ ନିମନ୍ତେ ଅସ୍ତକଠାରେ ପ୍ରସ୍ତାବିତ ଘେରି ବନ୍ଧର ଭୂମିପୂଜନ ସହ କାର୍ଯ୍ୟର ଶୁଭାରମ୍ଭ କରିଛନ୍ତି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ସୂଚନାଯୋଗ୍ୟ ଯେ, ପ୍ରତିବର୍ଷ ବୈତରଣୀ ଓ କୋଚିଲା ନଦୀରେ ବନ୍ୟା ଆସିଲେ ଗାନ୍ଧୀଘାଟର ଡାହାଣ ପାର୍ଶ୍ୱରେ ବନ୍ଧ ନ ଥିବାରୁ ବନ୍ୟା ଜଳ ପଛୁଆ ଭାବେ ପ୍ରବେଶ କରିଥାଏ। ଏହାଦ୍ୱାରା ଅସ୍ତକ, ଗୋପବନ୍ଧୁ ନଗର, ମଠସାହି, ବାଲିପାଟଣା, ଶୈଳ, ମମାଦୁଲା, ତରେଇସାହି ଏବଂ ଦାସପାରି ଭଳି ଅନେକ ଗ୍ରାମ ଜଳବନ୍ଦୀ ହେବା ସହ ଚାଷ ଓ ଧନଜୀବନର ବ୍ୟାପକ କ୍ଷତି ଘଟୁଥିଲା। ଏହି ସମସ୍ୟାର ସମାଧାନ ପାଇଁ ସ୍ଥାନୀୟ ଜନସାଧାରଣ ଦୀର୍ଘ ଦିନରୁ ଦାବି କରିଆସୁଥିଲେ। ମନ୍ତ୍ରୀ ଶ୍ରୀ ସୂରଜ ଜନସାଧାରଣଙ୍କ ଏହି ଗୁରୁତର ସମସ୍ୟାକୁ ଅନୁଭବ କରି ଘେରି ବନ୍ଧ ନିର୍ମାଣ ପାଇଁ ତୁରନ୍ତ ପଦକ୍ଷେପ ନେଇଛନ୍ତି। ଯୁବନେତା ଆଶିଷ ଜେନାଙ୍କ ପ୍ରଚେଷ୍ଟାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ନିଜ କରକମଳରେ ଭୂମିପୂଜନ କରିବା ସହ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଶୁଭାରମ୍ଭ ଅବସରରେ ଅଶୋକ କୁମାର ପୁହାଣ, ଆଶିଷ ଜେନା (କାର୍ଯ୍ୟକାରିଣୀ ସଦସ୍ୟ), ଚତୁର୍ଭୁଜ ନାୟକ (ଜିଲ୍ଲା ଉପସଭାପତି), ଇଂ କିଶୋର ଦାସ, ଅରବିନ୍ଦ ପତି, ଅନିରୁଦ୍ଧ ସାହୁ (ମଣ୍ଡଳ ସଭାପତି), ଧୂଷୁରୀ ସରପଞ୍ଚ ଅନ୍ତର୍ଯ୍ୟାମୀ ପତି, ଅର୍ଜୁନପୁର ସମିତିସଭ୍ୟ ବିଦ୍ୟାଧର ରାଉତ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରମାକାନ୍ତ କୁଅଁର, ଧରଣୀଧର ବସନ୍ତିଆ, ରଞ୍ଜନ କୁମାର ଭୂୟାଁ, ଦିଗମ୍ବର ମଲ୍ଲିକ, ରଞ୍ଜନ ମହାନ୍ତି, ଅଜୟ ବଳ, ବାଦଲବିଶ୍ୱାଳ,ଅରବିନ୍ଦଦାସଓକମଳାକାନ୍ତପୁହାଣଯୋଗଦେଇଥିଲେ। ଏଥିସହିତ ଧାମନଗର ଜଳ ସମ୍ପଦ ବିଭାଗର ଉପଖଣ୍ଡ ଅଧିକାରୀ ଶମ୍ଭୁନାଥ ମଲ୍ଲିକ ଏବଂ ଗାନ୍ଧୀଘାଟ ସେକ୍ସନର କନିଷ୍ଠ ଯନ୍ତ୍ରୀ ବିମଳ ବେହେରା ମଧ୍ୟ ଉପସ୍ଥିତ ରହି ବୈଷୟିକ ଦିଗ ଉପରେ ଆଲୋଚନା କରିଥିଲେ। ମନ୍ତ୍ରୀଙ୍କ ଏହି ଜନହିତକର ପଦକ୍ଷେପ ପାଇଁ ତିନୋଟି ପଞ୍ଚାୟତର ଶତାଧିକ ଜନସାଧାରଣ ତାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି।

## ହରଙ୍କ ପୀଠରେ ହରିଙ୍କ ଆବାହନ



ବାରିକପୁର,୬।୫(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ମାଳଦା ପଞ୍ଚାୟତ ଚତୁର୍ଭୁଜପୁରସ୍ଥିତ ବାବା ଛୋଟେଶ୍ୱରଙ୍କ ପୀଠରେ ବାର୍ଷିକ ଅଷ୍ଟପ୍ରହରୀ ହରିନାମ ସଙ୍କୀର୍ତ୍ତନ ଉତ୍ସବ ଭାବ ଉଦ୍ଦୀପନାର ସହିତ ଅନୁଷ୍ଠିତ ହୋଇଛି। ହରଙ୍କ ପୀଠସ୍ଥଳୀରେ ହରିଙ୍କ ଆବାହନ ପୂଜା ପାଇଁ ଗ୍ରାମ ଉତ୍ସବମୁଖର ହୋଇ ଉଠିଥିଲା। ପୂଜକ ମହତାବ ପଣ୍ଡା ବୈଦିକ ରୀତିନୀତି ଅନୁଯାୟୀ ପଞ୍ଚସଖାଙ୍କୁ ପୂଜାର୍ଚ୍ଚନା କରିବା ପରେ ନାମ ସଙ୍କୀର୍ତ୍ତନ ଆରମ୍ଭ ହୋଇଥିଲା। ଏଥିରେ ମୁଖ୍ୟ ସଙ୍କଳ୍ପ କର୍ତ୍ତା ଭାବେ ଇଂ. ଦେବବ୍ରତ ବାରିକ ଦାୟିତ୍ୱ ନିର୍ବାହ କରିଥିଲେ। ସ୍ଥାନୀୟ ରହଣିଆ, ସାରଣା, ବରାହ ନୂଆପଡ଼ା, ଚତୁର୍ଭୁଜପୁର, ଜାରକା, ସାହସପୁର, ଅର୍ଣ୍ଣପାଳ ପ୍ରମୁଖ ସଙ୍କୀର୍ତ୍ତନମଣ୍ଡଳୀ କୀର୍ତ୍ତନ ମଣ୍ଡପଠାରେ ପହଞ୍ଚି ନାମ ସଙ୍କୀର୍ତ୍ତନ ପରିବେଷଣ କରିଥିଲେ। ଉତ୍ସବରେ ସ୍ଥାନୀୟ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଞ୍ଚାନନ ରାଉତ, ଜିଲ୍ଲା ପରିଷଦ ସଭ୍ୟ ଉତ୍କଳକେଶରୀ ମହାନ୍ତି, ଲକ୍ଷ୍ମୀଧର ସାହୁ ପ୍ରମୁଖ ଯୋଗଦେଇଥିଲେ। ଏହାଛଡ଼ା ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁ ଏଥିରେ ଉପସ୍ଥିତ ରହି ହରିନାମ ଶ୍ରବଣ କରିଥିଲେ। ନଗର କୀର୍ତ୍ତନ ସହିତ ଉତ୍ସବ ଉଦ୍‌ଯାପିତ ହୋଇଛି। ୩ ଦିନ ଧରି ଚାଲିଥିବା କାର୍ଯ୍ୟକ୍ରମକୁ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

## ୪ ଦିନ ହେଲା ଦଶମ ଶ୍ରେଣୀ ଛାତ୍ର ନିଖୋଜ



● ଟ୍ୟୁସନକୁ ପଢ଼ିବାକୁ ଯାଇ ଆଉ ଫେରିନି
● ରେଲ୍‌ୱେ ଷ୍ଟେସନରୁ ସାଇକଲ ଉଦ୍ଧାର

ଧାମନଗର,୬।୫(ସମିସ): ଧାମନଗର ଥାନା ଅନ୍ତର୍ଗତ ବାରିକପୁର ନିକଟ କରଞ୍ଜି ଗ୍ରାମର ମହେନ୍ଦ୍ର ପଣ୍ଡାଙ୍କ ପୁଅ ଦଶମ ଶ୍ରେଣୀ ଛାତ୍ର ସୁଶାନ୍ତ ପଣ୍ଡା(୧୫) ନିଖୋଜ ହୋଇଥିବା ସୂଚନା ଦିଆଯାଇଛି। ଖବର ନେବାରୁ ଜଣାଯାଏ ଯେ, ଗତ ୩ ତାରିଖ ସନ୍ଧ୍ୟା ୫ଟା ବେଳେ ସୁଶାନ୍ତ ନିକଟସ୍ଥ ଶରଦପୁର ଗ୍ରାମକୁ ଟ୍ୟୁସନ ପଢ଼ିବାକୁ ଯାଇ ଆଉ ଘରକୁ ଫେରି ନ ଥିଲା। ପରିବାର ଲୋକେ ବହୁ ଖୋଜାଖୋଜି କରିବା ପରେ ପୁଅର ସନ୍ଧାନ ନ ପାଇବାରୁ ୪ ତାରିଖରେ ତାଙ୍କ ମାଆ ମନୋରମା ପଣ୍ଡା ଧାମନଗର ଥାନାରେ ପୁଅ ନିଖୋଜ ହୋଇଥିବା ଲିଖିତ ଭାବେ ଜଣାଇଛନ୍ତି। ଏହି ଅଭିଯୋଗକୁ ଆଧାର କରି ଧାମନଗର ପୁଲିସ ଥାନାରେ ଏକ ମାମଲା ରୁଜୁ କରି ଏସ୍ଆଇ ରଶ୍ମିତା ମଲ୍ଲିକଙ୍କୁ ତଦନ୍ତ ଅଧିକାରୀ ଭାବେ ଦାୟିତ୍ୱ ଦିଆଯାଇଛି ବୋଲି ଆଇଆଇସି ସୁବ୍ରଜିତ ଦାଶ ସୂଚନା ଦେଇଛନ୍ତି। ତଦନ୍ତ ସମୟରେ ନିଖୋଜ ଛାତ୍ର ସୁଶାନ୍ତ ବ୍ୟବହାର କରୁଥିବା ସାଇକଲ ଭଦ୍ରକ-ଚରମ୍ପା ରେଲ୍‌ୱେ ଷ୍ଟେସନ ନିକଟରୁ ମିଳିଥିବା ଜଣାପଡ଼ିଛି। ତେବେ ଏପର୍ଯ୍ୟନ୍ତ ସୁଶାନ୍ତଙ୍କ କୌଣସି ପତ୍ତା ମିଳିନାହିଁ ବୋଲି ପରିବାର ଲୋକଙ୍କଠାରୁ ସୂଚନା ମିଳିଥିବାବେଳେ ପୁଲିସ ତରଫରୁ ତଦନ୍ତ ଜାରି ରହିଛି, ଯଥାଶୀଘ୍ର ଉଦ୍ଧାର ହେବ ବୋଲି କୁହାଯାଇଛି।

## କୃତୀ ଛାତ୍ରଛାତ୍ରୀଙ୍କୁ କ୍ଲଷ୍ଟରସ୍ତରୀୟ ସମ୍ବର୍ଦ୍ଧନା



ବନ୍ତ/ଆଗରପଡ଼ା,୬।୫(ସମିସ): ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ତୋଫାବିବି କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟରୁ ଚଳିତ ମାଟ୍ରିକ୍ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖି କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ତୋଫାବିବି କ୍ଲଷ୍ଟର ସିଆର୍‌ସିସି ନିରଞ୍ଜନ ଖିଲାରଙ୍କ ନେତୃତ୍ୱରେ କ୍ଲଷ୍ଟରସ୍ତରୀୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ଜଣାପଡ଼ିଛି। ଏହି ଉପଲକ୍ଷେ ଆୟୋଜିତ ସଭାରେ ବନ୍ତ ବ୍ଲକ୍‌ରେ ସର୍ବୋଚ୍ଚ ୫୫୮ ନମ୍ବର ରଖି ଟପ୍ପର ହୋଇଥିବା ଆଗରପଡ଼ାସ୍ଥିତ କୁଣ୍ଡି-ମହାନ୍ତିପଡ଼ା ଆଶାମଣୀ ଉଚ୍ଚ ବିଦ୍ୟାପୀଠ ଛାତ୍ର ଅଭିଜିତ୍ ସାହୁ ଏବଂ ସର୍ବୋଚ୍ଚ ୫୪୦ ନମ୍ବର ରଖି ଏ-୧ ଗ୍ରେଡ୍‌ରେ ଉତ୍ତୀର୍ଣ୍ଣ ହୋଇଥିବା କୁଣ୍ଡି-ମହାନ୍ତିପଡ଼ା ଆଶାମଣୀ ଉଚ୍ଚ ବିଦ୍ୟାପୀଠ ଛାତ୍ର ରାହୁଲ ଗୁପ୍ତା ଓ ଆଗରପଡ଼ା ସରକାରୀ ବାଳିକା ହାଇସ୍କୁଲ ଛାତ୍ରୀ ସଂସ୍କୃତି ଜେନା ପ୍ରମୁଖଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ଭବିଷ୍ୟତ ଉଜ୍ୱଳ କାମନା କରାଯାଇଛି। ଏଥିରେ କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟର ଶିକ୍ଷକଶିକ୍ଷୟିତ୍ରୀମାନେ ଉପସ୍ଥିତ ଥିଲେ।

## ପ୍ରଧାନଶିକ୍ଷକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବନ୍ତ/ଆଗରପଡ଼ା,୬।୫(ସମିସ): ଓଡ଼ଙ୍ଗ ପଞ୍ଚାୟତ ଓଡ଼ଙ୍ଗ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନସ୍ଥ ସରକାରୀ ବୋଡକ ଉ.ପ୍ରା(ଏମ୍.ଇ) ବିଦ୍ୟାଳୟ ଆଦର୍ଶ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବିନୋଦ ବିହାରୀ ଜେନାଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ମଙ୍ଗୁଳି ବିଦ୍ୟାଳୟ ପ୍ରଧାନଶିକ୍ଷକ ରମାକାନ୍ତ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବୋଡକ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାରିଆଲ୍ ଟୁଡୁଙ୍କ ମଞ୍ଚ ସଞ୍ଚାଳନ କରିଥିଲେ। ମୁଖ୍ୟଅତିଥି ଭାବେ ବନ୍ତ ବ୍ଲକ୍ ବିଆର୍‌ସିସି ହରେକୃଷ୍ଣ ଆପଟ, ମୁଖ୍ୟବକ୍ତା ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଭାସ୍କର ଚନ୍ଦ୍ର ପାଢ଼ୀ, ସମ୍ମାନିତ ଅତିଥି ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ୍ ଅଲେଖ ଚନ୍ଦ୍ର ନାୟକ, ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପରମେଶ୍ୱର ପୃଷ୍ଟି, ସ୍ଥାନୀୟ ସରପଞ୍ଚ ଲକ୍ଷ୍ମୀପ୍ରିୟା ଦାସ, ସମିତିସଭ୍ୟା ରଜନୀ ଜେନା, ଜିଲ୍ଲା ଅଲୋଷ୍ଟା ସମ୍ପାଦକ ଗୟାଧର ଦାଶ, ଧର୍ମେନ୍ଦ୍ର ନାରାୟଣ ଜେନା, ସୁକାନ୍ତ କୁମାର ବେହେରା, ଶୁଭେନ୍ଦୁ ବିଶ୍ୱାଳ, ନିରଞ୍ଜନ ବେହେରା, ପ୍ରାଥମିକ ବିଦ୍ୟାଳୟ ମୋ ସ୍କୁଲ ସଭାପତି ଶଶିକାନ୍ତ ଘଡ଼ାଇ, ଏମ୍‌ଇ ବିଦ୍ୟାଳୟ ମୋ ସ୍କୁଲ ସଭାପତି ନିରଞ୍ଜନ ବେହେରା, ଏମ୍‌ଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୋମନାଥ ଓଝା, ପ୍ରାଥମିକ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶଶିକାନ୍ତ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଶିକ୍ଷକ ସୂର୍ଯ୍ୟମଣି ଜେନା ଅତିଥି ପରିଚୟ, ଶିକ୍ଷୟିତ୍ରୀ ପ୍ରତିମା ରାଣୀ ପାତ୍ର ଧନ୍ୟବାଦ ଅର୍ପଣ କରିଥିବାବେଳେ ଶିକ୍ଷୟିତ୍ରୀ ଶୁଭଦର୍ଶନୀ ଜେନା ମାନପତ୍ର ପାଠ କରିଥିଲେ। ଅଲେଖ ବାରିକ୍, ଦୁର୍ଯ୍ୟୋଧନ ପତି, ରମେଶ ବାରିକ୍, ବିକାଶ ସ୍ୱାଇଁ, ରମେଶ ରାଉତ, ଶରତ ବାରିକ୍, ରାଜୀବ ଲୋଚନ ଜେନା, ସୁବ୍ରତ ସ୍ୱାଇଁ, ଅଭିରାମ ସ୍ୱାଇଁଙ୍କ ସମେତ ଆଞ୍ଚଳିକ ସାଧନ କେନ୍ଦ୍ର ଅଧୀନରେ ସମସ୍ତ ଶିକ୍ଷକଶିକ୍ଷୟିତ୍ରୀଙ୍କ ସମେତ ପରିଚାଳନା କମିଟି ସଦସ୍ୟ ସଦସ୍ୟା, ଅଭିଭାବକ, ଗ୍ରାମବାସୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ। ଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



### ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବର ୪ର୍ଥ ସନ୍ଧ୍ୟା

# 'ଗୃହିଣୀ ଗୃହର ଲକ୍ଷ୍ମୀ, ଅର୍ଥର ସୁଦକ୍ଷ ପରିଚାଳିକା'

ଭଦ୍ରକ,୬।୫(ସମିସ)




ଜଣେ ଗୃହିଣୀ ରୋଜଗାରହୀନା ଏବଂ ଅଯଥା ଖର୍ଚ୍ଚ କରି ଗୃହର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦିଏ; ଏକ ଭ୍ରାନ୍ତ ଧାରଣା। ବରଂ ଗୃହର ଆର୍ଥିକ ସମ୍ବଳ ସହ ଅନ୍ୟାନ୍ୟ ସମ୍ବଳକୁ ସଦୁପଯୋଗ ସହ ସଠିକ୍ ପରିଚାଳନା କରି ଗୃହଲକ୍ଷ୍ମୀ ସାଜିଥାଏ ବୋଲି ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ କମିଟି ତଥା ଓଡ଼ିଶା ତେଜସ୍ୱିନୀ ମହିଳା ସଂଗଠନ, ଭଦ୍ରକ ଏବଂ ଭୂମି କନ୍ୟା ମହିଳା ସଂଗଠନ ଓଡ଼ିଶା, ଭଦ୍ରକ ଆନୁକୂଲ୍ୟରେ ଭଦ୍ରକ ସହର କଚେରୀ ବଜାରସ୍ଥିତ ମନମୋହନ ସଙ୍ଗୀତ ପରିଷଦ ପଡ଼ିଆରେ ଆୟୋଜିତ ମାତୃଶକ୍ତି ବନ୍ଦନ: ମା' ଓ ମାଟି ମହୋତ୍ସବ-୨୦୨୬ର ୪ର୍ଥ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଭୂମି କନ୍ୟା ମହିଳା ସଂଗଠନର ସଭାନେତ୍ରୀ ସଂଯୁକ୍ତା ବଳନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ ସାରସ୍ୱତ ସନ୍ଧ୍ୟାରେ ଭଦ୍ରକର ଅତିରିକ୍ତ ଜିଲ୍ଲାପାଳ, ସରୋଜ କୁମାର ଦତ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାକ୍ତନ ଓଡ଼ିଆ ପ୍ରାଧ୍ୟାପିକା ଭାନୁମତୀ ମାଟିଆ ମୁଖ୍ୟବକ୍ତା, ସେବା ନିବୃତ୍ତ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ଯାଦବ, ସଂଗଠିକା ତଥା ସରକାରୀ ଅଧିବକ୍ତା ଅଞ୍ଜୁବାଳା ରାଉତ, ଉପଜିଲ୍ଲାପାଳଙ୍କ ବିଭାଗୀୟ ଅଧିକାରୀ ଜେମାମଣି ନାୟକ, ଓଡ଼ିଶା ତେଜସ୍ୱିନୀ ମହିଳା ସଂଗଠନ ସମ୍ପାଦିକା ଅଞ୍ଜନା ମିଶ୍ର, କବି ତଥା ସଂଗଠକ ନିର୍ମଳ ଚନ୍ଦ୍ର ବେହୁରିଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଭଦ୍ରକର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ସମାଜସେବିକା ଅନ୍ନପୂର୍ଣ୍ଣା ଦେବୀଙ୍କ ସ୍ମୃତିରେ ୪ର୍ଥ ସନ୍ଧ୍ୟା ମଞ୍ଚକୁ ଉତ୍ସର୍ଗ କରାଯାଇଥିଲା। ଓଡ଼ିଶା ତେଜସ୍ୱିନୀ ମହିଳା ସଂଗଠନ ସଭାନେତ୍ରୀ କଳ୍ପନା ଜେନା ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ମନୋରମା ରାୟ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ମହୋତ୍ସବର ସହସମ୍ପାଦିକା ଚୈତାଳି ଖିଲାର ଅତିଥିମାନଙ୍କୁ ମଞ୍ଚ ନିମନ୍ତ୍ରଣ କରିଥିଲେ। ସାଂସ୍କୃତିକ ସମ୍ପାଦକ ରାମନାରାୟଣ ମହାନ୍ତି ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ ଓ ପ୍ରଧାନଶିକ୍ଷୟିତ୍ରୀ ଡ. ଜାନକୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ। ସଭାପତି ଇଂ. ଅଭୟ ସୂତାର, ସମ୍ପାଦକ ରବିନାରାୟଣ ଖିଲାର, ଆବାହକ ନିହାର ରଞ୍ଜନ କର, ଅବସରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ପଣ୍ଡା ପ୍ରମୁଖ ମଞ୍ଚ ଓ ମହୋତ୍ସବ ପରିଚାଳନା କରିଥିଲେ। ଏମ୍.ଏମ୍. ଡ୍ୟାନ୍ସ ଗ୍ରୁପ୍, ଭଦ୍ରକର କଳାକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଡାଲି ଓ ତୈଳବୀଜ କୃଷି କ୍ରୟ କମିଟି ବୈଠକ

# ମେ’ ଦ୍ୱିତୀୟ ସପ୍ତାହରୁ କ୍ରୟ ପ୍ରକ୍ରିୟା ଆରମ୍ଭ

ଜଗତସିଂହପୁର,୬।୫(ସମିସ)




ଜଗତସିଂହପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ଠାରେ ଜିଲ୍ଲା କୃଷି ବିଭାଗ ଆନୁକୂଲ୍ୟରେ ରବି ଋତୁ ୨୦୨୫-୨୬ ନିମନ୍ତେ ଜିଲ୍ଲାସ୍ତରୀୟ ଡାଲି ଓ ତୈଳବୀଜ କୃଷି କ୍ରୟ କମିଟି ବୈଠକ ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ ପିଲ୍ଲେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପସ୍ଥିତ ରହି ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ସମସ୍ତ ଚାଷୀମାନଙ୍କୁ ରେଜିଷ୍ଟ୍ରେସନ ନିମନ୍ତେ ସଚେତନ କରିବା ଏବଂ ଝୋଟ ବ୍ୟାଗ ଯୋଗାଇବା ଉପରେ ଗୁରୁତ୍ୱ ଦେଇଥିଲେ। ବୈଠକରେ ଅଧ୍ୟକ୍ଷତା କରି ଶ୍ରୀ ପିଲ୍ଲେ କହିଲେ ଯେ ଜିଲ୍ଲାରେ ଅଧିକରୁ ଅଧିକ ଚାଷୀ ଯେପରି ଏହି କ୍ରୟ ପ୍ରକ୍ରିୟାରେ ନିଜ ନିଜର ନାମ ପଞ୍ଜୀକରଣ କରିବେ ସେଥିପ୍ରତି ବ୍ଲକ କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ ଏବଂ ସମବାୟ ବିଭାଗ ଅଧିକାରୀ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ। ସବ୍‌ସିଡି ବାବଦରେ କୃଷି ଅଧିକାରୀ ମାନେ ପଞ୍ଚାୟତ ସ୍ତରରେ ବ୍ୟାପକ ପ୍ରଚାର ପ୍ରସାର ସହିତ ଚାଷୀମାନଙ୍କୁ ସଚେତନ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଭୁଦତ୍ତ ସାହୁ କାର୍ଯ୍ୟସୂଚୀ ଅନୁଯାୟୀ ଆଲୋଚନା କରିଥିଲେ। ଚଳିତ ରବି ଋତୁରେ ଡାଲି ଜାତୀୟ ଫସଲ ମୁଗ, ବିରି ଓ ତୈଳ ଜାତୀୟ ଫସଲ ବାଦାମ, ସୋରିଷ, ସୂର୍ଯ୍ୟମୁଖୀ ପ୍ରଭୃତି ଫସଲ ରହିଛି। ଏଥିରେ ମୁଗର ଏମ୍‌ଏସ୍‌ପି କ୍ୱିଣ୍ଟାଲ ପିଛା ୮୭୬୮ ଟଙ୍କା, ବିରି ୭୮୦୦ ଟଙ୍କା, ବାଦାମ ୭୨୬୩ ଟଙ୍କା, ସୂର୍ଯ୍ୟମୁଖୀ ୭୭୨୧ ଟଙ୍କା ଓ ସୋରିଷ ୬୨୦୦ ଟଙ୍କା ରହିଛି ବୋଲି ବୈଠକରେ ସୂଚନା ଦିଆଯାଇଥିଲା। ସମସ୍ତ ବ୍ଲକର ବିଏଓମାନଙ୍କ ଦ୍ୱାରା ଯାଞ୍ଚ କରାଯିବା ପରେ ୧୨ଟି କୃଷକ ଉତ୍ପାଦକ କମ୍ପାନୀ (ଏଫ୍‌ପିସି) ସହିତ ୧୧ଟି ପ୍ରାଥମିକ କୃଷି ସମବାୟ ସମିତି ଏବଂ ୨ଟି ଆର୍‌ଏମ୍‌ସି, ଏହିପରି ୨୫ଟି କ୍ରୟ କେନ୍ଦ୍ର ଭାବେ ଚୟନ କରାଯାଇଛି। ଏଥି ମଧ୍ୟରୁ ଆରଏମସି ଜଗତସିଂହପୁର ଓ ଆର୍‌ଏମ୍‌ସି ରାହାମାରେ ମୁଗ, ବିରି କିଣା ହେବ। ସେମାନଙ୍କୁ ମାର୍କଫେଡ୍ ସହିତ ବୁଝାମଣାପତ୍ର ଗ୍ରହଣ କରିବାକୁ ପଡ଼ିବ ଏବଂ ଇ-ସମୃଦ୍ଧି ପୋର୍ଟାଲରେ କୃଷକମାନଙ୍କ ପାଇଁ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରିବାକୁ ପଡ଼ିବ। ପଞ୍ଜୀକରଣ ପାଇଁ ଆବଶ୍ୟକ ଡକ୍ୟୁମେଣ୍ଟ ଗୁଡ଼ିକ ହେଉଛି କୃଷକ ପରିଚୟ ପ୍ରମାଣପତ୍ର (ଏଫ୍‌ଆଇସି) ଆଧାର କାର୍ଡ, ଜମି ବିବରଣୀ, ବ୍ୟାଙ୍କ ପାସ୍‌ବୁକ୍ ଜେରକ୍ସ। ପ୍ରତ୍ୟେକ ବ୍ଲକରେ ମାଇକ୍ ମାଧ୍ୟମରେ ମାର୍କଫେଡ୍ ଦ୍ୱାରା କ୍ରୟ ପାଇଁ ସଚେତନତା ଅଭିଯାନ କରାଯିବ। ଏହି ବୈଠକରେ ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, କ୍ଷେତ୍ରୀୟ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ମେ’ ମାସର ଦ୍ୱିତୀୟ ସପ୍ତାହରୁ କ୍ରୟ ପ୍ରକ୍ରିୟା ଆରମ୍ଭ ହେବାର ଯୋଜନା ରହିଛି ବୋଲି ଆଲୋଚନା ହୋଇଥିଲା।

# ଗୋଷ୍ଠୀ ସହାୟିକା ନିଯୁକ୍ତି ନେଇ ଅସନ୍ତୋଷ

**ମୁଖ୍ୟ ଶାସନ ସଚିବଙ୍କୁ ଅଭିଯୋଗ**

**କୁଜଙ୍ଗ,୬।୫(ସମିସ):** କୁଜଙ୍ଗ ବ୍ଲକ ଅନ୍ତର୍ଗତ ବିଶ୍ୱାଳୀ ମିଶନ ଶକ୍ତି ପଞ୍ଚାୟତ ସ୍ତରୀୟ ସଂଘରେ ଗୋଷ୍ଠୀ ସହାୟିକା (ସିଆର୍‌ପି) ନିଯୁକ୍ତିରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏନେଇ ଆର୍‌ଟିଆଇରେ ତଥ୍ୟ ମଗାଯାଇଥିଲେ ବି ତଥ୍ୟ ମିଳୁ ନଥିବା ବିଶ୍ୱାଳୀ ଗ୍ରାମର ସୁରେଶ ବାରିକ ଅଭିଯୋଗ କରିଛନ୍ତି। ଶ୍ରୀ ବାରିକ୍‌ଙ୍କ ଅଭିଯୋଗ ଅନୁସାରେ ସରକାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନଙ୍କୁ ସଶକ୍ତ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମର ସୁପରିଚାଳନା ନିମନ୍ତେ ଆଞ୍ଚଳିକ ମଞ୍ଚ ସ୍ତରୀୟ ଗୋଷ୍ଠୀ ସହାୟିକା (ସିଆର୍‌ପି) ନିଯୁକ୍ତି ବ୍ୟବସ୍ଥା କରିଛନ୍ତି। କିନ୍ତୁ ବିଶ୍ୱାଳୀ ମିଶନ ଶକ୍ତି ସଂଘ ଜିପିଏଲ୍‌ଏଫ୍(ସି) ପକ୍ଷରୁ ସିଆର୍‌ପି ନିଯୁକ୍ତି ସଂପର୍କରେ ଗତ ଡିସେମ୍ବର ମାସରେ ଶ୍ରୀ ବାରିକ ସୂଚନା ଅଧିକାର ଆଇନ ବଳରେ ସୂଚନା ଅଧିକାରୀଙ୍କୁ ତଥ୍ୟ ମାଗିଥିଲେ। ହେଲେ ନିର୍ଦ୍ଧାରିତ ସମୟ ମଧ୍ୟରେ ସୂଚନା ନ ମିଳିବାରୁ ସେ ପ୍ରଥମ ଆପିଲିଟି ଅଥରିଟି କୁଜଙ୍ଗ ବିଡିଓଙ୍କୁ ଆବେଦନ କରିଥିଲେ। ବିଡିଓଙ୍କ ପ୍ରକୋଷ୍ଠରେ ଦୁଇ ଥର ଶୁଣାଣି ପରେ ଗତ ୩୦ ତାରିଖରେ ବ୍ଲକ୍ ପ୍ରଶାସନ ପକ୍ଷରୁ ଶ୍ରୀ ବାରିକଙ୍କୁ ସିଆର୍‌ପି ନିଯୁକ୍ତି ସଂକ୍ରାନ୍ତୀୟ ତଥ୍ୟ ମିଳିଥିଲା। ସିଆର୍‌ପି ନିଯୁକ୍ତି ସମ୍ପର୍କୀୟ କୌଣସି ତଥ୍ୟ ତାଙ୍କ ପାଖରେ ଉପଲବ୍ଧ ନ ଥିବା ବିଶ୍ୱାଳୀ ମିଶନ୍ ଶକ୍ତି ପଞ୍ଚାୟତ ସ୍ତରୀୟ ସଂଘ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଥିଲା। ଯଦି ସଂଘ ପାଖରେ ସିଆର୍‌ପି ନିଯୁକ୍ତିର ତଥ୍ୟ ଉପଲବ୍ଧ ନାହିଁ, ତା’ହେଲେ କେଉଁ ଆଇନ ବଳରେ ସଂଘ ଜିପିଏଲଏଫ୍ ସିଆର୍‌ପିଙ୍କୁ ନିଯୁକ୍ତି ଦେଇଛନ୍ତି ବୋଲି ଶ୍ରୀ ବାରିକ ପ୍ରଶ୍ନ ଉଠାଇଛନ୍ତି। ଯଦି ତଥ୍ୟ ଉପଲବ୍ଧ ନ ଥିଲା ତା’ହେଲେ ତାଙ୍କୁ କ’ଣ ପାଇଁ ବାରମ୍ବାର ଚିଠି କରାଯାଇ ନିରାଶ କରାଯାଉଛି ବୋଲି ସେ କହିଛନ୍ତି। ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସେ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବଙ୍କ ସମେତ ଉପରିସ୍ଥ ଅଧିକାରୀଙ୍କୁ ଅଭିଯୋଗ କରିଥିବା ପ୍ରକାଶ କରିଛନ୍ତି।

# ବାଗୋଇ ଓ ମଙ୍ଗରାଜପୁରରୁ ବିପୁଳ ମଦ ଜବତ

**କୁଜଙ୍ଗ,୬।୫(ସମିସ):** କୁଜଙ୍ଗ ଥାନା ଅନ୍ତର୍ଗତ ବାଗୋଇ ଓ ମଙ୍ଗରାଜପୁରଠାରୁ କୁଜଙ୍ଗ ପୁଲିସ ୮୦ ଲିଟରରୁ ଊର୍ଦ୍ଧ୍ୱ ମଦ ଜବତ କରିଛି। ଏହି ମାମଲାରେ ୫ ଜଣଙ୍କୁ ଗିରଫ କରାଯିବା ସହିତ ଗୋଟିଏ ବାଇକ୍ ଜବତ କରାଯାଇଛି। କୁଜଙ୍ଗ ଥାନାରେ ଦୁଇଟି ପୃଥକ୍ ମାମଲା ରୁଜୁ କରାଯାଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ବୁଧବାର କୁଜଙ୍ଗ ଥାନା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନରେ ସୂଚନା ଦିଆଯାଇଛି। କୁଜଙ୍ଗ ଥାନା ମଙ୍ଗରାଜପୁରପୁର ଓ ବାଗୋଇଠାରେ ଅପେରା ଓ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା। ଏଠାରେ ହଜାର ହଜାର ସଂଖ୍ୟାରେ ଜନ ସମାଗମ ହେଉଥିବାରୁ ଅସ୍ଥାୟୀ ଭାବେ ବ୍ୟାପକ ପରିମାଣର ମଦ ବିକ୍ରି କରିବାକୁ ଯୋଜନା କରୁଥିଲେ। ସୂଚନା ମିଳିବା ପରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଙ୍କିତ୍ କୁମାର ବର୍ମାଙ୍କ ନିର୍ଦ୍ଦେଶ କ୍ରମେ ତିର୍ତ୍ତୋଲ ଉପଖଣ୍ଡ ଅଧିକାରୀ ଅଜୟ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇ ଚଢ଼ଉ କରାଯାଇଥିଲା। ବାଇକ୍‌ରେ ମଦ ନେଇ ମଙ୍ଗରାଜପୁର ଆଡକୁ ଆସୁଥିବା ଦୁଇଜଣଙ୍କୁ ଦୁଆଡିଆ ପୋଲ ନିକଟରେ ମାଡ଼ି ବସିଥିଲା ପୁଲିସ୍। ଧରାପଡ଼ିଥିବା ଦୁଇଜଣ ହେଲେ ମଙ୍ଗରାଜପୁର (ହସିଣା-ଖ) ଗ୍ରାମର ଅଜୟ ପଣ୍ଡାଙ୍କ ପୁତ୍ର ଜ୍ଞାନରଞ୍ଜନ ପଣ୍ଡା ଓ ଗଣ୍ଡକିପୁର ଗ୍ରାମର ବୁଦ୍ଧଦେବ ମାଝୀଙ୍କ ପୁତ୍ର ନିରଞ୍ଜନ ମାଝୀ। ସେମାନଙ୍କ ଠାରୁ ୫୩ ଲିଟର ମଦ ଜବତ କରାଯାଇଛି। ଏ ନେଇ ପୁଲିସ ୧୨୪/୨୬ ଧାରାରେ ମାମଲା ରୁଜୁ କରିଛି। ସେହିପରି ବାଗୋଇ ଠାରେ ଅନୁଷ୍ଠିତ ମୁକ୍ତମଞ୍ଚ ନାଟକ ପ୍ରତିଯୋଗିତା ନିକଟରେ ବିକ୍ରି କରିବାକୁ ନେଉଥିବା ବେଳେ ପୁଲିସ ଚଢ଼ଉ କରି ବାଗୋଇ ଗ୍ରାମର ଦୁର୍ଗାଚରଣ ସ୍ୱାଇଁଙ୍କ ପୁତ୍ର ତୁଷାରକାନ୍ତ ସ୍ୱାଇଁ, ଗିରିଧାରୀ ପ୍ରଧାନଙ୍କ ପୁତ୍ର ପ୍ରଶାନ୍ତ ପ୍ରଧାନ ଓ ଚଟୁଆ ଗ୍ରାମର ଭାବଗ୍ରାହୀ ବାରିକଙ୍କ ପୁତ୍ର ଶରତ ବାରିକଙ୍କୁ ପୁଲିସ ଗିରଫ କରିବା ସହିତ ସେମାନଙ୍କ ଠାରୁ ୨୩ ଲିଟରରୁ ଅଧିକ ମଦ ଜବତ କରିଛି। ଏ ନେଇ ୧୨୫/୨୬ ସଂଖ୍ୟାରେ ଅନ୍ୟଏକ ମାମଲା ରୁଜୁ କରାଯାଇଥିବା ଜଣାପଡ଼ିଛି।

# ୧୬ ଗ୍ରାମ ହେରୋଇନ୍ ଜବତ; ନିଶାବେପାରୀ ଗିରଫ

**ଜଗତସିଂହପୁର,୬।୫(ସମିସ):** ଜଗତସିଂହପୁର ଥାନା ଅନ୍ତର୍ଗତ କଲେଜ ଛକ ଠାରେ ଚଢ଼ଉ କରି ଜଣେ ନିଶା ବେପାରୀଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ରେଞ୍ଜ। ଯାଞ୍ଚ ପରେ ତାଙ୍କ ପାଖରୁ ୧୬ ଗ୍ରାମର ହେରୋଇନ୍ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ ମାଧପୁର ଗ୍ରାମର ପ୍ରଭାକର ଗୋଛାୟତଙ୍କ ପୁଅ ଚନ୍ଦନ ଗୋଛାୟତ ଦୀର୍ଘ ଦିନ ଧରି କଲେଜ ଛକ ଅଞ୍ଚଳରେ ବିଶେଷ କରି କଲେଜକୁ ଆସୁଥିବା ଛାତ୍ରମାନଙ୍କୁ ଟାର୍ଗେଟ କରି ହେରୋଇନ ବିକ୍ରି କରୁଥିବା ସମ୍ପର୍କରେ ଜଗତସିଂହପୁର ଅବକାରୀ ରେଞ୍ଜକୁ ଅଭିଯୋଗ ମିଳିଥିଲା। ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ହେରୋଇନ୍ ରଖିଥିବାର ସୂଚନା ପାଇବା ପରେ ଜଗତସିଂହପୁର ଅବକାରୀ ରେଞ୍ଜର ନିରୀକ୍ଷକ ଶ୍ରୀକାନ୍ତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ ହୋଇଥିଲା। ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ଜଗତସିଂହପୁର ଅବକାରୀ ରେଞ୍ଜର କର୍ମଚାରୀ ଏବଂ ଡିଲ୍ ବେଳେ ଅଭିଯୁକ୍ତଙ୍କୁ କଲେଜ ଛକ ଠାରେ ମାଡି ବସିଥିଲେ। ଅଭିଯୁକ୍ତଙ୍କୁ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାକୁ ୧୪ଦିନିଆ ବିଚାର ବିଭାଗୀୟ ହାଜତ୍‌କୁ ପଠାଇ ଦିଆଯାଇଛି। ଆଗାମୀ ଦିନରେ ଅବକାରୀ ବିଭାଗ ତାର ପ୍ରୟାସ ଜାରିରଖିବ ବୋଲି ଅବକାରୀ ଅଧିକ୍ଷିକା ଅନିତା ପ୍ରଧାନ ପ୍ରକାଶ କରିଛନ୍ତି।

# ତିର୍ତ୍ତୋଲରେ ରାମଚରିତ ମାନସ ଉଦ୍‌ଯାପିତ

**ତିର୍ତ୍ତୋଲ,୬।୫(ସମିସ):** ତିର୍ତ୍ତୋଲ ଗ୍ରାମର ବେଲବଣ ମହାପୁରୁଷଙ୍କ ପୀଠ ରାମମନ୍ଦିର ପ୍ରାଙ୍ଗଣରେ ୧୫ତମ ବାର୍ଷିକ ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ମଠାଧିସବାବା ଶ୍ୟାମସୁନ୍ଦର ଦାସ ମହାରାଜଙ୍କ ପୌରୋହିତରେ ଅନୁଷ୍ଠିତ ନବଦିନ ବ୍ୟାପୀ ପ୍ରବଚନ ମଞ୍ଚର ବ୍ୟାସ ରାମାୟଣୀ ପଣ୍ଡିତ ଅଭୟ ଦାଶ (ବୁଲୁ ନନା)ଙ୍କ ମଞ୍ଚ ସଂଯୋଜନାରେ ସରପଞ୍ଚ ପ୍ରିୟମ୍ବଦା ମହାପାତ୍ର, ଇଂ. ଦେବପ୍ରସାଦ ନାୟକ, ବିଶିଷ୍ଟ ସମାଜସେବୀ ବିମଳ ମହାପାତ୍ର ପ୍ରମୁଖ ବିଭିନ୍ନ ଦିବସର ସଂଧ୍ୟାରେ ମଞ୍ଚାସୀନ ଥିଲା ବେଳେ ପ୍ରବଚକପଣ୍ଡିତ ପ୍ରହଲାଦ ନନ୍ଦ, ପଣ୍ଡିତ ଭାବଗ୍ରାହୀ ମିଶ୍ର, ଅଧ୍ୟାପକ ଅରୁଣ ପଣ୍ଡା ଓ ନିଖିଳୋତ୍କଳ ପ୍ରବକ୍ତା ପରିଷଦର ରାଜ୍ୟ ସଂପାଦକ ପଣ୍ଡିତ ପ୍ରମୋଦ କୁମାର ପଣ୍ଡା ପ୍ରଭୃତି ରାମାୟଣର ବିଷୟବସ୍ତୁକୁ ଆଧାର କରି ପ୍ରବଚନ ପ୍ରଦାନ କରିଥିଲେ। ପଣ୍ଡିତ ବଟଚରଣ ଦାଶ (ଦିଲୁ ନନା) ଯାଜ୍ଞିକ କାର୍ଯ୍ୟ ସଂପାଦନ କରୁଥିଲେ ଓ ଗ୍ରାମର ଯୁବକ ଓ ଗ୍ରାମବାସୀ ଏଥିରେ ସହଯୋଗ କରିଥିଲେ। କର୍ତ୍ତାକର୍ତ୍ତୀ ଭାବେ ବଟଚରଣ ଦାଶ ଓ ଆରତୀ ଦାଶ ଉପସ୍ଥିତ ଥିଲେ। ଆର୍ଯ୍ୟଭକ୍ତି ହନୁମାନ ଚାଳିଶା ଗ୍ରୁପର ସଂଯୋଜକ ପଣ୍ଡିତ ବିଷ୍ଣୁପ୍ରସାଦ ଦାଶ (ହନୁଆ ନନା)ଙ୍କ ଦ୍ୱାରା ସୁନ୍ଦରକାଣ୍ଡ ପାରାୟଣ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ସ୍ମାର୍ଟ ଓଡ଼ିଶା ହାକାଥନ୍ ୩.୦ ଉତ୍ସବ




**ଜଗତସିଂହପୁର,୬।୫(ସମିସ):** ଜଗତସିଂହପୁର ଜିଲ୍ଲାସ୍ତରୀୟ ସ୍ମାର୍ଟ ଓଡିଶା ହାକାଥନ ୩.୦ ଉତ୍ସବ ଆଜି ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧୀକାରୀ ଡ. ସୁଶାନ୍ତ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସଭାରେ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର ମୁଖ୍ୟଅତିଥି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ରାଜ୍ୟଶ୍ରୀ ସାହୁ, ଲକ୍ଷେହୀରା ଲାବଣ୍ୟବତୀ ବେହେରା, ଆଇଆଇଟି ଭୁବନେଶ୍ୱରର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ଶୁଭଙ୍କର ପତି, ଉତ୍କଳ ବିଶ୍ୱବିଦ୍ୟାଳୟର ଗଣିତ ବିଭାଗର ପ୍ରଫେସର ସରୋଜ କୁମାର ସାହୁ, ଜଗତସିଂହପୁର ପଲିଟେକ୍ନିକର ଅଧ୍ୟାପକ ସୌମ୍ୟ ପ୍ରକାଶ ସୂତାର ଏବଂ ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜୀବନ କୁମାର ସାହୁ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ବିଜ୍ଞାନ ଶିକ୍ଷକ ପଦରଜ ଉମାକାନ୍ତ ନାୟକ ଓଡ଼ିଶାର ବଡ଼ ସୃଜନଶୀଳତା ଉତ୍ସବ ହାକାଥନ ୩.୦ ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସେହିପରି ଅପରାହ୍ନରେ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଜଗତସିଂହପୁର ପ୍ରଧାନ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ଅତିରିକ୍ତ ଶିକ୍ଷା ଅଧିକାରୀ ଲକ୍ଷେହୀରା ଲାବ୍ୟଣ୍ୟବତୀ ବେହେରା ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ଉଭୟ ଅଧିବେଶନରେ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ ଅଲଣାହାଟ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ଅମୂଲ୍ୟ କୁମାର ମିଶ୍ର। ଏହି ଜିଲ୍ଲାସ୍ତରୀୟ ଉତ୍ସବରେ ୨୫ଟି ପ୍ରକଳ୍ପରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରୁ ୫୦ଜଣ ଛାତ୍ରଛାତ୍ରୀ ଓ ସେମାନଙ୍କର ମାର୍ଗଦର୍ଶକ ଶିକ୍ଷକ ଶିକ୍ଷୟତ୍ରୀ ଅଂଶ ଗ୍ରହଣ କରିଥିଲେ। ସାରଳା ଉଚ୍ଚ ମାଧ୍ୟମିକ ବିଦ୍ୟକ୍ଷଳୟର ଛାତ୍ର ସତ୍ୟଜିତ ସାହୁ, ଗୋବିନ୍ଦ ନାରାୟଣ ଗିରିଙ୍କ ପ୍ରକଳ୍ପ “ଏମିସନ କଣ୍ଟ୍ରୋଲ ସିଷ୍ଟମ’ ପ୍ରଥମ, ହରିଶପୁର ବଳଦେବଜୀଉ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ବୋରିକିନାର ଛାତ୍ରୀ ରୁକେୟା ତବସମଙ୍କ ପ୍ରକଳ୍ପ ‘ୱେଷ୍ଟ ମ୍ୟାନେଜମେଣ୍ଟ ବାଏ ଏ ସ୍ମାର୍ଟ ଡଷ୍ଟବିନ’ ଦ୍ୱିତୀୟ, ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀ ସମ୍ପୂର୍ଣ୍ଣା ପଟ୍ଟନାୟକଙ୍କ “ୱେଷ୍ଟ ମ୍ୟାନେଜମେଣ୍ଟ’ ପ୍ରକଳ୍ପ ତୃତୀୟ ସ୍ଥାନ ଏବଂ ପଞ୍ଚାୟତ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ରୀଙ୍କ ପ୍ରକଳ୍ପ “ଆଧୁନିକ କୃଷି ପ୍ରଣାଳୀ ଓ ତାହାର ସମସ୍ୟା’ ଚତୁର୍ଥ ସ୍ଥାନ ଅଧିକାର କରି ରାଜ୍ୟସ୍ତରକୁ ମନୋନୀତ ହୋଇଥିଲା। ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ଅତିଥିଙ୍କ ଠାରୁ ୨୦ ହଜାର, ୧୫ ହଜାର ଏବଂ ୧୦ ହଜାର ଟଙ୍କା ଆର୍ଥିକ ପୁରସ୍କାର, ପ୍ରମାଣପତ୍ର ଗ୍ରହଣ କରିଥିଲେ। ସୁପ୍ରିୟା ପ୍ରିୟଦର୍ଶିନୀ, ସସ୍ମିତା ଶତପଥି, ତ୍ରିନାଥ ରାଉତ, ବାବା ଆଶ୍ରିତ ସାମନ୍ତରାୟ, ନରେନ୍ଦ୍ର କୁମାର ବେହେରା, ସୁମିତ୍ରା ମଲ୍ଲିକ, ଦିଲ୍ଲୀପ କୁମାର ବାଗ ପ୍ରଭୃତି ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ମକ୍ଷନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା ପ୍ରଦାନ କରିଥିଲେ।

# ଶ୍ରୀକ୍ରିଷ୍ଣ ଗୁରୁକୁଳ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାଲିକୁଦା,୬।୫(ସମିସ):** ବାଲିକୁଦା ବ୍ଲକ ଥାଇଲୋ ପଞ୍ଚାୟତ ଜଏଗାଁ ସ୍ଥିତ ଶ୍ରୀକ୍ରିଷ୍ଣ ଗୁରୁକୁଳ ବିଦ୍ୟାଳୟର ଅଷ୍ଟମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନ୍ମଥ କୁମାର ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ସମ୍ମାନିତ ଅତିଥିଭାବେ ବାଲିକୁଦା ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପ୍ରଧାନ, ଅଳାଭର ପଞ୍ଚାୟତ ସମିତି ସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ, ଥାଇଲୋ ପଞ୍ଚାୟତ ସମିତି ସଭ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ଥାଇଲୋ ସରପଞ୍ଚ ସରୋଜିନୀ ଦେଓ଼ୀ, ଅଧ୍ୟାପକ ପ୍ରଶାନ୍ତ କୁମାର ଶତପଥି ମୁଖ୍ୟବକ୍ତା ଓ ମୁଖ୍ୟ ଉପଦେଷ୍ଟା ଧର୍ମାନନ୍ଦ ଦାସ ସମ୍ମାନିତ ବକ୍ତା ଭାବେ ଯୋଗ ଦେଇଥିଲେ। ପରିଚାଳନା କମିଟି ସମ୍ପାଦକ କୃଷ୍ଣଚନ୍ଦ୍ର ଶତପଥି, ସହ ସମ୍ପାଦିକା ରୀତା ପରିଡ଼ା, କୋଷାଧ୍ୟକ୍ଷ ରୁଷେନ୍ଦ୍ର କୁମାର ସାହୁ, ଉପାଧ୍ୟକ୍ଷ ବିଜୟ କୁମାର ପରିଡ଼ା ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଶାନ୍ତ ଜେନା ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଅମରେଶ୍ୱର ନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସନ୍ତୋଷ କୁମାର ଦାଶ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ଜେନା ବିଦ୍ୟାଳୟ ର ନୂତନ ଗୃହର ଭିତ୍ତି ପ୍ରସ୍ତର ସ୍ଥାପନ କରିବା ସହ ୨୦୨୬-୨୭ ଶିକ୍ଷାବର୍ଷରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟରେ ନାମ ଲେଖାଇଥିବା ବିଦ୍ୟାଳୟର ଛାତ୍ରଛାତ୍ରୀ ଦିବ୍ୟାଶା ପ୍ରିୟଦର୍ଶିନୀ ଦାସ, ଆୟୁଷ୍ମାନ ଲେଙ୍କା, ସମନ୍ୱିତା ପଣ୍ଡା, ତାରା ପ୍ରସାଦ ଲେଙ୍କା ଓ ସତ୍ୟଜିତ ନାୟକଙ୍କୁ ସମ୍ମାନୀତ କରିଥିଲେ। ଶିକ୍ଷୟିତ୍ରୀ ମଧୁସ୍ମିତା ଶତପଥି, ସୋନାଲି ଦାସ ଓ ରାଜନନ୍ଦିନୀ ସ୍ୱାଇଁଙ୍କ ସଂଯୋଜନାରେ ବିଦ୍ୟାଳୟର ଛାତ୍ରଛାତ୍ରୀ ନୃତ୍ୟ ପରିବେଷଣ କରିଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ଶିକ୍ଷକ ପ୍ରସନ୍ନଜିତ ମିଶ୍ର, ବିଜନ ରାଉତ, ଶିକ୍ଷୟିତ୍ରୀ ଗାୟତ୍ରୀ ସାହୁ, ସୁଚିସ୍ମିତା ଶତପଥି, ସୋନାଲି ସଂଘମିତ୍ରା ଦାସ, ସୁଚିସ୍ମିତା ବାରିକ, ଡଲି ମଲ୍ଲିକ, ମେନକା ମୁଦୁଲି, କରିସ୍ମା ସାହୁ, ରାଜଶ୍ରୀ ପରିଡ଼ା, ସୁଶ୍ରୀ ଶୁଭଦର୍ଶିନୀ ସେଠୀ, ନିଳିମା ପରିଡ଼ା ଓ ରଞ୍ଜୁଲତା ବାରିକ ସହଯୋଗ କରିଥିଲେ।

# ବିଜେଡି ରାଜ୍ୟ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା



**ପାରାଦୀପ/କୁଜଙ୍ଗ, ୬।୫ (ସମିସ):** ଶ୍ରମିକ ନେତା ସନ୍ତୋଷ କୁମାର ପଟ୍ଟନାୟକଙ୍କୁ ରାଜ୍ୟ ବିଜୁ ଜନତା ଦଳର ସମ୍ପାଦକ ଭାବେ ପୁନର୍ବାର ନିଯୁକ୍ତି ମିଳିଛି। ଏହି ଖବର ପ୍ରସାରିତ ହେବା ପରେ ସନ୍ତୋଷଙ୍କ ସମର୍ଥକମାନଙ୍କ ମଧ୍ୟରେ ଖୁସିର ଲହରୀ ଖେଳି ଯାଇଛି। ବୁଧବାର ଅପରାହ୍ନରେ ପାରଦୀପଗଡ ଜିରୋ ପଏଣ୍ଟସ୍ଥିତ କାର୍ଯ୍ୟାଳୟରେ ପାରାଦୀପ ସମେତ କୁଜଙ୍ଗ ଅଞ୍ଚଳର ସମର୍ଥକମାନେ ଶ୍ରୀ ପଟ୍ଟନାୟକଙ୍କୁ ଭେଟିବା ସହିତ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ସମସ୍ତ କର୍ମୀଙ୍କୁ ଏକାଠି କରି ଦଳକୁ ଆଗକୁ ନେବାରେ ତାଙ୍କର ଚେଷ୍ଟା ଜାରି ରହିବ ବୋଲି ସେ ତାଙ୍କ ଅଭିଭାଷଣରେ ଦଳୀୟ କର୍ମୀମାନଙ୍କୁ କହିଛନ୍ତି।

## ■ ହରିଣ ଓ ଅଲିଭ୍ ରିଡ୍‌ଲେ ମୃତ୍ୟୁ ମାମଲା

# ବନ୍ୟପ୍ରାଣୀ ବୋର୍ଡ ନିକଟରେ ପିଟିସନ ଦାଖଲ



**ପାରାଦୀପ,୬।୫(ସମିସ):** ଢିଙ୍କିଆ ଅଞ୍ଚଳରେ ଚାଲୁଥିବା ଏକ କାରଖାନା ପ୍ରକଳ୍ପ ଅଞ୍ଚଳରେ ବନ୍ୟପ୍ରାଣୀ ମୃତ୍ୟୁ ଏବଂ ପରିବେଶଗତ କ୍ଷତି ସମ୍ପର୍କରେ ପରିବେଶ କର୍ମୀ ଦିଲ୍ଲୀପ କୁମାର ସାମନ୍ତରାୟ ଜାତୀୟ ବନ୍ୟପ୍ରାଣୀ ବୋର୍ଡ (ଏନ୍‌ବିଡବ୍ଲୁଏଲ)ଙ୍କ ନିକଟରେ ଅଭିଯୋଗ ପିଟିସନ ଦାଖଲ କରିଛନ୍ତି। ପରିବେଶ କର୍ମୀ ଦିଲ୍ଲୀପ କୁମାର ସାମନ୍ତରାୟ ଅଭିଯୋଗ କରିଛନ୍ତି ଯେ କମ୍ପାନୀ ପରିବେଶଗତ ଦୃଷ୍ଟିରୁ ସମ୍ବେଦନଶୀଳ ଉପକୂଳବର୍ତ୍ତୀ ଅଞ୍ଚଳରେ ଏକ ବୃହତ ଇସ୍ପାତ କାରଖାନା ପ୍ରକଳ୍ପ କରୁଛି। ଯାହା ବନ୍ୟପ୍ରାଣୀ ବାସସ୍ଥାନ ଏବଂ ପ୍ରବାସପଥକୁ ପ୍ରଭାବିତ କରୁଛି। ପ୍ରକଳ୍ପ ପରିସରରେ ଗତ ୨୦୨୫ ମସିହା ମାର୍ଚ୍ଚ ୧୨ ତାରିଖରେ ଏକ ହରିଣର ସନ୍ଦେହଜନକ ମୃତ୍ୟୁ ଘଟିଥିବା ସେ ଅଭିଯୋଗ କରିଛନ୍ତି। ପ୍ରକଳ୍ପ ସ୍ଥାନ ଉପକୂଳବର୍ତ୍ତୀ ଅଞ୍ଚଳ ଜଟାଧାର ମୁହାଁଣ ଅନ୍ତର୍ଗତ କରାଯାଇଛି। ଯେଉଁଠାରେ ବିଲୁପ୍ତପ୍ରାୟ ଅଲିଭ୍ ରିଡଲେ କଇଁଛଙ୍କ ମୃତଦେହ ଦେଖିବାକୁ ମିଳୁଛି। ବନ୍ୟପ୍ରାଣୀଙ୍କ ମୃତ୍ୟୁ ଘଟଣାର ନିରପେକ୍ଷ ତଦନ୍ତ, ଉଲ୍ଲଙ୍ଘନ କ୍ଷେତ୍ରରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ ପରିବେଶ ଓ ବନ୍ୟପ୍ରାଣୀ ସୁରକ୍ଷା ମାନଦଣ୍ଡର କଠୋର ଅନୁପାଳନ ନିଶ୍ଚିତ କରିବାକୁ ଶ୍ରୀ ସମାନ୍ତରାୟ ବନ୍ୟପ୍ରାଣୀ ବୋର୍ଡକୁ ନିବେଦନ କରିଛନ୍ତି। ସେହିପରି ପରିବେଶଗତ କ୍ଷତିକୁ ରୋକିବା ଏବଂ ବିଲୁପ୍ତ ପ୍ରଜାତି ବନ୍ୟପ୍ରାଣୀମାନଙ୍କୁ ସୁରକ୍ଷା ଦେବା ପାଇଁ ତୁରନ୍ତ ହସ୍ତକ୍ଷେପ କରିବାକୁ ମଧ୍ୟ ସେ ନିବେଦନ କରିଛନ୍ତି।

# ବ୍ରାଉନ୍‌ସୁଗର ଜବତ; ୩ ଗିରଫ

**ଜଗତସିଂହପୁର,୬।୫(ସମିସ):** ଜଗତସିଂହପୁର ସଦର ଥାନା ପୁଲିସ ମାର୍କଣ୍ଡପୁର ନିକଟରୁ ୧୦ ଗ୍ରାମ ବ୍ରାଉନସୁଗର ଜବତ କରିବା ସହିତ ୩ ଜଣ ନିଶା ବେପାରୀଙ୍କୁ ଗିରଫ କରିଛି। ଜଗତସିଂହପୁର ସଦର ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି ଡିଏସ୍‌ପି ରଶ୍ମୀରଞ୍ଜନ ଦାସ। ଗତ ୫ ତାରିଖ ଅପରାହ୍ନରେ ବ୍ରାଉନସୁଗର ବିକ୍ରି ସମ୍ପର୍କରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ସଦର ଥାନା ଆଇଆଇସି ସୁଶାନ୍ତ କୁମାର ସାହୁଙ୍କ ନିର୍ଦ୍ଦେଶରେ ଏକ ପୁଲିସ ଦଳ ମାର୍କଣ୍ଡପୁର ସ୍ଥିତ ମା’ ସର୍ବାଙ୍ଗ ସୁନ୍ଦରୀ ମନ୍ଦିର ନିକଟରେ ପହଞ୍ଚିଥିଲା। ସେଠାରେ ଉପସ୍ଥିତ ଥିବା ସଦର ଥାନା ଲାଲାସାହି ଅଞ୍ଚଳର ଶଙ୍କର ସାହୁ, ଦାଦପୁର ଗ୍ରାମର ମୃତ୍ୟୁଞ୍ଜୟ ମହାରଣା ଏବଂ ବାଲିକୁଦା ଥାନା ଅନ୍ତର୍ଗତ ସାହାଡ଼ା ଗ୍ରାମର କମଳାକାନ୍ତ ଘଡାଇଙ୍କୁ କାବୁ କରିବା ସହିତ ୧୦ ଗ୍ରାମ ବ୍ରାଉନସୁଗର ଜବତ କରିଥିବା ପୁଲିସ। ସେହିପରି ୩ଟି ମୋବାଇଲ ଏବଂ ନଗଦ ୧ ହଜାର ଟଙ୍କା ମଧ୍ୟ ପୁଲିସ ଟିମ ଜବତ କରିଥିବା ଡିଏସପି ଶ୍ରୀ ଦାସ ସୂଚନା ଦେଇଛନ୍ତି।

# ଢିଙ୍କିଆରୁ ରାଜଧାନୀ ଗାନ୍ଧୀ ପଥେ ନ୍ୟାୟ ଯାତ୍ରା

ପାରାଦୀପ, ୬।୫ (ସମିସ)



ପ୍ରସ୍ତାବିତ ଜିନ୍ଦଲ ପ୍ରକଳ୍ପରେ ବିସ୍ଥାପିତ ଓ ପ୍ରଭାବିତ ଗ୍ରାମବାସୀଙ୍କୁ ନ୍ୟାୟ ପ୍ରଦାନ ପ୍ରଦାନ ପାଇଁ ଆଜି ଜାତୀୟ କଂଗ୍ରେସ ତରଫରୁ ଢିଙ୍କିଆରୁ ରାଜଧାନୀ ଗାନ୍ଧୀପଥେ ନ୍ୟାୟଯାତ୍ରା ଆରମ୍ଭ ହୋଇଛି। ଢିଙ୍କିଆ ଗ୍ରାମର ଫୁଲଖାଇ ମନ୍ଦିର ପରିସରରୁ ଏହାକୁ ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସ ଶୁଭାରମ୍ଭ କରିଛନ୍ତି। ସମଗ୍ର ଓଡିଶାର ଯେଉଁ ସ୍ଥାନରେ ପ୍ରକଳ୍ପ ନିର୍ମାଣ ହେଉଛି, ସେହି ସ୍ଥାନରେ ସମାନ ପରିସ୍ଥିତି ସୃଷ୍ଟି ହୋଇଛି। ଜାତୀୟ କଂଗ୍ରେସ ଶିଳ୍ପ ନାମରେ ସାଧାରଣ ଜନତାଙ୍କୁ ଶୋଷଣର ପ୍ରତିବାଦ କରି ଆଜିଠାରୁ ଆସନ୍ତା ୧୪ ତାରିଖ ପର୍ଯ୍ୟନ୍ତ ଗାନ୍ଧୀପଥେ ନ୍ୟାୟଯାତ୍ରା ଢିଙ୍କିଆ ଚାରିଦେଶରୁ ଆରମ୍ଭ କରିଛି। ଆସନ୍ତା ୧୪ ତାରିଖ ରାଜଧାନୀରେ ରାଜ୍ୟର କୋଣ ଅନୁକୋଣରୁ ଶିଳ୍ପ ଦ୍ୱାରା ପ୍ରତାରିତ ଅଞ୍ଚଳବାସୀ ଯୋଗଦେବା ସହିତ ଜାତୀୟ କଂଗ୍ରେସ ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯିବ। ଏହି ଦାବିକୁ ରାଜ୍ୟ ସରକାର ଯଦି ପାଳନ କରିବାରେ ବିଳମ୍ବ କରିବେ ତେବେ ଆଗାମୀ ଦିନରେ ଜାତୀୟ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇ ଶିଳ୍ପ ଦ୍ୱାରା ପ୍ରତାରିତ ଅଞ୍ଚଳବାସୀଙ୍କ ପାଇଁ ସ୍ୱର ଉତ୍ତୋଳନ କରିବ।

ରାଜ୍ୟରେ ବିସ୍ଥାପିତମାନଙ୍କୁ କୌଣସି ସ୍ଥାନରେ ଆଜି ପର୍ଯ୍ୟନ୍ତ ନ୍ୟାୟ ମିଳି ପାରିନାହିଁ। ନା ସରକାରଙ୍କର କୌଣସି ନିର୍ଦ୍ଦିଷ୍ଟ ପଲିସି ମଧ୍ୟ ନାହିଁ ବୋଲି ଅଭିଯୋଗ ଆଣିଛନ୍ତି ପିସିସି ସଭାପତି। ତେବେ ଆଜି ଏହି ପଦଯାତ୍ରା ଢିଙ୍କିଆରୁ ଆରମ୍ଭ ହୋଇ ଗଡ଼ କୁଜଙ୍ଗ ଜଗନ୍ନାଥ ମନ୍ଦିରରେ ମଧ୍ୟାହ୍ନ ଭୋଜନ କରିବା ପରେ ବାଲିତୁଠଠାରେ ରାତ୍ରି ରହଣୀ କରିବେ। ଆସନ୍ତାକାଲି ସକାଳ ୭ଟାରେ ପଦଯାତ୍ରା ଆରମ୍ଭ ହୋଇ ଅପରାହ୍ନ ୪ଟାରେ ଏରସମା ବ୍ଲକ ନିକଟରେ ଏକ ବିରାଟ ସାଧାରଣ ସଭାର ଆୟୋଜନ କରାଯାଇଛି। ଏହି ପଦଯାତ୍ରାରେ ୫ ଶହରୁ ଊର୍ଦ୍ଧ୍ୱ କଂଗ୍ରେସ କର୍ମୀ ଅଂଶଗ୍ରହଣ କରିଛନ୍ତି। ଏହି ପଦଯାତ୍ରାରେ ପୂର୍ବତନ ମନ୍ତ୍ରୀ ସୁର ରାଉତରାୟ, ଜାତୀୟ କଂଗ୍ରେସ ରାଜ୍ୟ ମହିଳାମୋର୍ଚ୍ଚା ସଭାପତି ମିନାକ୍ଷୀ ବାହିନୀପତି, ଜିଲ୍ଲା ସଭାପତି ଦେବ ପ୍ରସାଦ ନାୟକ, ଓଡିଶା ସେବା ଦଳ ମୁଖ୍ୟ ଶୁଭେନ୍ଦୁ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ସଭାପତି ରାଜୀବ ପଟ୍ଟନାୟକ, ବାଲିକୁଦା-ଏରସମା ପୂର୍ବତନ କଂଗ୍ରେସ ବିଧାୟକ ଲଲାଟେନ୍ଦୁ ମହାପାତ୍ର, ପାରାଦୀପ କଂଗ୍ରେସ ବିଧାୟକ ପ୍ରାର୍ଥୀ ନିରଞ୍ଜନ ନାୟକ, ତିର୍ତ୍ତୋଲ ବ୍ଲକ ସଭାପତି ସାଫିଁ ଆଜିମ, ପାରାଦୀପ ନଗର ସଭାପତି କେଦାର ନାଥ ବିଶ୍ୱାଳ, ରଘୁନାଥପୁର ବ୍ଲକ ସଭାପତି ଆର୍ତ୍ତତ୍ରାଣ ପଣ୍ଡା ଓ ବିରିଡି ବ୍ଲକ ସଭାପତି ବିଭୁ ପ୍ରସାଦ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ପ୍ରକଳ୍ପକୁ ସ୍ଥାନୀୟ ଅଞ୍ଚଳବାସୀ ସମର୍ଥନ ଦେଉଛନ୍ତି। ଏ ନେଇ ଢିଙ୍କିଆର ପୂର୍ବତନ ସରପଞ୍ଚ ଶିଶିର କୁମାର ମହାପାତ୍ର କହିଛନ୍ତି, ଯେତେ ସବୁ କମ୍ପାନୀ ପାରାଦୀପକୁ ଆସିଛନ୍ତି ସମସ୍ତେ ଶିଳ୍ପ ପ୍ରତିଷ୍ଠା ପରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦିଆଯାଇଛି। କିନ୍ତୁ ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ କମ୍ପାନୀ ପ୍ରକଳ୍ପ ଆରମ୍ଭ ନ କରିବା ପୂର୍ବରୁ ଢିଙ୍କିଆ ଚାରିଦେଶର ୧୫୦ ଜଣଙ୍କୁ ନିଯୁକ୍ତି ଦେଇସାରିଛି। ପ୍ରକଳ୍ପ ଆରମ୍ଭ ହେବା ପରେ ଆମ ଅଞ୍ଚଳର ବୈଷୟିକ ଡିଗ୍ରୀ ଧାରି ପିଲାଙ୍କୁ ନିଯୁକ୍ତି ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। କାରଖାନା ନ ହେବା ପୂର୍ବରୁ ଢିଙ୍କିଆ ଚାରି ଦେଶରେ ନିଜର ସିଏ୍‌ଆର ଫଣ୍ଡରେ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ କରିବା ସହ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ମହିଳା ସଶକ୍ତୀକରଣ, କୃଷକ ମାନଙ୍କୁ ଆତ୍ମ ନିର୍ଭରଶୀଳ ଆଦି କାମ କରି ଚାଲିଛି।





# କାଳ ସାଜିଲା କାଳନିଦ୍ରା

## ଆପାର୍ଟମେଣ୍ଟରେ ଲିଭିଗଲା ୩ ଜୀବନ ଦୀପ







ଭୁବନେଶ୍ୱର, ୬।୫ (ସମିସ): ବାସନ୍ତୀ ଭିଲ୍ଲା ଆପାର୍ଟମେଣ୍ଟର ଅଗ୍ନିକାଣ୍ଡ ଗୋଟିଏ ପରିବାରକୁ ଛାରଖାର କରିଦେଇଛି। ଏହି ଘଟଣା ଯେତିକି ହୃଦୟ ବିଦାରକ, ସେତିକି ସମ୍ବେଦନଶୀଳ। ବୃଦ୍ଧା ଜେଜେମା ଓ ଜେଜେବାପା ପ୍ରାଣ ହରାଇଥିବା ବେଳେ ଖରାଛୁଟି କାଟିବାକୁ ଆସିଥିବା ୧୦ ବର୍ଷୀୟା ନାତୁଣୀ ତେଜସ୍ୱିନୀ ମଧ୍ୟ ଏଥିରୁ ବାଦ୍ ପଡ଼ିନାହିଁ। ଇଲେକ୍ଟ୍ରୋନିକ ପ୍ୟାନେଲ ବ୍ଲାଷ୍ଟରୁ ବାହାରିଥିବା ନିଆଁ ଚତୁର୍ଥ ଶ୍ରେଣୀରେ ପଢୁଥିବା ତେଜସ୍ୱିନୀଙ୍କ ସ୍ୱପ୍ନକୁ ମାଟିରେ ମିଶାଇ ଦେଇଛି। ଝିଅକୁ ହରାଇ ବାପାମାଆ କାନ୍ଦୁଥିବା ବେଳେ ଗାଁ ଶ୍ମଶାନରେ ଗୋଟିଏ ପରିବାରର ୩ ସଦସ୍ୟଙ୍କ ଜୁଇ ଜଳିଛି। ଜେଜେ ବିଶ୍ୱନାଥ, ଜେଜେମା ସୁଲଭା ଓ ନାତୁଣୀ ତେଜସ୍ୱିନୀ ମୃତ୍ୟୁବରଣ କରିଛନ୍ତି। ଏଭଳି ଅଭାବନୀୟ ଘଟଣାରେ ୩ ଜଣଙ୍କୁ ହରାଇବା ପରେ ଷଢେଇଗଡ଼ ଗାଁ ଲୁହରେ ଭିଜିଛି।

### ଅଳ୍ପକେ ବର୍ତ୍ତିଗଲେ ୭ ବର୍ଷୀୟା ରାନୁ

ବିଶ୍ୱନାଥ ବେହେରାଙ୍କ ପୁଅ ରମେଶଙ୍କର ଝିଅ ତେଜସ୍ୱିନୀ ଚତୁର୍ଥ ଶ୍ରେଣୀରେ ପଢୁଥିଲେ। ସେହିପରି ବିଶ୍ୱନାଥଙ୍କ ଝିଅ ପ୍ରତିମାଙ୍କର ଝିଅ ରାନୁ ଦ୍ୱିତୀୟ ଶ୍ରେଣୀରେ ପଢୁଛନ୍ତି। ଖରାଛୁଟି ପାଇଁ ସ୍କୁଲ୍ ବନ୍ଦ ଥିବାରୁ ତେଜସ୍ୱିନୀ ଓ ରାନୁ ୪ ଦିନ ପୂର୍ବେ ବାସନ୍ତୀ ଆପାର୍ଟମେଣ୍ଟର ବିଶ୍ୱନାଥଙ୍କ ପାଖକୁ ବୁଲିବାକୁ ଆସିଥିଲେ। ମଙ୍ଗଳବାର ପୂର୍ବାହ୍ଣରେ ରାନୁ ତା'ର ମାଆ ପ୍ରତିମାଙ୍କୁ ଫୋନ୍ କରି ଭଲ ଲାଗୁନାହିଁ ବୋଲି କହିବା ସହ ଘରକୁ ଯିବାକୁ ଇଚ୍ଛା ପ୍ରକାଶ କରିଥିଲା। ଗତକାଲି ସନ୍ଧ୍ୟାରେ ପ୍ରତିମା ଆସି ରାନୁକୁ ଘରକୁ ନେଇ ଯାଇଥିଲେ। କିନ୍ତୁ ତେଜସ୍ୱିନୀ ଜେଜେ ଓ ଜେଜେମାଙ୍କ ପାଖରେ ରହିଥିଲା। ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ବିଶ୍ୱନାଥ ଓ ସୁଲଭାଙ୍କ ସହ ତେଜସ୍ୱିନୀ ମଧ୍ୟ ପ୍ରାଣ ହରାଇଥିଲା।

### ରକ୍ଷଣାବେକ୍ଷଣ ଅଭାବରୁ ଅଗ୍ନିକାଣ୍ଡ



ଅଗ୍ନିକାଣ୍ଡରେ ୩ଟି ମୂଲ୍ୟବାନ ଜୀବନ ଯିବାପରେ ତଦନ୍ତ ଆରମ୍ଭ କରିଥିଲା ଅଗ୍ନିଶମ ବାହିନୀ। ଆପାର୍ଟମେଣ୍ଟର ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବା ବେଳେ କୌଣସି ଉପକରଣ ମଧ୍ୟ ନଜରକୁ ଆସିନଥିଲା। ଓଭରଲୋଡିଂ ଓ ରକ୍ଷଣାବେକ୍ଷଣ ଅଭାବରୁ ସର୍ଟ ସର୍କିଟ ହୋଇ ଇଲେକ୍ଟ୍ରୋନିକ ପ୍ୟାନେଲ ବିସ୍ଫୋରଣ ହୋଇଥିଲା। ସେହିଠାରୁ ନିଆଁ ବ୍ୟାପି ଗୋଟିଏ ପରିବାରକୁ ଛାରଖାର କରି ଦେଇଥିଲା। ରାଜଧାନୀରେ ବିଭିନ୍ନ ଆପାର୍ଟମେଣ୍ଟରେ ବାରମ୍ବାର ଅଗ୍ନିକାଣ୍ଡ ଘଟୁଛି, କେଉଁଠି ଧନସମ୍ପତ୍ତି ନଷ୍ଟ ହେଉଛି ତ ଆଉ କେଉଁଠି ଜୀବନ ଯାଉଛି। ଏତେସବୁ ସତ୍ତ୍ୱେ ମଧ୍ୟ ଅଗ୍ନିଶମ ବିଭାଗ କେବଳ ତଦନ୍ତରେ ଅଟକି ଯାଉଥିବା ବେଳେ ଲୋକଙ୍କ ଭିତରେ ମଧ୍ୟ ଚେତା ପଶୁ ନାହିଁ।



06/05/2026 05:07



### ମରିଗଲା କି ମଣିଷପଣିଆ

ଇଲେକ୍ଟ୍ରୋନିକ ପ୍ୟାନେଲ ବୋର୍ଡ ବ୍ଲାଷ୍ଟ ହେବାପରେ ସିଲିଂ (ଥର୍ମକୁଲ)ରେ ନିଆଁ ଲାଗି ଯାଇଥିଲା। ସେହି ନିଆଁ ଧୀରେ ଧୀରେ ଯାଇ ବିଶ୍ୱନାଥଙ୍କ ଦୁଆର ମୁହଁରେ ପହଞ୍ଚିଥିଲା। କବାଟ ବାହାରେ ଥିବା ସାଇକେଲ, ତା'ର ଟାୟାର ଓ ଅନ୍ୟାନ୍ୟ ସାମଗ୍ରୀ ଜଳି ଯାଇଥିଲା। ଘର ଭିତରକୁ ଧୂଆଁ ପଶି ଅଣନିଶ୍ୱାସୀ କରିଦେବା ସହ ତାପମାତ୍ରା ବଢ଼ି ଯାଇଥିଲା। ଶୋଇଥିବା ବିଶ୍ୱନାଥ ଓ ତାଙ୍କ ପତ୍ନୀ ସୁଲଭା ହଠାତ୍ ଉଠି ଯାଇଥିଲେ। ନିଜେ ବଞ୍ଚିବା ସହ ନାତୁଣୀ ତେଜସ୍ୱିନୀକୁ ବଞ୍ଚାଇବାକୁ ପ୍ରାଣପଣେ ଚେଷ୍ଟା କରିଥିଲେ। ଜେଜେ, ଜେଜେମା ଓ ନାତୁଣୀ ଘରୁ ବାହାରିବା ବେଳକୁ ଦୁଆର ମୁହଁରେ ନିଆଁ ହାବୁଡ଼ରେ ପଡ଼ିଥିଲେ। ନିଆଁ ଲାଗି ତାଙ୍କ ଶରୀରର ବିଭିନ୍ନ ଅଂଶ ପୋଡ଼ି ଯାଇଥିଲେ ମଧ୍ୟ ସେମାନେ ହାର୍ ମାନି ନ ଥିଲେ। ନିଜେ ସୁରକ୍ଷିତ ରହିବା ସହ ଆପାର୍ଟମେଣ୍ଟ ବାସୀଙ୍କୁ ବଡ଼ ବିପତ୍ତିରୁ ରକ୍ଷା କରିବାକୁ ୩ ଜଣ ଯାକ ଉପର ମହଲାକୁ ଚଢ଼ି ଯାଇଥିଲେ। ସୁଲଭା ପାହାଚରେ ପଡ଼ି ଯାଇଥିବା ବେଳେ ଜେଜେ ଓ ନାତୁଣୀ ଜଣଙ୍କ ଫ୍ଲାଟ୍ ଆଗକୁ ଯାଇ କବାଟ ବାଡ଼େଇ ଥିଲେ। ଜୀବନ ବଞ୍ଚାଇବାକୁ ଅନେକ ସମୟ ଧରି କବାଟ ବାଡ଼େଇବା ପରେ ବିଶ୍ୱନାଥ ଅଚେତ ହୋଇପଡ଼ିଥିଲେ। ଏହାପରେ ୧୦ ବର୍ଷୀୟା ନାତୁଣୀ ତେଜସ୍ୱିନୀ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଚିତ୍କାର କରିଥିଲେ ମଧ୍ୟ କେହି ଶୁଣିନଥିଲେ। ଅଗ୍ନିଶମ ବାହିନୀ ପହଞ୍ଚିବା ବେଳକୁ ସୁଲଭା ପାହାଚରେ ଟଳି ପଡ଼ିଥିବା ବେଳେ ବିଶ୍ୱନାଥ କବାଟ ମୁହଁରେ ପଡ଼ିଥିବା ଦେଖିବାକୁ ପାଇଥିଲେ। କାନ୍ଦୁଥିବା ନାତୁଣୀ ସହିତ ବିଶ୍ୱନାଥ ଓ ପତ୍ନୀ ସୁଲଭାଙ୍କୁ ଡାକ୍ତରଖାନା ପଠାଇଥିଲେ। ହେଲେ ସେମାନଙ୍କ ସାଙ୍ଗରେ ଆପାର୍ଟମେଣ୍ଟର କୌଣସି ବାସିନ୍ଦା ଡାକ୍ତରଖାନାକୁ ଯାଇନଥିଲେ।

# ଜମିବିକ୍ରି ଆଳରେ ୨୫ ଲକ୍ଷ ଠକେଇ; ଜଣେ ଗିରଫ

ଭୁବନେଶ୍ୱର, ୬।୫ (ସମିସ): ଜମି ବିକ୍ରି ଆଳରେ ୨୫ ଲକ୍ଷ ଟଙ୍କା ଠକି ନେଇଥିବା ଅଭିଯୋଗରେ ଜଣକୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବିଡ଼ାନାସୀ ଥାନା ମଧୁସୂଦନ ନଗରର ବିକାଶ ଚନ୍ଦ୍ର ପଣ୍ଡା (୫୬)।

ପୁଲିସ ସୂଚନାନୁସାରେ, ସେଲିଆ ବାଗ୍ ମଧ୍ୟସ୍ଥି ଆଲୋକ ବରିଶଲ ଓ ଜାପାନୀ ଶ୍ରୀଚନ୍ଦନ ସହ କଥାବାର୍ତ୍ତା ହେବାପରେ ମଳିପଡ଼ାରେ ଥିବା ଏକ ଜମି କିଣିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ। ଉକ୍ତ ଜମିଟି କେନ୍ଦ୍ରାପଡ଼ା ଜିଲ୍ଲାର ପ୍ରମିଳା ପାଣିଗ୍ରାହୀଙ୍କ ମାଲିକାନାରେ ଥିବା ମଧ୍ୟସ୍ଥିମାନେ ଦର୍ଶାଇଥିଲେ। ଆଲୋଚନା ସମୟରେ ବିକାଶ ଚନ୍ଦ୍ର ପଣ୍ଡା ନାମକ ନିଜକୁ ଜମି ମାଲିକଙ୍କ ଭାଇ ବୋଲି ପରିଚୟ ଦେଇ ଜମି ସମ୍ବନ୍ଧୀୟ କାଗଜପତ୍ରର ଜେରକ୍ସ କପି ଦେଖାଇ ବିଶ୍ୱାସ ସୃଷ୍ଟି କରିଥିଲେ। ସେଲିଆ ସେମାନଙ୍କ କଥାକୁ ବିଶ୍ୱାସ କରି ଆଗକୁ ବଢ଼ିବା ପରେ କୋଟିଏ ୨୬ ଲକ୍ଷ ୯୩ ହଜାର ଟଙ୍କା ଧାର୍ଯ୍ୟ ହେବା ସହ ଚୁକ୍ତିନାମା ହୋଇଥିଲା। ଚୁକ୍ତି ଅନୁଯାୟୀ, ସେଲିଆ ଗତ ଜାନୁଆରୀ ୨ ତାରିଖ ଦିନ ଅଗ୍ରୀମ ବାବଦକୁ ଜମି ମାଲିକ ପ୍ରମିଳାଙ୍କ ଆକାଉଣ୍ଟକୁ ୧୦ ଲକ୍ଷ ଓ ତାଙ୍କ ଭାଇ ବୋଲି ପରିଚୟ ଦେଇଥିବା ବିକାଶ ଆକାଉଣ୍ଟକୁ ୧୫ ଲକ୍ଷ ଟଙ୍କା ପଠାଇଥିଲେ। ଅଗ୍ରୀମ ଟଙ୍କା ନେବା ପରେ ଅଭିଯୁକ୍ତମାନେ



ଚୁକ୍ତି ଅନୁଯାୟୀ କୌଣସି କାର୍ଯ୍ୟ କରିନଥିଲେ। ସେମାନେ ମୂଳ ଜମି କାଗଜପତ୍ର ଯାଞ୍ଚ ପାଇଁ ଦେଇନଥିଲେ କି ନିର୍ଦ୍ଧାରିତ ସମୟ ମଧ୍ୟରେ ବିକ୍ରି ଦଲିଲ କରିବାକୁ କୌଣସି ପଦକ୍ଷେପ ନେଇନଥିଲେ। ସେଲିଆ ବାରମ୍ବାର ଯୋଗାଯୋଗ କରିବାରୁ ବିକାଶ ତାଙ୍କୁ ଭୟଙ୍କର ପରିଣାମ ଦେବାକୁ ଧମକ ଦେଇଥିଲେ। ଅଭିଯୁକ୍ତମାନେ ମିଥ୍ୟା ବାହାନା ଦେଖାଇ ୨୫ ଲକ୍ଷ ଟଙ୍କା ଠକି ନେଇଥିବା ସେ ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମଙ୍ଗଳବାର ବିକାଶକୁ ଗିରଫ କରିବା ସହ ପ୍ରାସଙ୍ଗିକ କାଗଜପତ୍ର ଜବତ କରିଛି ପୁଲିସ।

■ ରାପିଡ଼ୋ ବୟର ଉନ୍ମତ୍ତ କାଣ୍ଡ

# ଯୁବତୀଙ୍କୁ ବ୍ଲାକମେଲ୍; ଘରେ ପଶି ଖଣ୍ଡା ବୁଲାଇଲା

ଭୁବନେଶ୍ୱର, ୬।୫ (ସମିସ): ରାପିଡୋ ବାଇକରେ ଯିବାଆସିବା ବେଳେ ପରିଚୟ ହେଲା। ଅଜଣା ପରିଚୟରୁ ଆରମ୍ଭ ହୋଇଥିବା ସମ୍ପର୍କ ପରବର୍ତ୍ତୀ ସମୟରେ ପ୍ରେମର ରୂପ ନେଲା। ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ମଧ୍ୟ ରଖିଲା। ହେଲେ ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ରଖି ବ୍ଲାକମେଲ୍ କଲା। ଯୁବତୀ ଜଣକ ମୁହଁ ଫେରାଇ ନେବାରୁ ଘରେ ପଶି ଖଣ୍ଡା ବୁଲାଇଲା। ଏଭଳି କାଣ୍ଡ ଭିଆଇଥିବା ରାପିଡୋ ବୟକୁ ଗିରଫ କରିଛି ସହିଦନଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି, କଣାସ ବଜାରର ଅଭିଷେକ ଦାସ (୨୯)।

ପୁଲିସ ସୂଚନାନୁସାରେ, ଭିଏସ୍‌ଏସ୍ ନଗରରେ ରହୁଥିବା ଜଣେ ଯୁବତୀ ୨ ବର୍ଷ ପୂର୍ବେ ରାପିଡୋ ବୁକ୍ କରିଥିବା ବେଳେ ଅଭିଷେକ ବାଇକ୍ ନେଇ ଆସିଥିଲା। ପରେ ମୋବାଇଲ ନମ୍ବର ଦିଆନିଆ ହେବା ସହ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଅଭିଷେକ ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲା। ଆଉ ଯୁବତୀଙ୍କ ଅଜାଣତରେ ଆପତ୍ତିଜନକ ଫଟୋ ସଂଗ୍ରହ କରି ନେଇଥିଲା। ପରବର୍ତ୍ତୀ ସମୟରେ ସେହି ଫଟୋକୁ ବ୍ୟବହାର କରି ବ୍ଲାକମେଲ୍ କରିବା ଆରମ୍ଭ କରିଥିଲା। ଫଟୋ ଭାଇରାଲ କରିବାର ଧମକ ଦେଇ ଲକ୍ଷାଧିକ ଟଙ୍କା ଦାବି କରିଥିଲା। ଯୁବତୀ ଜଣକ ଦୂରେଇବାକୁ ଚେଷ୍ଟା କରିବାରୁ ରାସ୍ତା ଘାଟରେ ହଇରାଣ କରିଥିଲା। ଅଭିଷେକର ଏପରି କାରନାମାରେ ଅତିଷ୍ଠ ହୋଇ ଯୁବତୀ ଜଣକ ମଞ୍ଚେଶ୍ୱର ଥାନାରେ ଏତଲା ଦେଇଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ଆପୋଷ ବୁଝାମଣା ହେବା ସହ ଭବିଷ୍ୟତରେ କେହି କାହାରି ଯୋଗାଯୋଗରେ ରହିବେ ନାହିଁ ବୋଲି ସ୍ଥିର ହୋଇଥିଲା।

ହେଲେ ଅଭିଷେକ ପୁଣିଥରେ ଯୁବତୀଙ୍କୁ ହଇରାଣ କରିବା ଆରମ୍ଭ କରିଥିଲା। ରାତିରେ ଘର ନିକଟକୁ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ କରିବା ସହ ଘର ଉପରକୁ ଟେକାପଥର ମାଡ଼ କରିଥିଲା। ଏମିତିକି ସେ ଚାକିରି କରିଥିବା ଅଫିସକୁ ଯାଇ ଗଣ୍ଡଗୋଳ କରିଥିଲା। ଗତକାଲି ରାତି ଅଧରେ ଅଭିଷେକ ଖଣ୍ଡା ଧରି ଯୁବତୀଙ୍କ ଘରକୁ ପଶି ଯୁବତୀ ଓ ତାଙ୍କ ଭଉଣୀ ହତ୍ୟା କରିବାକୁ ଧମକ ଦେଇଥିଲା। ଏଥିସହିତ ତାଙ୍କ ମୋବାଇଲକୁ ଚୋରି କରି ନେଇଥିଲା। ଏନେଇ ଯୁବତୀ ଜଣକ ସହିଦନଗର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ବୁଧବାର ଅଭିଷେକକୁ ଗିରଫ କରିବା ସହ ମୋବାଇଲ୍ ଫୋନ୍ ଓ ଖଣ୍ଡା ଜବତ କରିଛି।

ଦୋକାନ ଘରଭଡ଼ାକୁ କେନ୍ଦ୍ରକରି ତୁମୁଳକାଣ୍ଡ

# ମାଲିକଙ୍କ ପୁଅକୁ ଗୋଡ଼େଇ ଆକ୍ରମଣ

ଧଉଳି,୬।୫(ସମିସ): ଦୋକାନ ଘର ଭଡାକୁ କେନ୍ଦ୍ର କରି ଧଉଳି ଥାନା ଉତ୍ତରା ଛକରେ ମାଲିକଙ୍କ ପୁଅକୁ ବିଚ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିଛନ୍ତି ଦୁର୍ବୃତ୍ତ। ଖବରନେବାରେ ଜଣାପଡିଛି କୁଶୁପଦା ଗ୍ରାମର କୃଷ୍ଣ ଚନ୍ଦ୍ର ପ୍ରଧାନ ଉତ୍ତରାରେ ଥିବା ନିଜ ଦୋକାନକୁ ୨୦୦୯ରୁ ପିପିଲି ଥାନା ଫୁଲପାଳ ଗ୍ରାମର ଗୌତମ ପ୍ରଧାନ ଓରଫ ବନା(ବର୍ତ୍ତମାନ ଉତ୍ତରାରେ ଘର କରି ରହିଛନ୍ତି)ଙ୍କୁ ଭଡା ସୂତ୍ରରେ ଦେଇଥିଲେ। ଏହି ଦୋକାନ ଭଡା ନିମନ୍ତେ ମାଲିକ କୃଷ୍ଣଚନ୍ଦ୍ର ଏବଂ ବନାଙ୍କ ମଧ୍ୟରେ ଏକ ଚୁକ୍ତି ହୋଇଥିଲା। ବନା ସେଠାରେ ମିଠା ଓ ଜଳଖିଆ ଦୋକାନ କରିଥିଲେ। ମାତ୍ର ଗତ ୩୧ ଜାନୁୟାରୀ ୨୦୨୨ମାସରୁ ତାଙ୍କର ଚୁକ୍ତି ଶେଷ ହୋଇଥିଲା। ଚୁକ୍ତିନାମାର ଅବଧି ସରିଥିବାରୁ କୃଷ୍ଣଚନ୍ଦ୍ର ଦୋକାନ ଘର ଛାଡିବାକୁ ବନାଙ୍କୁ କହିଥିଲେ। ମାତ୍ର ବନା ଦିନ ଗଡ଼ଉଥିଲେ। ଫଳରେ କୃଷ୍ଣଚନ୍ଦ୍ର ଧଉଳି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ତଦନ୍ତ କରିଥିବା ବେଳେ ବନାଙ୍କୁ ଥାନାକୁ ଡାକିଥିଲେ। ସେଠାରେ ଉଭୟଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଥିଲା। ମାତ୍ର ଦୋକାନ ଘର ଛାଡିନଥିଲେ। ଏମିତି ଦିନ ପରେ ଦିନ ଗଡାଇ ଗଡାଇ ୪ ବର୍ଷ ବିତି ଯାଇଥିଲା। ମାତ୍ର ବନା ଦୋକାନ ଛାଡି ନଥିଲେ। ଏଭଳି ବାରମ୍ବାର ଥାନାରେ ଅଭିଯୋଗ ହୁଏ। ପୁଣି ଆପୋଷ ସମାଧାନ ହୋଇଥାଏ। ଶେଷରେ ଚଳିତ ବର୍ଷ ଜାନୁୟାରୀ ମାସରେ ଛାଡିବ ବୋଲି ଥାନା ପୁଲିସରେ ଉପସ୍ଥିତରେ କହିଥିଲା। ମାତ୍ର ଏହି ସମୟରେ ମଧ୍ୟ ଘର ଛାଡି ନଥିଲା। ଫଳରେ କୃଷ୍ଣଚନ୍ଦ୍ର ପୁନର୍ବାର ଫେବୃଆରୀ ମାସରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ବନାକୁ ପୁଣି ଡାକିଥିଲେ। ବନା ସେଇ ପୁରୁଣା କଥା ଆଉ ୨ ମାସ ପରେ ଅର୍ଥାତ ଏପ୍ରିଲ ୭ ତାରିଖରେ ଦୋକାନ ଘର ଛାଡିବେ। ମାତ୍ର ଏଥିରେ ମଧ୍ୟ ବନା ବ୍ୟତିକ୍ରମ ଦେଖାଇଥିଲେ। ଫଳରେ ବୁଧବାର ସନ୍ଧ୍ୟାରେ କୃଷ୍ଣ ଚନ୍ଦ୍ରଙ୍କ ପୁଅ ଦେବାଶିଷ ଓରଫ ବାପୁନି ଏହି ଘଟଣାକୁ ନେଇ ବନାଙ୍କୁ କହିଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ବନା ଓ ତାଙ୍କ ଭାଇ ଲକ୍ଷ୍ମୀଧର ଓରଫ ଅନା ଏବଂ କିଛି ଭଡାଟିଆ ଗୁଣ୍ଡା ତାଙ୍କୁ ଆକ୍ରମଣ କରିଥିଲେ। ବାସ୍କେଟ ବଲ ବ୍ୟାଟ ଏବଂ ଖଣ୍ଡାରେ ଆକ୍ରମଣ କରିଥିଲେ। ଫଳରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ରାସ୍ତାରେ ପଡ଼ିଥିବା ବେଳେ ପରିବାର ଲୋକେ ତୁରନ୍ତ ଚିକିତ୍ସା ନିମନ୍ତେ ତାଙ୍କୁ ପ୍ରଥମେ ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ ରାଜଧାନୀ ଓ ପରେ ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତରିତ କରିଥିଲେ। ପୁଲିସ ଅଭିଯୋଗ ପାଇ ବନାକୁ ଅଟକ ରଖି ପଚରାଉଚରା କରିଥିବା ବେଳେ ଅନ୍ୟମାନେ ଫେରାର ହୋଇଛନ୍ତି।

# ଗାଈ ପାଣି ପିଇବାକୁ କେନ୍ଦ୍ରକରି ମହିଳାଙ୍କୁ ଆକ୍ରମଣ

ଭୁବନେଶ୍ୱର, ୬।୫ (ସମିସ): ଗାଈ ପାଣି ପିଇବାକୁ ନେଇ ଆରମ୍ଭ ହୋଇଥିବା ବିବାଦରୁ ମହିଳାଙ୍କୁ ଆକ୍ରମଣ ହୋଇଛି। ଚୁଡ଼ଙ୍ଗଗଡ଼ରେ ଘଟିଥିବା ଏହି ଘଟଣାରେ ଜଣଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାଘରାଇ ସୋରେନ (୬୪)। ପୁଲିସ ସୂଚନାନୁସାରେ, ବାସନ୍ତୀ ସୋରେନ ଓ ବାଘରାଇ ଗୋଟିଏ ଗାଁର ବସିନ୍ଦା। ବୁଧବାର ସକାଳ ସମୟରେ ବାଘରାଇ ଗାଈ ଚରାଇବା ପାଇଁ ଯାଉଥିବା ବେଳେ କିଛି ଗାଈ ବାସନ୍ତୀଙ୍କ ଘର ପରିସରରେ ପଶି ଏକ ପାତ୍ରରେ ଥିବା ପାଣି ପିଇ ଦେଇଥିଲେ। ଏନେଇ ବାସନ୍ତୀ ପଚାରିବାରୁ, ବାଘରାଇ ତାଙ୍କୁ ଗାଳିଗୁଲଜ କରିବା ସହ କାଠ ଫାଳିଆରେ ଆକ୍ରମଣ କରିଥିଲା। ଫଳରେ ତାଙ୍କ ମୁଣ୍ଡ ଓ ମୁହଁରେ ଗୁରୁତର ଆଘାତ ଲାଗି ପ୍ରବଳ ରକ୍ତସ୍ରାବ ହୋଇଥିଲା। ବାସନ୍ତୀଙ୍କ ସ୍ୱାମୀ ହସ୍ତକ୍ଷେପ କରିବାକୁ ଯାଇଥିବା ବେଳେ ବାଘରାଇ ତାଙ୍କୁ ମଧ୍ୟ ଆକ୍ରମଣ କରିଥିଲେ। ପାଟିତୁଣ୍ଡ ଶୁଣି ଗ୍ରାମବାସୀମାନେ ଘଟଣାସ୍ଥଳକୁ ଆସିବାରୁ ଅଭିଯୁକ୍ତ ସେଠାରୁ ପଳାଇଯାଇଥିଲେ। ବାସନ୍ତୀଙ୍କୁ ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଷୋଳମା ସୋରେନ ଏନେଇ ଚନ୍ଦକା ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ବାଘରାଇକୁ ଗିରଫ କରିବା ସହ କାଠ ଫାଳିଆ ଜବତ କରିଥିଲା।

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପରିଦର୍ଶନ କଲେ ଆଇଏଏସ ପ୍ରଶିକ୍ଷାର୍ଥୀ

ଭୁବନେଶ୍ୱର,୬।୫(ସମିସ): ୨୦୨୫ ବ୍ୟାଚ୍ ଓଡ଼ିଶା କ୍ୟାଡରର ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ପ୍ରଶିକ୍ଷାର୍ଥୀମାନେ ଆଜି ଭୁବନେଶ୍ୱରସ୍ଥିତ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ (ସିଇଓ) କାର୍ଯ୍ୟାଳୟ ପରିଦର୍ଶନ କରିଛନ୍ତି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଆର.ଏସ୍. ଗୋପାଳନ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ସେ ନିର୍ବାଚନ ପାଇଁ କରାଯାଉଥିବା ରଣନୀତି, ଭୋଟର ତାଲିକା ପଞ୍ଜୀକରଣ ପ୍ରକ୍ରିୟା, ଇଭିଏମ୍ ଓ ଭିଭିପାଟ୍ ପରିଚାଳନା ଏବଂ କିଭଳି ଅବାଧ ଓ ନିରପେକ୍ଷ ନିର୍ବାଚନ ପରିଚାଳନା ଆଦି ବିଷୟରେ ଅଧିକାରୀମାନଙ୍କୁ ଅବଗତ କରାଇଥିଲେ। ଏହି ବୈଠକରେ ଅତିରିକ୍ତ ସିଇଓ ସୁଶାନ୍ତ କୁମାର ମିଶ୍ର, ଯୁଗ୍ମ ସିଇଓ ଗୋପୀନାଥ କୁଅଁର, ବିତ୍ତ ପରାମର୍ଶଦାତା ସଞ୍ଜୟ କୁମାର ଲୁଗୁନ,ଡେପୁଟି ସିଇଓ ଡ. ଲକ୍ଷ୍ମୀପ୍ରସାଦ ସାହୁ,ଡେପୁଟି ସିଇଓ ଅନାମିକା ସିଂ ପ୍ରମୁଖ ଉପସ୍ଥିତ ଥିଲେ।

୧୪ ବର୍ଷରେ ଆସିଲା ଯୌତୁକ ମୃତ୍ୟୁ ମାମଲା

# ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ସ୍ୱାମୀଙ୍କୁ ୧୦ ବର୍ଷ ଜେଲ୍

■ ୪୦ ହଜାର ଜରିମାନା ଆଦେଶ
■ ଓଜେଏସ୍ ପରୀକ୍ଷା ପୂର୍ବରୁ ଆତ୍ମହତ୍ୟା କରିଥିଲେ ମହିଳା

ଭୁବନେଶ୍ୱର, ୬।୫ (ସମିସ): ପୁରୁଣା ଭୁବନେଶ୍ୱର ଅଞ୍ଚଳରେ ଘଟିଥିବା ଯୌତୁକ ମୃତ୍ୟୁ ମାମଲାର ରାୟ ୧୪ ବର୍ଷ ପରେ ପ୍ରକାଶ ପାଇଛି। ଭୁବନେଶ୍ୱର ସ୍ଥିତ ତୃତୀୟ ଅତିରିକ୍ତ ଜିଲ୍ଲା ରୋଜଜର ବିଚାରପତି ହିମାଂଶୁ ଶେଖର ମଲ୍ଲିକ ମାମଲାର ବିଚାର କରି ଆତ୍ମହତ୍ୟା ପାଇଁ ପ୍ରବର୍ତ୍ତାଇଥିବା ଆସାମୀ ତଥା ସ୍ୱାମୀ ଦିଲ୍ଲୀପ କୁମାର ଜେନାକୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

ପୁଲିସ ସୂଚନାନୁସାରେ, ଗୌରାଙ୍ଗ ଚନ୍ଦ୍ର ନାୟକଙ୍କ ଝିଅ ପୂର୍ଣ୍ଣିମା ରାଣୀ ଜେନା ୨୦୦୬ ମସିହାରେ ଦିଲ୍ଲୀପଙ୍କୁ ବିବାହ କରିଥିଲେ। ସେମାନଙ୍କର ଦୁଇଟି ଯାଆଁଳା ଝିଅ ଥିବାବେଳେ ବ୍ରହ୍ମେଶ୍ୱରପାଟଣାରେ ଥିବା ଶ୍ୱଶୁର ଘରେ ରହି ଆସୁଥିଲେ। ପୂର୍ଣ୍ଣିମା ମେଧାବୀ ଛାତ୍ରୀ ହୋଇଥିବା ବେଳେ ଲ' ପରେ ଓଜେଏସ୍ ପରୀକ୍ଷା ଦେବାପାଇଁ ନିଜକୁ ପ୍ରସ୍ତୁତ କରୁଥିଲେ। ହେଲେ ପୂର୍ବରୁ ଶ୍ୱଶୁର ଘର ଲୋକ ଓ ସ୍ୱାମୀ ଦିଲ୍ଲୀପ ଯୌତୁକ ବାବଦକୁ ବିପୁଳ ପରିମାଣର ଟଙ୍କା ଦାବି କରି ନିୟମିତ ଭାବେ ପୂର୍ଣ୍ଣିମାଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଇ ଆସୁଥିଲେ। ୨୦୧୨ ମସିହା ଜୁନ୍ ୫ ତାରିଖରେ ପୂର୍ଣ୍ଣିମା ଓଜେଏସ୍ ପରୀକ୍ଷା ଦେବାର ଥିଲା। ହେଲେ ଠିକ୍ ଏହାର ଦିନକ ପୂର୍ବରୁ ଅର୍ଥାତ୍ ଜୁନ୍ ୪ ତାରିଖ ଭୋରରୁ ପୂର୍ଣ୍ଣିମା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ। ଜ୍ୱାଇଁ ଦିଲ୍ଲୀପ ଠାରୁ ଖବରପାଇ ଗୌରାଙ୍ଗ ସେଠାରେ ପହଞ୍ଚିବା ବେଳକୁ ପୂର୍ଣ୍ଣିମାଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ପାଇଥିଲେ। ଦିଲ୍ଲୀପ, ତାଙ୍କ ବାପାମାଆ, ଭାଇ ଓ ଭାଉଜ ମିଶି ତାଙ୍କ ଝିଅକୁ ହତ୍ୟା କରି ମୃତଦେହକୁ ଟାଙ୍ଗି ଦେଇଥିବା ଗୌରାଙ୍ଗ ମହିଳା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ମହିଳା ଥାନା ପୁଲିସ କେସ୍ ନଂ- ୨୫୦/୧୨ ରେ ଦଫା ୪୯୮-ଏ, ୩୦୪-ବି, ୩୦୨,୩୪ ଆଇପିସି ଓ ଯୌତୁକ ନିରୋଧ ଆଇନ ଧାରା ୪ ଆକ୍ଟରେ ମାମଲା ରୁଜୁ କରିଥିଲା। ତତ୍କାଳୀନ ସବ୍ ଇନ୍ସପେକ୍ଟର ତଥା ବର୍ତ୍ତମାନର ସୋନପୁର ଏସଡିପିଓ କଲ୍ୟାଣୀ ବେହେରା ଘଟଣାର ତଦନ୍ତ କରି ସ୍ୱାମୀ ଦିଲ୍ଲୀପକୁ ଗିରଫ କରିବା ସହ ପରିବାର ବିରୋଧରେ ଚାର୍ଜସିଟ୍ ଦାଖଲ କରିଥିଲେ।

ଅଦାଲତ ଘଟଣା ସହିତ ସଂପୃକ୍ତ ୧୮ ଜଣ ସାକ୍ଷୀଙ୍କ ଜମାନବନ୍ଦୀ ଓ ୧୧ଟି ଦସ୍ତାବିଜ ଆଧାରରେ ମାମଲାର ବିଚାରକରି ଦିଲ୍ଲୀପକୁ ଆଇପିସି ଦଫା ୩୦୪-ବି/୩୪ ଆଧାରରେ ୧୦ ବର୍ଷର ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ସେହିପରି ଧାରା ୪୯୮-ଏ ଅନୁଯାୟୀ ୩ ବର୍ଷର ସଶ୍ରମ କାରାଦଣ୍ଡ ସହିତ ୨୦ ହଜାର ଟଙ୍କା ଜୋରିମନା ଓ ଧାରା-୪୦୬ ଆଧାରରେ ୩ ବର୍ଷର ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜୋରିମନା ଆଦେଶ ଦେଇଛନ୍ତି। ସେହିଭଳି ପ୍ରତ୍ୟେକ ଜୋରିମନା ଅନାଦେୟ କ୍ଷେତ୍ରରେ ଅତିରିକ୍ତ ୬ ମାସ ଲେଖାଏଁ ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ଏହା ବ୍ୟତୀତ ଦଫା -୪ ଯୌତୁକ ନିଷିଦ୍ଧ ଆଇନ ଅନୁଯାୟୀ ୧ ବର୍ଷର ସଶ୍ରମ କାରାଦଣ୍ଡ ଶୁଣାଇଛନ୍ତି। ସମସ୍ତ ଦଣ୍ଡବିଧାନ ଏକାସଙ୍ଗେ ଲାଗୁ କରିବାକୁ ଅଦାଲତ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ଅତିରିକ୍ତ ପବ୍ଲିକ୍ ପ୍ରୋସିକ୍ୟୁଟର ଶୁଭଶ୍ରୀ ଜେନା ସରକାରଙ୍କ ପକ୍ଷରୁ ଏହି ମାମଲାକୁ ପରିଚାଳନା କରୁଥିଲେ।



# ସିଟି କଟକ

## ମା' ବୁଢ଼ୀ ଠାକୁରାଣୀଙ୍କ ବାର୍ଷିକ ଉତ୍ସବ ସମ୍ପନ୍ନ



କଟକ,୬।୫(ସମିସ): କଟକ ମହାନଗର ନିଗମ ୩୩ନଂ ୱାର୍ଡ ଅନ୍ତର୍ଗତ କାଳିଗଳି ପୂଜା କମିଟି ପକ୍ଷରୁ ମା' ବୁଢ଼ୀଠାକୁରାଣୀଙ୍କ ନବମ ବାର୍ଷିକ ଉତ୍ସବ ଅତ୍ୟନ୍ତ ଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଏହି ଅବସରରେ କଳସ ଶୋଭାଯାତ୍ରା, ମହାଯଜ୍ଞର ପୂର୍ଣ୍ଣାହୁତି ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ଉତ୍ସବର ଅନ୍ୟତମ ମୁଖ୍ୟ ଆକର୍ଷଣ ଭାବେ ନୂତନ ଲକ୍ଷ୍ମୀ ମୂର୍ତ୍ତି ପ୍ରତିଷ୍ଠା କରାଯାଇଥିବା ବେଳେ ମା'ଙ୍କର ଭବ୍ୟ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ଜମିଥିଲା। ଶେଷ ସନ୍ଧ୍ୟାରେ ଆୟୋଜିତ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ପରିବେଶକୁ ଭକ୍ତିମୟ କରିଥିଲା। ଉକ୍ତ କାର୍ଯ୍ୟକ୍ରମରେ କଟକ-ବାରବାଟୀ ବିଧାୟିକା ସୋଫିଆ ଫିର୍ଦୌସ, ମେୟର ସୁବାସଚନ୍ଦ୍ର ସିଂହ, ମହାନଗର ଶାନ୍ତି କମିଟି ସଭାପତି ଦେବେନ୍ଦ୍ର ନାଥ ସାହୁ, ସମ୍ପାଦକ ଭିକାରି ଦାସ ଏବଂ ସ୍ଥାନୀୟ କର୍ପୋରେଟର ସତ୍ୟରଞ୍ଜନ ତ୍ରିପାଠୀ (ଚନ୍ଦନ) ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏଥିସହ ଉତ୍କଳ ମହାନ୍ତି, ଶ୍ରୀମତୀ ଦାସ, ସ୍ମୃତି ପଟ୍ଟନାୟକ ଓ ପୂଜା କମିଟିର ସଭାପତି ପ୍ରଭାତ କୁମାର ତ୍ରିପାଠୀ, ସମ୍ପାଦକ ବିଶ୍ୱନାଥ ଶତପଥୀ ପ୍ରମୁଖ ଉପସ୍ଥିତ ରହି ମା'ଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ବୁଢ଼ୀଠାକୁରାଣୀ କାଳିଗଳି ଯୁବକ ସଂଘର ଚତୁର୍ଥ ବାର୍ଷିକ ପୂରଣ ହୋଇଥିବା ବେଳେ ସଂଘର ସଭାପତି ତପନ କୁମାର ଦାସ, ସମ୍ପାଦକ ଜ୍ଞାନେଶ ବିଶ୍ୱାଳ ଏବଂ କର୍ମକର୍ତ୍ତାମାନେ ଉତ୍ସବକୁ ସୁଚାରୁରୂପେ ପରିଚାଳନା କରିଥିଲେ।

## ଅଦାଳତଙ୍କ ତାଗିଦ ସତ୍ତ୍ୱେ ସୁଧୁରୁନି ସ୍ଥିତି

# କାଠଯୋଡ଼ି ଓ ମହାନଦୀ ପଠା ଏବେ ଆବର୍ଜନା କୁଣ୍ଡ

କଟକ,୬।୫(ସମିସ):



ଐତିହାସିକ କଟକ ସହରର ଜୀବନରେଖା କୁହାଯାଉଥିବା ମହାନଦୀ ଓ କାଠଯୋଡ଼ି ନଦୀଶଯ୍ୟା ଏବେ ସଙ୍କଟରେ। ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ଏବଂ ମାନ୍ୟବର ହାଇକୋର୍ଟଙ୍କ ବାରମ୍ବାର ତାଗିଦ ଓ କଡ଼ା ନିର୍ଦ୍ଦେଶ ସତ୍ତ୍ୱେ ନଦୀ ପଠାରେ ବେଧଡ଼କ ଭାବେ ଆବର୍ଜନା ପକାଯାଉଛି। ବିଶେଷ କରି ସହରର ବିଭିନ୍ନ ପ୍ରାନ୍ତରୁ ବାହାରୁଥିବା କଂକ୍ରିଟ ବର୍ଜ୍ୟବସ୍ତୁ ଓ ପ୍ଲାଷ୍ଟିକ ଅଳିଆରେ ନଦୀ କୂଳ ପୋତି ହେବାକୁ ବସିଲାଣି। ସବୁଠାରୁ ଆଶ୍ଚର୍ଯ୍ୟଜନକ ବିଷୟ ହେଉଛି, କେବଳ ବେସରକାରୀ ଗାଡ଼ି ନୁହେଁ, ବରଂ କଟକ ମହାନଗର ନିଗମର ଗାଡ଼ିଗୁଡ଼ିକ ମଧ୍ୟ ନଦୀ ପଠାରେ ଅଳିଆ ପକାଉଥିବା ସ୍ଥାନୀୟବାସିନ୍ଦା ଅଭିଯୋଗ କରିଛନ୍ତି। ଯୋବ୍ରା, ହାଡ଼ିଆପଠା ଓ ଗଡ଼ଗଡ଼ିଆ ପଠା ନିକଟରେ ଏଭଳି ଦୃଶ୍ୟ ସାଧାରଣ ହୋଇଗଲାଣି। ଗ୍ରୀନ ଟ୍ରିବ୍ୟୁନାଲଙ୍କ ନିୟମ ଅନୁସାରେ, ନଦୀପଠାର ୫୦ ମିଟର ପରିଧି ମଧ୍ୟରେ କୌଣସି ପ୍ରକାର କଠିନ କିମ୍ବା ତରଳ ବର୍ଜ୍ୟବସ୍ତୁ ପକାଇବା ସମ୍ପୂର୍ଣ୍ଣ ନିଷେଧ। ମାତ୍ର ପ୍ରଶାସନର ଆଖିବୁଜା ନୀତି ଯୋଗୁଁ ଏହି ନିୟମ କେବଳ କାଗଜକଲମରେ ସୀମିତ ରହିଛି। ନଦୀଶଯ୍ୟାରେ ଅଳିଆ ପକାଇବା ଓ ପରବର୍ତ୍ତୀ ସମୟରେ ସେଗୁଡ଼ିକୁ ସେଠାରେ ପୋଡ଼ିବା ଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ଏହା କେବଳ ଜଳର ଗୁଣବତ୍ତା ନଷ୍ଟ କରୁନାହିଁ, ବରଂ ନଦୀରେ ଥିବା ମାଛ ଓ ଅନ୍ୟାନ୍ୟ ଜଳଜୀବଙ୍କ ପାଇଁ ମରଣଶଯ୍ୟା ସାଜିଛି। ପୂର୍ବରୁ ଏନଜିଟିଙ୍କ ଅସନ୍ତୋଷ ପରେ ଏକ ମିଳିତ କମିଟି ଗଠନ ହୋଇ ଯାଞ୍ଚ କରାଯାଇଥିଲା। ବାଲିଯାତ୍ରା ସମୟରେ ମଧ୍ୟ କଠୋର ସର୍ତ୍ତାବଳୀ ରଖାଯାଇଥିଲା। ପ୍ରଶାସନ ପକ୍ଷରୁ ନଦୀ ପଠାରୁ ଅବୈଧ ଜବରଦଖଲ ଉଚ୍ଛେଦ କରିବା ଏବଂ ଅଳିଆ ପକାଉଥିବା ଗାଡ଼ି ଜବତ କରିବା ସହ ଅପରାଧିକ

### ବିପଦରେ ଜଳଜୀବ ଓ ପରିବେଶ

ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ରହିଛି। ମାତ୍ର ବାସ୍ତବ ସ୍ଥିତିରେ କୌଣସି ପରିବର୍ତ୍ତନ ହୋଇନାହିଁ। ନଦୀର ସୁରକ୍ଷା ଓ ସହରର ପରିବେଶକୁ ସନ୍ତୁଳିତ ରଖିବା ପାଇଁ ଜିଲ୍ଲା ପ୍ରଶାସନ ଓ ସିଏମସି ତୁରନ୍ତ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି। ଯଦି ଏହି ସମସ୍ୟାର ସମାଧାନ ନ ହୁଏ, ଆଗାମୀ ଦିନରେ କଟକର ଏହି ପ୍ରାକୃତିକ ସମ୍ପଦ ସମ୍ପୂର୍ଣ୍ଣ ନଷ୍ଟ ହୋଇଯିବାର ଆଶଙ୍କା ରହିଛି।

## ଏସ୍‌ସିବିରେ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ ଶିବିର



କଟକ,୬।୫(ସମିସ): କଟକ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲର ଟ୍ରମା କେୟାର ସେଣ୍ଟର ପରିସରରେ ରୋଗୀଙ୍କ ନିରାପତ୍ତା ଏବଂ ଆପାତକାଳୀନ ପରିସ୍ଥିତିର ମୁକାବିଲା ପାଇଁ ଏକ ଅଗ୍ନି ନିରାପତ୍ତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ନୋଡାଲ ଅଧିକାରୀ ଡାକ୍ତର ଅମୀୟ କୁମାର ଗୌଡ଼ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ହସ୍ପିଟାଲର ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅଗ୍ନିଶମ ବିଭାଗର ଷ୍ଟେସନ ଅଫିସର ବିଷ୍ଣୁଚରଣ ଦାସ, ବିକାଶ ସାହୁ ଓ ସୌମ୍ୟରଞ୍ଜନ ସାହୁଙ୍କ ସମେତ ଲିଡିଂ ଫାୟାର ଫାଇଟର ତ୍ରିଲୋଚନ ଗୋଛି ଏବଂ ଅନ୍ୟ ସଦସ୍ୟମାନେ ଯୋଗଦେଇଥିଲେ। ସେମାନେ ଅଗ୍ନିକାଣ୍ଡର ପ୍ରତିରୋଧ, ଜରୁରୀକାଳୀନ ସ୍ଥିତିରେ ରୋଗୀଙ୍କୁ ସୁରକ୍ଷିତ ସ୍ଥାନାନ୍ତର ଏବଂ ଉଦ୍ଧାର କାର୍ଯ୍ୟ ସମ୍ପର୍କରେ ବୈଷୟିକ ଜ୍ଞାନ ପ୍ରଦାନ କରିଥିଲେ। ବିଶେଷ କରି ଅଗ୍ନିନିର୍ବାପକ ଯନ୍ତ୍ରର ସଠିକ୍ ବ୍ୟବହାର ନେଇ ଏକ ପ୍ରାୟୋଗିକ ପ୍ରଦର୍ଶନ କରାଯାଇଥିଲା। ଉକ୍ତ ପ୍ରଶିକ୍ଷଣ ଶିବିରରେ ଡାକ୍ତର, ନର୍ସିଂ ଅଫିସର, ପାରାମେଡିକାଲ କର୍ମଚାରୀ, ତାଲିମ ନେଉଥିବା ଛାତ୍ରଛାତ୍ରୀ ଏବଂ ସ୍ୱେଚ୍ଛାସେବୀମାନେ ଅଂଶଗ୍ରହଣ କରିଥିଲେ। ଏଥିସହ ବୈଷୟିକ ଦଳ, ଡ୍ୟୁଟି ସିଏମଓ, ହସ୍ପିଟାଲ ମ୍ୟାନେଜର ଏବଂ ଫାୟାର ଆଲାର୍ମ ବ୍ୟବସ୍ଥା ସହ ସମ୍ପୃକ୍ତ କର୍ମଚାରୀମାନେ ଉପସ୍ଥିତ ରହି ପ୍ରଶିକ୍ଷଣ ଗ୍ରହଣ କରିଥିଲେ।

## ୮ରେ କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା



କଟକ,୬।୫(ସମିସ): ମହିଳା ସଂରକ୍ଷଣ ବିଲ୍‌କୁ କେନ୍ଦ୍ର କରି ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର ଦେଶରେ ସୃଷ୍ଟି କରୁଥିବା ବିଭ୍ରାନ୍ତିର ପ୍ରତିବାଦରେ କଂଗ୍ରେସ ପକ୍ଷରୁ ରଣନୀତି ପ୍ରସ୍ତୁତ କରାଯାଇଛି। ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ଆସନ୍ତା ୮ ତାରିଖରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ମଶାଲ ଶୋଭାଯାତ୍ରା ପାଇଁ କଟକ ନଗର ଜିଲ୍ଲା କଂଗ୍ରେସ କମିଟିର ଏକ ପ୍ରସ୍ତୁତି ବୈଠକ ଓଏମପି ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ନଗର ଜିଲ୍ଲା ସଭାପତି ଶାନ୍ତାୟନ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବୈଠକରେ ବରିଷ୍ଠ ନେତା ବିଶ୍ୱଜିତ ଦାସ, କର୍ପୋରେଟର ସନ୍ତୋଷ ଭୋଳ ଓ ଅଶୋକ ସ୍ୱାଇଁଙ୍କ ସମେତ ବହୁ ନେତୃବୃନ୍ଦ ଯୋଗଦେଇଥିଲେ। ବୈଠକରେ ନେତୃମଣ୍ଡଳୀ ମତବ୍ୟକ୍ତ କରିଥିଲେ ଯେ, ୨୦୨୩ରେ ସଂସଦରେ ବିଲ୍ ପାରିତ ହୋଇଥିଲେ ମଧ୍ୟ ସୀମା ନିର୍ଦ୍ଧାରଣ ଭଳି ଚଞ୍ଚକତା କରି କେନ୍ଦ୍ର ସରକାର ଏହାକୁ ଲାଗୁ ନ କରି ଓଲଟା କଂଗ୍ରେସକୁ ମହିଳା ବିରୋଧୀ ସଜାଇ ମିଛ ପ୍ରଚାର କରୁଛନ୍ତି। ଏହି ମିଛ ମୁଖା ଖୋଲିବା ପାଇଁ ଆସନ୍ତା ୮ ତାରିଖରେ କଟକ ସ୍ୱରାଜ ଆଶ୍ରମଠାରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ବାହାରି ନଗର ପରିକ୍ରମା କରିବ। ଏଥିରେ ପ୍ରଦେଶ କଂଗ୍ରେସ ସଭାପତି ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ବୈଠକରେ ବିପ୍ଲବ ଶିଳାଦିତ୍ୟ, ହରିଶଙ୍କର ରାଉତ ଓ ଶିଶିରକାନ୍ତ ମିଶ୍ରଙ୍କ ସମେତ ବହୁ ଯୁବ ଓ ଛାତ୍ର କଂଗ୍ରେସ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାକୁ ସଂକଳ୍ପ ନେଇଥିଲେ।

## ସିଏମ୍‌ସିର ୮ଟି ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷ ଓ ଅଧ୍ୟକ୍ଷା ନିର୍ବାଚିତ



କଟକ,୬।୫(ସମିସ): ଚୌଧୁରୀ ବଜାରସ୍ଥିତ କଟକ ମହାନଗର ନିଗମ (ସିଏମସି) କାର୍ଯ୍ୟାଳୟ ବିଜୁ ଭବନ ସମ୍ମିଳନୀ କକ୍ଷରେ ଆଜି ପୂର୍ବାହ୍ନରେ ୮ଟି ଷ୍ଟାଣ୍ଡିଂ କମିଟି ପାଇଁ ଅଧ୍ୟକ୍ଷ ଏବଂ ଅଧ୍ୟକ୍ଷା ନିର୍ବାଚନ ସର୍ବସମ୍ମତିକ୍ରମେ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରକ୍ରିୟାରେ କଟକ ମେୟର ସୁବାସ ସିଂହ କଣ୍ଟ୍ରାକ୍ଟ ଷ୍ଟାଣ୍ଡିଂ କମିଟିର ସ୍ଥାୟୀ ଅଧ୍ୟକ୍ଷ ଭାବେ ରହିଥିବା ବେଳେ ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ ଟାକ୍ସେସନ, ଫାଇନାନ୍ସ ଏବଂ ଆକାଉଣ୍ଟସ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷା ଭାବେ ପୁନଃନିର୍ବାଚିତ ହୋଇଛନ୍ତି। ସେହିପରି ୱାର୍ଡ ନଂ-୩ର କର୍ପୋରେଟର ପ୍ରଦୀପ କୁମାର ରାଉତ ପ୍ଲାନିଂ ଏବଂ ଡେଭେଲପମେଣ୍ଟ କମିଟିର ଅଧ୍ୟକ୍ଷ, ୱାର୍ଡ ନଂ-୧୦ର କର୍ପୋରେଟର ମୋନାଲିଶା ଦାସ ପାର୍କ ପ୍ଲାଣ୍ଟେସନ ଏବଂ ଏଜୁକେସନ କମିଟିର ଅଧ୍ୟକ୍ଷା ଏବଂ ୱାର୍ଡ ନଂ-୪୪ର କର୍ପୋରେଟର ପ୍ରଦୀପ୍ତ କିଶୋର ଖୁଣ୍ଟିଆ ପବ୍ଲିକ ୱର୍କସ କମିଟିର ଅଧ୍ୟକ୍ଷ ଭାବେ ପୁନଃନିର୍ବାଚିତ ହୋଇଛନ୍ତି। ଅନ୍ୟାନ୍ୟ କମିଟି ମଧ୍ୟରେ ୱାର୍ଡ ନଂ-୧୭ର କର୍ପୋରେଟର ଏ ଶ୍ରୀଦେବୀ ଲାଇସେନ୍ସ ଏବଂ ଅପିଲ କମିଟିର ଅଧ୍ୟକ୍ଷା, ୱାର୍ଡ ନଂ-୨୪ର କର୍ପୋରେଟର ଦୀପ୍ତିମୟୀ ମୂଳିଆ ପବ୍ଲିକ ହେଲଥ ଓ ଜଳ ଯୋଗାଣ କମିଟିର ଅଧ୍ୟକ୍ଷା, ୱାର୍ଡ ନଂ-୪୬ର କର୍ପୋରେଟର ପ୍ରଳୟା ବେଉରା ଗ୍ରିଭାନ୍ସ ଏବଂ ସୋସିଆଲ ଜଷ୍ଟିସ କମିଟିର ଅଧ୍ୟକ୍ଷା ଏବଂ ୱାର୍ଡ ନଂ-୫୧ର କର୍ପୋରେଟର ରାକେଶ ସ୍ୱାଇଁ କର୍ପୋରେସନ ଏଷ୍ଟାବ୍ଲିସମେଣ୍ଟ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ସିଏମସି ଉପାୟୁକ୍ତ କଳ୍ପତରୁ ବେହେରା ମୁଖ୍ୟ ନିର୍ବାଚନ ଅଧିକାରୀ ଭାବେ ସମସ୍ତ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହି ନିର୍ବାଚନ ପ୍ରକ୍ରିୟା ବହୁତ ସରଳ ଏବଂ ନିର୍ଦ୍ୱନ୍ଦ୍ୱରେ ସମ୍ପନ୍ନ ହୋଇଥିବା ବେଳେ ନବନିର୍ବାଚିତ ଅଧ୍ୟକ୍ଷ ଓ ଅଧ୍ୟକ୍ଷାମାନେ ମେୟର ଏବଂ ସମସ୍ତ କର୍ପୋରେଟରଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ।

## ଷ୍ଟିୱାର୍ଟ ସ୍କୁଲ ଗ୍ରୀଷ୍ମକାଳୀନ ହକି ଶିବିର ଉଦ୍‌ଘାଟିତ

କଟକ,୬।୫(ସମିସ): କଟକ ମିଶନ ରୋଡ଼ସ୍ଥିତ ଷ୍ଟିୱାର୍ଟ ସ୍କୁଲ ଖେଳପଡ଼ିଆରେ କଟକ ସ୍କୁଲ ହକି କ୍ଲବ ଆନୁକୂଲ୍ୟରେ ୨୦୨୬ ବର୍ଷର ଗ୍ରୀଷ୍ମକାଳୀନ ସ୍କୁଲ ହକି ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବରେ ବିଭୁଦତ୍ତ ଦାସ, ସମରେନ୍ଦ୍ର ପ୍ରମାଣିକ, ସର୍ଦ୍ଦାର ଗୁରଦେବ ସିଂ, ସର୍ଦ୍ଦାର ସମ୍ରାଟ ସିଂ ଓ ଡ. ରଶ୍ମିରେଖା ସେନାପତିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଛାତ୍ରଛାତ୍ରୀଙ୍କୁ ଜାତୀୟ ଖେଳ ହକି ପ୍ରତି ଆକୃଷ୍ଟ ହେବାକୁ ପରାମର୍ଶ ଦେଇଥିଲେ। ନ୍ୟୁ ଷ୍ଟିୱାର୍ଟ ସ୍କୁଲର ଅଧ୍ୟକ୍ଷ ରେଭେରେଣ୍ଡ ମୋଜେସ ମହାନ୍ତି କାର୍ଯ୍ୟକ୍ରମର



ଉପସ୍ଥାପନା କରିଥିବା ବେଳେ ଷ୍ଟିୱାର୍ଟ ସ୍କୁଲର ଅଧ୍ୟକ୍ଷା ଡି. ମାର୍ଟିନା ଏବଂ ସମ୍ପାଦକ ବିକ୍ରମ ଏନ୍. ଆଡମ୍ସ ଉପସ୍ଥିତ ଥିଲେ। କଟକ ହକି ରିଭାଇଭାଲ୍ ଇନିସିଏଟିଭ୍‌ର ପ୍ରତିଷ୍ଠାତା ବିଶ୍ୱରଞ୍ଜନ ସାସମଲ ସ୍ୱାଗତ ଭାଷଣ ଦେଇ କଟକର ହକି ଐତିହ୍ୟର ପୁନରୁତ୍ଥାନରେ ବିଭିନ୍ନ ବିଦ୍ୟାଳୟ ଓ ଶାରୀରିକ ଶିକ୍ଷା ଶିକ୍ଷକମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଉଦ୍‌ଘାଟନୀ ସମାରୋହରେ କଟକ ସ୍କୁଲ ହକି କ୍ଲବର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ବକଲି ବାଳିକା ବିଦ୍ୟାଳୟ, ସୟଦ ସେମିନାରୀ ସ୍କୁଲ ଓ ଗୁରୁ ନାନକ ସ୍କୁଲର ଶିକ୍ଷକ ଏବଂ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସଂଯୋଜକ ରେଭେରେଣ୍ଡ ଏଫ୍.ସି. ନର୍ଥ ଧନ୍ୟବାଦ ଦେଇଥିଲେ।

## ସୁନା ନିଲାମ ନାମରେ ମହିଳାଙ୍କୁ ଆକ୍ରମଣ ଓ ଲୁଟ୍

- ଅଭିଯୁକ୍ତ ଗିରଫ, ୫୪ ହଜାର ଟଙ୍କା ଜବତ

କଟକ,୬।୫(ସମିସ): ସୁନା ନିଲାମ ବାହାନାରେ ଜଣେ ମହିଳାଙ୍କୁ ନିଛାଟିଆ ସ୍ଥାନକୁ ନେଇ ମାଡ଼ ମାରିବା ସହ ଟଙ୍କା ଲୁଟି ନେଇଥିବା ଅଭିଯୁକ୍ତକୁ କଟକ ସଦର ଥାନା ପୁଲିସ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ସଦର ଥାନା ଅନ୍ତର୍ଗତ ଶାସୋଳ ଗ୍ରାମର କେଶବ ସାମନ୍ତରାୟଙ୍କ ପୁଅ ଆଶୁତୋଷ ସାମନ୍ତରାୟ (୨୭)। ପୁଲିସ ତାଙ୍କ ନିକଟରୁ ଲୁଟ୍ ହୋଇଥିବା ୫୪ ହଜାର ଟଙ୍କା ଓ ଏକ ହୋଣ୍ଡା ୟୁନିକର୍ଣ୍ଣ ମୋଟରସାଇକେଲ (ନଂ- ଓଡି-୦୨-ଏଜେଡ-୨୯୩୦) ଜବତ କରିଛି। ଅଭିଯୋଗକାରିଣୀ ସାଗରିକା ମହାନ୍ତିଙ୍କ ସୂଚନା ଅନୁଯାୟୀ, ଅଭିଯୁକ୍ତ ଆଶୁତୋଷ ତାଙ୍କୁ ମାତ୍ର ୫୪,୦୦୦ ଟଙ୍କାରେ ୯ ଗ୍ରାମ ନିଲାମୀ ସୁନା ଯୋଗାଇଦେବାକୁ କହି ପଟିଆ ନେଇଥିଲେ। ଆଶୁତୋଷଙ୍କ କଥାରେ ପଡି ସାଗରିକା ବାଟରେ ଏକ ଏଟିଏମରୁ ନଗଦ ଟଙ୍କା ଉଠାଇଥିଲେ। ତେବେ ରାସ୍ତାରେ ଏକ ନିଛାଟିଆ ସ୍ଥାନରେ ଆଶୁତୋଷ ବାଇକ୍ ରଖି ସାଗରିକାଙ୍କୁ ଆକ୍ରମଣ କରି ତାଙ୍କ ନିକଟରୁ ବଳପୂର୍ବକ ୫୪ ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଅଭିଯୋଗ ପାଇବା ମାତ୍ରେ ସଦର ଥାନା ଆଇଆଇସିଙ୍କ ସମେତ କଟକ ଯୁପିଡିର ବରିଷ୍ଠ ପୁଲିସ ଅଧିକାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ତଦନ୍ତ ଆରମ୍ଭ କରିଥିଲେ। ପରେ ପୁଲିସ ଅଭିଯୁକ୍ତ ଆଶୁତୋଷକୁ ଗିରଫ କରିବାରେ ସଫଳ ହୋଇଛି।

## ନିଖୋଜ ଛାତ୍ରଙ୍କ ସନ୍ଧାନ ମିଳୁନି

କନ୍ଦରପୁର,୬।୫(ସମିସ): କଟକ ସଦର ଅନ୍ତର୍ଗତ ବୟାଳିଶ ମୌଜା କଳପଡ଼ା ଗ୍ରାମର ଅଂଶୁମାନ ପରିଡ଼ା ନିଖୋଜ ହେବାର ୧୦ ଦିନ ବିତିଯାଇଥିଲେ ମଧ୍ୟ ଅଦ୍ୟାବଧି ତାଙ୍କର କୌଣସି ସନ୍ଧାନ ମିଳିପାରି ନାହିଁ।



ନିଖୋଜଙ୍କୁ ଠାବ କରିବା ଉଦ୍ଦେଶ୍ୟରେ ପୂର୍ବରୁ ପୁଲିସ ପକ୍ଷରୁ ୨୦ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରାଯାଇଥିଲା। ତେବେ

### ୨୦ ହଜାରରୁ ୫୦ ହଜାର ଟଙ୍କାକୁ ବଢ଼ିଲା ପୁରସ୍କାର ରାଶି

ବର୍ତ୍ତମାନ ଏହାକୁ ବୃଦ୍ଧି କରି ୫୦ ହଜାର ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି ବୟାଳିଶ ମୌଜା ପୁଲିସ ପକ୍ଷରୁ ଘୋଷଣା କରାଯାଇଛି। ସୂଚନାଥାଉ କି, ସ୍ୱର୍ଗତ ସୁରେଶ ପରିଡ଼ାଙ୍କ ପୁଅ ଅଂଶୁମାନ ପରିଡ଼ା ଏକ ଇଂରାଜୀ ମାଧ୍ୟମିକ ବିଦ୍ୟାଳୟରେ ୭ମ ଶ୍ରେଣୀରେ ପଢୁଥିଲେ। ଗତ ୨୭ ତାରିଖ ସନ୍ଧ୍ୟାରୁ ବଜାରରୁ ନିଖୋଜ ହୋଇଯାଇଥିଲେ। ଅଂଶୁମାନର ଉଚ୍ଚତା ୫.୧ ଫୁଟ ଏବଂ ରଙ୍ଗ ଗୋରା ହୋଇଥିବା ବେଳେ ନିଖୋଜ ସମୟରେ ନାଲି ରଙ୍ଗର ଟି-ସାର୍ଟ ଓ କଳା ରଙ୍ଗର ପ୍ୟାଣ୍ଟ ପିନ୍ଧିଥିଲେ। ଏହାମଧ୍ୟରେ ପୁଲିସ ତାର ସାଙ୍ଗସାଥୀଙ୍କୁ ପଚରାଉଚରା କରିବା ସହିତ ବିଭିନ୍ନ ଅଞ୍ଚଳରେ ଖୋଜ ଖବର ନେଇ ସାରିଲେଣି। ହେଲେ କେଉଁଠି ତାର ସୁରାକ୍ ମିଳିପାରି ନାହିଁ। ତେଣୁ ପୁରସ୍କାର ରାଶିରେ ବୃଦ୍ଧି ଘୋଷଣା କରାଯାଇଛି। ନିଖୋଜ ଅଂଶୁମାନଙ୍କ ସମ୍ପର୍କରେ କୌଣସି ସୂଚନା ପାଇବା ମାତ୍ରେ ତୁରନ୍ତ ବୟାଳିଶ ମୌଜା ଥାନା ମୋବାଇଲ ନମ୍ବର ୮୨୭୦୦୪୦୮୯୩ କିମ୍ବା ୮୨୮୦୪୦୫୬୯୪ ରେ ଜଣାଇବା ପାଇଁ ଥାନା ପୁଲିସ ପକ୍ଷରୁ ଅନୁରୋଧ କରାଯାଇଛି।

## ଲୁଟ୍ ବେଳେ ଚୋର ଗିରଫ: ୩ଟି ମୋବାଇଲ ଜବତ




କଟକ,୬।୫(ସମିସ): ରେଳଯାତ୍ରୀଙ୍କ ସାମଗ୍ରୀ ଚୋରି ରୋକିବା ପାଇଁ ଆରପିଏଫ୍ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ଜଣେ କୁଖ୍ୟାତ ଚୋରକୁ ଗିରଫ କରାଯାଇଛି। ରାଜାରାଣୀ ଏକ୍ସପ୍ରେସ୍‌ରୁ ଯାତ୍ରୀଙ୍କ ଭ୍ୟାନିଟି ବ୍ୟାଗ୍ ଚୋରି କରିଥିବା ଅଭିଯୋଗରେ ପୁଲିସ ଚନ୍ଦନ ଦାସ ଓରଫ୍ ବିକି (୩୩) ନାମକ ଜଣେ ଯୁବକକୁ କାବୁ କରିଛି। ଅଭିଯୁକ୍ତ ଜଣକ ପୁରୀ ଜିଲ୍ଲା ବାଲିଆପଣ୍ଡା ଥାନା ଅନ୍ତର୍ଗତ ଗୌଡ଼ବାଡ଼ ସାହିର ବୋଲି ଜଣାପଡ଼ିଛି। ଗତକାଲି ବିଳମ୍ବିତ ରାତିରେ ଆରପିଏଫ୍ କର୍ମଚାରୀମାନେ ରାଉରକେଲା-ଗୁଣୁପୁର ରାଜାରାଣୀ ଏକ୍ସପ୍ରେସ୍ (୧୮୧୧୭) ରେ ଢେଙ୍କାନାଳରୁ କଟକ ପର୍ଯ୍ୟନ୍ତ ଯାଞ୍ଚ କରୁଥିଲେ। ଆଜି ଭୋର ପ୍ରାୟ ୫ଟା ୩୦ ସମୟରେ ଜଣେ ବ୍ୟକ୍ତି ସନ୍ଦେହଜନକ ଭାବେ ଟ୍ରେନ୍ ଭିତରେ ବୁଲୁଥିବାର ଦେଖାଯାଇଥିଲା। ପୁଲିସ ତାଙ୍କୁ ଅଟକାଇ ଯାଞ୍ଚ କରିବା ପରେ ତାଙ୍କ ସାର୍ଟ ଭିତରେ ଲୁଚାଇ ରଖାଯାଇଥିବା ଏକ ମହିଳା ଭ୍ୟାନିଟି ବ୍ୟାଗ୍ ଉଦ୍ଧାର କରାଯାଇଥିଲା। ଅଭିଯୁକ୍ତ ଜଣକ ଶୋଇଥିବା ଯାତ୍ରୀଙ୍କ ସୁଯୋଗ ନେଇ ଏହି ଚୋରି କରିଥିବା ସ୍ୱୀକାର କରିଛି। ଉଦ୍ଧାର ହୋଇଥିବା ବ୍ୟାଗ୍ ଭିତରୁ ୩ଟି ଦାମୀ ମୋବାଇଲ୍ ଫୋନ୍, ଇୟରଫୋନ୍, ପ୍ରସାଧନ ସାମଗ୍ରୀ ଏବଂ ନଗଦ ୧୦୦୦ ଟଙ୍କା ମିଳିଛି। ଯାଞ୍ଚରୁ ଜଣାପଡ଼ିଛି ଯେ ଅଭିଯୁକ୍ତ ଚନ୍ଦନ ବିରୋଧରେ ପୂର୍ବରୁ ପୁରୀ ସମୁଦ୍ରକୂଳ ଥାନା, ବାଲିଆପଣ୍ଡା, କୁମ୍ଭାରପଡ଼ା, ଅନୁଗୁଳର କଣିହାଁ ଏବଂ ଜୟପୁର ସଦର ଥାନାରେ ମୋଟ ୯ଟି ମାମଲା ରହିଛି। ଅଭିଯୁକ୍ତକୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଭୁବନେଶ୍ୱର ଜିଆରପିକୁ ହସ୍ତାନ୍ତର କରାଯାଇଛି ଏବଂ ବିଏନଏସର ଧାରା ୩୦୫(ସି) ଅନୁଯାୟୀ ଏକ ମାମଲା (ନଂ- ୯୯/୨୦୨୬) ରୁଜୁ ହୋଇଛି।

# ଅଧିକାଂଶ ପାର୍କରେ ମୌଳିକ ସୁବିଧା ଶୂନ

କଟକ,୬।୫(ସମିସ):



- ରକ୍ଷଣାବେକ୍ଷଣରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ
- ସ୍ପଷ୍ଟୀକରଣ ମାଗିଲେ ହାଇକୋର୍ଟ

କଟକ ସହରବାସୀଙ୍କ ବିନୋଦନ ଓ ପ୍ରାତଃ ଭ୍ରମଣ ପାଇଁ ନିର୍ମିତ ହୋଇଥିବା ପାର୍କଗୁଡ଼ିକ ଏବେ ଅବହେଳିତ ଅବସ୍ଥାରେ ପଡ଼ିରହିଛି। ସହରରେ ମୋଟ ୫୨ଟି ପାର୍କ ରହିଥିବା ବେଳେ ସେଥିମଧ୍ୟରୁ ୪୬ଟି କଟକ ମହାନଗର ନିଗମ (ସିଏମସି) ଦ୍ୱାରା ଏବଂ ଅନ୍ୟଗୁଡ଼ିକ ସିଡିଏ ଓ ପିପିପି ମୋଡ୍‌ରେ ପରିଚାଳିତ ହେଉଛି। ଏହି ପାର୍କଗୁଡ଼ିକର ରକ୍ଷଣାବେକ୍ଷଣ ପାଇଁ ପ୍ରତିବର୍ଷ ସରକାରୀ କୋଷାଗାରରୁ ଲକ୍ଷ ଲକ୍ଷ ଟଙ୍କା ବ୍ୟୟ କରାଯାଉଥିଲେ ହେଁ, ବାସ୍ତବ କ୍ଷେତ୍ରରେ ସାଧାରଣ ଜନତାଙ୍କ ପାଇଁ ସର୍ବନିମ୍ନ ସୁବିଧା ଟିକିଏ ମଧ୍ୟ ଉପଲବ୍ଧ ନାହିଁ।

ପାର୍କଗୁଡ଼ିକର ସବୁଠାରୁ ବଡ଼ ସମସ୍ୟା ହେଉଛି ଶୌଚାଳୟ। ଅଧିକାଂଶ ପାର୍କରେ ଶୌଚାଳୟ ନ ଥିବା ବେଳେ ଯେଉଁଠି ଅଛି, ସେଠାରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। ଏପରିକି ପାର୍କକୁ ଆସୁଥିବା ଲୋକଙ୍କ ପାଇଁ ପାନୀୟଜଳର କୌଣସି ସୁବିଧା ନାହିଁ। କେତେକ ସ୍ଥାନରେ ଥଣ୍ଡା ପାନୀୟ ଜଳ ମେସିନ୍ ଲଗାଯାଇଥିଲେ ହେଁ ତାହା ଦୀର୍ଘ ଦିନ ଧରି ଅଚଳ ହୋଇ ପଡ଼ିରହିଛି। ମୌଳିକ ସୁବିଧାର ଏହି ଅଭାବକୁ ନେଇ ପୂର୍ବରୁ ମାନ୍ୟବର ହାଇକୋର୍ଟ ଅସନ୍ତୋଷ ବ୍ୟକ୍ତ କରିସାରିଛନ୍ତି। ସନ୍ଧ୍ୟା ସମୟରେ ପାର୍କଗୁଡ଼ିକୁ ଲୋକମାନେ ନିଜ ପରିବାର ସହ ଦୁଇଚକିଆ ବା ଚାରିଚକିଆ ଯାନରେ ଆସିଥାନ୍ତି। ମାତ୍ର ପାର୍କ ନିକଟରେ ନିର୍ଦ୍ଧାରିତ ପାର୍କିଂ ସ୍ଥଳ ନ ଥିବାରୁ ଲୋକେ ରାସ୍ତା କଡ଼ରେ ଗାଡ଼ି ରଖିବାକୁ ବାଧ୍ୟ ହେଉଛନ୍ତି। ଫଳରେ ମୁଖ୍ୟ ରାସ୍ତାଗୁଡ଼ିକରେ ପ୍ରବଳ ଟ୍ରାଫିକ ଭିଡ଼ ସୃଷ୍ଟି ହେଉଛି, ଯାହା ଯାତାୟାତରେ ବଡ଼ ବାଧା ସାଜିଛି। ପାର୍କଗୁଡ଼ିକର ଏହି ଶୋଚନୀୟ ସ୍ଥିତିକୁ ଗୁରୁତ୍ୱର ସହ ନେଇ ମାନ୍ୟବର ହାଇକୋର୍ଟ ସିଏମସିକୁ ଏକ ସବିଶେଷ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପାର୍କ ରକ୍ଷଣାବେକ୍ଷଣ ଦାୟିତ୍ୱ କେଉଁ ଠିକାଦାରଙ୍କୁ ଦିଆଯାଇଛି ଏବଂ କେଉଁ ଅଧିକାରୀ ଏହାର ତଦାରଖ କରୁଛନ୍ତି, ସେ ନେଇ ସ୍ପଷ୍ଟୀକରଣ ମଗାଯାଇଛି। ସରକାରୀ ଅର୍ଥର ବିନିଯୋଗ ହେଉଛି କିନ୍ତୁ ଜନସାଧାରଣ ସେବା ପାଉନାହାନ୍ତି, ଏହି ପ୍ରସଙ୍ଗ ଏବେ ପ୍ରଶାସନ ପାଇଁ ଚିନ୍ତାର ବିଷୟ ପାଲଟିଛି। ତୁରନ୍ତ ଏହି ମୌଳିକ ସମସ୍ୟାଗୁଡ଼ିକର ସମାଧାନ କରା ନ ଗଲେ ପାର୍କ ନିର୍ମାଣର ପ୍ରକୃତ ଉଦ୍ଦେଶ୍ୟ ଫେଲ୍ ମାରିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

## ଓଡ଼ିଶା ଯୁବ ପ୍ରଶିକ୍ଷଣ ଏକାଡେମୀର ସଫଳତା

# ସରକାରୀ ଚାକିରି ପାଇଁ କୃତକାର୍ଯ୍ୟ ହେଲେ ଶତାଧିକ ଛାତ୍ରଛାତ୍ରୀ




କଟକ,୬।୫(ସମିସ): ଓଡ଼ିଶାର ଯୁବପିଢ଼ିଙ୍କୁ ସ୍ୱାବଲମ୍ବୀ କରିବା ଏବଂ ସେମାନଙ୍କ ମଧ୍ୟରେ ଦେଶସେବା ମନୋଭାବ ଜାଗ୍ରତ କରିବା ଲକ୍ଷ୍ୟରେ କାର୍ଯ୍ୟ କରୁଥିବା "ଓଡ଼ିଶା ଯୁବ ପ୍ରଶିକ୍ଷଣ ଏକାଡେମୀ' ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛି। ଟ୍ରଷ୍ଟ ଦ୍ୱାରା ପରିଚାଳିତ ଏହି ଏକାଡେମୀର ଶତାଧିକ ଛାତ୍ରଛାତ୍ରୀ ଚଳିତ ବର୍ଷ ବିଭିନ୍ନ ସରକାରୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ଏହି ଏକାଡେମୀର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଆର୍ଥିକ ଅନଗ୍ରସର, ହରିଜନ, ଆଦିବାସୀ ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ କୋଚିଂ ଏବଂ ଶାରୀରିକ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି। କେବଳ ସେତିକି ନୁହେଁ, ପିଲାମାନଙ୍କ ପାଇଁ ମାଗଣା ରହିବାର ସୁବିଧା ମଧ୍ୟ ଟ୍ରଷ୍ଟ ପକ୍ଷରୁ ଯୋଗାଇ ଦିଆଯାଉଛି। ଅଭିଜ୍ଞ ପ୍ରଶିକ୍ଷକଙ୍କ ଦ୍ୱାରା ଅଗ୍ନିବୀର, ଭାରତୀୟ ସେନା, ନୌସେନା, ବାୟୁସେନା, ଓଡ଼ିଶା ପୁଲିସ, ଅଗ୍ନିଶମ ବାହିନୀ, ବିଏସଏଫ ଏବଂ ସିଆରପିଏଫ ଭଳି ସମସ୍ତ ପ୍ରକାର ୟୁନିଫର୍ମ ସେବା ପାଇଁ ଏଠାରେ ଉପଯୁକ୍ତ ପାଠ୍ୟକ୍ରମ ଓ ଶାରୀରିକ ଟ୍ରେନିଂ ଦିଆଯାଉଛି। ଚଳିତ ବର୍ଷ ଜାନୁଆରୀରୁ ଆରମ୍ଭ ହୋଇଥିବା ତୃତୀୟ ବ୍ୟାଚ୍‌ରୁ ମାତ୍ର ୪ ମାସର କଠିନ ପରିଶ୍ରମ ଫଳରେ ଅନେକ ଛାତ୍ରଛାତ୍ରୀ ସଫଳତା ପାଇଛନ୍ତି। ଏବେ ସୁଦ୍ଧା ଏହି ଏକାଡେମୀରୁ ପ୍ରଶିକ୍ଷଣ ନେଇ ୨୪୦ ଜଣ ଛାତ୍ରଛାତ୍ରୀ ବିଭିନ୍ନ ଚାକିରିରେ ଯୋଗ ଦେଇସାରିଲେଣି। ଟ୍ରଷ୍ଟର ଚେୟାରମ୍ୟାନ ସୁରେନ୍ଦ୍ର କୁମାର ସ୍ୱାଇଁ ଏହି ସଫଳତା ପାଇଁ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ କହିଛନ୍ତି, "ଯୁବପିଢ଼ିଙ୍କୁ ଉପଯୁକ୍ତ ମାର୍ଗଦର୍ଶନ ଦେବା ଆମର ମୁଖ୍ୟ ଲକ୍ଷ୍ୟ। ଏହି ସଫଳତା ଆଗାମୀ ବ୍ୟାଚ୍‌ର ପିଲାମାନଙ୍କ ପାଇଁ ପ୍ରେରଣା ସାଜିବ'। ଆସନ୍ତା ଜୁଲାଇରୁ ଡିସେମ୍ବର ପର୍ଯ୍ୟନ୍ତ ଆରମ୍ଭ ହେବାକୁ ଥିବା ୪ର୍ଥ ବ୍ୟାଚ୍ ପାଇଁ ଓଡ଼ିଶାର ଯୁବପିଢ଼ି ବହୁ ସଂଖ୍ୟାରେ ଯୋଗଦେଇ ଏହି ମାଗଣା ସୁବିଧାର ଲାଭ ଉଠାଇବାକୁ ସେ ନିବେଦନ କରିଛନ୍ତି।

# ବାତ୍ୟା ଆଶ୍ରୟସ୍ଥଳୀ ନିର୍ମାଣ କାର୍ଯ୍ୟ ସରୁନି

କଞ୍ଚୁଗୋଲା, ୬।୫ (ସମିସ): ବନ୍ୟା ବାତ୍ୟା ଦୁର୍ବିପାକରୁ ଲୋକଙ୍କୁ ସୁରକ୍ଷା ଦେବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହେଉଛି ବାତ୍ୟା ଆଶ୍ରୟ ସ୍ଥଳୀ ପ୍ରକଳ୍ପ।



୫ବର୍ଷ ପୂରିଲା ପରେ ମଧ ଶେଷ ହୋଇ ପାରିଲା ନାହିଁ କାର୍ଯ୍ୟ। ଏ ଘଟଣା ହେଉଛି ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ ଅନ୍ତର୍ଗତ କଞ୍ଚୁ ପଞ୍ଚାୟତରେ ନିର୍ମାଣ ହେଉଥିବା ବାତ୍ୟା ଆଶ୍ରୟସ୍ଥଳୀ ପ୍ରକଳ୍ପ। ନିର୍ମାଣ କାର୍ଯ୍ୟ ପାଇଁ କେନ୍ଦ୍ର ସରକାର ଓ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଏଠି ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ସଲାସୁତୁରାରେ ହେଉଛି ନିମ୍ନମାନର କାର୍ଯ୍ୟ। ୫ ବର୍ଷ ପୂରିଲା ଏହାରି ଭିତରେ ବାତ୍ୟା, ବନ୍ୟା ଯାଇଥିଲେ ମଧ କାର୍ଯ୍ୟ ନସରିବା ଯୋଗୁଁ ଆଶ୍ରୟ ସ୍ଥଳୀ ଲୋକମାନଙ୍କ କାମରେ ଲାଗୁନି। ଏ ନେଇ ବାରମ୍ବାର ଅଭିଯୋଗ ପରେ ବି ଠିକାଦାର ମନମାନିର ଚାଲିଛି ନିର୍ମାଣ କାର୍ଯ୍ୟ। ତେବେ କାନ୍ଥ ଫାଟିଯିବା ଯୋଗୁଁ ଠିକାଦାର ତରବରିଆ ଭାବେ ଦେଇ ତାକୁ ରଙ୍ଗ ମାରି ଲୁଚେଇବାକୁ ଚେଷ୍ଟା କରୁଥିବା ନଜରକୁ ଆସିଛି। ପ୍ରକଳ୍ପ କାର୍ଯ୍ୟ ମନ୍ଥର ଗତିରେ ହେଉଥିବାରୁ ବାତ୍ୟା ଆଶ୍ରୟସ୍ଥଳକୁ ଯିବା ଆସିବା ପାଇଁ ଥିବା ବାଟ ମଧରେ ପରିପୂର୍ଣ୍ଣ ସମ୍ପୂର୍ଣ୍ଣ ହୋଇନାହିଁ। ସ୍ଥାନୀୟଲୋକେ କୁହନ୍ତି କି ବିଭାଗୀୟ ଅଧିକାରୀଙ୍କ ଅନୁପସ୍ଥିତରେ କାମ ହେଉଥିବାରୁ ନିର୍ମାଣରେ ଦୁର୍ନୀତି ଚାଲିଛି। ସେମାନଙ୍କ କହିବା ଅନୁଯାୟୀ ମଝିରେ ମଝିରେ କାମ ହୁଏ, ପୁଣି କିଛି ଦିନ କାମ ବନ୍ଦ ରହେ। ଆଗକୁ ବର୍ଷା ଦିନ ଆସୁଛି। ଯେହେତୁ ଉକ୍ତ ପଞ୍ଚାୟତ ବନ୍ୟା ଅଞ୍ଚଳ; ସବୁବେଳେ ଏଠି ବନ୍ୟାର ଭୟ ରହିଛି। ସାଧାରଣ ଲୋକ ମାନଙ୍କ ସୁରକ୍ଷା ନେଇ ଆଶଙ୍କାରେ ପଞ୍ଚାୟତବାସୀ। ଲୋକଙ୍କ ସ୍ୱାର୍ଥ ପାଇଁ ହେଉଛି ବାତ୍ୟା ଆଶ୍ରୟସ୍ଥଳୀ କିନ୍ତୁ ଆଜି ଯାଏ ପ୍ରକଳ୍ପ ଅସମ୍ପୂର୍ଣ୍ଣ ହୋଇ ପଡ଼ି ରହିଛି। ଗତ ଦାନା ବାତ୍ୟା ସମୟରେ ଏ ନେଇ ଖବର ପ୍ରକାଶ ପାଇବା ପରେ କିଛି କାର୍ଯ୍ୟ ହୋଇଥିବା ବେଳେ ଏହାର ପରେ ପରେ କାର୍ଯ୍ୟ ମନ୍ଥର ଗତି ରେ ଚାଲୁଥିବା ନେଇ ପଞ୍ଚାୟତବାସୀ ଅଭିଯୋଗ କରିଛନ୍ତି।

# ବେଧଡ଼କରେ ଚାଲିଛି ୱାସିଂ ପ୍ଲାଣ୍ଟ

## ଗୋଟିଏ ପ୍ଲାଣ୍ଟ, ଦୁଇଟି ନାମ

ଯଖପୁରା, ୬।୫ (ସମିସ):






ପ୍ରଦୂଷଣ ବୋର୍ଡର ନାହିଁ ନଜର

କଳିଙ୍ଗନଗରରେ ଅନେକ ଗୁଡ଼ିଏ ବଡ଼ ବଡ଼ ଶିଳ୍ପାନୁଷ୍ଠାନ ଗଢ଼ିବା ଦ୍ୱାରା ସ୍ୱାଭାବିକ ଭାବରେ ସେହି ତୁଳନାରେ ମଧ କ୍ଷୁଦ୍ର ଶିଳ୍ପ ଗଢିଉଠିଛି। ବଡ଼ ବଡ଼ କାରଖାନାରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁକୁ ସଂଗ୍ରହ କରି ଛୋଟ ଛୋଟ ଶିଳ୍ପାନୁଷ୍ଠାନ ମାଧ୍ୟମରେ କିଛି ପରିମାଣରେ ଧାତବ ପଦାର୍ଥ ସଂଗ୍ରହ କରିଥାନ୍ତି। କୁହାଯାଏ ଏହି ଛୋଟ ଶିଳ୍ପାନୁଷ୍ଠାନରୁ ଅଧିକରୁ ଅଧିକ ଲାଭବାନ ହୋଇପାରିଥାଏ। କିନ୍ତୁ ଛୋଟ ଛୋଟ ଶିଳ୍ପାନୁଷ୍ଠାନ ସେମାନଙ୍କ କାରଖାନା ପାଇଁ ପ୍ରଶାସନ ତରଫରୁ ଆବଶ୍ୟକ ହେଉଥିବା କାଗଜପତ୍ରର ସଠିକ ଭାବରେ ଉପସ୍ଥାପନ ନକରି ନିଜର ସ୍ୱାର୍ଥ ହାସଲ ପାଇଁ ବେନିୟମ ଭାବେ କାର୍ଯ୍ୟ କରିଥାନ୍ତି। ସେମିତି ଏକ ପ୍ରଦୂଷଣ ଯୁକ୍ତ କ୍ଷୁଦ୍ରଶିଳ୍ପ ଦେଖିବାକୁ ମିଳିଛି ଦାନଗଦି ବ୍ଲକ ପଙ୍କପାଳ ପଞ୍ଚାୟତର ପଙ୍କପାଳ ବଙ୍ଗଳା ଛକ ନିକଟରେ। ୫୩ ନମ୍ବର ଜାତୀୟ ରାଜପଥର ଓ ବିଜୁପଟ୍ଟନାୟକ ମାର୍ଗର ପାଶ୍ୱର୍ରେ ଅବସ୍ଥାପିତ ଏହି କ୍ଷୁଦ୍ରଶିଳ୍ପ ଚାଲୁଥିବା ବେଳେ ଏହାଠାରୁ ନିର୍ଗତ ହେଉଥିବା ପ୍ରଦୂଷଣ ବହୁ ମାତ୍ରାରେ ପ୍ରଭାବିତ କରୁଛି। ଏହି କାରଖାନାର ଦୁଇଟି ଫାଟକ (ଗେଟ୍) ରହିଥିବା ବେଳେ ଫାଟକ ଦ୍ୱୟର ନାମ ଦୁଇଟି ରହିଛି। ପ୍ରଶାସନକୁ ଚକମା ଦେବା ପାଇଁ ଗୋଟିଏ ପ୍ଲାଣ୍ଟର ନାମ ଦୁଇଟି ନାମରେ କିପରି ଚାଲୁଛି ବୋଲି ଆଲୋଚନା ହେଉଛି। ଗୋଟିଏ ପାଶ୍ୱର୍ ଫାଟକରେ 'ଏବି ଏଣ୍ଟରପ୍ରାଇଜେସ' ଲେଖା ଥିବାବେଳେ ଅନ୍ୟ ଏକ ଫାଟକରେ 'ମେଟାଲିକ୍ସ ଇଣ୍ଡିଆ' ଲେଖାରହିଛି। ଏହାକୁ ନେଇ ଶିଳ୍ପ ସଂସ୍ଥା ପକ୍ଷରୁ ପ୍ରଶାସନକୁ ଠକିବା ପାଇଁ ସହଜ ହେଉଥିବ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଏ ବିଷୟରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆରଓଙ୍କୁ ପଚାରିବାରୁ ସେ କହିଲେ କି କେବଳ ଏବି ଏଣ୍ଟରପ୍ରାଇଜେସ ନାମକ ଶିଳ୍ପ ସଂସ୍ଥାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଅନୁମତି ଦିଆଯାଇଛି।

ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଫଳରେ ଏବେ ଶିଳ୍ପ ସଂସ୍ଥା ବାହାରେ ଏକ କ୍ରସର୍ ମେସିନ ସ୍ଥାପନ କରାଯାଇଛି। କ୍ରସର କାର୍ଯ୍ୟକାରୀ ହେବା ଦ୍ୱାରା ପ୍ରଦୂଷଣ ବହୁ ମାତ୍ରାରେ ବଢ଼ିଯାଇଛି। ଯାହାଫଳରେ ନିକଟରେ ଥିବା ଆଦିବାସୀ ଗ୍ରାମ ଜଟରାପାଳ ସମେତ ଏହାକୁ ଲାଗି ରହିଥିବା ଜମି ଗୁଡିକ ପ୍ରଦୂଷଣର ଶିକାର ହେଉଛନ୍ତି। ଏହା ବ୍ୟତୀତ ଏହି ଶିଳ୍ପସଂସ୍ଥାର ଆଖପାଖରେ ଖୋଲା ମେଳାରେ କାରଖାନାରୁ ନିର୍ଗତ ହେଉଥିବା ବିଷାକ୍ତ ପାଉଁଶ ସବୁ ଠୁଳ କରାଯାଇଛି। କେବଳ ଏବି ଏଣ୍ଟରପ୍ରାଇଜେସ ଶିଳ୍ପସଂସ୍ଥାକୁ ନିଜର ପାଚେରି ମଧରେ କାର୍ଯ୍ୟ କରିବାକୁ ଅନୁମତି ଦିଆଯାଇଛି ବୋଲି ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ କୁହାଯାଇଛି। ଅନୁମତିରେ ସୀମିତ ନରହି ଶିଳ୍ପସଂସ୍ଥା ବାହାରେ ଏକ କ୍ରସର୍ ମେସିନ ସ୍ଥାପନ କରାଯାଇଛି। ଏହାଫଳରେ ପ୍ରଦୂଷଣର ମାତ୍ରା ଚରମ ସୀମାରେ ପହଞ୍ଚିଛି। ଆହୁରି ମଧ ଏହାର ଆଖପାଖ ଅଞ୍ଚଳରେ ମନଇଛା ନିଜର ବର୍ଜ୍ୟବସ୍ତୁ ଓ ବିଷାକ୍ତ ପାଉଁଶ ପକାଇ ଅଞ୍ଚଳକୁ ବିଷାକ୍ତ ପ୍ରଦୂଷଣରେ ଭରିଦେଇଛି। ସ୍ଥାନୀୟ ଅଞ୍ଚଳକୁ ବିଷାକ୍ତ ପ୍ରଦୂଷଣରେ ଭରିଦେଇଥିବା ଏହି ଶିଳ୍ପ ସଂସ୍ଥା ଉପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କେବେ ଓ କିପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛି ଦେଖିବାକୁ ରହିଲା। ଆଗକୁ ଏହି ଶିଳ୍ପ ସଂସ୍ଥା ଉପରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ତରଫରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନଗଲେ ଆଗକୁ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ସ୍ଥାନୀୟବାସିନ୍ଦା ଚେତାବନୀ ଦେଇଛନ୍ତି।

# ଯାଜପୁର ଜିଲ୍ଲା ବିଜେଡିର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ



ଯାଜପୁର, ୬।୫ (ସମିସ): ରାଜ୍ୟରେ ବିଜେପି ସରକାର ଗଠନକୁ ଦୁଇ ବର୍ଷ ପୂରଣ କରିଛି। ମିଛ ପ୍ରତିଶ୍ରୁତିର ପାହାଡ଼ ଉପରେ ବିଜେପି ସରକାର ଠିଆହୋଇଛି। ଲୋକଙ୍କୁ ପୁଳା ପୁଳା ପ୍ରତିଶ୍ରୁତି ଦେଇ ଭୋଟ ହାତେଇ ପ୍ରତାରଣା ଦେଇଛି। ଯାହାର ଜବାବ ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନରେ ଦିଆଯିବ। ଚାଷୀ ଠିକଣା ସମୟରେ ଧାନ ବିକ୍ରି କରିପାରୁନି, ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ଦରଦାମ ହୁ ହୁ ହୋଇ ବଢ଼ି ଚାଲିଛି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧୀ ପ୍ରସଙ୍ଗ ଉପସ୍ଥାପନ କରି ବିଜୁ ଜନତା ଦଳ ଲୋକଙ୍କ ପାଖକୁ ଯିବ। ଏଥିପାଇଁ ଦଳର ବିଭିନ୍ନ ଛାମୁଆ ସଂଗଠନକୁ ସୁଦୃଢ଼ କରାଯିବାକୁ ନିଷ୍ପତି ହୋଇଛି। ଆଜି ଯାଜପୁରର ସଂସ୍କୃତି ଭବନରେ ଆୟୋଜିତ ଜିଲ୍ଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକରେ ଯୋଗ ଦେଇ ନେତା ମାନେ ଏଭଳି ନିଷ୍ପତି ନେଇଛନ୍ତି। ଜିଲ୍ଲା ବିଜେଡି ସଭାପତି ସରୋଜ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିରୋଧୀ ଦଳର ମୁଖ୍ୟ ସଚେତିକା ପ୍ରମିଳା ମଲ୍ଲିକ, ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ, ଯାଜପୁର ବିଧାୟିକା ସୁଜାତା ସାହୁ, ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ ପ୍ରମୁଖ ଯୋଗ ଦେଇ ତୃଣମୂଳ ସ୍ତରରେ କିଭଳି ଦଳକୁ ସଂଗଠିତ କରିହେବ ସେ ନେଇ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ଦଳ ପକ୍ଷରୁ ବିଭିନ୍ନ କମିଟି ଗଠନ କରି ସଂଗଠନକୁ ମଜବୁତ୍ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏଥିରେ ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀର ନେତୃମଣ୍ଡଳୀ ଉପସ୍ଥିତ ରହି ଆଗକୁ ପଞ୍ଚାୟତ ନିର୍ବାଚନ କିଭଳି ବିଜେଡି ଦଖଲ କରିବ ସେ ନେଇ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଦଳର କାର୍ଯ୍ୟକର୍ତ୍ତାଙ୍କୁ ସମ୍ବୋଧିତ କରି ଆଗାମୀ ଦିନରେ ଦଳକୁ ମଜବୁତ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକାରିଣୀ ବୈଠକରେ ଅନ୍ୟମାନଙ୍କ ମଧ୍ୟରେ କୋରେଇର ପୂର୍ବତନ ବିଧାୟକ ଅଶୋକ ବଳ, କ୍ୟାପଟେନ ରାଜ ନାରାୟଣ ମହାପାତ୍ର ପ୍ରମୁଖ ଯୋଗ ଦେଇ ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ଦଳକୁ କଠିନ ପରିଶ୍ରମ କରିବା ସହିତ ଆଗାମୀ ୨୦୨୯ ପାଇଁ କାମ କରିବାକୁ ପଡିବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ନିର୍ବାଚନ ମଣ୍ଡଳୀରୁ ଆସିଥିବା ବ୍ଲକ ସଭାପତି, ନିର୍ବାଚନ ମଣ୍ଡଳୀ ସଭାପତି ମାନେ ଉପସ୍ଥିତ ରହି ନିଜ ନିଜର ମତ ଦେଇଥିଲେ। ଶେଷରେ ଯାଜପୁର ପୌରପାଳିକାର ଉପାଧକ୍ଷ ସନ୍ତୋଷ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍‌ରେ ବିରଜା ଏକାଡେମୀର ସଫଳତା

ଯାଜପୁର, ୬।୫ (ସମିସ): ଯାଜପୁର ଜିଲ୍ଲାରେ ଆୟୋଜିତ ୫ମ ତାଏକ୍ୱୋଣ୍ଡୋ ଚାମ୍ପିଅନସିପ୍‌ରେ ମା' ବିରଜା ତାଏକ୍ୱୋଣ୍ଡୋ ଏକାଡେମୀ ଉଲ୍ଲେଖନୀୟ




ସଫଳତା ଅର୍ଜନ କରିଛି। ଏହି ପ୍ରତିଯୋଗିତାରେ ପ୍ରାୟ ୧୫୦ ଖେଳାଳି ଅଂଶଗ୍ରହଣ କରିଥିବା ବେଳେ ମା' ବିରଜା ତାଏକ୍ୱୋଣ୍ଡୋ ଏକାଡେମୀରୁ ୨୦ ଜଣ ଖେଳାଳି ଯୋଗଦେଇଥିଲେ। କ୍ୟୋରୁଗି ବିଭାଗରେ ଦେବେଶ୍ୱର ସ୍ୱାଇଁ, ଆଶୁତୋଷ ଦାସ, ବିଜୟଲକ୍ଷ୍ମୀ ନାୟକ, ରାଜଲକ୍ଷ୍ମୀ ସତପଥୀ, ଅନ୍ୱେଷା ସାହୁ, ଧୀରେନ କୁମାର ସାହୁ, ସୁରଜ କୁମାର ବେହେରା, ନିଶାନ୍ତ କୁମାର ମିଶ୍ର, ସୁଚିସ୍ମିତା ଜେନା, ପିଟୁନ ପ୍ରଜ୍ଞା ନାୟକ ଓ ପ୍ରିନ୍ସି ନାୟକ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଆରାଧ୍ୟା ଓଝା ଓ ସାଇସ୍ମିତା ମିଶ୍ର ରୌପ୍ୟ ପଦକ ଅର୍ଜନ କରିଥିଲେ। ସାଇ ଶସ୍ୱତ ସେଠୀ କାଂସ୍ୟ ପଦକ ହାସଲ କରିଥିଲେ। ପୁମ୍‌ସେ ବ୍ୟକ୍ତିଗତ ବିଭାଗରେ ଆଶୁତୋଷ ଦାସ, ରାଜଲକ୍ଷ୍ମୀ ସତପଥୀ, ବିଜୟଲକ୍ଷ୍ମୀ ନାୟକ, ଅନ୍ୱେଷା ସାହୁ, ନିଶାନ୍ତ କୁମାର ମିଶ୍ର, ସୁରଜ କୁମାର ବେହେରା, ଜଗଦୀଶ ବେହୁରିଆ, ଧୀରେନ କୁମାର ସାହୁ, ପିଟୁନ ପ୍ରଜ୍ଞା ନାୟକ ଓ ପ୍ରିନ୍ସି ନାୟକ ସୁବର୍ଣ୍ଣ ପଦକ ଜିତିଥିଲେ। ଉଷାଶ୍ରୀ ରାଣା ଓ ଅରାଧ୍ୟା ଓଝା ରୌପ୍ୟ ପଦକ ଅର୍ଜନ କରିଥିଲେ। ସାଇସ୍ମିତା ମିଶ୍ର ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

ପେୟାର ପୁମ୍‌ସେ ବିଭାଗରେ ସୁଚିସ୍ମିତା ଜେନା ଓ ନିଶାନ୍ତ କୁମାର ମିଶ୍ର କାଂସ୍ୟ ପଦକ ଜିତିଥିଲେ। ବିଜୟଲକ୍ଷ୍ମୀ ନାୟକ ଓ ସୁରଜ କୁମାର ବେହେରା ରୌପ୍ୟ ପଦକ ଅର୍ଜନ କରିଥିଲେ। ଟିମ୍ ପୁମ୍‌ସେ ବିଭାଗରେ ଧୀରେନ କୁମାର ସାହୁ, ସୁରଜ କୁମାର ବେହେରା ଓ ଜଗଦୀଶ ବେହୁରିଆଙ୍କ ଦଳ ସ୍ୱର୍ଣ୍ଣ ପଦକ ଜିତି ଏକାଡେମୀ ପାଇଁ ସଫଳତା ଆଣିଛନ୍ତି। ଏହି ଅବସରରେ ଯାଜପୁର ସାଂସଦ ଡ. ରବୀ ନାରାୟଣ ବେହେରା, ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଓ ଓଡିଶାର ତାଏକ୍ୱୋଣ୍ଡୋ ସଚିବ ମନମୋହନ ଭଞ୍ଜ ମୁଖ୍ୟଅତିଥି ଭାବେ ଉପସ୍ଥିତ ଥିଲେ। ମା ବିରଜା ତାଏକ୍ୱୋଣ୍ଡୋ ଏକାଡେମୀର କୋଚ୍ ଗଜେନ୍ଦ୍ର ମାଝୀଙ୍କ ପ୍ରଶିକ୍ଷଣ ଓ ମାର୍ଗଦର୍ଶନରେ ଏହି ସଫଳତା ସମ୍ଭବ ହୋଇଛି। ଏହି ଉପଲକ୍ଷେ ଏକାଡେମୀର ଅଧକ୍ଷ ସୁରଜ ଲାଲ ସାମଲ ଖେଳାଳିମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି।

# ସତ୍ୟନାରାୟଣ ବାଦୀପାଲା ମହୋତ୍ସବ ଉଦ୍‌ଯାପିତ

ପାଣିକୋଇଲି, ୬।୫ (ସମିସ): କୋରେଇ ବ୍ଲକ ଅମୃତିଆ ପଞ୍ଚାୟତର ରଙ୍ଗରଙ୍ଗାର ଭାଗବତ ସପ୍ତାହ ଓ ଶତାଧିକ ବର୍ଷ ପୁରୁଣା ପଞ୍ଚ ଦିବସୀୟ ସତ୍ୟନାରାୟଣ ବାଦୀପାଲା ମହୋତ୍ସବ ଅକ୍ଷୟ ତୃତୀୟାରେ ଉଦ୍‌ଘାଟିତ ହୋଇ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ସାମ୍ବାଦିକ ସୁବାସ ଧଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ ଯାଜପୁର ରୋଡ ଉପଖଣ୍ଡ ପୁଲିସ ଅଧିକାରୀ ଶରତ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ଭାବେ ପାଣିକୋଇଲି ଥାନାଧିକାରୀ ରଞ୍ଜିତ ମହାନ୍ତି, କୋରେଇ ଥାନାଧିକାରୀ ଯୋଗଦେଇଥିଲେ। ବରିଷ୍ଠ ମୁରବୀ ତଥା ଗାୟକ କିର୍ତ୍ତନ ବିହାରୀ ଦାଶ, ଲମ୍ବୋଦର ଜେନା, ଦୟାନିଧି ସେନାପତି, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ପାଲା ସଂସ୍କୃତି ଓ ଏହାର ଉପାଦେୟ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶରତ ଚନ୍ଦ୍ର ଦାଶ (ବାବୁଲା)ଙ୍କ ନେତୃତ୍ୱରେ ଅତିଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁଇ ପାଲା ଗାୟକ ଜ୍ଞାନଜ୍ୟୋତି ଶରତ ଦଳାଇ ଓ ସ୍ୱର୍ଣ୍ଣସାରସ ହରିହର ପାଣିଗ୍ରାହୀ ପାଲା ପରିବେଷଣ କରିଥିଲେ। ସଭାପତି ମନୋଜ ମହାପାତ୍ର ବିବରଣୀ ପ୍ରଦାନ କରିଥିବା ବେଳେ ସମ୍ପାଦକ ବିଜୟ ବେହେରା ଧନ୍ୟବାଦ ଦେଇଥିଲେ। କୃଷ୍ଣଚନ୍ଦ୍ର ସ୍ୱାଇଁ, ଲକ୍ଷ୍ମୀଧର ସାହୁ, ମଳୟପତ୍ରୀ, କୃଷ୍ଣଚନ୍ଦ୍ର ସାହୁ, ମନୋରଂଜନ ପଣ୍ଡା, ସତ୍ୟବ୍ରତ ଦାସ, ସଞ୍ଜୟ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାଯୋଗ କରିଥିଲେ।

# ଡହଡ଼ହ ଖରାରେ ଚାଲୁଛି ଘର କାମ

## ଶ୍ରମ ଆଇନକୁ ଖୋଲା ଉଲ୍ଲଙ୍ଘନ

ପାଣିକୋଇଲି, ୬।୫ (ସମିସ):

ଚଳିତ ବର୍ଷ ପ୍ରଚଣ୍ଡ ରୌଦ୍ରତାପ ଜନଜୀବନକୁ ଅସ୍ତବ୍ୟସ୍ତ କରିଛି। ଦିନ ୧୧ଟା ପରେ ବଜାରଘାଟ ଶୂନଶାନ ହୋଇଯାଉଛି। ଏମିତିକି ରାଜପଥରେ ଗାଡି ଚଳାଚଳ ବହୁ କମ ହେଉଥିବା ଦେଖିବାକୁ ମିଳିଛି। ସରକାର ସିନା ବିଦ୍ୟାଳୟ ବନ୍ଦ କରି ଛାତ୍ରଛାତ୍ରୀଙ୍କ ଜୀବନ ବଞ୍ଚାଇ ଦେଇଛନ୍ତି। କିନ୍ତୁ ଶ୍ରମିକ ମାନେ ଡହ ଡହ ଖରାରେ କାମ କରିବାକୁ ବାଧ ହେଉଛନ୍ତି। ବର୍ଦ୍ଧିତ ଝାଞ୍ଜି ଯୋଗୁ ରାଜପଥରେ ସ୍ୱାଭାବିକ ହୋଇପାରୁନି ଗାଡ଼ି ଚଳଚଳ। ସରକାର ମଧ ଏହାକୁ ଆଖି ଆଗରେ ରଖି ବିଦ୍ୟାଳୟ ଗୁଡିକୁ ସରକାରୀ ବା ବେସରକାରୀ ଛୁଟି ଘୋଷଣା କରିଛନ୍ତି। ୧୧ଟାରୁ ୩ଟା କାମ ବନ୍ଦ କରିବାକୁ ନିର୍ଦ୍ଦେଶ ରହିଛି। ପ୍ରତ୍ୟେକଟି ଜୀବନ ମୂଲ୍ୟବାନ ଭାବିଛନ୍ତି ସରକାର। କିନ୍ତୁ ସରକାରୀ ନିର୍ଦ୍ଦେଶ ପାଳନ ହେଉଛି କି ନାହିଁ ସେଥିପ୍ରତି କେହି ଧ୍ୟାନ ଦେଉନାହାନ୍ତି। ଶ୍ରମ ବିଭାଗର ଟିକିଏ ବି ଏଥି ପ୍ରତି ନଜର ନାହିଁ। ଡହ ଡହ ଖରାରେ ଚାଲିଛି କୋଠାବାଡି ନିର୍ମାଣ। ଶ୍ରମିକର ଅର୍ଥର ଆବଶ୍ୟକତା ଦୃଷ୍ଟିରୁ ଖରାକୁ ଖାତିର ନକରି ନିଜ ଜୀବନ ପ୍ରତି ବିପଦ ଥିବା ସତ୍ତ୍ୱେ ସେ କାମ କରିଚାଲିଛି। କିନ୍ତୁ ଏକ୍ଷେତ୍ରରେ ଶ୍ରମ ବିଭାଗର ଉଦାସୀନତା ଦେଖି ଠିକାଦାର ବା ଘର ମାଲିକ ମାନେ ଡହ ଡହ ଖରା ଓ ତାତିରେ ମଧ କାମ କରାଉଛନ୍ତି। ଘର ଛାତ ପଡିବା କାମ ବି ବନ୍ଦ ହେଉନି। ସେ ସରକାରୀ କାମ ହେଉ ଅବା ବେସରକାରୀ କାମ ସବୁଠି କାମ ଚାଲୁ ରହିଛି। ୧୧ଟାରୁ ୩ଟା କାମ ବନ୍ଦ ଏକ ପ୍ରହସନରେ ପରିଣତ ହୋଇଛି। ସରକାରୀ ନିର୍ଦ୍ଦେଶକୁ ଫୁ' କରି ସବୁ କାମ ଚାଲୁ ରହିଛି। ବିଚାର ଶ୍ରମିକ କେବଳ ନିଜ ପରିବାର ପ୍ରତିପୋଷଣ ପାଇଁ ଅର୍ଥ ଲାଳସାରେ ନିଜ ଜୀବନକୁ ବାଜି ଲଗାଇଦେଇଛି। ସବୁ କିଛି ଚାଲିଥିବା ବେଳେ ଶ୍ରମ ବିଭାଗ ସେଥିପ୍ରତି ନଜର ଦେବାତ ଦୂରର କଥା ନିଦା ବିଷ୍ଣୁ ପାଲଟିଛି। ଗାଁ ଗହଳି ତ ଦୂରର କଥା ଦୁଇ ରାଜପଥ ୧୬ ଓ ୨୦ର ରାସ୍ତା କଡରେ କାମ ଚାଲିଥିବା ବେଳେ ଶ୍ରମ ବିଭାଗର ଏଥି ପ୍ରତି ନିଘା ନାହିଁ। ଶ୍ରମ ବିଭାଗର ଉଦାସିନତାକୁ ଦେଖି ଲୋକମାନେ ବି ବେଫିକର ହୋଇଯାଇଛନ୍ତି। ଏ ଦିଗରେ ଶ୍ରମ ବିଭାଗ କେବେ ପଦକ୍ଷେପ ନେବ ତାହା କେବଳ ଦେଖିବାକୁ ବାକି ରହିଲା।


# FAKIR MOHAN UNIVERSITY

Vyasa Vihar, Nuapadhi, Balasore, Odisha, Pin.-756089
Phone: 06782-275787
email-id: registrarfmuniversity@gmail.com
Website: www.fmuniversity.nic.in

Letter No.: FMU-Estt.(T)-II-04/2026/4148 Date: 02/05/2026

## ADVERTISEMENT FOR RECRUITMENT OF FACULTY POSITIONS

Applications are invited from eligible candidates as per UGC eligibility criteria (UGC Notification dated 18th July 2018 and subsequent amendments) to fill up various regular faculty positions, including backlog vacancies, in the Post Graduate Departments of Fakir Mohan University.

**Online Applications, through https://himsrecruitment.odisha.gov.in/home, are invited in prescribed application form from the eligible candidates for appointment to the following teaching positions on regular basis:**

| Subject | Name of the Post and No.of Vacant Position | | | |
|---|---|---|---|---|
| | Total No. of Posts | Professor | Associate Professor | Assistant Professor |
| Applied Geology | 02 | 01-ST(W) | 01-ST | -- |
| Bioscience and Biotechnology | 01 | 01-SC | -- | -- |
| Botany | 06 | 01-SEBC(W) | 01-SC,01-SEBC | 01-UR,01-SC,01-SC(W) |
| Business Management | 02 | 01-UR | 01-ST | -- |
| Chemistry | 03 | 01-ST | -- | 01-SEBC, 01-UR |
| Commerce | 06 | 01-UR | 01-SC,01-ST(W) | 01-SC, 01-UR, 01-UR(W) |
| Computer Science | 01 | 01-SC | -- | -- |
| Economics | 02 | -- | 01-SEBC(W)* | 01-SEBC |
| Education | 01 | 01-UR(W) | -- | -- |
| Environmental Science | 01 | -- | -- | 01-UR(W) |
| Geography | 01 | -- | 01-ST | -- |
| History and Archeology | 06 | 01-ST | 01-SC(W),01-ST | 02-UR,01-SC(W) |
| Journalism and Mass communication | 03 | 01-UR | 01-SC,01-SEBC** | -- |
| Mathematics | 01 | 01-SEBC | -- | -- |
| Odia | 01 | 01-UR | -- | -- |
| Physics | 02 | 01-ST | 01-ST(W) | -- |
| Political Science | 02 | -- | 01-SC | 01-ST |
| Population Studies | 04 | 01-UR(W) | 01-ST(W), 01-SEBC | 01-UR(W)* |
| Sociology | 01 | -- | 01-ST | -- |
| Urdu | 01 | -- | 01-SC(W) | -- |
| Zoology | 06 | 01-SC(W) | 01-UR,01-ST(W) | 01-SEBC(W),01-UR,01-SC |
| Total | 53 | 15 | 20 | 18 |

Abbreviation: [UR = Unreserved; SEBC = Socially and Educationally Backward Classes; SC = Scheduled Caste; ST = Scheduled Tribe; W = Woman]

* Lien vacancy: The post is likely to continue until the completion of the lien period of the lien holder. However, if the lien holder re-joins the post, the selected candidate will be relieved. Otherwise, the selected candidate may be absorbed into the post.

** Likely to be vacant due to superannuation on 31.05.2026

**Note:**

1) In case of non-availability of suitable women candidates, the posts shall be filled up by male candidates from the same category.

2) An appropriate number of posts for Assistant Professor, Associate Professor, and Professor shall be reserved for candidates under the PwD category, in accordance with the Rights of Persons with Disabilities Act, 2016, subject to the availability of the eligible candidates.

**IMPORTANT DATES**

| | |
|---|---|
| Link available for online application form from | 7th May, 2026. |
| Last date for submission of online application form | 7th June, 2026 |
| Last date for hard copy of online generated application form with required documents | 17th June, 2026 up to 05:00 p.m. |

**Application Fee**

1. The application fee is Rs.1000/- for General and SEBC candidates.
2. The application fee is Rs.600/- for SC and ST candidates.
3. There is no application fee for PwD candidates.
4. The fee must be paid online through the portal and is non-refundable.

Candidates are required to send a hard copy of the downloaded completely filled up application form along with all relevant documents only through Speed Post addressed to:

**The Registrar,**
Fakir Mohan University
Vyasa Vihar, Balasore – 756089
Dist: Balasore (Odisha)

The University reserves the right to modify the posts, number of vacancies and to cancel or modify this notification without assigning any reason thereof.

**Sd/- Registrar**

# ଭାରସାମ୍ୟ ହରାଇ ରାସ୍ତା କଡ଼ ଘରକୁ ପିଟିଲା ଟ୍ରକ



ସୋର, ୬।୫ (ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ କଲେଜ ଛକ ନିକଟରେ ଭାରସାମ୍ୟ ହରାଇ ଏକ ଟ୍ରକ ଘରକୁ ଏବଂ କାରକୁ ଧକ୍କା ଦେଇଥିବା ବେଳେ ଅଳ୍ପକେ ରାସ୍ତାରେ ଯାଉଥିବା ଲୋକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁସାରେ ଆଜି ଅପରାହ୍ନରେ ଟ୍ରକଟି ବାଲେଶ୍ୱର ଆଡୁ ଭଦ୍ରକ ଦିଗକୁ ଯାଉଥିବା ବେଳେ କଲେଜଛକ ନିକଟରେ ଭାରସାମ୍ୟ ହରାଇ ରାସ୍ତା କଡରେ ଥିବା ଘରକୁ ଧକ୍କା ଦେଇଥିଲା। ଫଳରେ ଘର ସମ୍ମୁଖରେ ଥିବା କାରକୁ ଧକା ଦେବାରୁ କାର ଟି ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା। ଏହା ଦେଖି ସ୍ଥାନୀୟ ଲୋକେ ଟ୍ରକ ଚାଳକକୁ ଅଟକ ରଖି ସୋର ପୁଲିସକୁ ଖବର ଦେଇଥିଲେ। ଖବର ପାଇ ସୋର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଚାଳକକୁ ଥାନାରେ ଅଟକ ରଖିବା ସହିତ ଟ୍ରକ ଏବଂ କାରକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। କିନ୍ତୁ ଦୁର୍ଘଟଣା ସମୟରେ ବାଇପାସ ରାସ୍ତାରେ କୌଣସି ଯାନ ବାହନ ଚଳାଚଳ କରୁ ନ ଥିବାରୁ ଏକ ବଡ଼ ଧରଣର ଦୁର୍ଘଟଣାରୁ ବର୍ତ୍ତି ଯାଇଥିଲେ।

# ଜଳେଶ୍ୱର ପୌରାଞ୍ଚଳ ବିକାଶ କାର୍ଯ୍ୟ ମନ୍ଥରର ଅଭିଯୋଗ

## ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କଲେ ୯ କାଉନସିଲର

ଜଳେଶ୍ୱର ବ୍ଲକ, ୬।୫ (ସମିସ)

ଜଳେଶ୍ୱର ପୌରାଞ୍ଚଳରେ କେତେକ ବିକାଶ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଏଥିପାଇଁ ୯ ନିର୍ବାଚିତ ପ୍ରତିନିଧି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ପ୍ରତିଦିନ ଲକ୍ଷ୍ମଣନାଥ ଟୋଲପ୍ଲାଜା ପାରି ହୋଇ ଶତାଧିକ ଗୋରୁ ପଶ୍ଚିମବଙ୍ଗକୁ ଚାଲାଣ ହେଉଛି। ସ୍ଥାନୀୟ ଲୋକେ ଧରପଗଡ଼ କରୁଥିବାରୁ ଉଦ୍ଧାର ଗୋରୁ ସୁରକ୍ଷା ଲାଗି ବ୍ୟବସ୍ଥା ନାହିଁ। ଜିଲାରେ ସର୍ବବୃହତ ଗୋଶାଳା ନିର୍ମାଣ ଲାଗି ବିଭାଗୀୟ ମନ୍ତ୍ରୀ ଜଳେଶ୍ୱରରେ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ ମଧ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଗୋଶାଳା ନିର୍ମାଣରେ ଅହେତୁବ ଅହେତୁକ ବିଳମ୍ବ, ନିର୍ମାଣାଧୀନ ପୂର୍ଣାଙ୍ଗ ନ ହେବା, ସଂସ୍କୃତି ପାଠାଗାର ପୂର୍ଣ୍ଣ ଭବନ କାର୍ଯ୍ୟ ଶେଷ ହେବାରେ। ବିଳମ୍ବ, କଲାମ ସ୍ମାର୍ଟ ପାର୍କ ତଥା ୨୦୨୫-୨୦୨୬ ଆର୍ଥିକ ବର୍ଷରେ ଶେଷ ହେବା ହେବାକୁ ଥିବା ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ଶେଷ ହେଉ ନଥିବାରୁ ୯ ଜଣ କାଉନସିଲର କ୍ଷୋଭ ପ୍ରକାଶ କରି ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନଙ୍କ ମଧ୍ୟରେ ଲକ୍ଷ୍ମଣ ସରେନ, ଶେଖ ସୈଫୁଦ୍ଦିନ, କବିତା ଧଳ, ମିର ଆବାସ ଅଲ୍ଲୀ, ସୂରଜ ଚୌରାସିଆ, ସ୍ୱାଗତିକା ପାଳ, ସୁଷମା କର, କବିତା ସାହୁ, ପୁଷ୍ପପ୍ରିୟା କାମିଲା, ସତ୍ୟବତୀ ଗିରିଙ୍କ ନେତୃତ୍ୱରେ ଜିଲାପାଳ, ପୌରପାଳ, ପୌର ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଥିଲେ ମଧ ଅଦ୍ୟାବଧି କାର୍ଯ୍ୟ ଶେଷ ହୋଇ ନାହିଁ।

# ଯୁବକକୁ ପିଟି ପିଟି ହତ୍ୟା ଘଟଣାରେ ମାମୁଭଣଜା ଗିରଫ



ସିମୁଳିଆ, ୬।୫ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ଥାନା ଅନ୍ତର୍ଗତ ପଇଁତିରିଶ ସାହି ଗ୍ରାମର ସୁବାସ ସୁତାରଙ୍କୁ ଦୁଇ ଦିନ ତଳେ କାଞ୍ଚପଡ଼ା ଅଞ୍ଚଳର ଭଗବାନ କର ଓ ତାଙ୍କ ସହଯୋଗୀ ସୁବାସଙ୍କୁ ଘରୁ ଉଠାଇ ଆଣି ଏକ ଘରେ ହାତ ଗୋଡ଼ ବାନ୍ଧି ଠେଙ୍ଗା ରେ ପିଟି ଥିଲେ। ସେ ଗୁରୁତର ହୋଇ ପଡ଼ିବାରୁ ଆକ୍ରମଣ କରିଥିବା ଭଗବାନ କର ଓ ତାଙ୍କ ସହଯୋଗୀ ସିମୁଳିଆ ମେଡ଼ିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ ମେଡିକାଲରେ ଛାଡି ଭଗବାନ ପଳେଇ ଯାଇଥିଲେ। ପରିବାର ଲୋକ ଖବର ପାଇ ସିମୁଳିଆ ମେଡିକାଲ ରେ ପହଁଚି ଭଦ୍ରକ ମେଡିକାଲକୁ ନେଇଥିଲେ। ଭଦ୍ରକ ମେଡିକାଲରେ ଡାକ୍ତର ମୃତ ଘୋଷଣା କରିଥିଲେ। ସୁବାସଙ୍କ ଭିଣୋଇ ସୁବାସକୁ ହତ୍ୟା କରାଯାଇଥିବା ନେଇ ସିମୁଳିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ସିମୁଳିଆ ପୁଲିସ ଆକ୍ରମଣ କରିଥିବା ଭଗବାନ କର ଓ ତାଙ୍କ ଭଣଜା ବୈରଞ୍ଜନ ଦାସ ଙ୍କୁ ଗିରଫ କରି ଆଜି କୋର୍ଟ ଚାଲାଣ କରିଛନ୍ତି। ପ୍ରେମ ଜନିତ ହତ୍ୟା ହୋଇଥିବା ନେଇ ଅଭିଯୋଗ ହୋଇଥିବା ବେଳେ ପାରିବାରିକ ବିବାଦ ଯୋଗୁଁ ହତ୍ୟା ହୋଇଥିବା ନେଇ ସଦର ଏସ୍‌ଡ଼ିପିଓ ଶୁଭ୍ରାଂଶୁ ଶେଖର ନାୟକ ଆଜି ସିମୁଳିଆ ଥାନା ପରିସରରେ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି।

# ହରିଣକୁ ଗୋଡ଼ାଇ ମାରିଦେଲେ ବୁଲା କୁକୁର



ନୀଳଗିରି, ୬।୫ (ସମିସ): କୁଲଡ଼ିହା ଅଭୟାରଣ୍ୟରୁ ଏକ ହରିଣ ଖାଦ୍ୟ ଅନ୍ୱେଷଣରେ ଆସି ଏକ ଗ୍ରାମ ମଧ୍ୟରେ ପ୍ରବେଶ କରିଥିଲା। ଏହି ହରିଣଟି ମାଟି ଆଳି ପଞ୍ଚାୟତର ଗୋବିନ୍ଦପୁରା ଗ୍ରାମରେ ବୁଲୁଥିବା ବେଳେ ବୁଲା କୁକୁର ଅତର୍କିତ ଭାବେ ହରିଣକୁ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରି ମାରି ଦେଇଥିଲେ। ଖବର ପାଇ ନୀଳଗିରି ବନ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ମୃତ ହରିଣକୁ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ପରେ ପୋତି ଦେଇଛନ୍ତି।

# ସୋର ପବ୍ଲିକ ସ୍କୁଲର ଶତପ୍ରତିଶତ ସଫଳତା

ସୋର, ୬।୫ (ସମିସ): ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରିକ୍ଷାରେ ସୋର ପବ୍ଲିକ ସ୍କୁଲର ପାସ ହାର ଶତ ପ୍ରତିଶତ ହୋଇଛି। ସୋର କମରପୁରସ୍ଥିତ ପବ୍ଲିକ ସ୍କୁଲର ପ୍ରଥମ ବ୍ୟାଚ ଦଶମ ଶ୍ରେଣୀ ଛାତ୍ର ଛାତ୍ରୀ ମାନେ, ଭଜହରୀ ବିଦ୍ୟାପୀଠ ଦହିପୁର ମାଧ୍ୟମରେ ମୋଟ ୧୬ ଜଣ ପରୀକ୍ଷା ଦେଇ ସମସ୍ତ ପରୀକ୍ଷାର୍ଥୀ କୃତିତ୍ୱର ସହ ପାସ କରିଛନ୍ତି। ତନ୍ମଧ୍ୟରୁ ଦୁଇଜଣ ଛାତ୍ରୀ ଗାର୍ଗୀ ନାୟକ, ୫୬୧ ନମ୍ବର ଏବଂ ସ୍ୱୟଂପ୍ରଭା ବିଶ୍ୱାଳ ୫୪୦ ନମ୍ବର ରଖି ଏ ୧ ରେ ପାସ କରିଥିବା ବେଳେ ୬ ଜଣ ଏ ୨ରେ, ବି ୧ ରେ ୫ ଜଣ ବି ୨ରେ ୩ ଜଣ ଉତୀର୍ଣ୍ଣ ହୋଇ ବିଦ୍ୟାଳୟର ମାନ ବଢ଼ାଇଛନ୍ତି। ଏଥିପାଇଁ ଗତ କାଲି ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ସମସ୍ତ ଛାତ୍ର ଛାତ୍ରୀ ମାନଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବରେ ବିଦ୍ୟାଳୟର ସଭାପତି ମାୟାଧର ନାୟକ, ସମ୍ପାଦକ ଶ୍ରୀଧର ପ୍ରସାଦ ବେହେରା, ଅଧକ୍ଷ ମହେଶ୍ୱର ପଣ୍ଡା, ପ୍ରଦୀପ କୁମାର ଦାଶ, ଅନାମ ପ୍ରସାଦ ବାରିକ, ପ୍ରଶାନ୍ତ କୁମାର ଦାସ, ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ରାମ ନାରାୟଣ ଦାସ, ଦିବାକର ସାହୁ, ଗୌରାଙ୍ଗ ଖୁଣ୍ଟିଆ, ଗୁଲତାଜ ଖାଁ, ସନ୍ତୋଷ କୁମାର ନାୟକ, ଡମ୍ବରୁ ଧର ଜେନା, ରମେଶ ଚନ୍ଦ୍ର ମହାପାତ୍ର, ବିବେକ ମହାପାତ୍ର, ବିଦ୍ୟୁସ୍ମିତା ନାୟକ, କାଞ୍ଚନ ବିଶ୍ୱାସ, ଅଞ୍ଜୁରାଣୀ ରାଏ, ଭାଗ୍ୟଶ୍ରୀ ଖୁଣ୍ଟିଆ, ସୀମା ବାରିକ, ବବିତା ଜେନା, ୟାସ୍ମିନ ପରବିନ ପ୍ରଭୃତି ଉପସ୍ଥିତି ରହି ପିଲାମାନଙ୍କର ଭବିଷ୍ୟତ ଗଠନ ପାଇଁ ଉପାଦେୟ ପରାମର୍ଶ ଦେଇଥିଲେ।

# ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଫାୟାର ସେଫ୍ଟି ମକଡ୍ରିଲ୍



ବାଲେଶ୍ୱର, ୬।୫(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସ୍ତ୍ରୀ ଓ ପ୍ରସୂତି ବିଭାଗରେ ସୁରକ୍ଷା କର୍ମୀ ଏବଂ ନର୍ସ ମାନଙ୍କୁ ନେଇ ଫାୟାର ସେଫ୍ଟି ମକଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ସଟ ସର୍କିଟ କିମ୍ବା କୌଣସି କାରଣ ପାଇଁ ନିଆଁ ଲାଗିଲେ କେମିତି ଜୀବନ ବଞ୍ଚାଇ ରୋଗୀ ଏବଂ ସମ୍ପର୍କୀୟ ମାନଙ୍କୁ ସୁରକ୍ଷିତ ସ୍ଥାନକୁ ଅଣାଯିବ ସେ ବିଷୟରେ ପ୍ରଶିକ୍ଷଣ ଦିଆଯାଇଛି। ଡାକ୍ତର ଖାନାର ସବୁ ବିଭାଗର ବଡ଼ ବଡ଼ ବିଲ୍ଡିଂରେ ନିଆଁ ଲାଗିଲେ କେମିତି ଯଥା ଶୀଘ୍ର ଅଗ୍ନି ନିର୍ବାପକ ଯନ୍ତ୍ର ସାହାଯ୍ୟରେ ନିଆଁ ଲିଭାଯିବ ସେବିଷୟରେ ଉପସ୍ଥିତ ସୁରକ୍ଷା କର୍ମୀ ଏବଂ ନର୍ସ ମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।

# ବାଗୁଡ଼ି ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସୂତି ଗୃହ ଉଦ୍‌ଘାଟିତ



ସୋର, ୬।୫ (ସମିସ): ସୋର ବ୍ଲକ ମହୁମୁହାଣ ପଞ୍ଚାୟତ ବାଗୁଡ଼ି ମେଡିକାଲରେ ପ୍ରସୂତି ଗୃହ ଉଦଘାଟିତ ହୋଇଯାଇଛି। ବାଗୁଡ଼ି ସ୍ୱାସ୍ଥ୍ୟ କେନ୍ଦ୍ରର ଭାରପ୍ରାପ୍ତ ଚିକିତ୍ସାଅଧିକାରୀ ଡ଼. ଲକ୍ଷ୍ମୀପ୍ରସାଦ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସୋର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡା. କାଶୀନାଥ ପଣ୍ଡା ଫିତା କାଟି ଉଦଘାଟନ କରିଥିଲେ।

ସମ୍ମାନିତ ଅତିଥି ଭାବେ ମହୁମୁହାଣ ସରପଞ୍ଚ ଗଦାଧର ମହାପାତ୍ର, ଭ୍ରମରବର ନାୟକ, ବିଶ୍ୱନାଥ ପାତ୍ର, ସ୍ନେହପ୍ରଭା ପାତ୍ର, ପ୍ରୀତିନନ୍ଦା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ସ୍ୱାସ୍ଥ୍ୟକେନ୍ଦ୍ରରେ ବହୁ ଦିନରୁ ପ୍ରସୂତି ପାଇଁ ଲେବର ରୁମ ଦାବି ହୋଇଆସୁଥିଲା। ପାଖାପାଖି ପାଞ୍ଚଟି ଗ୍ରାମ ପଞ୍ଚାୟତର ଲୋକ ନିର୍ଭର କରୁଥିବା ବାଗୁଡ଼ି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ହେଉଥିବା ଅଧିକ ଷ୍ଟାଫ ନିଯୁକ୍ତି ସାଧାରଣରେ ଦାବି ହେଇଆସୁଛି। ଏଥି ସହିତ ଏଠାରେ ସମସ୍ତ ପ୍ରକାର ରୋଗ ନିମନ୍ତେ ପରୀକ୍ଷା ସମ୍ପୂର୍ଣ ମାଗଣା ରେ କରାଯାଉଛି। ତେଣୁ ଅଧିକ ସଂଖ୍ୟକ କର୍ମଚାରୀ ସହିତ ଆୟୁଷ ଡାକ୍ତରଙ୍କ ବ୍ୟବସ୍ଥା ହେଲେ ସାଧାରଣ ଲୋକେ ଅଧିକ ଉପକୃତ ହୋଇପାରନ୍ତେ। ଏଥି ସହିତ ହସ୍ପିଟାଲର ମୁଖ୍ୟ ଫାଟକ, ପାଚେରୀ, ଷ୍ଟାଫକ୍ୱାଟର ନିର୍ମାଣ ପାଇଁ ଅଞ୍ଚଳବାସୀ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଅନୁପ କୁମାର ନାୟକ, ପ୍ରହଲ୍ଲାଦ ଜେନା ଏବଂ ତୁଳସୀ ଜେନା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଶ୍ରୀଜଗନ୍ନାଥ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ବାଲେଶ୍ୱର, ୬।୫(ସମିସ): ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ସାରଗାଁ ପଞ୍ଚାୟତର ପଦ୍ମପୁର ଗ୍ରାମରେ ପୂଜିତ ମହାପ୍ରଭୁ ଶ୍ରୀ ଜଗନ୍ନାଥ, ଶ୍ରୀ ବଳଭଦ୍ର, ମାତା ସୁଭଦ୍ରା ଓ ଚକ୍ରରାଜ ସୁଦର୍ଶନଙ୍କ ନିମନ୍ତେ ନବ ନିର୍ମିତ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଶୁଭାରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ଶ୍ରୀକ୍ଷେତ୍ର ପୁରୀରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଜ୍ଞାମାଳ ପହଞ୍ଚିବା ପରେ ଏକ ଶୋଭାଯାତ୍ରା ସହ ଗ୍ରାମ୍ୟ ପରିକ୍ରମା ସହ ଚାରି ଦିନିଆ ପ୍ରତିଷ୍ଠା ଉତ୍ସବର ଆନୁଷ୍ଠାନିକ ଆରମ୍ଭ ହୋଇଥିଲା। ବୁଧବାର ସକାଳେ ଏକ ବିଶାଳ କଳସ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ମୁଖ୍ୟ ପୁରୋହିତ ବାଲେଶ୍ୱର ବ୍ରାହ୍ମଣ ସମାଜର ସଭାପତି ପଣ୍ଡିତ ସର୍ବେଶ୍ୱର ପତିଙ୍କ ନେତୃତ୍ୱରେ ଅନ୍ୟ ୬ଜଣ ବେଦଜ୍ଞ ବ୍ରାହ୍ମଣ ଏହି ମନ୍ଦିର ପ୍ରତିଷ୍ଠା ଉତ୍ସବର ସମସ୍ତ କର୍ମକାଣ୍ଡ ସମ୍ପାଦନ କରୁଛନ୍ତି। ୨୦୨୧ ମସିହା ଠାରୁ ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିଲା। ଗ୍ରାମବାସୀଙ୍କ ଆନ୍ତରିକ ତଥା ସକ୍ରିୟ ସହଯୋଗ ଦ୍ୱାରା ପ୍ରାୟ ୬୫ଲକ୍ଷ ଟଙ୍କା ବ୍ୟୟରେ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହେବା ପରେ ଏହି ପ୍ରତିଷ୍ଠା ଉତ୍ସବ ଆୟୋଜିତ ହେଉଥିବା ଉତ୍ସବ ଆୟୋଜନ କମିଟିର ସଭାପତି ହେମନ୍ତ ନାୟକ ସୂଚନା ଦେଇଛନ୍ତି। କମିଟିର ସମ୍ପାଦକ ରଘୁନାଥ ବିଶ୍ୱାଳ ଓ କୋଷାଧକ୍ଷ ଦେବେନ୍ଦ୍ର ରାଉତଙ୍କ ସହ ଗ୍ରାମର ଯୁବଗୋଷ୍ଠୀ ଉତ୍ସବର ସମସ୍ତ କାର୍ଯ୍ୟ ପରିଚାଳନା କରୁଛନ୍ତି।


# FAKIR MOHAN UNIVERSITY

Vyasa Vihar, Nuapadhi, Balasore, Odisha, Pin.-756089
Phone: 06782-275787
email-id: registrarfmuniversity@gmail.com
Website: www.fmuniversity.nic.in

Letter No.: FMU-Estt.(T)-II-04/2026/4148 Date: 02/05/2026

## ADVERTISEMENT FOR RECRUITMENT OF FACULTY POSITIONS

Applications are invited from eligible candidates as per UGC eligibility criteria (UGC Notification dated 18th July 2018 and subsequent amendments) to fill up various regular faculty positions, including backlog vacancies, in the Post Graduate Departments of Fakir Mohan University.

**Online Applications, through https://himsrecruitment.odisha.gov.in/home, are invited in prescribed application form from the eligible candidates for appointment to the following teaching positions on regular basis:**

| Subject | Name of the Post and No.of Vacant Position | | | |
|---|---|---|---|---|
| | Total No. of Posts | Professor | Associate Professor | Assistant Professor |
| Applied Geology | 02 | 01-ST(W) | 01-ST | -- |
| Bioscience and Biotechnology | 01 | 01-SC | -- | -- |
| Botany | 06 | 01-SEBC(W) | 01-SC,01-SEBC | 01-UR,01-SC,01-SC(W) |
| Business Management | 02 | 01-UR | 01-ST | -- |
| Chemistry | 03 | 01-ST | -- | 01-SEBC, 01-UR |
| Commerce | 06 | 01-UR | 01-SC,01-ST(W) | 01-SC, 01-UR, 01-UR(W) |
| Computer Science | 01 | 01-SC | -- | -- |
| Economics | 02 | -- | 01-SEBC(W)* | 01-SEBC |
| Education | 01 | 01-UR(W) | -- | -- |
| Environmental Science | 01 | -- | -- | 01-UR(W) |
| Geography | 01 | -- | 01-ST | -- |
| History and Archeology | 06 | 01-ST | 01-SC(W),01-ST | 02-UR,01-SC(W) |
| Journalism and Mass communication | 03 | 01-UR | 01-SC,01-SEBC** | -- |
| Mathematics | 01 | 01-SEBC | -- | -- |
| Odia | 01 | 01-UR | -- | -- |
| Physics | 02 | 01-ST | 01-ST(W) | -- |
| Political Science | 02 | -- | 01-SC | 01-ST |
| Population Studies | 04 | 01-UR(W) | 01-ST(W), 01-SEBC | 01-UR(W)* |
| Sociology | 01 | -- | 01-ST | -- |
| Urdu | 01 | -- | 01-SC(W) | -- |
| Zoology | 06 | 01-SC(W) | 01-UR,01-ST(W) | 01-SEBC(W),01-UR,01-SC |
| Total | 53 | 15 | 20 | 18 |

Abbreviation: [UR = Unreserved; SEBC = Socially and Educationally Backward Classes; SC = Scheduled Caste; ST = Scheduled Tribe; W = Woman]

* Lien vacancy: The post is likely to continue until the completion of the lien period of the lien holder. However, if the lien holder re-joins the post, the selected candidate will be relieved. Otherwise, the selected candidate may be absorbed into the post.

** Likely to be vacant due to superannuation on 31.05.2026

**Note:**

1) In case of non-availability of suitable women candidates, the posts shall be filled up by male candidates from the same category.

2) An appropriate number of posts for Assistant Professor, Associate Professor, and Professor shall be reserved for candidates under the PwD category, in accordance with the Rights of Persons with Disabilities Act, 2016, subject to the availability of the eligible candidates.

**IMPORTANT DATES**

| | |
|---|---|
| Link available for online application form from | 7th May, 2026. |
| Last date for submission of online application form | 7th June, 2026 |
| Last date for hard copy of online generated application form with required documents | 17th June, 2026 up to 05:00 p.m. |

**Application Fee**

1. The application fee is Rs.1000/- for General and SEBC candidates.
2. The application fee is Rs.600/- for SC and ST candidates.
3. There is no application fee for PwD candidates.
4. The fee must be paid online through the portal and is non-refundable.

Candidates are required to send a hard copy of the downloaded completely filled up application form along with all relevant documents only through Speed Post addressed to:

**The Registrar,**
Fakir Mohan University
Vyasa Vihar, Balasore – 756089
Dist: Balasore (Odisha)

The University reserves the right to modify the posts, number of vacancies and to cancel or modify this notification without assigning any reason thereof.

**Sd/- Registrar**

## ଯାତ୍ରା ସାରି ବାହୁଡିଲେ ମା'ମୁତ୍ୟାଲୁମା'

# ହଜାର ହଜାର ଭକ୍ତ ଭାଙ୍ଗିଲେ ନଡ଼ିଆ

କୋରାପୁଟ,୬।୫(ସମିସ): ଅବିଭକ୍ତ କୋରାପୁଟ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମୁତ୍ୟାଲୁମା'ଙ୍କର ନବଦିନାତ୍ମକ ଯାତ୍ରା ଶେଷ ହୋଇଛି। ନଅଦିନ ବ୍ୟାପୀ ସହର ପୂଜା କମିଟି ତରଫରୁ କରାଯାଇଥିବା ଅସ୍ଥାୟୀ ମଣ୍ଡପରେ ମା'ପୂଜା ପାଇଥିବା ବେଳେ କୋରାପୁଟ ସହରର ପ୍ରତ୍ୟେକ ଦିନ ସାହି ସାହି ବୁଲି ମା ଘଟ ପରିକ୍ରମା କରିଥିଲେ। ଅସ୍ଥାୟୀ ମଣ୍ଡପ ଛାଡି ମା' ଟିକିରାସାହି ସ୍ଥିତ ମନ୍ଦିରକୁ ଫେରିବା ସମୟରେ ଭକ୍ତିମୟ ହୋଇ ଉଠିଥିଲା ପରିବେଶ। ଯିବା ରାସ୍ତାରେ ଲୁଗା ପକାଯାଇ ମା'ଙ୍କୁ ନିଜ ମନ୍ଦିରକୁ ନିଆଯାଇଥିଲା। ଏହି ସମୟରେ ହଜାର ହଜାର ଭକ୍ତ ରାସ୍ତା ଉପରେ ନଡିଆ ଭାଙ୍ଗି ମା'ମୁତ୍ୟାଲୁମାଙ୍କ ନିକଟରେ ଆଶିଷ ଭିକ୍ଷା କରିଥିଲେ। ପାରମ୍ପରିକ ବାଦ୍ୟରେ ସହର ଉତ୍ସବ ମୁଖରିତ ହୋଇ ଉଠିଥିବା ବେଳେ ମା'ଙ୍କୁ ବିଦାୟ ଦେଇ ଭକ୍ତ ମାନେ ଭାବବିହ୍ୱଳ ହୋଇ ଉଠିଥିଲେ। ନବଦୀନ ବ୍ୟାପି ଘଟଯାତ୍ରା ଅବସରରେ ବେଶ ମୁଖରିତ ହୁଏ ମା'ଙ୍କ ପୀଠ ଓ କୋରାପୁଟ ସହରର ଅସ୍ଥାୟୀ ପୀଠ। କେବଳ କୋରାପୁଟ କାହିଁକି ପଡୋଶୀ ଆନ୍ଧ୍ର, ଛତିଶଗଡ, ନବରଙ୍ଗପୁର, ରାୟଗଡା ଓ ମାଲକାନଗିରି ଭଳି ଦୂରଦୂରାନ୍ତରୁ ମାଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁ ଛୁଟି ଆସନ୍ତି। ସମଗ୍ର କୋରାପୁଟ ସହର ଦେବୀମୟ ହୋଇଉଠେ। ଆଜି ନବଦିନ ଯାତ୍ରା ସମ୍ପନ୍ନ କରି ମା' ମୁତ୍ୟାଲୁମା ଟିକିରାସାହି ସ୍ଥିତ ନିଜ ମନ୍ଦିରକୁ ଫେରିଯାଇଛନ୍ତି। ଘଣ୍ଟ, ବାଣ ଓ ରୋଷଣୀରେ ମା' ନିଜ ମନ୍ଦିରକୁ ଫେରିଛନ୍ତି। କୋରାପୁଟ ସହରର ଏକ ଅସ୍ଥାୟୀ ମଣ୍ଡପରେ ମା ମୁତ୍ୟାଲୁମାଙ୍କର ନବଦିନାତ୍ମକ ଘଟଯାତ୍ରା ହର୍ଷ ଉଲ୍ଲାସର ସହ ସମ୍ପର୍ଣ୍ଣ ହୋଇଛି। ନବଦିନ ଧରି ମା' ସାହି ସାହି ବୁଲି ଘଟ ପରିକ୍ରମା କରିଥିବାବେଳେ ଭକ୍ତମାନେ ଭୋଗ ନୈବେଦ୍ୟ ପ୍ରଦାନ କରି ମାଙ୍କର ଆଶିଷ କାମନା କରିଛନ୍ତି। ମା' ଦୋଳିରେ ଝୁଲନ୍ତି, ନିଆଁରେ ଚାଲନ୍ତି ଓ ଶିଶୁଙ୍କ ଉପରେ ପାଦଥାପି ନିରୋଗ ରଖିଥାନ୍ତି। ଆଜିର ଶେଷ ଦିନରେ ମା'ଙ୍କର ଦର୍ଶନ ପାଇଁ ପ୍ରବଳ ଭକ୍ତ ଉପସ୍ଥିତ ଥିଲେ। ବିଶ୍ୱାସ ଅଛି ମା 'ନିଜ ମନ୍ଦିରରୁ ନବଦିନାତ୍ମକ ଯାତ୍ରାରେ ଯେତେବେଳେ ଅସ୍ଥାୟୀ ମନ୍ଦିରକୁ ବାହାରନ୍ତି ସେତେବେଳେ ସହରସାରାର କୁନିକୁନି ଛୁଆ ମାନଙ୍କୁ ତାଙ୍କ ମା' ମାନେ ମାଙ୍କ ଆସିବା ରାସ୍ତାରେ ତଳେ ଶୁଆଇ ଦିଅନ୍ତି। ବିଶ୍ୱାସ ଅଛି ମା'ଙ୍କ ଘଟ ସହ ଅନ୍ୟ ସମସ୍ତ ଘଟ ଛୁଆଙ୍କୁ ଡେଇଁ ଚାଲିଗଲା ପରେ ଛୁଆମାନେ ହୁଅନ୍ତି ରୋଗମୁକ୍ତ ସହ ଏକ ଭଲ ଜୀବନ ଅତିବାହିତ କରନ୍ତି।





# ଜୟପୁର ସହରରେ ପେଟ୍ରୋଲ, ଡିଜେଲ ଅଭାବ



ଜୟପୁର,୬।୫(ସମିସ): କୋରାପୁଟ ଜିଲ୍ଲା ଜୟପୁର ସହରର ଏବଂ ଆଖାପାଖ ଗ୍ରାମରେ ପେଟ୍ରୋଲ ପମ୍ପ୍ ଗୁଡିକରେ ପେଟ୍ରୋଲ ଏବଂ ଡିଜେଲର କୃତ୍ରିମ ଅଭାବ ଦେଖାଦେଇଛି। ଏହିପର ସମସ୍ୟାକୁ ନେଇ ବିଭିନ୍ନ ବାଇକ ଠାରୁ ଗାଡି ମାଲିକଙ୍କ୍ ମଧ୍ୟରେ ଏକ ପ୍ରକାର ଛନକା ଦେଖାଦେଇଛି। ଗତକାଲି ସଂଧ୍ୟା ଏବଂ ଆଜି ପୂର୍ବାହ୍ନରେ ସହରର ପାରାବେଢା ଛକ ଏବଂ ଲକ୍ଷ୍ମୀ ଇନ୍ଦିରା ପଣ୍ଡା ଛକ ଠାରେ ରହିଥିବା ପେଟ୍ରୋଲ ପମ୍ପରେ ବାଇକ, ଅଟୋ, ଚାରି ଚକିଆ ଯାନ ଗୁଡିକ ପ୍ରବଳ ଭୀଡ ଦେଖିବାକୁ ମିଳିଥିଲା। ଏହିପରି ଜିଲ୍ଲା ପ୍ରଶାସନର ନିର୍ଦ୍ଦେଶ କ୍ରମେ ଯୋଗାଣ ବିଭାଗ ପକ୍ଷରୁ ସହକାରୀ ଯୋଗାଣ ଅଧିକାରୀ ଏନ. ଲକ୍ଷ୍ମଣ ରାଓଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀ ମାନେ ସହରର ବିଭିନ୍ନ ପେଟ୍ରୋଲ ପମ୍ପ ଗୁଡିକର ପହଞ୍ଚି ପେଟ୍ରୋଲ ଓ ଡିଜେଲ ଷ୍ଟକର ଯାଞ୍ଚ କରିଥିଲେ ଏବଂ ତୁରନ୍ତ ଆବଶ୍ୟକ ତୈଳ ରଖିବାକୁ ନିର୍ଦ୍ଦେଶ ଦେବା ସହିତ ତାଗିଦ କରିଥିଲେ। ଅଗ୍ରିମ ଟଙ୍କା ପୈଠ କରାଯାଇ ବରାଦ ପରେ ପେଟ୍ରୋଲ ଓ ଡିଜେଲ ଗୁଡିକ କମ୍ପାନୀ ଗୁଡିକ ତୈଳ ପ୍ରଦାନ

## ଯୋଗାଣ ବିଭାଗର ତଦାରଖ ଓ ତାଗିଦ

କରିଥାଆନ୍ତି। ତେଣୁ ତୁରନ୍ତ ପେଟ୍ରୋଲ ପମ୍ପ ଗୁଡିକ ଟଙ୍କା ପୈଠ କରାଯାଇ ବରାଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସହରରେ ଆଜି କେବଳ ଲକ୍ଷ୍ମୀ ଇନ୍ଦିରା ପଣ୍ଡା ଛକ ଏବଂ ପାରବେଢା ଛକ ଠାରେ ରହିଥିବା ଦୁଇଟି ପେଟ୍ରୋଲ ପମ୍ପରେ ପେଟ୍ରୋଲ ଓ ଡିଜେଲ ରହିଥିବା ସହିତ ଗ୍ରାହକଙ୍କୁ ପ୍ରଦାନ କରାଯାଉଥିବା ବେଳେ ଅନ୍ୟାନ୍ୟ ପେଟ୍ରୋଲ ପମ୍ପରେ ଷ୍ଟକ ନଥିବା ଯୋଗୁଁ ଉଭୟ ପେଟ୍ରୋଲ ପମ୍ପରେ ଗ୍ରାହକ ମାନେ ନିଜର ବାଇକ, ଚାରିଚକିଆ ଯାନ ସହିତ ଭୀଡ ଦେଖାଦେଇଥିଲା। ତେଣୁ ସହରରେ ଏକ ପ୍ରକାର ପେଟ୍ରୋଲ ଓ ଡିଜେଲ ପାଇଁ ହା ହା କାର ସୃଷ୍ଟି ହୋଇଥିଲା। ଏହିପରି ଜିଲ୍ଲା ପ୍ରଶାସନ ପକ୍ଷରୁ ଯୋଗାଣ ବିଭାଗର ଅଧିକାରୀ ପହଞ୍ଚି ସମସ୍ତ କିଭଳି ପେଟ୍ରୋଲ ଓ ଡିଜେଲ ପାଇବେ ସେଥିନେଇ ପ୍ରତ୍ୟେକ ବାଇକ୍ ପିଛା ୨୦୦ ଟଙ୍କା ଏବଂ ଚାରିଚକିଆ ଯାନ ପିଛା ୫୦୦ ଟଙ୍କାର ପେଟ୍ରୋଲ ଦେଇଥିଲେ। ସେହିପରି ଡିଜେଲ ୪ଚକିଆ ଯାନ ପାଇଁ ଏକ ହଜାର ଟଙ୍କାର ଏବଂ ଟ୍ରକ ଓ ବସର ଯାତ୍ରା ଅନୁଯାୟୀ ସର୍ବାଧିକ ୫ ହଜାର ଟଙ୍କା ପର୍ଯ୍ୟନ୍ତ ଡିଜେଲ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହିପରି ଅନ୍ୟାନ୍ୟ ପେଟ୍ରୋଲ ପମ୍ପ ଗୁଡିକକୁ ତୁରନ୍ତ ପେଟ୍ରୋଲ ଓ ଡିଜେଲ ଆଣି ଷ୍ଟକ ରଖିବା ସହିତ ଗ୍ରାହକ ସେବା ପ୍ରଦାନ କରିବା ନେଇ ତାଗିଦ କରିଥିଲେ। ଏହିପରି ଆଗାମୀ ଦିନରେ ଜିଲ୍ଲାର ସମସ୍ତ ପେଟ୍ରୋଲ ପମ୍ପର ଗୁଡିକ ଉପରେ ଯୋଗାଣ ବିଭାଗ ଚଢ଼ଉ କରିବା ସହିତ ଯାଞ୍ଚ କରିବ ଏବଂ ଆସନ୍ତା କାଲି ଜୟପୁର ସହରର ଅଧିକାଂଶ ପମ୍ପରେ ଉଭୟ ପେଟ୍ରୋଲ ଓ ଡିଜେଲ ଆବଶ୍ୟକ ଅନୁଯାୟୀ ପହଞ୍ଚିବ ଏବଂ ଅଭାବ ସମସ୍ୟାର ସମାଧାନ ହୋଇଯିବ ବୋଲି ସହକାରୀ ଯୋଗାଣ ଅଧିକାରୀ ଶ୍ରୀ ରାଓ ପ୍ରକାଶ କରିଛନ୍ତି। ସେହିପରି ଜରୁରୀକାଳୀନ ସେବା ପାଇଁ ସମସ୍ତ ପେଟ୍ରୋଲ ପମ୍ପରେ ପେଟ୍ରୋଲ ସର୍ବନିମ୍ନ ୨ ହଜାର ଏବଂ ଡିଜେଲ ସର୍ବନିମ୍ନ ୪ ହଜାର ଲିଟର ଷ୍ଟକ ରଖିବାକୁ ଜିଲ୍ଲାପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି।

# ଘରେ ଘରେ ପୂଜା ପାଇଲେ ଅଗ୍ନି ଗଙ୍ଗା ମା'

ସେମିଳିଗୁଡ଼ା,୬।୫ (ସମିସ): କୋରାପୁଟ ଜିଲ୍ଲା ସେମିଳିଗୁଡା ସହରରେ ଚାଲିଥିବା ଅଗ୍ନି ଗଙ୍ଗା ମା' ନବରାତ୍ରୀ ବାର୍ଷିକ ଯାତ୍ରାର ଚତୁର୍ଥ ଦିନରେ ମା'ଙ୍କ ଘଟ ସହରର ଘରେ ଘରେ ପୂଜା ପାଇଲେ। ମଙ୍ଗଳବାର ରାତିରେ ଅସ୍ଥାୟୀ ମଣ୍ଡପକୁ ପହଞ୍ଚିଥିବା ଅଗ୍ନି ଗଙ୍ଗା ମା'ଙ୍କ ଘଟକୁ ପ୍ରତିଷ୍ଠା କରାଯାଇଛି । ବୁଧବାର ଦିନ ସକାଳୁ ଅସ୍ଥାୟୀ ମଣ୍ଡପରେ ମା'ଙ୍କ ଦର୍ଶନ କରି ଭକ୍ତ ମାନେ ପୂଜାର୍ଚ୍ଚନା କରିଥିଲେ। ମଣ୍ଡପରେ ଶୃଙ୍ଖଳା ଭୋଗ ସହ ପାଣି ବଣ୍ଟନର ବ୍ୟବସ୍ଥା କରାଯାଇଥିଲା। ସନ୍ଧ୍ୟାରେ ମଣ୍ଡପରୁ ଘଟ ବାହାରି ସହର ପରିକ୍ରମା କରି ବିଭିନ୍ନ ସାହିରେ ଘର ଘଟ ଘର ବୁଲି ପୂଜା ପାଇଥିଲେ। ଅଗ୍ନି ଗଙ୍ଗା ମା'ଙ୍କ ଯାତ୍ରା ପାଇଁ ସହରରେ ଭିଡ଼ ଜମି ଯାଇଛି।



# ପଞ୍ଚାୟତିରାଜ ମନ୍ତ୍ରୀଙ୍କ ତେନ୍ତୁଳିଖୁଣ୍ଟି ବ୍ଲକ୍ ଗସ୍ତ,ଡ୍ୟାମ୍ ପରିଦର୍ଶନ

## ବିଭିନ୍ନ ପ୍ରକଳ୍ପର ଉଦ୍ଘାଟନ, ଭିତ୍ତିପ୍ରସ୍ତର ସ୍ଥାପନ

ତେନ୍ତୁଳିଖୁଣ୍ଟି, ୬।୫(ସମିସ): ନବରଙ୍ଗପୁର ଜିଲ୍ଲା ତେନ୍ତୁଳିଖୁଣ୍ଟି ବ୍ଲକ ଗସ୍ତ କରିଛନ୍ତି ଗ୍ରାମ୍ୟ ଉନ୍ନୟନ ତଥା ପଞ୍ଚାୟତରାଜ ଏବଂ ଜଳ ଯୋଗାଣ ବିଭାଗ ମନ୍ତ୍ରୀ ରବି ନାରାୟଣ ନାୟକ। ମନ୍ତ୍ରୀ ଇନ୍ଦ୍ରାବତୀ ଡ୍ୟାମ ପରିଦର୍ଶନ କରିବା ସହ ସେଠାରେ ଜଳ ଯୋଗାଣ ନିମନ୍ତେ ସ୍ଥାପିତ ଭାସମାନ ପୋତ ଘାଟର ସମୀକ୍ଷା କରିଥିଲେ। ଦୀର୍ଘ ଦିନରୁ ପିଚୁ ରାସ୍ତା ଦାବି କରି ବାରମ୍ବାର ଭୋଟ ବର୍ଜନ କରୁଥିବା ଖୁଣ୍ଟିଆଗୁଡାବାସିଙ୍କ ସମସ୍ୟା ଦୂର କରିବା ପାଇଁ ଫଟାଗୁଡା ଛକ ଠାରୁ ପଣସଡୁକା ଭାୟା ଖୁଣ୍ଟିଆଗୁଡା ପର୍ଯ୍ୟନ୍ତ ପ୍ରାୟ ୩ କିଲୋମିଟର ରାସ୍ତାର ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ମାଧ୍ୟମରେ ଭିତ୍ତିପ୍ରସ୍ଥର ସ୍ଥାପନ କରିଥିଲେ। ଲମତାଗୁଡା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟଠାରେ ଗ୍ରାମପଞ୍ଚାୟତ ସୁବିଧା କେନ୍ଦ୍ର ଏବଂ ସିଏସପି ପ୍ଲସ ୟୁନିଟର ଶୁଭ ଉଦ୍ଘାଟନ ମଧ୍ୟ କରିଥିଲେ । ସେହିଭଳି ଲମତାଗୁଡା ଠାରେ ନିର୍ମିତି ମେଗା ପାନୀୟଜଳ ପ୍ରକଳ୍ପର ଶୁଭ ଉଦଘାଟନ କରି ସ୍ଥାନୀୟ ମେଗା ପ୍ରକଳ୍ପ କାର୍ଯ୍ୟାଳୟ ସମ୍ମୁଖରେ ଜନସାଧାରଣଙ୍କ ନିକଟରେ ଅଭିଭାଷଣ ରଖି ପ୍ରକଳ୍ପରୁ ପାନୀୟଜଳ ଘରେ ଘରେ ପହଞ୍ଚିବା ପାଇଁ ସରକାରଙ୍କ ଏହା ଏକ ଐତିହାସିକ ଯୋଜନା ବୋଲି ପ୍ରକାଶ କରିଥିଲେ। ଏହି ଉଦ୍ବୋଧନୀ ସମାରୋହରେ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ସରକାରଙ୍କ ଯୋଜନା ସମୂହ ପ୍ରକାଶ କରି ପ୍ରତିଶ୍ରୁତି ପୂରଣ ଦିଗରେ ସରକାର କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ । ଆୟୋଜିତ ଏହି ଉଦ୍ଘାଟନୀ ମଞ୍ଚରେ ନବରଙ୍ଗପୁର ଜିଲ୍ଲାପାଳ ଡ. ମହେଶ୍ୱର ସ୍ୱାଇଁ, ନବରଙ୍ଗପୁର ସାଂସଦ ବଳଭଦ୍ର ମାଝୀ, ଝରୀଗାଁ ବିଧାୟକ ନରସିଂହ ଭତ୍ରା, ସ୍ୱତନ୍ତ୍ର ଉନୟନ ପରିଷଦ ଅଧ୍ୟକ୍ଷ ବାସନ୍ତୀ ମାଝୀ, ଉପାଧ୍ୟକ୍ଷ ଲିଙ୍ଗରାଜ ଭତ୍ରା, ତେନ୍ତୁଳିଖୁଣ୍ଟି ଅଧ୍ୟକ୍ଷା, ଉପାଧ୍ୟାକ୍ଷ ପ୍ରମୁଖ ମଞ୍ଚାସୀନ ଥିଲେ।




**FAKIR MOHAN UNIVERSITY**
Vyasa Vihar, Nuapadhi
Balasore, Odisha, Pin.-756089
Phone: 06782-275787
email-id: registrarfmuniversity@gmail.com
Website: www.fmuniversity.nic.in

Letter No.: FMU-Estt.(T)-II-04/2026/4148 Date: 02/05/2026

**ADVERTISEMENT FOR RECRUITMENT OF FACULTY POSITIONS**

Applications are invited from eligible candidates as per UGC eligibility criteria (UGC Notification dated 18th July 2018 and subsequent amendments) to fill up various regular faculty positions, including backlog vacancies, in the Post Graduate Departments of Fakir Mohan University.

**Online Applications, through https://himsrecruitment.odisha.gov.in/home, are invited in prescribed application form from the eligible candidates for appointment to the following teaching positions on regular basis:**

| Subject | Name of the Post and No.of Vacant Position | | | |
|---|---|---|---|---|
| | Total No. of Posts | Professor | Associate Professor | Assistant Professor |
| Applied Geology | 02 | 01-ST(W) | 01-ST | -- |
| Bioscience and Biotechnology | 01 | 01-SC | -- | -- |
| Botany | 06 | 01-SEBC(W) | 01-SC,01-SEBC | 01-UR,01-SC,01-SC(W) |
| Business Management | 02 | 01-UR | 01-ST | -- |
| Chemistry | 03 | 01-ST | -- | 01-SEBC, 01-UR |
| Commerce | 06 | 01-UR | 01-SC,01-ST(W) | 01-SC, 01-UR, 01-UR(W) |
| Computer Science | 01 | 01-SC | -- | -- |
| Economics | 02 | -- | 01-SEBC(W)* | 01-SEBC |
| Education | 01 | 01-UR(W) | -- | -- |
| Environmental Science | 01 | -- | -- | 01-UR(W) |
| Geography | 01 | -- | 01-ST | -- |
| History and Archeology | 06 | 01-ST | 01-SC(W),01-ST | 02-UR,01-SC(W) |
| Journalism and Mass communication | 03 | 01-UR | 01-SC,01-SEBC** | -- |
| Mathematics | 01 | 01-SEBC | -- | -- |
| Odia | 01 | 01-UR | -- | -- |
| Physics | 02 | 01-ST | 01-ST(W) | -- |
| Political Science | 02 | -- | 01-SC | 01-ST |
| Population Studies | 04 | 01-UR(W) | 01-ST(W), 01-SEBC | 01-UR(W)* |
| Sociology | 01 | -- | 01-ST | -- |
| Urdu | 01 | -- | 01-SC(W) | -- |
| Zoology | 06 | 01-SC(W) | 01-UR,01-ST(W) | 01-SEBC(W),01-UR,01-SC |
| Total | 53 | 15 | 20 | 18 |

Abbreviation: [UR = Unreserved; SEBC = Socially and Educationally Backward Classes; SC = Scheduled Caste; ST = Scheduled Tribe; W = Woman]

* Lien vacancy: The post is likely to continue until the completion of the lien period of the lien holder. However, if the lien holder re-joins the post, the selected candidate will be relieved. Otherwise, the selected candidate may be absorbed into the post.

** Likely to be vacant due to superannuation on 31.05.2026

**Note:**

1) In case of non-availability of suitable women candidates, the posts shall be filled up by male candidates from the same category.

2) An appropriate number of posts for Assistant Professor, Associate Professor, and Professor shall be reserved for candidates under the PwD category, in accordance with the Rights of Persons with Disabilities Act, 2016, subject to the availability of the eligible candidates.

**IMPORTANT DATES**

| | |
|---|---|
| Link available for online application form from | 7th May, 2026. |
| Last date for submission of online application form | 7th June, 2026 |
| Last date for hard copy of online generated application form with required documents | 17th June, 2026 up to 05:00 p.m. |

**Application Fee**

1. The application fee is Rs.1000/- for General and SEBC candidates.
2. The application fee is Rs.600/- for SC and ST candidates.
3. There is no application fee for PwD candidates.
4. The fee must be paid online through the portal and is non-refundable.

Candidates are required to send a hard copy of the downloaded completely filled up application form along with all relevant documents only through Speed Post addressed to:

**The Registrar,**
Fakir Mohan University
Vyasa Vihar, Balasore – 756089
Dist: Balasore (Odisha)

The University reserves the right to modify the posts, number of vacancies and to cancel or modify this notification without assigning any reason thereof.

**Sd/- Registrar**

## ଶିକ୍ଷା ବିଭାଗରେ ସମ୍ବର୍ଦ୍ଧନା ସଭା



ଖଜୁରିଆକଟା,୬।୫(ସମିସ): ହିନ୍ଦୋଳ ମହାବିଦ୍ୟାଳୟ ଶିକ୍ଷା ବିଭାଗରେ ୨୦୧୨ରୁ ଅଦ୍ୟାବଧି ଉତ୍ତୀର୍ଣ୍ଣ ହୋଇଥିବା ପୁରାତନ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟରୁ ଅବସର ଗ୍ରହଣ କରିବାକୁ ଯାଉଥିବା ବିଭାଗୀୟ ମୁଖ୍ୟ ସୁରେଶ ଚନ୍ଦ୍ର ମିଶ୍ରଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ତଥା ଉପହାର ଦେଇ ସମ୍ବର୍ଦ୍ଧନା ଜଣାଇଛନ୍ତି। ବୁଧବାର ଛାତ୍ର ଛାତ୍ରୀଙ୍କ ଦ୍ୱାରା ଆୟୋଜିତ ସଭାରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ କୁମାର ଧଳ ସଭାପତିତ୍ୱ କରିଥିଲେ। ଛାତ୍ରଛାତ୍ରୀମାନେ ଶିକ୍ଷାନୁଷ୍ଠାନର ମଞ୍ଜି ସଦୃଶ। ତେଣୁ ଉପଯୁକ୍ତ ସମୟରେ ଉତ୍ତମ ରୂପେ ଗଢ଼ି ତୋଳିଲେ ସେମାନେ ସୁନାଗରିକ ହୋଇପାରିବେ ବୋଲି ସେ ମତ ଦେଇଥିଲେ। ମୁଖ୍ୟଅତିଥି ଭାବେ ବିଭାଗୀୟ ମୁଖ୍ୟ ଯୋଗଦେଇ ବିଭାଗ ତଥା ମହାବିଦ୍ୟାଳୟ ପ୍ରତି ସର୍ବଦା ଆନୁଗତ୍ୟ ରହିବା ସହ ଛାତ୍ରଛାତ୍ରୀ ଶୃଙ୍ଖଳିତ ଭାବେ ଜୀବନ ଗଢ଼ିବା ଉଚିତ ବୋଲି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଇଂରାଜୀ ବିଭାଗ ମୁଖ୍ୟ ଅକ୍ଷୟ କୁମାର ପାତ୍ର, ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟ ନିର୍ମଳ ଚନ୍ଦ୍ର ପାଣିଗ୍ରାହୀ, ମୁଖ୍ୟ କର୍ମଚାରୀ ସନ୍ଦୀପ ଦେବତା ଯୋଗଦେଇ ଦେଶ ଗଠନରେ ଛାତ୍ର ସମାଜର ଭୂମିକା ଉପରେ ମତ ପ୍ରକାଶ କରିଥିଲେ। କାର୍ଯ୍ୟାଳୟ କର୍ମଚାରୀ ମଙ୍ଗରାଜ ପ୍ରଧାନ ମାନପତ୍ର ପାଠ କରିଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରୁ ଭାରତ ଭୂଷଣ ବେହେରା, ରାଜେଶ ସାହୁ, ଚିନ୍ମୟୀ ସାମଲ, ଗାୟତ୍ରୀ ସାହୁ, ଐଶ୍ୱର୍ଯ୍ୟା ସାହୁ, ଅର୍ଚ୍ଚିତା ସାହୁ, ରାହୁଲ ବେହେରା, ସୌଭାଗ୍ୟ ମୁଦୁଲି ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବିଭାଗର ଅନ୍ୟତମ ଅଧ୍ୟାପକ ବ୍ରଜକିଶୋର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଇପିଏଫ୍ ପେନ୍‌ସନ ବୃଦ୍ଧି ନିମନ୍ତେ ରାଷ୍ଟ୍ରପତିଙ୍କ ହସ୍ତକ୍ଷେପ ଲୋଡ଼ିଲା ସଂଘ

ଢେଙ୍କାନାଳ,୬।୫(ସମିସ): ଅଲ ଓଡ଼ିଶା ଇପିଏଫ ପେନସନର୍ସ ଆସୋସିଏସନ ରାଜ୍ୟ କମିଟି ଡାକରାରେ ୩୦ଟି ଜିଲ୍ଲା କମିଟି ତରଫରୁ ପେନସନ ବୃଦ୍ଧି ପ୍ରସଙ୍ଗରେ ଜିଲ୍ଲା ଶାଖା ପକ୍ଷରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ସ୍ମାରକପତ୍ର ପଠାଯାଇ ହସ୍ତକ୍ଷେପ ଲୋଡ଼ାଯାଇଛି। ଓଡ଼ିଶା ସମେତ ସାରା ଦେଶରେ ଥିବା ୭୮ ଲକ୍ଷରୁ ଅଧିକ ଇପିଏଫ ପେନସନଭୋଗୀଙ୍କ ଲାଗି କେନ୍ଦ୍ର ସରକାର ୨୦୧୪ ସେପ୍ଟେମ୍ବର ୧ରୁ ସର୍ବନିମ୍ନ ଏକ ହଜାର ଟଙ୍କା ମାସିକ ପେନସନ ଲାଗୁ କରିଥିଲେ ମଧ୍ୟ ୩୫ ଲକ୍ଷରୁ ଅଧିକ ପେନସନଭୋଗୀ ୫୦୦ରୁ ୯୯୦ ଟଙ୍କା ମଧ୍ୟରେ ପେନସନ ପାଉଛନ୍ତି। ଅର୍ଥାତ ଏକ ହଜାର ଟଙ୍କା ସର୍ବନିମ୍ନ ପାଉନାହାନ୍ତି। ଏହି ପେନସନ ସହ ମହଙ୍ଗା ଭତ୍ତା ଦିଆଯାଏ ନାହିଁ। ୧୨ ବର୍ଷରୁ ଊର୍ଦ୍ଧ୍ୱ ସମୟ ହେଲା ଏହା ବୃଦ୍ଧି ମଧ୍ୟ କରାଯାଉ ନାହିଁ। ଏ ବିଷୟରେ ସାଂସଦ ରୁଦ୍ରନାରାୟଣ ପାଣିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେ ମଧ୍ୟ ଏହା ଉପରେ ଧାରା ୩୭୭ ଅନ୍ତର୍ଗତ ଏକ ଦାବିପତ୍ର କେନ୍ଦ୍ର ଶ୍ରମମନ୍ତ୍ରୀ ଡ. ମନସୁଖ ମାଣ୍ଡଭ୍ୟଙ୍କୁ ପେନସନ ବୃଦ୍ଧି ପାଇଁ ୨୦୨୬ ଫେବୃଆରୀ ୧୩ରେ ଦେଇଥିଲେ। ଏହା ଉପରେ କୌଣସି ପଦକ୍ଷେପ ନିଆଯାଇନାହିଁ। ୨୦୧୩ରେ ରାଜ୍ୟସଭା ସାଂସଦ ଭଗତ ସିଂ ଖୋସିୟାରୀଙ୍କ ଅଧ୍ୟକ୍ଷତାରେ ପେଟିସନ କମିଟି ମାସିକ ଅନ୍ୟୂନ ୩ ହଜାର ଟଙ୍କା ସହ ମହଙ୍ଗା ଭତ୍ତା ଦେବା ପାଇଁ ସୁପାରିସ କରିଥିଲେ ମଧ୍ୟ ଏହାକୁ ଆଜି ପର୍ଯ୍ୟନ୍ତ ଅଣଦେଖା କରାଯାଇଛି। ଭତ୍ତା ସହ ସର୍ବନିମ୍ନ ପେନସନ ୩୦୦୦ ଟଙ୍କା ମାସିକ କରିବାକୁ ସୁପାରିସ କରିଥିଲେ ମଧ୍ୟ ଏହାକୁ ଲାଗୁ କରାଯାଉ ନାହିଁ। ଅର୍ଥ ଅଭାବର ଯେଉଁ ଆଳ ଦେଖାଯାଉଛି ତାହା ସତ୍ୟର ଅପଳାପ ମାତ୍ର। କାରଣ ଇପିଏଫ କର୍ପସ ଫଣ୍ଡରେ ଗଚ୍ଛିତ ଥିବା ଲକ୍ଷ ଲକ୍ଷ କୋଟି ଟଙ୍କାର ସୁଧ ଟଙ୍କାରୁ ମାତ୍ର ୨୮ରୁ ୩୦ ପ୍ରତିଶତ ପେନସନ ବାବଦ ଖର୍ଚ୍ଚ ହେଉଛି। ସମ୍ପୂର୍ଣ୍ଣ ସୁଧଟଙ୍କା ମଧ୍ୟ ପେନସନରେ ଖର୍ଚ୍ଚ ହୋଇପାରୁ ନାହିଁ। ଅର୍ଥାଭାବ କଥା ସଠିକ୍ ନୁହେଁ। ସାରା ଦେଶରେ ଇପିଏଫ ପେନସନଭୋଗୀମାନେ ସଙ୍ଘ ଗଠନ କରି ୨୦୧୮ ରୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ମାଧ୍ୟମରେ ପ୍ରଧାନମନ୍ତ୍ରୀ, ଅର୍ଥମନ୍ତ୍ରୀ, ଶ୍ରମମନ୍ତ୍ରୀଙ୍କ ନିକଟରେ ଦାବି ଉପସ୍ଥାପନ କରିଆସୁଥିଲେ ମଧ୍ୟ କେନ୍ଦ୍ର ସରକାର ଏ ମହଙ୍ଗା ଯୁଗରେ ଯେ କାହିଁକି ଏହି ସ୍ୱଳ୍ପ ପେନସନ ବୃଦ୍ଧି କରୁନାହାନ୍ତି ବୁଝା ପଡୁନାହିଁ। ବୃଦ୍ଧ ବୟସରେ ଏହି ସ୍ୱଳ୍ପ ପେନସନ ଯାହାକି ୧ ହଜାରରୁ କମରେ ଉପଯୁକ୍ତ ଖାଦ୍ୟ ତ ଦୂର କଥା, ଔଷଧ ଖର୍ଚ୍ଚକୁ ମଧ୍ୟ ନିଅଣ୍ଟ ଯୋଗୁଁ ଦୁର୍ଦ୍ଦଶା ଭୋଗୁଛନ୍ତି। ବରିଷ୍ଠ ନାଗରିକମାନଙ୍କ ଏହି ପେନସନ ବୃଦ୍ଧି ପାଇଁ ହସ୍ତକ୍ଷେପ କରିବାକୁ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ମାଧ୍ୟମରେ ନିବେଦନ କରାଯାଇଛି।

## ମନ୍ଦିରରୁ ଚୋରି ଅଭିଯୋଗ

ଭୁବନ,୬।୫(ସମିସ): ଭୁବନ ଥାନା ମହୁଲପାଳ ପଞ୍ଚାୟତ କଣପାଳ ସ୍ୱପ୍ନେଶ୍ୱର ମନ୍ଦିରରୁ ପ୍ରାୟ ୫୦ ହଜାର ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ ହୋଇଚି। ମଙ୍ଗଳବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିର ତାଲା ଭାଙ୍ଗି ଘଣ୍ଟ, ଘଣ୍ଟା, ପିତଳ ବାସନ ଓ ନାଗମୂର୍ତ୍ତି ନେଇଯାଇଛନ୍ତି। ପୁଲିସ ଏ ନେଇ ତଦନ୍ତ କରୁଛି।

## ଦେଶୀମଦ ଜବତ; ଦୁଇ ଗିରଫ

ଭୁବନ,୬।୫(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଅବକାରୀ ବିଭାଗ ପକ୍ଷରୁ ପାଟ୍ରୋଲିଂ ସମୟରେ ଦୁଇଜଣ ଦେଶୀମଦ ବେପାରୀଙ୍କୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ୩୯ ଲିଟର ଦେଶୀମଦ ସହ ମଦ ଏକ ସ୍କୁଟି ଓ ବାଇକ୍ ଜବତ କରାଯାଇଛି। ତେବେ ଗିରଫ ବ୍ୟକ୍ତି ଦ୍ୱୟ ହେଲେ ଏକତାଳୀ ପଞ୍ଚାୟତ ଚନ୍ଦାର ଗ୍ରାମର ବିକର ସାହୁ ଓ ଜୀବନ ସାହୁ। ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଆହତ କୁଟୁରା ଉଦ୍ଧାର



ଖଜୁରିଆକଟା,୬।୫(ସମିସ): ହିନ୍ଦୋଳ ଉପଖଣ୍ଡ ସାନହିନ୍ଦୋଳ ଗ୍ରାମରେ ଦିନ ଦ୍ୱିପ୍ରହରରେ ଏକ କୁଟୁରା ଜଣେ ବ୍ୟକ୍ତିଙ୍କ ଗୁହାଳରେ ପଶିଯାଇଥିଲା। ସ୍ଥାନୀୟ ଲୋକେ ତାକୁ ଉଦ୍ଧାର କରି ଖଜୁରିଆକଟା ବନ ବିଭାଗକୁ ଖବର ଦେଇଥିଲେ। ବନ କର୍ମଚାରୀମାନେ ପହଞ୍ଚି ପ୍ରାଥମିକ ଚିକିତ୍ସା ପରେ ନିକଟସ୍ଥ ଜଙ୍ଗଲରେ ସୁରକ୍ଷିତ ଭାବେ କୁଟୁରାକୁ ଛାଡ଼ି ଦେଇଛନ୍ତି। ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଜଙ୍ଗଲୀ ଜନ୍ତୁ ପାଣି ପାଇଁ ଗାଁ ମୁହାଁ ହେଉଥିବା ବନ ବିଭାଗ ସୂଚନା ଦେଇଛି।

# ଆଇଆଇଏମ୍‌ସିରେ ନବନିଯୁକ୍ତ ଓଆଇଏସ୍ ଅଧିକାରୀଙ୍କ ତାଲିମ ଆରମ୍ଭ

ଢେଙ୍କାନାଳ,୬।୫(ସମିସ): ସ୍ଥାନୀୟ ଭାରତୀୟ ଜନ ସଞ୍ଚାର ସଂସ୍ଥାନ ଆଇଆଇଏମସି ଢେଙ୍କନାଳ ଏବଂ ଓଡ଼ିଶା ସରକାରଙ୍କ ସୂଚନା ଏବଂ ଲୋକସମ୍ପର୍କ ବିଭାଗର ମିଳିତ ସହଯୋଗରେ ଓଡ଼ିଶା ସୂଚନା ସେବାର ନବନିଯୁକ୍ତ ଉପଖଣ୍ଡସ୍ତରୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏସଡିଆଇପିଆରଓମାନଙ୍କର ଦ୍ୱିତୀୟ ବ୍ୟାଚର ଦଶଦିବସୀୟ ତାଲିମ ଓ ମାର୍ଗଦର୍ଶକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ତାଲିମ କାର୍ଯ୍ୟକ୍ରମର ପ୍ରଥମ ଦିବସରେ ସଂସ୍ଥାନର ଆଞ୍ଚଳିକ ନିର୍ଦ୍ଦେଶକ ପ୍ରଫେସର ଆନନ୍ଦ ପ୍ରଧାନ ଅଧ୍ୟକ୍ଷତା କରି ନବନିଯୁକ୍ତ ଅଧିକାରୀମାନଙ୍କୁ ସରକାରଙ୍କ ବିଭିନ୍ନ ବିକାଶ ନୀତିକୁ ସାଧାରଣ ଜନତାଙ୍କୁ କିପରି ସହଜ ଏବଂ ସରଳ ଭାଷାରେ ଜଣାଇବେ ଏବଂ ସ୍ଥାନୀୟ ଗଣମାଧ୍ୟମ ସହିତ ସମନ୍ୱୟ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ଆଇଆଇଏମସି କୁଳପତି ଡ. ପ୍ରଜ୍ଞା ପାଲିୱାଲ ଗୌର ଆଭାସୀ ମାଧ୍ୟମରେ ନବନିଯୁକ୍ତ ଅଧିକାରୀମାନଙ୍କୁ ସମ୍ବୋଧିତ କରିଥିଲେ। ଡ. ଗୌର ଅଧିକାରୀ ମାନଙ୍କୁ ସରକାର ଏବଂ ଗଣମାଧ୍ୟମ ମଧ୍ୟରେ ସୁସମ୍ପର୍କ ଏବଂ ସମନ୍ୱୟ ସ୍ଥାପନ କରିବାପାଇଁ ମତ ବ୍ୟକ୍ତ କରିଥିଲେ। ଅଧିକାରୀମାନେ ଜନତା ଏବଂ ସରକାରଙ୍କ ମଧ୍ୟରେ ଏକ ସେତୁ ଭଳି କାର୍ଯ୍ୟ କରିବା ଜରୁରୀ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ଗଣମାଧ୍ୟମ ସୂଚନା ଅଧିକାରୀଙ୍କଠାରୁ କ'ଣ ଚାହେଁ ଶୀର୍ଷକ ଉପରେ ଏକ ଆଲୋଚନା ଚକ୍ରର ଆୟୋଜନ କରାଯାଇଛି। ଏଥିରେ ଓଡିଆ ଖବରକାଗଜ ସମାଜର ସମ୍ପାଦକ ଶ୍ରୀ ତପନ କୁମାର ମିଶ୍ର, ଯୋଗାଯୋଗ ବିଶେଷଜ୍ଞ ଶ୍ରୀ ନୀଳାମ୍ବର ରଥ ଏବଂ ଇଂରାଜୀ ଖବରକାଗଜ ଟାଇମ୍ସ ଅଫ ଇଣ୍ଡିଆ ଭୁବନେଶ୍ୱରର ନିଉଜ ବ୍ୟୁରୋ ମୁଖ୍ୟ ଶ୍ରୀ ଅଶୋକ ପ୍ରଧାନ ଯୋଗଦେଇଥିଲେ। ଗଣମାଧ୍ୟମ ବିଶେଷଜ୍ଞମାନେ ଜନସାଧାରଣଙ୍କର ଆବଶ୍ୟକତାକୁ ଆଖି ଆଗରେ ରଖି ସରକାରଙ୍କର ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ଓ ଯୋଜନା ବିଷୟରେ ସଠିକ ଖବର ଠିକ ସମୟରେ ପହଞ୍ଚାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରେସ ସୂଚନା କାର୍ଯ୍ୟାଳୟ ପିଆଇବି ଭୁବନେଶ୍ୱରର ଅତିରିକ୍ତ ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ନବନିଯୁକ୍ତ ଅଧିକାରୀମାନଙ୍କୁ କ୍ଷେତ୍ରରେ ସକାରାତ୍ମକ ମନୋଭାବରେ ଯୋଗାଯୋଗ ପ୍ରଣାଳୀରେ ଉପୁଜିଥିବା ମତଭେଦକୁ ସୁଚାରୁ ରୂପେ ପରିଚାଳନା କରିବା ଆବଶ୍ୟକ ବୋଲି ମତବ୍ୟକ୍ତ କରିଥିଲେ। ଦ୍ୱିତୀୟ ଦିବସ ପ୍ରଶିକ୍ଷଣ ଶିବିରରେ କଟକ ଆକାଶବାଣୀ କେନ୍ଦ୍ରର ଉପନିର୍ଦ୍ଦେଶକ ସତ୍ୟ ନାରାୟଣ ପଟ୍ଟନାୟକ ମଧ୍ୟ ପ୍ରେସ ବିଜ୍ଞପ୍ତି ଲେଖନୀ ଶୈଳୀ ଉପରେ ତାଲିମ ଦେଇଥିଲେ। ୧୮ ଜଣ ନବନିଯୁକ୍ତ ସୂଚନା ଅଧିକାରୀ ଏହି ତାଲିମ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମ ୧୫ ମଇ ପର୍ଯ୍ୟନ୍ତ ଚାଲିବ। ଏହି ତାଲିମ ଶିବିରକୁ ସୁଚାରୁ ରୂପେ ପରିଚାଳନା କରିବା ପାଇଁ ସଂସ୍ଥାନର ଇଂରାଜୀ ସାମ୍ବାଦିକତାର ସହଯୋଗୀ ଅଧ୍ୟାପକ ଡ. ବିରଞ୍ଚି ନାରାୟଣ ସେଠ୍ ଏବଂ ଓଡିଆ ସାମ୍ବାଦିକତା ଡ. ଚିରସ୍ରୋତା ଜେନା, ଆଭା ସିଂ, ପାରସ ଯାଦବ ଏହି ୧୦ ଦିନିଆ ତାଲିମ କାର୍ଯ୍ୟକ୍ରମର ପ୍ରାକ୍ଟିକାଲ ଅସାଇନମେଣ୍ଟ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ।

# 'ଯୋଗାଯୋଗର ଭାଷା ସରଳ ହେବା ଆବଶ୍ୟକ'

ଢେଙ୍କାନାଳ,୬।୫(ସମିସ): ସ୍ଥାନୀୟ ଭାରତୀୟ ଜନସଞ୍ଚାର ସଂସ୍ଥାନ (ଆଇଆଇଏମସି) ଏବଂ ଓଡ଼ିଶା ସରକାରଙ୍କ ସୂଚନା ଏବଂ ଲୋକସମ୍ପର୍କ ବିଭାଗର ମିଳିତ ସହଯୋଗରେ ଓଡ଼ିଶା ସୂଚନା ସେବାର ନବନିଯୁକ୍ତ ଉପଖଣ୍ଡସ୍ତରୀୟ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏସଡିଆଇପିଆରଓ ମାନଙ୍କର ଦ୍ୱିତୀୟ ବ୍ୟାଚର ଦଶ-ଦିବସୀୟ ତାଲିମ ଓ ମାର୍ଗଦର୍ଶକ କାର୍ଯ୍ୟକ୍ରମର ଦ୍ୱିତୀୟ ଦିନରେ ପ୍ରେସ୍ ସୂଚନା କାର୍ଯ୍ୟାଳୟ ପିଆଇବି ଭୁବନେଶ୍ୱରର ଅତିରିକ୍ତ ନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର ସୂଚନା ଅଧିକାରୀଙ୍କ ପାଇଁ ବିକାଶର ଯୋଗାଯୋଗ ସରକାରୀ ଯୋଗାଯୋଗ ଉପରେ ଏକ ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ଉପସ୍ଥାପନା କରି ଶ୍ରୀ ମିଶ୍ର କହିଲେ ଯେ, ଯୋଗାଯୋଗର ଭାଷା ସରଳ ହେବା ଆବଶ୍ୟକ। ଯୋଗାଯୋଗ ପରେ ଲୋକମାଙ୍କର




ପ୍ରତିକ୍ରିୟା ମଧ୍ୟ ଅଧିକାରୀ ମାନେ ଜାଣିବା ଆବଶ୍ୟକ, କାରଣ ଯୋଗାଯୋଗ, ଭାଷା ଏବଂ ବିକାଶ ମଧ୍ୟରେ ସମ୍ପର୍କ ରହିଛି। ଅଧିକାରୀମାନଙ୍କର ଦୈନନ୍ଦିନ କାର୍ଯ୍ୟରେ ପ୍ରଭାବଶାଳୀ ଯୋଗାଯୋଗର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ, ବିଶେଷକରି ସରକାରୀ ନୀତି ଏବଂ ପଦକ୍ଷେପଗୁଡ଼ିକୁ ଜନସାଧାରଣଙ୍କ ନିକଟରେ ପହଂଚାଇବା ଉପରେ ଆଲୋକପାତ କରିଥିଲେ। ସରକାରୀ ସୂଚନାରେ ଭୁଲ ତଥ୍ୟ ଯେପରି ନଯାଏ ସେଥିପାଇଁ ପ୍ରତ୍ୟକ ତଥ୍ୟକୁ ସୂଚନା ଅଧିକାରୀ ମାନେ ଠିକ ଭାବେ ଯାଞ୍ଚ କରିବା ଆବଶ୍ୟକ। ସ୍ୱଚ୍ଛ ଭାରତ ଅଭିଯାନ, ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନା ପିଏମଜେଡିୱାଇ, ଏବଂ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଭଳି ପ୍ରମୁଖ ସରକାରୀ ଯୋଜନା ଗୁଡିକୁ ଅଡିଓ ଭିଜୁଆଲ ମାଧ୍ୟମରେ ଉପସ୍ଥାପନା କରିଥିଲେ। ଏବଂ ସେଥିରେ ଯୋଗାଯୋଗ ଏବଂ ସରକାରୀ ପଲିସୀ ଉପରେ ଆଲୋଚନା କରିଥିଲେ। ସୂଚନା ଏବଂ ଭୁଲ ସୂଚନା ବିଷୟରେ ସେ ଅଧିକାରୀମାନଙ୍କ ମଧ୍ୟରେ ଏକ ଦଳଗତ ଆକ୍ଟିଭିଟି କରିଥିଲେ।

# ଢେଙ୍କାନାଳର ଐତିହ୍ୟ ପ୍ରତି ସରକାର ବିମୁଖ କାହିଁକି

ଢେଙ୍କାନାଳ,୬।୫(ସମିସ): ଢେଙ୍କାନାଳ ଜିଲ୍ଲାର ୪ଟିଯାକ ନିର୍ବାଚନ ମଣ୍ଡଳୀରୁ ୪ ଜଣ ବିଜେପି ବିଧାୟକ ନିର୍ବାଚିତ ହୋଇଛନ୍ତି। ସଦର ଆସନରୁ ନିର୍ବାଚିତ କୃଷ୍ଣଚନ୍ଦ୍ର ପାତ୍ର ବିଜେପି ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଭାବେ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ବିଜ୍ଞାନ କାରିଗରୀ ବିଭାଗର ଦାୟିତ୍ୱ ସମ୍ଭାଳୁଛନ୍ତି। ନିକଟରେ ଶିଳ୍ପସମୃଦ୍ଧ ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ବିଧାୟିକା ସୀମାରାଣୀ ନାୟକ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷା ହୋଇଛନ୍ତି। ବିଜେପିର ଅଭିଜ୍ଞ ନେତା ବିଭୂତି ଭୂଷଣ ପ୍ରଧାନ ପରଜଙ୍ଗରୁ ଓ ଶତ୍ରୁଘ୍ନ ଜେନା କାମାକ୍ଷାନଗରରୁ ବିଧାୟକ ଅଛନ୍ତି। ଏତେସବୁ ସତ୍ତ୍ୱେ ଢେଙ୍କାନାଳର ଐତିହ୍ୟ ପ୍ରତି ସରକାର ଉଦାସୀନ କାହିଁକି ବୋଲି ପ୍ରଶ୍ନ ଉଠିଛି।

ସର୍ବଭାରତୀୟ ସ୍ତରର ବିଶିଷ୍ଟ ନେତା ଗଡ଼ଜାତ ଗାନ୍ଧୀ ଭାବେ ପରିଚିତ ସାରଙ୍ଗଧର ଦାସଙ୍କ କର୍ମଭୂମି ଥିଲା ଭୁବନ ବ୍ଲକ ଓଡ଼ିଶ ପଞ୍ଚାୟତ ବ୍ରହ୍ମକୁଣ୍ଡ। ୧୦୦ବର୍ଷ ତଳେ ସାରଙ୍ଗଧର ତାଙ୍କ ପତ୍ନୀ ଫ୍ରିଡା ହସରତଙ୍କ ସହ ବ୍ରହ୍ମକୁଣ୍ଡରେ ଆଖୁଚାଷ ଓ ଚିନିକଳ ସ୍ଥାପନ ଦିଗରେ କାର୍ଯ୍ୟ ଆରମ୍ଭ କରିଥିଲେ। ସେଠାରେ ଥିବା ଝରଣାକୁ ଯିବା ପାଇଁ ମାଙ୍କଡ଼ା ପଥରରେ ତିଆରି ପାବଚ୍ଛ ଶ୍ରେଣୀ, ବିଶାଳ ବଟବୃକ୍ଷ, ହିଂସ୍ରଜନ୍ତୁ କବଳରୁ ରକ୍ଷା ପାଇଁ ଆଶ୍ରୟସ୍ଥଳୀ ଓ ତାଙ୍କ ବାସଗୃହର ଭଗ୍ନାବଶେଷ ଆଦି ଆଜି ବି ବିଦ୍ୟମାନ। ମାତ୍ର ଏହି ଗ୍ରାମଟି ନା ପର୍ଯ୍ୟଟନସ୍ଥଳୀ ଭାବେ ସ୍ୱୀକୃତ ହୋଇଛି ନା ଐତିହ୍ୟ ଗ୍ରାମ ଭାବେ ମାନ୍ୟତା ପାଇଛି। ସେହିପରି ତାଙ୍କ ଜନ୍ମସ୍ଥାନ ସଦର ବ୍ଲକ୍ ନାଗିଆପଶି ପଞ୍ଚାୟତ ହରେକୃଷ୍ଣପୁର ଗ୍ରାମ, ଯେଉଁଠାକୁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସି ଧୀର ମାଟି ସଂଗ୍ରହ କରି ଦିଲ୍ଲୀ ନେଇଥିଲେ, ସେହି ଗ୍ରାମ ମଧ୍ୟ ଐତିହ୍ୟ ଗ୍ରାମ ତାଲିକାରେ ନାହିଁ। ଯେଉଁ ମହିମା ଧର୍ମ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି ଏବଂ ଓଡ଼ିଶାରୁ ଉତ୍ପତ୍ତିଲାଭ କରିଥିବା ଏକ ବିଶ୍ୱ ଧର୍ମର ମାନ୍ୟତା ପାଇଛି, ସେହି ମହିମାସ୍ୱାମୀଙ୍କ ୨୪ ବର୍ଷର ଆତ୍ମଯୋଗ ସାଧନାର ପୀଠ କପିଳାସ ତପୋବନର ପାଦଦେଶରେ ଥିବା ଜନଜାତି ଶବର ଅଧ୍ୟୁଷିତ କାଦୁଆ ଗ୍ରାମ



ବି ଐତିହ୍ୟ ପୀଠର ମାନ୍ୟତା ପାଇନାହିଁ। ଏହି ଗ୍ରାମର ସଦାନନ୍ଦ ଶବର ତପସ୍ୟାରତ ମହିମାସ୍ୱାମୀଙ୍କୁ ସର୍ବପ୍ରଥମ ଗୃହୀ ଭକ୍ତ ଭାବେ ଭେଟି ୧୨ବର୍ଷ କାଳ ବନ୍ୟ ଫଳମୂଳ ଯୋଗାଇ ଆସିଥିଲେ। ହିନ୍ଦୋଳ ବ୍ଲକ୍ ଭିନ୍ନ ଜିଲ୍ଲାର ଅବଶିଷ୍ଟ ୭ ବ୍ଲକ୍‌କୁ ନେଇ ଗଠିତ ଢେଙ୍କାନାଳ ରାଜ୍ୟର ପ୍ରତିଷ୍ଠାତା ଥିଲେ ଗଜପତି ପ୍ରତାପରୁଦ୍ର ଦେବଙ୍କ ଦାକ୍ଷିଣାତ୍ୟ ବିଜୟୀ ସେନାପତି ହରିସିଂହ ବିଦ୍ୟାଧର। ଗଜପତିଙ୍କ ସନନ୍ଦ ବଳରେ ତତ୍କାଳୀନ ଝାଡ଼ଖଣ୍ଡ ମୁଲକର ରାଜା ହୋଇ ସେ ୧୫୮୦ ଖ୍ରୀଷ୍ଟାବ୍ଦରେ ଢେଙ୍କାନାଳ ଗଡ଼କୁ ଆସି ରାଜଧାନୀ ସ୍ଥାପନ କରିବା ସହ ନିକଟସ୍ଥ ବେଶାଳିଆ ଗଡ଼ର ରାଜା ଶ୍ରୀଧର ଭଞ୍ଜଙ୍କ ଦ୍ୱାରା କପଟରେ ନିହତ ଢେଙ୍କାନାଳୀର ଶବର ମୁଖ୍ୟ ଢେଙ୍କା ଶବର ନାମରେ ନିଜ ରାଜ୍ୟର ନାମ ଢେଙ୍କାନାଳ ରଖି ନିଜ ମହାନୁଭବତା ପ୍ରଦର୍ଶନ କରିଥିଲେ। ସେହିପରି ତାଙ୍କ ପରବର୍ତ୍ତୀ ବଂଶଧର ଥିବା ନୃସିଂହ ଭ୍ରମରବର ରାୟ ୧୬୮୦ରୁ ୧୭୦୮ ମଧ୍ୟରେ ପଡ଼ୋଶୀ ରାଜାମାନଙ୍କୁ ପରାଭୂତ କରି ଢେଙ୍କାନାଳ ରାଜ୍ୟର ସୀମାବୃଦ୍ଧି କରିଥିଲେ। ଯାହା ଆଜକୁ ୩୦୦ବର୍ଷ ହେବ ଅକ୍ଷୁର୍ଣ୍ଣ ରହିଆସିଛି। ଓଡ଼ିଶାର ୨୬ ଗଡ଼ଜାତ ମଧ୍ୟରୁ ଶିକ୍ଷା, ସ୍ୱାସ୍ଥ୍ୟ, ଡାକସେବା, ଗମନାଗମନ, ଜନଜାତି ଉନ୍ନୟନ ଓ ନଅଙ୍କ ଦୁର୍ଭିକ୍ଷ ଆଦିର ସଫଳ ମୁକାବିଲା କ୍ଷେତ୍ରରେ ସର୍ବାଗ୍ରେ ଥିବା ଢେଙ୍କାନାଳ ରାଜ୍ୟର ବିକାଶ ପୁରୁଷ ଭାବେ ପରିଚିତ ମହାରାଜା ଭଗୀରଥ ମହିନ୍ଦ୍ର ବାହାଦୁରଙ୍କ ସମେତ ଉପରୋକ୍ତ ତିନି ମହାରଥୀଙ୍କ କୌଣସି ପ୍ରତିମୂର୍ତ୍ତି ଏଯାବତ ଢେଙ୍କାନାଳ ଜିଲ୍ଲାରେ ପ୍ରତିଷ୍ଠା କରାଯାଇନାହିଁ। ଅତୀତରେ ଢେଙ୍କାନାଳ ଜିଲ୍ଲାପାଳ ଥିବା ସରୋଜ ସେଠୀଙ୍କଠୁ ଆରମ୍ଭ କରି ତତ୍କାଳୀନ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଓ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସ୍ମାରକପତ୍ର ଦିଆଯାଇଥିଲେ ବି ଏହା ସାକାର ହୋଇପାରି ନାହିଁ। ରାଜନୈତିକ ଶସ୍ତା ଲୋକପ୍ରିୟତାକୁ ଆଧାର କରି ଏହି ଐତିହ୍ୟ ପୁରୁଷମାନଙ୍କୁ ଯଥୋଚିତ ସମ୍ମାନରୁ ବଞ୍ଚିତ କରାଯାଇଛି। ଏହା କ'ଣ ଓଡ଼ିଶାର ଐତିହ୍ୟ ଓ ଓଡିଆ ଅସ୍ମିତା। ଏହା କ'ଣ ଆମର ଯଥାର୍ଥ ପୂଜ୍ୟପୂଜା। ଢେଙ୍କାନାଳ ଜିଲ୍ଲାବାସୀ ଏହାର ବିଚାର କରନ୍ତୁ ବୋଲି ଜିଲ୍ଲା ସକ୍ରିୟ ନାଗରିକ ପରିଷଦ ସଭାପତି ପ୍ରଦ୍ୟୁମ୍ନ ରଥ ଓ କର୍ମକର୍ତ୍ତା ନିବେଦନ କରିଛନ୍ତି।


## FAKIR MOHAN UNIVERSITY

Vyasa Vihar, Nuapadhi, Balasore, Odisha, Pin.-756089
Phone: 06782-275787
email-id: registrarfmuniversity@gmail.com
Website: www.fmuniversity.nic.in

Letter No.: FMU-Estt.(T)-II-04/2026/4148 Date: 02/05/2026

### ADVERTISEMENT FOR RECRUITMENT OF FACULTY POSITIONS

Applications are invited from eligible candidates as per UGC eligibility criteria (UGC Notification dated 18th July 2018 and subsequent amendments) to fill up various regular faculty positions, including backlog vacancies, in the Post Graduate Departments of Fakir Mohan University.

**Online Applications, through https://himsrecruitment.odisha.gov.in/home, are invited in prescribed application form from the eligible candidates for appointment to the following teaching positions on regular basis:**

| Subject | Name of the Post and No.of Vacant Position | | | |
|---|---|---|---|---|
| | Total No. of Posts | Professor | Associate Professor | Assistant Professor |
| Applied Geology | 02 | 01-ST(W) | 01-ST | -- |
| Bioscience and Biotechnology | 01 | 01-SC | -- | -- |
| Botany | 06 | 01-SEBC(W) | 01-ST | 01-UR,01-SC,01-SC(W) |
| Business Management | 02 | 01-UR | 01-ST | -- |
| Chemistry | 03 | 01-ST | -- | 01-SEBC, 01-UR |
| Commerce | 06 | 01-UR | 01-SC,01-ST(W) | 01-SC, 01-UR, 01-UR(W) |
| Computer Science | 01 | 01-SC | -- | -- |
| Economics | 02 | -- | 01-SEBC(W)* | 01-SEBC |
| Education | 01 | 01-UR(W) | -- | -- |
| Environmental Science | 01 | -- | -- | 01-UR(W) |
| Geography | 01 | -- | 01-ST | -- |
| History and Archeology | 06 | 01-ST | 01-SC(W),01-ST | 02-UR,01-SC(W) |
| Journalism and Mass communication | 03 | 01-UR | 01-SC,01-SEBC** | -- |
| Mathematics | 01 | 01-SEBC | -- | -- |
| Odia | 01 | 01-UR | -- | -- |
| Physics | 02 | 01-ST | 01-ST(W) | -- |
| Political Science | 02 | -- | 01-SC | 01-ST |
| Population Studies | 04 | 01-UR(W) | 01-ST(W), 01-SEBC | 01-UR(W)* |
| Sociology | 01 | -- | 01-ST | -- |
| Urdu | 01 | -- | 01-SC(W) | -- |
| Zoology | 06 | 01-SC(W) | 01-UR,01-ST(W) | 01-SEBC(W),01-UR,01-SC |
| Total | 53 | 15 | 20 | 18 |

Abbreviation: [UR = Unreserved; SEBC = Socially and Educationally Backward Classes; SC = Scheduled Caste; ST = Scheduled Tribe; W = Woman]

* Lien vacancy: The post is likely to continue until the completion of the lien period of the lien holder. However, if the lien holder re-joins the post, the selected candidate will be relieved. Otherwise, the selected candidate may be absorbed into the post.

** Likely to be vacant due to superannuation on 31.05.2026

**Note:**

1) In case of non-availability of suitable women candidates, the posts shall be filled up by male candidates from the same category.

2) An appropriate number of posts for Assistant Professor, Associate Professor, and Professor shall be reserved for candidates under the PwD category, in accordance with the Rights of Persons with Disabilities Act, 2016, subject to the availability of the eligible candidates.

**IMPORTANT DATES**

| | |
|---|---|
| Link available for online application form from | 7th May, 2026. |
| Last date for submission of online application form | 7th June, 2026 |
| Last date for hard copy of online generated application form with required documents | 17th June, 2026 up to 05:00 p.m. |

**Application Fee**

1. The application fee is Rs.1000/- for General and SEBC candidates.
2. The application fee is Rs.600/- for SC and ST candidates.
3. There is no application fee for PwD candidates.
4. The fee must be paid online through the portal and is non-refundable.

Candidates are required to send a hard copy of the downloaded completely filled up application form along with all relevant documents only through Speed Post addressed to:

**The Registrar,**
Fakir Mohan University
Vyasa Vihar, Balasore – 756089
Dist: Balasore (Odisha)

The University reserves the right to modify the posts, number of vacancies and to cancel or modify this notification without assigning any reason thereof.

**Sd/- Registrar**

# ବଲାଙ୍ଗିର ଟ୍ରାଞ୍ଜିଟ୍‌ରେ ବୈତରଣୀ ବାଲି !

ହାଟଡ଼ିହୀ,୬।୫(ସମିସ)

କେନ୍ଦୁଝର ଜିଲ୍ଲା ହାଟଡ଼ିହୀ ତହସିଲ ଅଧୀନରେ ପ୍ରବାହିତ ବୈତରଣୀ ନଦୀର ବିଭିନ୍ନ ବାଲିଘାଟରୁ ପ୍ରତ୍ୟେକ ଦିନ ଶହ ଶହ ହାଇୱା ଯୋଗେ ବାଲି ଚାଲାଣ ହେଉଛି। କିଛି ଗାଡ଼ି ବିନା ଟ୍ରାଞ୍ଜିଟରେ ଖସିଯିବାରେ ସକ୍ଷମ ହେଉଥିଲା ବେଳେ ଅଧାରୁ ଅଧିକ ଗାଡ଼ି ବଲାଙ୍ଗିର ଜିଲ୍ଲାର ଟ୍ରାଞ୍ଜିଟ୍ ବ୍ୟବହାର କରି ବେଧଡ଼କ ବାଲି ଚାଲାଣ କରୁଛନ୍ତି। କିଛି ହାତଗଣତି ଗାଡ଼ି ଯାଜପୁର ଜିଲ୍ଲା ମାନପୁର ଟ୍ରାଞ୍ଜିଟ୍ ଦେଖାଇ ଖଣି ବିଭାଗ ଅଧିକାରୀଙ୍କ ଆଖିରେ ଧୂଳି ଦେଇ ଖସିଯାଉଛନ୍ତି।

ଅଭିଯୋଗରୁ ପ୍ରକାଶ ଯେ ବଲାଙ୍ଗିର ଜିଲ୍ଲାରୁ ବାଲି ନେଇ କେନ୍ଦୁଝର ଜିଲ୍ଲା ଛେନାପଦି ଛକ ଅତିକ୍ରମ କରିବାକୁ ଅତି କମରେ ୧୦ରୁ ୧୨ଘଣ୍ଟା ସମୟ ଲାଗିଥାଏ। ଏପରିକି ବଲାଙ୍ଗିର ଜିଲ୍ଲା ଟ୍ରାଞ୍ଜିଟ୍ ବ୍ୟବହାର କରୁଥିବା ଗାଡ଼ିଗୁଡ଼ିକ କିଭଳି ୩୫୦ କିଲୋମିଟରରୁ ଉର୍ଦ୍ଧ୍ୱ ରାସ୍ତାକୁ ୨/୪ ଘଣ୍ଟା ମଧ୍ୟରେ ଛେନାପଦି ଛକ ଅତିକ୍ରମ କରୁଛନ୍ତି। କେନ୍ଦୁଝର ଜିଲ୍ଲା

▶▶ ନିଘୋଡ଼ ନିଦରେ ପ୍ରଶାସନ

▶▶ ସଲାସୁତ୍ରରାରେ ବେଧଡ଼କ ବାଲି ଚାଲାଣ

ଖଣିଜ ପାଣ୍ଠିରେ ଅର୍ଥ ଅଭାବ କୁହାଯାଉଥିବା ବେଳେ କେନ୍ଦୁଝର ଜିଲ୍ଲାର ରାଜସ୍ୱ ଅର୍ଥ ଟ୍ରାଞ୍ଜିଟ୍ ମାଧ୍ୟମରେ ବଲାଙ୍ଗିର ଜିଲ୍ଲାକୁ ଯାଉଛି। ବଲାଙ୍ଗିର ଜିଲ୍ଲାର ଖଣିଜ ପାଣ୍ଠି ବୃଦ୍ଧି ହେଉଥିବା ବେଳେ କେନ୍ଦୁଝର ଜିଲ୍ଲାର ରାଜସ୍ୱ ଏବଂ ଅର୍ଥହାନି ଘଟୁଛି। ହାଟଡ଼ିହୀ ତହସିଲ ଅଧୀନସ୍ଥ ଲିଜ୍ ବାଲିଘାଟଗୁଡ଼ିକରୁ ପରିବହନ କାଗଜ ସୁବିଧା ଥିଲେ ସୁଦ୍ଧା ସେସବୁ ବାଲିଘାଟରୁ ଆଦୌ ଟ୍ରାଞ୍ଜିଟ୍ କଟାଯାଉନାହିଁ। ନିୟମଠାରୁ ଅଧିକ ପରିମାଣର ବାଲି ଉତ୍ତୋଳନ ହେଉଥିବାରୁ ଲିଜଧାରୀ ବାଲିଘାଟ ମାଲିକମାନେ ରାଜସ୍ୱ ଫାଙ୍କିବା ପାଇଁ ଟ୍ରାଞ୍ଜିଟ୍ ଦେବାରେ କୁଣ୍ଠାବୋଧ ହେଉଥିବା ଅଭିଯୋଗ ହେଉଛି। ଗାଡ଼ି ମାଲିକମାନେ ଟ୍ରାଞ୍ଜିଟ୍ ପାସ୍ ମାଗିଲେ ସେମାନଙ୍କୁ ଟ୍ରାଞ୍ଜିଟ୍ ପିଛା ୯ରୁ ୧୨ହଜାର ଟଙ୍କା ଦାବି କରାଯାଉଛି। ପ୍ରକୃତ ଟ୍ରାଞ୍ଜିଟ୍ ମୂଲ୍ୟ ଜାଣିବା ପାଇଁ ଆନନ୍ଦପୁର ଉପଖଣ୍ଡ ଖଣି ଅଧିକାରୀ ତାରିଣୀ ସିଂଙ୍କୁ ଫୋନ୍ ଯୋଗେ ପଚାରିବାରୁ, ଦେଖାହେଲେ ଟ୍ରାଞ୍ଜିଟ୍ ମୂଲ୍ୟ ଜାଣିପାରିବ କହି କଥା ଟାଳି ଦେଇଛନ୍ତି। କେବଳ ଟିପର ଟ୍ରକ୍ ଓ ଟ୍ରାକ୍ଟର ଯୋଗେ ବାଲି ପରିବହନ ନିମନ୍ତେ ନିୟମ ଥିଲାବେଳେ ପ୍ରତିଦିନ ୧୨/୧୪/୧୬ ଚକିଆ ହାଇୱା ଯୋଗେ ବେଧଡକ ଚାଲିଛି ବାଲି ଚାଲାଣ। ବାଲି ପରିବହନ ଦିଗରେ ରହିଥିବା ନିୟମକୁ ବାଲିଘାଟ ମାଲିକମାନେ ଖୋଲାଖୋଲି ଉଲଂଘନ କରୁଥିବା ବେଳେ ପରିବେଶ ସୁରକ୍ଷାକୁ ନେଇ କୌଣସି ପଦକ୍ଷେପ ନେଉନାହାଁନ୍ତି। ବଜାରର ବିକ୍ରି ମୂଲ୍ୟଠାରୁ ଗାଡ଼ି ମାଲିକଙ୍କୁ ବାଲି ଟ୍ରିପ୍ କିଣିବା ମହଙ୍ଗା ହେଉଥିବାରୁ ପ୍ରାୟତଃ ଗାଡ଼ି ମାଲିକ ବିନା ଟ୍ରାଞ୍ଜିଟ୍ ପାସରେ ବାଲି ବେପାର କରୁଥିବା ଅଭିଯୋଗ ହୋଇଛି। ଏପରିକି, କିଛି ଗାଡ଼ି ମାଲିକ ମାଇନିଂ ଅଧିକାରୀଙ୍କ ସହ ସଲାସୁତ୍ରରାରେ ବାଲି ଚାଲାଣ କରୁଥିବା ନେଇ ଅଭିଯୋଗ ହେଉଛି। କେନ୍ଦୁଝର ଜିଲ୍ଲାପାଳ, ଆନନ୍ଦପୁର ଉପଜିଲ୍ଲାପାଳ ଏବଂ ଆନନ୍ଦପୁର ଏସଡିପିଓ ଏଭଳି ଦିଗରେ କଡ଼ା ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି ହୋଇଛି।

## ନନ୍ଦିପଦା ଓ ସୋସୋ ଥାନାଞ୍ଚଳରେ ମଦ୍ୟପ ବାଇକ୍ ଚାଳକଙ୍କ ଉତ୍ପାତ

ହାଟଡ଼ିହୀ,୬।୫(ସମିସ): ନନ୍ଦିପଦା ଓ ସୋସୋ ଅଞ୍ଚଳରେ ଦିନକୁ ଦିନ ମଦ୍ୟପ ବାଇକ୍ ଚାଳକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଯାହାଦ୍ୱାରା ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ଧନଜୀବନ ମଧ୍ୟ ନଷ୍ଟ ହେଉଥିବାର ଦୃଷ୍ଟାନ୍ତ ରହିଛି। ଅପ୍ରାପ୍ତ ବୟସର ପିଲାମାନେ ନିଶାସକ୍ତ ହୋଇ ଖୁବ୍ ଜୋରରେ ବାଇକ୍ ଚଳାଇବା ରାସ୍ତାର ବିପରୀତ ଦିଗରୁ ଆସୁଥିବା ପଥଚାରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ମଦ୍ୟପ ବାଇକ୍ ଚାଳକଙ୍କୁ ସାବାଡ଼ କରିବା ପାଇଁ ସରକାର ପ୍ରତି ଥାନାକୁ ମଦ ଯାଞ୍ଚ ମେସିନ୍ ଯୋଗାଇଛନ୍ତି। ପୁଲିସ ପକ୍ଷରୁ ହେଉଥିବା ଦିବାରାତ୍ର ପାଟ୍ରୋଲିଂ ବେଳେ ଏହି ଯାଞ୍ଚ କରାଗଲେ ଅନ୍ତତଃ ମଦ୍ୟପ ବାଇକ୍ ଚାଳକଙ୍କ ସଂଖ୍ୟା ହ୍ରାସ ପାଇବା ସହ ସେମାନଙ୍କଠାରେ ପୁଲିସ ଭୟ ସହ ଫାଇନ ଆଦାୟ ଭୟ ଲାଗିରୁହନ୍ତା ବୋଲି ବିଭିନ୍ନ ମହଲରେ କୁହାଯାଇଛି। ନନ୍ଦିପଦା ଓ ସୋସୋ ପୁଲିସ ପକ୍ଷରୁ ପ୍ରତିଦିନ ମଦ ଯାଞ୍ଚ ପ୍ରକ୍ରିୟା ଜାରି କରାଯିବାକୁ ଦାବି ହେଉଛି।

## ହାତୀ ସହ ମଉଜ କରି ୪ ଗିରଫ

କେନ୍ଦୁଝର/ତୁରୁମୁଙ୍ଗା, ୬।୫(ସମିସ): କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ପାଟଣା ରେଞ୍ଜରେ ହାତୀକୁ ଆକ୍ରମଣ କରିବା, ଚିଡ଼ାଇବା, ନିଜ ଜୀବନକୁ ବାଜି ଲଗାଇ ଫିଲ୍ମ ବନାଇବା ଘଟଣାରେ ଚାରି ଜଣ ଯୁବକଙ୍କୁ ଗିରଫ କରିଛି ବନ ବିଭାଗ। ଏହାସହ ତାଙ୍କଠାରୁ ଗୋଟେ ଡ୍ରୋନ, ଚାରିଟି ମୋବାଇଲ ଓ ଗୋଟେ ମଟରସାଇକଲ ଜବତ କରାଯାଇଛି। ଚିନାମାଳିପଶି ଗ୍ରାମର ଦୁଷ୍ମନ୍ତ ବେହେରା(୧୯) ଏବଂ ହରିଚନ୍ଦନପୁର ବ୍ଲକ ବଡ଼ଶିଆଳିମାଳ ଗ୍ରାମର ଆକାଶ କୁମାର ମହାନ୍ତ(୨୯)ଙ୍କୁ କୋର୍ଟ ଚାଲାଣ କରାଯାଇଥିବା ପ୍ରକାଶ କରିଛନ୍ତି ଡିଏଫଓ। ଆଉ ଦୁଇଜଣ ସମ୍ପୃକ୍ତ ନାବାଳକଙ୍କୁ ରାଉରକେଲା ସୁଧାର ଗୃହକୁ ପଠାଯାଇଛି। ଚମ୍ପୁଆ ରେଞ୍ଜରେ ମଧ୍ୟ ଅନ୍ୟ ଚାରି ଜଣ ଯୁବକଙ୍କୁ ଜଙ୍ଗଲ ବିଭାଗ ନଜର ରଖିଥିବା ପ୍ରକାଶ କରିଛି। ସେମାନଙ୍କୁ ଯଥାଶୀଘ୍ର ଗିରଫ କରାଯିବ ବୋଲି ପ୍ରକାଶ କରିଛନ୍ତି। କୌତୁହଳବଶତଃ ଯୁବଗୋଷ୍ଠୀ ହାତୀଙ୍କୁ ମାରିବା, ଚିଡ଼ାଇବା ଓ ଏହାର ଭିଡ଼ିଓ କରି ଇନ୍‌ଷ୍ଟଗ୍ରାମ, ଫେସବୁକ୍‌ରେ ଛାଡୁଛନ୍ତି।

## ଆନନ୍ଦପୁର ମହାବିଦ୍ୟାଳୟରେ ଶିକ୍ଷା ଓ ଶୈକ୍ଷିକ ବୈଠକ



ଆନନ୍ଦପୁର, ୬।୫ (ସମିସ): ଆନନ୍ଦପୁର ମହାବିଦ୍ୟାଳୟ ଷ୍ଟାଫ କମନ୍ ରୁମ୍‌ରେ ଆନନ୍ଦପୁର ଉପଖଣ୍ଡର ଉପଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା ପରିଷଦର ସଭାପତି ନୀଳମାଧବ ସୁନାଙ୍କ ଅଧ୍ୟକ୍ଷତାରେ ୨୦୨୫-୨୬ ଶିକ୍ଷାବର୍ଷର ଅନ୍ତିମ କାର୍ଯ୍ୟଦିବସ ଉପଲକ୍ଷେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡକ୍ଟର ନାରାୟଣ ମିଶ୍ର ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟାପନା ଓ ଗବେଷଣାରେ ମନ ନିବେଶ କରିବା ସ ହ ଛାତ୍ରଛାତ୍ରୀଙ୍କର ଚରିତ୍ର ଗଠନ କରିବା ପାଇଁ ଅଧ୍ୟାପକଅଧ୍ୟାପିକାଙ୍କୁ ପରାମର୍ଶ ଦେଇଥିଲେ ସଭାପତି ଶ୍ରୀ ସୁନା। ପ୍ରାଧ୍ୟାପକ ଶକ୍ତିପ୍ରସାଦ ମହାପାତ୍ର, ଦୁର୍ଗାଶଙ୍କର ପରିଡା, ଶ୍ରୀଲେଖା ସାହୁ, ପ୍ରିୟସାରଥୀ ମହାପାତ୍ର, ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମସ୍ତ ଅଧ୍ୟାପକ,ଅଧ୍ୟାପିକା ଓ କର୍ମଚାରୀ ଏହି ସଭାରେ ଉପସ୍ଥିତ ଥିଲେ। ଅଧ୍ୟାପକ ରଘୁଦୀପ୍ତି ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଧନୁର୍ଜୟ ସିଦ୍ଧୁଙ୍କୁ ବିପୁଳ ସମ୍ବର୍ଦ୍ଧନା



ତେଲକୋଇ, ୬।୫(ସମିସ): ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦଳୀୟ ସାଂଗଠନିକ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ଏହିକ୍ରମରେ କେନ୍ଦୁଝର ଜିଲ୍ଲାର ଲଡୁଆ ନେତା ତଥା ପୂର୍ବତନ ବିଧାୟକ ଧନୁର୍ଜୟ ସିଦ୍ଧୁଙ୍କୁ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ଘୋଷଣା କରିଛନ୍ତି। ଏହି ଘୋଷଣା ପରେ କେନ୍ଦୁଝର ଜିଲ୍ଲା ବିଜେଡ଼ି ଶିବିରରେ ନୂତନ ଆଶା ଓ ଉଦ୍ଦୀପନା ସୃଷ୍ଟି ହୋଇଛି। ଶ୍ରୀ ସିଦ୍ଧୁଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ ସମ୍ବର୍ଦ୍ଧନାର ସୁଅ ଛୁଟୁଛି। ତେଲକୋଇ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଶ୍ରୀ ସିଦ୍ଧୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ବହୁ ସାଧାରଣ ବର୍ଗର ଲୋକଙ୍କ ସମେତ ଅନେକ ଶୁଭେଚ୍ଛା ଜଣାଇଛନ୍ତି। ପଞ୍ଚାୟତ ସ୍ତରରେ ଥିବା ବିଭିନ୍ନ ବର୍ଗର ଦଳୀୟ କର୍ମକର୍ତ୍ତା ମଧ୍ୟ ଶ୍ରୀ ସିଦ୍ଧୁଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଶ୍ରୀ ସିଦ୍ଧୁ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ମା' ରଙ୍ଗେଇସୁଣୀ କ୍ରିକେଟ: ଝୁମ୍ପୁରା ଚାମ୍ପିଅନ



କେନ୍ଦୁଝର,୬।୫(ସମିସ): କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ ଟାଙ୍ଗରାଣୀ ମା' ରଙ୍ଗେଇସୁଣୀ କ୍ଲବ ଆନୁକୂଲ୍ୟରେ ଚାଲିଥିବା ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲ ମ୍ୟାଚ୍‌ରେ ଝୁମ୍ପୁରା ଜ୍ୟୋତି ଫାଇଟର ଟାଙ୍ଗରାଣୀକୁ ହରାଇ ଚାମ୍ପିଅନ ହୋଇଛି। ପ୍ରଥମେ ଟାଙ୍କରାଣୀ ନିର୍ଦ୍ଧାରିତ ୮ ଓଭରରେ ୫ ୱିକେଟ ହରାଇ ୭୮ ରନ୍ କରିଥିଲା। ରନ୍ ପିଛାକରି ୬ ଓଭରରେ ୧ ୱିକେଟ୍ ହରାଇ ଝୁମ୍ପୁରା ଟିମ୍ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ଅମ୍ପାୟାର ଛବି ପାତ୍ର ଓ ସଞ୍ଜୀବ ନାଏକ ଖେଳ ପରିଚାଳନା କରିଥିଲେ। ଜନ୍ ପାତ୍ର ଏବଂ ଜାଫୁସଲା ଆନସାରୀ ଧାରାବିବରଣୀ ଦେଇଥିଲେ। ଆଦିଲ ଗିରି ଓ ସଞ୍ଜିତ୍ ରାଉତରାୟ ସ୍କୋରର ଥିଲେ। ମ୍ୟାନ ଅଫଦ ସିରିଜ ଏବ୍ରାଦ ଅହମଦ, ମ୍ୟାନ ଅଫଦ ମ୍ୟାଚ୍ ଅନସ ସଲିମ, ବେଷ୍ଟ ବ୍ୟାଟ୍‌ସମ୍ୟାନ୍ ଶୁଭଙ୍କର ନାଏକ, ବେଷ୍ଟ ବଲର ଅଜିତ୍ ପାତ୍ର ବିବେଚିତ ହୋଇଥିଲେ। ମୁଖ୍ୟଅତିଥି ଭାବେ ବିଜେପି ପୂର୍ବତନ ଉପସଭାପତି ଗଣେଶ୍ୱର ମହାନ୍ତ, ମୁଖ୍ୟବକ୍ତା ଯୁବମୋର୍ଚ୍ଚା ସଭାପତି ଆନିଦ୍ୟ ବେହେରା, ମହିଳା ମୋର୍ଚ୍ଚା ଉପସଭାପତି ଗୀତାଞ୍ଜଳି ମହାନ୍ତ, ପଳାସପଙ୍ଗା ମଣ୍ଡଳର ସାଧାରଣ ସମ୍ପାଦକ ବଳଭଦ୍ର ମହାନ୍ତ, ବିଜେପି କାର୍ଯ୍ୟକର୍ତ୍ତା ନିତ୍ୟାନନ୍ଦ ନାଏକ ପ୍ରମୁଖ ଚାମ୍ପିଅନ ଦଳକୁ ୫୦ହଜାର ଟଙ୍କା ସହିତ ଟ୍ରଫି ଏବଂ ରନର୍ସ ଦଳକୁ ୩୦ ହଜାର ସହିତ ଟ୍ରଫି ପ୍ରଦାନ କରିଥିଲେ। ମା' ରଙ୍ଗେଇସୁଣୀ କ୍ରିକେଟ କ୍ଲବର ପ୍ରଦୀପ ପାତ୍ର(ଛବି), ଜଗଦୀଶ ନାଏକ, ସ୍ମୃତିରଞ୍ଜନ ବ୍ରହ୍ମ, ପାଣୁ ନାଏକ, ଚେମଟୁ ନାଏକ, ସନ୍ଦିପ ବ୍ରହ୍ମ, କୁଳମଣି ନାଏକ,ନିରଞ୍ଜନ ନାଏକ, ଶରତ ନାଏକ, ବାଦଲ ଦେହୁରୀ, କ୍ଷୀରୋଦ ଦେହୁରୀ, ଜର୍ମାନ ଦେଓଗାମ୍, ସୁଜିତ୍ ନାଏକ, ଚାନ୍ଦୁ ନାଏକ, ଅଭିମନ୍ୟୁ ପାତ୍ର ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ।

## ଘଷିପୁରାରେ ଯଜ୍ଞପ୍ରସାଦଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଆନନ୍ଦପୁର, ୬।୫ (ସମିସ): ପଶ୍ଚିମବଙ୍ଗ ନିର୍ବାଚନ ଫଳାଫଳ ଘୋଷଣା ହେବା ପରେ ଘଷିପୁରା ବିଜେପି ମହଲରେ ଆନନ୍ଦ ଖେଳି ଯାଇଛି। ଯୁବ ବିଜେପି ନେତା ଯଜ୍ଞପ୍ରସାଦ ସାହୁଙ୍କ ସଫଳ ରଣନୀତି ଯୋଗୁଁ ଗଡବେତା ବିଧାନସଭା ଆସନ ବିପୁଳ ଭୋଟରେ ବିଜେପି ଜିତିଛି। ଆଜି ରାତିରେ ଶ୍ରୀ ସାହୁ ଓଡ଼ିଶା ପ୍ରତ୍ୟାବର୍ତ୍ତନ କରିବା ସମୟରେ ତାଙ୍କୁ ବିଭିନ୍ନ ସ୍ଥାନରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କେନ୍ଦୁଝର ଜିଲ୍ଲା ସୀମାନ୍ତ ଜର୍ଦ୍ଦା ଛକଠାରେ ଉତ୍କଳ ସାହୁ ଓ ମନୋରଞ୍ଜନ ମହାରଣାଙ୍କ ନେତୃତ୍ୱରେ ଯଜ୍ଞଙ୍କୁ ସ୍ୱାଗତ କରାଯାଇଥିଲା। ସେହିପରି ପଦନା ଛକ, ଖଲଣା ବଜାର, ସାଇଁକୂଳ ବଜାରଠାରେ ଦଳୀୟ କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଶ୍ରୀ ସାହୁଙ୍କୁ ସମ୍ମାନିତ କରିଥିଲେ। ଘଷିପୁରା ବସଷ୍ଟାଣ୍ଡଠାରେ ଶତାଧିକ କାର୍ଯ୍ୟକର୍ତ୍ତା ଯଜ୍ଞପ୍ରସାଦ ସାହୁଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଶ୍ରୀ ସାହୁ ଦୀର୍ଘ ୩ ମାସ ନିରବଚ୍ଛିନ୍ନ ଭାବେ ଗଡବେତା ନିର୍ବାଚନମଣ୍ଡଳୀରେ ରହି ସ୍ୱତନ୍ତ୍ର ରଣନୀତି କରି ଆମକୁ ବିଜୟର ସ୍ୱାଦ ଦେଇଥିବା ବିଜୟୀ ବିଧାୟକ ପ୍ରଦୀପ ଲୋଧା କହିଛନ୍ତି। ଶ୍ରୀ ଲୋଧା ୨୬ ହଜାର ୨୨୫ ଖଣ୍ଡ ଅଧିକ ଭୋଟ ପାଇ ବିଜେତା ହୋଇଛନ୍ତି। ପୂର୍ବ ନିର୍ବାଚନରେ ବିଜେପି ଏଠାରେ ୧୦ ହଜାରରୁ ଅଧିକ ଭୋଟରେ ପରାସ୍ତ ହୋଇଥିଲା। ବିଭିନ୍ନ ସ୍ଥାନରେ ଜିମୁତ ବାହନ ରାଉତ, ଧନେଶ୍ୱର ରାଉତ, ରୂପରଞ୍ଜନ ମହାରଣା, ଜିତେନ୍ଦ୍ର ସାହୁ, ଦେବୁନୁ ସାହୁ, ଅଭିନ୍ନ ରାଉତ, ନିରାକାର ବରାଳ, ବିପିନ ଚକ୍ର, ଅଜୟ ସେଠୀ, ବିପିନ ମାଝୀ, ଦେବେନ୍ଦ୍ର ପଟ୍ଟନାୟକ, ରମେଶ ନାଥ, ରଘୁନାଥ ନାହାକ ପ୍ରମୁଖ ଶ୍ୟୀ ସାହୁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।



## ବିଲେଇପଦାରେ ଚବିଶ ପ୍ରହରୀ ନାମଯଜ୍ଞ



ଯୋଡ଼ା, ୬।୫(ସମିସ): ଯୋଡ଼ା ବ୍ଲକ ବିରିକଳା ପଞ୍ଚାୟତ ବିଲେଇପଦା ଗ୍ରାମରେ ଗତ ଚାରି ଦିନ ଧରି ହରେକୃଷ୍ଣ ୟୁଥ କ୍ଲବ ପକ୍ଷରୁ ଚବିଶ ପ୍ରହରୀ ନାମଯଜ୍ଞ ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚମକପୁର ଦଣ୍ଡପାଟର ପୁରୋହିତ ମନୋଜ କର ଏବଂ ବୈଷ୍ଣମ୍ବ ଶୁକ୍ରା ଦାସ ପୂଜା ଅର୍ଚ୍ଚନା କରିଥିବା ବେଳେ ରବି ଖିଲାର, ଶରତ ମହାକୁଡ଼, ଦୁଷ୍ମନ୍ତ ଖିଲାର, ସୁରେନ୍ଦ୍ର ବାରିକ କର୍ତ୍ତା ରହିଥିଲେ। କ୍ଲବ ସଭାପତି ବିଷ୍ଣୁ ଖିଲାର, ସମ୍ପାଦକ କୈଳାଶ ମହାକୁଡ଼, କୋଷାଧ୍ୟକ୍ଷ ମୁକେଶ ଖିଲାର, ଚତୁର୍ଭୁଜ ଖିଲାର, ଲକ୍ଷ୍ମଣ ଖିଲାର, ମହେନ୍ଦ୍ର ଘଣା, ହିତେଶ ଖିଲାର, ଉମା ଖିଲାର, ଜ୍ୟୋତି ମହାକୁଡ଼, ପିପୁନ ପ୍ରଧାନ, ସୁଧାଂଶୁ ଖିଲାର, ରଞ୍ଜିତ ବାରିକ, ନରେଶ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ। ବଡ଼ବିଲ ଏସଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ, ଯୋଡ଼ା ଆଇଆଇସି ପ୍ରଶାନ୍ତ ସାମଲ, ଜେଏସପିଏଲ ୟୁନିଟ ହେଡ ବି.ବି ଦାସ, ବି.ଡି ମହାନ୍ତି(ଟିଫ,ଟାଟା ଷ୍ଟିଲ ସ୍ପଞ୍ଜ ଆଇରନ), ବିଦ୍ୟା ଶକ୍ତି ନ୍ୟାସର ସମ୍ପାଦିକା ଏବଂ କର୍ମକର୍ତ୍ତା ଯୋଗ ଦେଇଥିଲେ।

## ନାଉକଣା ମହାବୀର ମନ୍ଦିରର ବାର୍ଷିକ ଉତ୍ସବ



ଆନନ୍ଦପୁର,୬।୫(ସମିସ): ଘଷିପୁରା ବ୍ଲକ୍ ମଛାଳ ପଞ୍ଚାୟତ ନାଉକଣା ଗ୍ରାମର ମହାବୀରଙ୍କ ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ କମିଟି ସଭାପତି ପ୍ରଦୀପ ମହାନ୍ତି, ସମ୍ପାଦକ ଦୀପକ ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଗତ ସୋମବାର ଗ୍ରାମସ୍ଥିତ ପାଟିଆ ପୁଷ୍କରିଣୀରୁ ୧୦୮ ଜଣ ବ୍ରତଧାରୀ ଜଳ ସଂଗ୍ରହ କରି ବିରାଟ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ଯଜ୍ଞ ମଣ୍ଡପରେ ଘଟ ସ୍ଥାପନ କରିଥିଲେ। ମହାବୀରଙ୍କ ନୀତି ପୂଜକ ବିଜୟ ପଣ୍ଡାଙ୍କ ଦ୍ୱାରା ପୂଜାର୍ଚ୍ଚନା ପରେ ଯଜ୍ଞ ପୂଜକ ସୁମନ୍ତ ତ୍ରିପାଠୀ, କ୍ଷୀରୋଦ ପଣ୍ଡା, କୃଷ୍ଣଚନ୍ଦ୍ର ପାଢ଼ୀ, ଅମିତ ରଥ, କାଳନ୍ଦୀ ପତିଙ୍କ ଦ୍ୱାରା ପ୍ରଥମେ କାୟ ଶୁଦ୍ଧି, ମଣ୍ଡଳ କରଣ ଏବଂ ସନ୍ଧ୍ୟା ସମୟରେ ଅଧିବାସ ଓ ଅଙ୍କୁରାରୋପଣ ହୋଇ ଯଜ୍ଞ ଆରମ୍ଭ ହୋଇଥିଲା। ସଂକଳ୍ପ କାର୍ଯ୍ୟ ଚିନ୍ତାମଣି ଜେନା, ଦେବକୀ ଜେନା, କୃଷ୍ଣଚନ୍ଦ୍ର ପାତ୍ର, ଶୁଭସ୍ମିତା ପାତ୍ର, ଦୀପକ ଜେନା, ମାମୁନି ଜେନା ତୁଲାଇଥିଲେ। ଉକ୍ତ ଯଜ୍ଞ ଉତ୍ସବ ତିନିଦିନ ଧରି ଚାଲୁଥିବା ବେଳେ ବୁଧବାର ଅପରାହ୍ନରେ ପୂର୍ଣ୍ଣାହୁତି ହୋଇଛି। ଭକ୍ତଙ୍କ ନିମନ୍ତେ କମିଟି ପକ୍ଷରୁ ତିନିଦିନ ଧରି ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ମହାବୀର କମିଟିର ସଦସ୍ୟ ପ୍ରକାଶ ଜେନା, ଦିଲୀପ ଜେନା, ଅର୍ଜୁନ ପାତ୍ର, ଅଂଶୁମାନ ପାତ୍ର, ଚିତ୍ରସେନ ମହାନ୍ତି, ଜୀତେନ୍ଦ୍ର ପରିଡ଼ା, କୃଷ୍ଣଚନ୍ଦ୍ର ସା, ଭୀମସେନ ପାତ୍ର, ମହେଶ୍ୱର ପାତ୍ର, ବ୍ରହ୍ମାନନ୍ଦ ପାତ୍ର, ଚିତ୍ତରଞ୍ଜନ ଭଞ୍ଜ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ଅତାରେ ଭକ୍ତି ସଂଗୀତ ସମାରୋହ

ଆନନ୍ଦପୁର, ୬।୫ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଅତା ଗ୍ରାମର ଠାକୁର ଶ୍ରୀ ଅନୁକୂଳଚନ୍ଦ୍ର ସତସଙ୍ଗୀ ଆକୁଳ ନାଥଙ୍କ ଏକାଦଶାହରେ ସ୍ମୃତି ସଭା ଓ ଭକ୍ତି ସଂଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଉପସ୍ଥାପକ କୁମାର ବୁଲୁଙ୍କ ଓ କଣ୍ଠଶିଳ୍ପୀ ସୁତପା ନାଥଙ୍କ ସଂଯୋଜନାରେ ସା ନି ଧା ପା ସଂଗୀତ ଗୁରୁ ଦୟାନିଧି ହରିହର ଜେନା ମଦନ ପାଣି କୁମାର କପିଳା ଅଭିଲିପସା ସ୍ମୃତି ରେଖା ସୁଶ୍ରୀ ଶ୍ରେୟା କୁମାର ସୁଦାମ ନିଶିକାନ୍ତ ଭକ୍ତି ସଂଗୀତ ପରିବେଷଣ କରିଥିଲେ।




ଗରିବ କଲ୍ୟାଣ ଯୋଜନା କାହା ପାଇଁ ?

## ଅର୍ଥାଭାବରେ ତ୍ରିଲୋଚନ; ବଡ଼ ଡାକ୍ତରଖାନାରେ ଅସହାୟ

ଆନନ୍ଦପୁର, ୬।୫(ସମିସ)

ଆନନ୍ଦପୁର ବ୍ଲକ ମୋଚିନ୍ଦା ଗ୍ରାମର ପବନା ସାହୁଙ୍କ ଏକମାତ୍ର ପୁତ୍ର ତ୍ରିଲୋଚନ ସାହୁ (୪୨) ୨ମାସ ହେବ କିଡନୀ ଜନିତ ରୋଗରେ ପୀଡ଼ିତ ହୋଇ ବହୁ ଯନ୍ତ୍ରଣା ଭୋଗ କରୁଛନ୍ତି। ହେଲେ ଅର୍ଥ ଅଭାବରୁ ଉପଯୁକ୍ତ ଚିକିତ୍ସା ହୋଇ ନପାରି ଯମଯନ୍ତ୍ରଣା ଭୋଗ କରୁଛନ୍ତି। ଚିକିତ୍ସା ପାଇଁ ସରକାରଙ୍କ ଅନେକ ସୁବିଧା ସୁଯୋଗ ଥିଲେ ମଧ୍ୟ ଅସହାୟ ଲୋକ ଅନେକାଂଶରେ ଏହାର ସଫଳତା ପାଉ ନଥିବା ଅଭିଯୋଗ ହୋଇଛି। ଅସୁସ୍ଥ ତ୍ରିଲୋଚନ କ୍ଷୁଦ୍ର ବ୍ୟବସାୟ କରି ପରିବାର ପ୍ରତିପୋଷଣ କରିଆସୁଥିଲେ। ଦେହ ଅସୁସ୍ଥ ହେବା ପରେ ପରିବାର ଲୋକେ ଅତି ଦୟନୀୟ ଅବସ୍ଥାରେ କାଳାତିପାତ କରିଛନ୍ତି। ବୃଦ୍ଧ ବାପା ମଧ୍ୟ ଶ୍ୱାସ ରୋଗରେ ଆକ୍ରାନ୍ତ। ପୁଅ ଓ ଝିଅ ଅର୍ଥ ଅଭାବରେ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇ ଶିକ୍ଷାରେ ଡୋରି ବାନ୍ଧିଲେଣି। ଘର ଚଳିବା କଷ୍ଟକର ହୋଇପଡ଼ିଥିବାବେଳେ ପିଲାଙ୍କ ପାଠପଢା ଓ ବାପ ପୁଅଙ୍କ ଅସୁସ୍ଥତା ଉକ୍ତ ପରିବାର ପାଇଁ କଷ୍ଟକର ହୋଇଛି। ତ୍ରିଲୋଚନଙ୍କର ଦୁଇଟି କିଡନୀ ନଷ୍ଟ ହୋଇଯାଇଥିବା ଡାକ୍ତର ପରାମର୍ଶ ଦେବା ପରେ ସପ୍ତାହକୁ ୩ ଥର ଡାଏଲସିସ କରାଯଉଛି। ଆନନ୍ଦପୁର, କେନ୍ଦୁଝର ଓ କଟକ ବଡ଼ ମେଡିକାଲ ଯାତାୟାତ, ଔଷଧ ଓ ପରୀକ୍ଷା ନିରୀକ୍ଷା ପାଇଁ ପ୍ରୟାସ ଜାରି ରହିଥିବା ବେଳେ ଅର୍ଥ ବାଧକ ସାଜିଛି। ଅନେକ ସମୟରେ ଡ଼ାଏଲିସିସ ପାଇଁ ରକ୍ତର ମଧ୍ୟ ଆବଶ୍ୟକ ପଡୁଥିବାରୁ ତ୍ରିଲୋଚନ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆୟୁଷ୍ମାନ କାର୍ଡ କେବଳ ଅପରେସନ ପରିବର୍ତ୍ତେ ଚିକିତ୍ସାରେ ଲାଗିପାରୁନାହିଁ। ବର୍ତ୍ତମାନ ତ୍ରିଲୋଚନ କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଏହି କ୍ଷେତ୍ରରେ ବୃଦ୍ଧ ପିତା, ଦୁଇ ସନ୍ତାନ ଓ ସ୍ତ୍ରୀ ହତାଶ ପଡ଼ିଛନ୍ତି। ଅସହାୟ ପରିବାର ପ୍ରତି ସରକାରୀ ଓ ବେସରକାରୀ ଓ ବଦାନ୍ୟ ବ୍ୟକ୍ତିଙ୍କ ସହାୟତା ପାଇଁ ତ୍ରିଲୋଚନ ନିବେଦନ କରିଛନ୍ତି।



## ଫାଇନାନ୍ସ କମ୍ପାନୀ ଶାଖାରେ ନିର୍ଯାତନା ଓ ଠକେଇ ଅଭିଯୋଗ

ଯୋଡ଼ା, ୬।୫(ସମିସ): କେନ୍ଦୁଝର ଜିଲ୍ଲାର ଯୋଡ଼ା ଅଞ୍ଚଳରେ ବାଜାଜ ଫାଇନାନ୍ସ ଲିମିଟେଡ଼ର ଶାଖା ବିରୋଧରେ ଗ୍ରାହକ ନିର୍ଯାତନା ଓ ଠକେଇ ଅଭିଯୋଗ ଆସିଛି। ସ୍ଥାନୀୟ ଗ୍ରାହକମାନେ ଅଭିଯୋଗ କରିଛନ୍ତି ଯେ 'ବାଜାଜ ଇ-କାର୍ଡ' ନାମରେ ଲୋଭନୀୟ ଅଫର ଦେଖାଇ ତାଙ୍କୁ ଭୁଲ ଭାବରେ ଠକିବା ସହ ସେବା ଯୋଗାଇ ଦେବାରେ ଅବହେଳା କରାଯାଉଛି। ଏହି ଇ-କାର୍ଡ ଦେବା ନାମରେ କେତେକ କର୍ମଚାରୀ ଅଧିକ ଚାର୍ଜ ଓ ଲୁକାୟିତ ଶୁଳ୍କ ଗ୍ରହଣ କରୁଛନ୍ତି ଏବଂ ଇ କାର୍ଡ କଲେ ଅନଲାଇନ ମାଧ୍ୟମରେ ବିନା ସୁଧରେ ଘରୋଇ ସାମଗ୍ରୀ କିଣିବା ସହ ଅନେକ ପ୍ରକାର ସୁବିଧା ଯୋଗାଇ ଦେବାକୁ କୁହାଯାଇ ପର ମୁହୂର୍ତ୍ତରେ ବିଭିନ୍ନ ଆଳ ଦେଖାଇ କରିଥିବା ପ୍ରତିଶ୍ରୁତିକୁ ଏଡାଇ ଯାଉଛନ୍ତି; ଯ'ଦ୍ୱାରା ଗ୍ରାହକ ଠକାମୀର ଶିକାର ହେଉଛନ୍ତି। କିଛି କିଛି ଗ୍ରାହକ ଏହା ସମ୍ବନ୍ଧରେ ଯୋଡ଼ା ଶାଖା ଅଫିସରେ ଯୋଗାଯୋଗ କଲେ କାର୍ଡକୁ ବ୍ଲକ କରିବାକୁ ପ୍ରବର୍ତ୍ତଉଛନ୍ତି। ଗ୍ରାହକଙ୍କ କହିବା କଥା, ଯଦି କାର୍ଡ ବ୍ଲକ କରାଯିବ ତେବେ ଟଙ୍କା ପୈଠ କରି ଜଣେ ଗ୍ରାହକଙ୍କୁ କାର୍ଡ କରିବାକୁ କର୍ମଚାରୀ କହୁଛନ୍ତି କାହିଁକି ? କେତେକ ମାମଲାରେ ଗ୍ରାହକଙ୍କ ଅନୁମତି ବିନା ଲୋନ ଆକ୍ଟିଭେଟ କରାଯାଇଥିବା ଅଭିଯୋଗ ମଧ୍ୟ ଆସିଛି। ଏହାସହିତ ରିପେମେଣ୍ଟ ନେଇ ଗ୍ରାହକମାନେ ଅସୁବିଧା ଜଣାଇବା ପରେ କର୍ମଚାରୀମାନଙ୍କ ଦ୍ୱାରା ଫୋନ କଲ୍ ଓ ମେସେଜ ମାଧ୍ୟମରେ ଚାପ ଦେଇ ମାନସିକ ହାରାସମେଣ୍ଟ କରାଯାଉଥିବା କୁହାଯାଇଛି। ସ୍ଥାନୀୟ ସଚେତନ ନାଗରିକମାନେ ଏହାକୁ ଗୁରୁତର ବିଷୟଭାବେ ଦେଖି ଯଥାଶୀଘ୍ର ତଦନ୍ତ ଓ ଦାବି କରିଛନ୍ତି। ଅନ୍ୟପକ୍ଷରୋ, ବାଜାଜ ଫାଇନାନ୍ସ ଲିମିଟେଡ଼ ଯୋଡ଼ା ଶାଖା ପକ୍ଷରୁ ଏହି ଅଭିଯୋଗ ଉପରେ କୌଣସି ଔପଚାରିକ ପ୍ରତିକ୍ରିୟା ମିଳିନାହିଁ। ତେବେ ଏହି ଘଟଣା ନେଇ ପ୍ରଶାସନ ଓ ଉପଭୋକ୍ତା ସୁରକ୍ଷା ବିଭାଗ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି।

